# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୪/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, April 4/2023 | Page 16 | ₹ 7.00

୪୯ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 129 | ମୂଲ୍ୟ ₹୭/-



## Committed to the Success of students since 1988.

Aakash + BYJU'S



| Anmol Arichwal | Mrinal Kutteri | Chirag Falor | Vatsa A Batra | Dhruv Sanjay Jain | Hrishikesh N Gangule | Tanishka Kabra | Tanmay Gupta | Karthika G Nair |
|---|---|---|---|---|---|---|---|---|
| JEE (Adv.) 2021 IISc Bangalore 58 AIR | NEET (UG) 2021 720/720 AIIMS Delhi 1 AIR | JEE (Adv.) 2020 MIT USA 1 AIR | NEET (UG) 2022 715/720 AIIMS Delhi 2 AIR | JEE (MAIN) 2023 Session-1 100 Percentile Overall | NEET (UG) 2022 715/720 AIIMS Delhi 3 AIR | JEE (Adv.) 2022 ALL INDIA RANK (Female) IIT Bombay 1 AIR | NEET (UG) 2021 720/720 AIIMS Delhi 1 AIR | NEET (UG) 2021 720/720 AIIMS Delhi 1 AIR |
| 4 Year Classroom | 2 Year Classroom | 4 Year Classroom | 2 Year Classroom | 4 Year Classroom | 2 Year Classroom | 4 Year Classroom | 2 Year Classroom | 2 Year Classroom |

### Our Toppers from Odisha (Classroom Programs)

**NEET-UG 2022** (Odisha Topper)

- Priya Somadutta Nayak – AIR 39 – 705/720 – 2 Year Classroom Program
- Subharanjan Mangaraj – AIR 309 – 690/720 – 2 Year Classroom Program
- Saumya Sajan Panda – AIR 439 – 686/720 – 2 Year Classroom Program
- Suryanshu Ku. Dash – AIR 475 – 685/720 – 2 Year Classroom Program
- Pratik Sahoo – AIR 504 – 685/720 – 2 Year Classroom Program
- Abhipsa Padhi – AIR 533 – 685/720 – 2 Year Classroom Program
- SP Akankshya – AIR 557 – 685/720 – 1 Year Classroom Program
- Ashutosh Rath – AIR 901 – 680/720 – 1 Year Classroom Program

and many more...

**JEE (Main & Advanced) 2022**

- Atish Kumar Sahoo – AIR 311 – 2 Year Classroom Program
- Veda Raju – AIR 1239 – 2 Year Classroom Program
- Suryadeep Mallick – AIR 1723 – 2 Year Classroom Program
- Avipsa Swain – AIR 3036 – 2 Year Classroom Program
- Abhipsa Swain – AIR 3389 – 2 Year Classroom Program
- Karan Pattanaik – AIR 3922 – 3 Year Classroom Program
- Soham Pal – AIR 4475 – 2 Yr. Classroom Program
- Sreerag S Sreejith – AIR 5497 – 2 Year Classroom Program

and many more...

Though every care has been taken to publish the result correctly, yet Aakash Educational Services Ltd. shall not be responsible for inadvertent error, if any.

## ADMISSIONS OPEN FOR 2023-24

**CLASS 10th** – Moving to Class 11th
2 Year Integrated Courses for NEET / JEE
Classes From : 14th April, 2023

**CLASS 11th** – Moving to Class 12th
1 Year Integrated Courses for NEET / JEE
Classes From : 10th April, 2023

**CLASS 12th** – Appeared / Passed Students
1 Year Repeater Course for NEET
Classes From : 10th April, 2023

## Crash Course for NEET 2023

**DIRECT ADMISSION -** FOR CLASS XII APPEARED / PASSED STUDENTS

**Batches Starting from: 07th & 10th April, 2023**

Get up to **90% Scholarship***

Appear for Instant Admission & Scholarship Test. Register now for **FREE** visit: **iacst.aakash.ac.in** or scan the code

*T&C apply.

**6 Branches in Odisha**

Scan code to locate the nearest centre

**BHUBANESWAR**
**(Bhouma Nagar):** 7008005000, 9337870700, 9337355775, 6372800243, 9078884986, 6372800244
**(Chandrasekharpur):** 7008005000, 90788 84990, 90788 84982, 7008000100
**Cuttack:** 7008005000, 9337355773, 9078891914

**Balasore:** 7008005000, 9311734469
**Berhampur:** 7008005000, 9337355235, 9348588695
**Sambalpur:** 7008005000, 9289821015, 9337355234
**Information Centre: Rourkela:** 9337355752

Download **Aakash App** – GET IT ON Google Play | Download on the App Store

CALL (TOLL-FREE) **1800-102-2727**

VISIT **aakash.ac.in**

Aakash BYJU'S

## ମହିଳାଙ୍କୁ ବଳାତ୍କାର: ୨ ଯବାନ ଗିରଫ

ଉତ୍ତରପ୍ରଦେଶର ଝାନ୍ସି ରେଳ ଷ୍ଟେଶନ୍ ୟାର୍ଡରେ ୨ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ୨ ସେନା ଅଧିକାରୀଙ୍କୁ ରବିବାର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ, ସିପାହୀ ନାୟକ ସନ୍ଦୀପ ତିୱାରୀ ଏବଂ ଋଷିକେଶର ହାବିଲଦାର୍ ସୁରେଶ ରାଓ୍ୱତ। ଘଟଣାରେ ସମ୍ପୃକ୍ତ ଆଉଜଣେ ଅଭିଯୁକ୍ତ ପଞ୍ଜାବର ରବୀନ୍ଦ୍ର ଫେରାର୍ ଥିବା ପୋଲିସ କହିଛି। ତିନିଜଣଯାକ ପୀଡ଼ିତାଙ୍କୁ ରେଳଷ୍ଟେଶନ୍ ୟାର୍ଡରେ ଥିବା ଆର୍ମି କୋଚ୍‌କୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି।

### ସଂକ୍ଷେପରେ

## ମାଲିଆନା ଦଙ୍ଗା ମାମଲାରେ ୪୦ ଦୋଷମୁକ୍ତ

**ମିରଟ, ୩।୪:** ୩୬ ବର୍ଷ ତଳର ମାଲିଆନା ସାମ୍ପ୍ରଦାୟିକ ଦଙ୍ଗା ମାମଲାର ୪୦ ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ କୋର୍ଟ ଦୋଷମୁକ୍ତ କରିଦେଇଛନ୍ତି। ୧୯୮୭ ମେ' ୨୩ରେ ଘଟିଥିବା ଏହି ଦଙ୍ଗାରେ ୭୨ ଜଣ ମୁସଲମାନ ନିହତ ହୋଇଥିଲେ। ବାବ୍ରୀ ମସ୍‌ଜିଦ-ରାମ ଜନ୍ମଭୂମି ବିବାଦରୁ ହାସିମପୁରା ସଂଘର୍ଷର ଦିନକ ପରେ ମାଲିଆନାରେ ଏହି ଦଙ୍ଗା ସୃଷ୍ଟି ହୋଇଥିଲା। ଏହି ଘଟଣାରେ ୯୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ଜିଲା ଓ ଦୌରା ଜଜ୍ ଲଖୱିନ୍ଦର ସୁଦ୍ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଶନିବାର ୪୦ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରିଦେଇଛନ୍ତି। ଦଙ୍ଗା ମୃତକଙ୍କ ପରିବାର ସଦସ୍ୟ ଉକ୍ତ ରାୟ ବିରୋଧରେ ହାଇକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି।

## କାଫେରେ ବିସ୍ଫୋରଣ: ରୁଷୀୟ ମିଲିଟାରି ବ୍ଲଗର୍ ମୃତ

**ମସ୍କୋ, ୩।୪:** ରୁଷିଆର ଦ୍ୱିତୀୟ ବୃହତ୍ ସହର ସେଣ୍ଟ ପିଟର୍ସବର୍ଗର ଏକ କାଫେରେ ରବିବାର ବିସ୍ଫୋରଣ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ଜଣ ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ରୁଷୀୟ ମିଲିଟାରି ବ୍ଲଗର୍ ଭ୍ଲାଡଲେନ୍ ଟାଟାର୍ସ୍କି ଓରଫ ମାକ୍ସିମ୍ ଫୋମିନ। ମାକ୍ସିମ୍‌ଙ୍କୁ ହତ୍ୟା ସନ୍ଦେହରେ ରୁଷୀୟ ମହିଳା ଡାର୍ୟା ଟ୍ରେପୋଭାଙ୍କୁ ଗିରଫ କରାଯାଇଛି। ଟ୍ରେପୋଭା କାଫେକୁ ବିସ୍ଫୋରକ ସାମଗ୍ରୀ ଆଣିଥିବା ଯାଞ୍ଚ ଅଧିକାରୀ ଦାବି କରିଛନ୍ତି। ପୂର୍ବରୁ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ବିରୋଧରେ କରାଯାଇଥିବା ବିକ୍ଷୋଭରେ ସାମିଲ ଥିବା ଡାର୍ୟାଙ୍କୁ ଅଟକ ରଖାଯାଇଥିଲା। ମାକ୍ସିମ୍‌ଙ୍କୁ ମିଳିଥିବା ଏକ ଉପହାର ଭିତରେ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି) ଲୁଚାଇ ରଖାଯାଇଥିବା ଗୋଇନ୍ଦା ସୂଚନା ମିଳିଛି। ଆହତମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଭିତରୁ ୬ ଜଣ ଗୁରୁତର ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

## କିରନ ନାଦାରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ

**ନୂଆଦିଲ୍ଲୀ, ୩।୪ (ପି.ଟି.):** ପରୋପକାରୀ ତଥା କଳା ସଂଗ୍ରାହକ କିରନ ନାଦାରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଚେଭାଲିଅର୍ ଡି ଲା ଲେଗିଅନ୍ ଡି'ହନର'ରେ ସମ୍ମାନିତ କରାଯାଇଛି। ନାଦାରଙ୍କର କଳା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂସ୍କୃତିକୁ ପ୍ରଚାର ପ୍ରସାର କରିବାର ପ୍ରତିବଦ୍ଧତା ଏବଂ ଭାରତ-ଫ୍ରାନ୍ସ ସାଂସ୍କୃତିକ ସମ୍ପର୍କକୁ ବଢ଼ାଇବାରେ ଅଗ୍ରଣୀ ଭୂମିକାର ସ୍ୱୀକୃତି ସ୍ୱରୂପ ଭାରତରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଏମାନୁଏଲ୍ ଲେନାଇନ୍ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଛନ୍ତି। କିରନ ନାଦାର ମ୍ୟୁଜିୟମ ଅଫ୍ ଆର୍ଟର ଅଧକ୍ଷା ନାଦାର ଶିବ ନାଦାର ଫାଉଣ୍ଡେଶନର ଟ୍ରଷ୍ଟି ମଧ ରହିଛନ୍ତି।



# ଭାରତ ମହାସାଗର ଉପରେ ଚାଇନା ନଜର



- ମେରାଇନ୍ ଡେଟା ସଂଗ୍ରହ ପାଇଁ ସର୍ଭେ ସ୍ଥାନ ଚିହ୍ନଟ
- ଭାରତୀୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା

**ବେଜିଂ, ୩।୪**

ସ୍ଥଳଭାଗ ପରେ ଏବେ ଜଳଭାଗକୁ ଟାର୍ଗେଟ୍ କରିଛି ଚାଇନା। ଏଣିକି ଭାରତ ମହାସାଗର ଉପରେ ପଡ଼ୋଶୀ ରାଷ୍ଟ୍ର ଚାଇନାର କଡ଼ାକଡ଼ି ନଜର ରହିବ। ନାଚୁରାଲ୍ ସାଇନ୍ସ ଫାଉଣ୍ଡେଶନ୍ ଅଫ୍ ଚାଇନା (ଏନ୍‌ଏସ୍‌ଏଫ୍‌ସି) ପକ୍ଷରୁ ମେରାଇନ୍ ସର୍ଭେ ଡେଟା ପ୍ରସ୍ତୁତ ଲାଗି ୩୩ ଗୋଟି ସ୍ଥାନ ଚୟନ କରାଯାଇଛି। ଏ ନେଇ ନିୟମିତ ଭାବେ ବେଜିଂର ଦୃଷ୍ଟି ବିବାଦୀୟ ଦକ୍ଷିଣ ଚାଇନା ସାଗର, ତାଇୱାନ୍ ଷ୍ଟ୍ରେଟ୍, ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ଭାରତ ମହାସାଗର ଉପରେ ରଖିବ। ସେଗୁଡ଼ିକ ମଧ୍ୟରୁ ୨ଟି ଭାରତ ମହାସାଗର କ୍ଷେତ୍ରରେ ଅବସ୍ଥିତ ହୋଇଥିବାବେଳେ ଦକ୍ଷିଣ ଚାଇନା ସାଗରର ବିବାଦୀୟ ରେଜିୟନ୍‌ରେ ୮ଟି ସ୍ଥାନ ଚିହ୍ନଟ କରାଯାଇଛି। ଚୟନ କରାଯାଇଥିବା ୩୩ଟି ସ୍ପଟ୍‌କୁ ଚାଇନାର ରିସର୍ଚ୍ଚ ଜାହାଜ ନିୟମିତ ଯା'ଆସ କରିବ। ତେବେ ଭାରତ ମହାସାଗରରେ ଏପ୍ରକାର ସର୍ଭେ କରିବା ପଛରେ ଚାଇନାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇପାରି ନାହିଁ। କିନ୍ତୁ ଏହାଦ୍ୱାରା ଭାରତୀୟ ସୁରକ୍ଷା ବ୍ୟବସ୍ଥା ଉପରେ ବିପଦ ଆଶଙ୍କା କରାଯାଉଛି। ନିକଟରେ ହଂକଂର ନ୍ୟୁଜ୍ ୱେବ୍ ସାଇଟ୍ ସାଉଥ୍ ଚାଇନା ମର୍ନିଂ ପୋଷ୍ଟ (ଏସ୍‌ସିଏମ୍‌ପି)ରେ ପ୍ରକାଶ ପାଇଥିବା ଖବର ଅନୁସାରେ, ମେରାଇନ୍ ସର୍ଭେ ସକାଶେ ଏନ୍‌ଏସ୍‌ଏଫ୍‌ସି ନାଭାଲ୍ ସ୍ଥାନ ଚିହ୍ନଟ କରିଥିବା ଘୋଷଣା କରିଥିଲା। ଏ ନେଇ ଚାଇନା ପକ୍ଷରୁ ୬୦ରୁ ଊର୍ଦ୍ଧ୍ୱ ଜାହାଜ ମୁତୟନ କରାଯିବ। ସର୍ଭେ ପାଇଁ ଚୟନ କରାଯାଇଥିବା ସ୍ପଟ୍‌ଗୁଡ଼ିକ ମୁଖ୍ୟତଃ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଥିବା ଆମେରିକୀୟ ମିଲିଟାରି ବେସ୍ ସାଙ୍ଗକୁ ତାଇୱାନ୍ ଓ ଦକ୍ଷିଣ ଚାଇନା ସାଗରର ବିବାଦୀୟ କ୍ଷେତ୍ର ରହିଛି। ଭାରତ ମହାସାଗରର ପୂର୍ବାଞ୍ଚଳ ସର୍ଭେ ସ୍ଥାନରେ ଚାଇନା ସାମିଲ କରିଥିବାବେଳେ ଶତ୍ରୁ ରାଷ୍ଟ୍ରର କଡ଼ା ନଜର ଭାରତୀୟ ସୁରକ୍ଷା ବ୍ୟବସ୍ଥା ଉପରେ ରହିବ ବୋଲି ଆକଳନ କରାଯାଉଛି। ଗତ ଜାନୁୟାରୀରେ ସଂଗୃହୀତ ସାଟେଲାଇଟ୍ ଫଟୋରୁ ଚାଇନା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜଠାରୁ ୫୫ କିଲୋମିଟର ଦୂରରେ ଅବସ୍ଥିତ ମ୍ୟାନ୍‌ମାରର ଗ୍ରେଟ୍ କୋକୋ ଆଇଲାଣ୍ଡରେ ସନ୍ଦିଗ୍ଧ ନିର୍ମାଣ ଆରମ୍ଭ କରୁଥିବା ଜଣାପଡ଼ିଥିଲା।

## ମିଲିଟାରି ସାଇଟ୍‌ରୁ ଡେଟା ସଂଗ୍ରହ କରିଛି ସ୍ପାଏ ବେଲୁନ୍

**ୱାଶିଂଟନ୍, ୩।୪**

ଆମେରିକା ଆକାଶରେ ଚିହ୍ନଟ ହୋଇଥିବା ଚାଇନାର ଗୋଇନ୍ଦା ବେଲୁନ ଏକାଧିକ ଆମେରିକୀୟ ମିଲିଟାରି ସାଇଟ୍‌ରୁ ସମ୍ବେଦନଶୀଳ ଡେଟା ସଂଗ୍ରହ କରି ବେଜିଂ ପଠାଇଛି। ବାଇଡେନ୍ ପ୍ରଶାସନର ଶତଚେଷ୍ଟା ପରେ ସୁଦ୍ଧା ଡେଟା ଟ୍ରାନ୍ସଫର ହୋଇଥିବା ସୋମବାର ଏକ ଗଣମାଧ୍ୟମ ରିପୋର୍ଟରୁ ଜାଣାପଡ଼ିଛି। ଚାଇନା ପକ୍ଷରୁ ଉକ୍ତ ବେଲୁନ୍‌କୁ ନିୟନ୍ତ୍ରଣ କରାଯାଉଥିବାବେଳେ ସହଜରେ ଆମେରିକା ମିଲିଟାରି ଡେଟା ବେଲୁନ୍ ଦ୍ୱାରା ସଂଗ୍ରହ କରାଯାଇଛି। ଇଲେକ୍ଟ୍ରୋନିକ୍ ସିଗ୍‌ନାଲ୍ ଜରିଆରେ ଏହାକୁ ଡେଟା ସଂଗ୍ରହ କରାଯାଇଛି। ଗତ ଜାନୁୟାରୀ ୨୮ରେ ଆମେରିକାର ଆଲାସ୍କା ଆକାଶରେ ୩ଟି ବସ୍ ଆକାରର ଏକ ଗୋଇନ୍ଦା ବେଲୁନ୍ ଚିହ୍ନଟ କରାଯାଇଥିଲା। ୪ ଦିନ ପରେ ଉଡ଼ି ଉଡ଼ି ଏହା ମାଲମଷ୍ଟ୍ରର୍ମ ଏୟାରବେସ୍ ନିକଟରେ ପହଞ୍ଚିଥିଲା। ଫେବୃୟାରୀ ୪ରେ ଦକ୍ଷିଣ କାରୋଲିନା ତଟରେ ଆମେରିକା ମିଲିଟାରି ରକେଟ୍ ମାଡ଼ କରି ବେଲୁନ୍‌କୁ ନଷ୍ଟ କରିଥିଲା।

## ଭାରତୀୟ ବଂଶୋଦ୍ଭବ ପ୍ରଫେସରଙ୍କୁ ୟୁରୋଲୋଜିଷ୍ଟ ଅଫ୍ ଦି ଇୟର ପୁରସ୍କାର


ଡ. ନିତ୍ୟା ଆବ୍ରାହାମ

**ନ୍ୟୁୟର୍କ, ୩।୪**

ନ୍ୟୁୟର୍କର ଆଲବର୍ଟ ଆଇନଷ୍ଟାଇନ୍ କଲେଜ ଅଫ୍ ମେଡିସିନ୍‌ରେ ଆସୋସିଏଟ୍ ପ୍ରଫେସର ଥିବା ଭାରତୀୟ-ଆମେରିକୀୟ ଡ. ନିତ୍ୟା ଆବ୍ରାହାମଙ୍କୁ ୟଙ୍ଗ୍ ୟୁରୋଲୋଜିଷ୍ଟ ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯାଇଛି। ମୋଣ୍ଟେଫିଓର ୟୁରୋଲୋଜି ରେସିଡେନ୍ସି କାର୍ଯ୍ୟକ୍ରମର ପ୍ରୋଗ୍ରାମ ଡାଇରେକ୍ଟର ଥିବା ନିତ୍ୟା ଆବ୍ରାହାମ ଅନେକ ଛାତ୍ରୀଛାତ୍ର, ଫେଲୋମାନଙ୍କୁ ନିଜ ଶିକ୍ଷାନୁଷ୍ଠାନ ସମେତ ଅନ୍ୟ ଅନୁଷ୍ଠାନରେ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେଇଛନ୍ତି। ଆମେରିକାନ ୟୁରୋଲୋଜିକାଲ ଆସୋସିଏଶନ ଓ ଏହାର ନେତାମାନେ ଦେଶର ଯୁବ ୟୁରୋଲୋଜିଷ୍ଟମାନଙ୍କ କଠିନ ପରିଶ୍ରମକୁ ସ୍ୱୀକୃତି ଦେଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି।

## ସିସୋଡିଆଙ୍କ ହାଜତ ମିଆଦ ୨ ସପ୍ତାହ ବଢ଼ିଲା

**ନୂଆଦିଲ୍ଲୀ, ୩।୪**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସିବିଆଇ ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ୨ ସପ୍ତାହ ବଢ଼ାଇ ଦେଇଛନ୍ତି। ସୋମବାର ସିବିଆଇ ସିସୋଡିଆଙ୍କୁ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତ ମିଆଦ ବଢ଼ାଇବାକୁ ନିବେଦନ କରିଥିଲା। ଅଦାଲତ ସିସୋଡିଆଙ୍କୁ ଏପ୍ରିଲ ୧୭ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି।

## ରାମନବମୀ ହିଂସା: ଭାଜପାକୁ ଦାୟୀ କଲେ ମମତା

### ଶାନ୍ତି ବଜାୟ ରଖିବାକୁ ଆହ୍ୱାନ

**କୋଲକାତା, ୩।୪**

ପଶ୍ଚିମବଙ୍ଗର ହାଓଡ଼ା ପରେ ହୁଗ୍‌ଲି ଜିଲାରେ ରାମନବମୀ ହିଂସାକୁ ନେଇ ଉତ୍ତେଜନା ଲାଗି ରହିଛି। ଫଳରେ ହୁଗ୍‌ଲି ଜିଲାରେ ୧୪୪ ଧାରା ଜାରି ହେବା ସହ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ରବିବାର ସନ୍ଧ୍ୟାରେ ହୁଗ୍‌ଲି ଜିଲାର ରିସ୍ରାଠାରେ ରାମନବମୀ ରାଲିବେଳେ ହିଂସାକାଣ୍ଡ ଘଟିଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ବେଳେ ଅନେକ ଗାଡ଼ି ପୋଡ଼ିଦେଇଥିଲେ। ଏହି ଘଟଣାରେ ପୋଲିସ ୧୨ ଜଣଙ୍କୁ ଗିରଫ କରିଛି। ଶାନ୍ତି ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ରାମ ନବମୀ ଯିବାର ୩ ଦିନ ପରେ କ'ଣ ପାଇଁ ଶୋଭାଯାତ୍ରା କରାଯାଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ହିଂସାକାଣ୍ଡ ପାଇଁ ସେ ଭାଜପାକୁ ଦାୟୀ କରିଛନ୍ତି। ଗୈରିକ ଦଳ ବିନା ଅନୁମତିରେ ଜାଣିଶୁଣି ସଂଖ୍ୟାଲଘୁ ଅଞ୍ଚଳ ଦେଇ ଶୋଭାଯାତ୍ରା ନେଇଥିଲା ବୋଲି ମମତା ଅଭିଯୋଗ କରିଛନ୍ତି। ଏକ ଜନସଭାକୁ ସମ୍ବୋଧିତ କରି ମମତା କହିଛନ୍ତି, ଲୋକଙ୍କ ପାଇଁ ସେ ସବୁକିଛି କରିବେ। ତେବେ ଦଙ୍ଗା ସୃଷ୍ଟି କରୁଥିବା ଭାଜପାକୁ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ୨୦୨୪ ସାଧାରଣ ନିର୍ବାଚନରେ ସମର୍ଥନ ନ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଭାଜପା କହିଛି, ମୁଖ୍ୟମନ୍ତ୍ରୀ ମମତା ହିଂସାକାଣ୍ଡ ସୃଷ୍ଟି କରାଇଛନ୍ତି। ଭାଜପା ତାଙ୍କର ଇସ୍ତଫା ଦାବି କରିବା ସହ ହିଂସାକାଣ୍ଡର ଏନ୍‌ଆଇଏ ତଦନ୍ତ ଦାବି କରିଛି।


ମମତା ବାନାର୍ଜୀ

## ଏନ୍‌କାଉଣ୍ଟରରେ ୫ ମାଓବାଦୀ ନିହତ

**ରାଞ୍ଚି, ୩।୪**

ଝାଡ଼ଖଣ୍ଡର ଚାତ୍ରା ଅନ୍ତର୍ଗତ ଲାୱାଲଙ୍ଗରେ ସୋମବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୫ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଏରିଆ କମିଟି ସଦସ୍ୟ ଗୌତମ ପାଶ୍ୱାନ ଅଛନ୍ତି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଅନ୍ୟ ମୃତ ମାଓବାଦୀ ହେଲେ ସବ୍ ଜୋନାଲ କମାଣ୍ଡର ଅମର ଗୁଞ୍ଜୁ, ନନ୍ଦୁ ଏବଂ ସଞ୍ଜୀବ ଭୂୟାଁ। ଏନ୍‌କାଉଣ୍ଟର ସ୍ଥଳରୁ ଦୁଇଟି ଏକେ-୪୭, ଗୋଟିଏ ଇନ୍‌ସାସ୍, ଦୁଇଟି ରାଇଫଲ ଜବତ ହୋଇଥିବା ଏସ୍‌ପି ରାକେଶ ରଞ୍ଜନ କହିଛନ୍ତି। ଲାୱାଲଙ୍ଗ ଥାନା ଅନ୍ତର୍ଗତ ଜଙ୍ଗଲ ମଧ୍ୟରେ କେତେଜଣ ଶୀର୍ଷ ମାଓବାଦୀ କମାଣ୍ଡର ଏକାଠି ହୋଇଥିବାର ସୂଚନା ପାଇ ଝାଡ଼ଖଣ୍ଡ ସଶସ୍ତ୍ର ପୋଲିସ, ସିଆର୍‌ପିଏଫ୍‌ର କୋବ୍ରା ବାଟାଲିୟନ ଏବଂ ଆଇଆର୍‌ବି ପକ୍ଷରୁ ମିଳିତ ତଲାସି ଅଭିଯାନ କରାଯାଇଥିଲା। ସୁରକ୍ଷା ବଳକୁ ଦେଖି ମାଓବାଦୀମାନେ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା।

## ଆତ୍ମହତ୍ୟା ଉଦ୍ୟମ ରୋକିବାରୁ ଝିଅକୁ ହତ୍ୟା କଲେ ବାପା

**ଶ୍ରୀନଗର, ୩।୪**

ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲାରେ ୮ ବର୍ଷୀୟା ବାଳିକାଙ୍କ ମୃତ୍ୟୁ ଘଟଣାରେ ତାଙ୍କ ବାପା ହତ୍ୟାକାରୀ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ମହମ୍ମଦ ଇକ୍‌ବାଲଙ୍କୁ ପୋଲିସ ହତ୍ୟା ଅଭିଯୋଗରେ ଗିରଫ କରିଛି। ଇକ୍‌ବାଲ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ଝିଅ ଅଟକାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଇକ୍‌ବାଲ ଝିଅକୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ତଣ୍ଟି କାଟିଦେଇଥିଲେ। ୪୫ ବର୍ଷୀୟ ଇକ୍‌ବାଲ ଦୋଷ ସ୍ୱୀକାର କରିଥିବା ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି। ବୁଧବାର ଇକ୍‌ବାଲଙ୍କର ତାଙ୍କ ସ୍ତ୍ରୀଙ୍କ ସହ ଝଗଡ଼ା ପରେ ସେ ଏକ ଛୁରି ନେଇ ଘରୁ ବାହାରି ଯାଇଥିଲେ। ତେବେ ୮ ବର୍ଷର ଝିଅ ତାଙ୍କ ପାଖ ଛାଡ଼ି ନ ଥିଲା। ଏପରିକି ଇକ୍‌ବାଲ ଝିଅକୁ ୧୦ ଟଙ୍କା ଦେଇ ଟଫି କିଣିବାକୁ ଯିବାକୁ କହିଥିଲେ ମଧ ସେ ଯାଇ ନ ଥିଲା। ଫଳରେ ସେ ଆତ୍ମହତ୍ୟା କରି ନ ପାରି କ୍ରୋଧରେ ଝିଅକୁ ହତ୍ୟା କରିଥିଲେ ବୋଲି କହିଛନ୍ତି।

# ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ



ସିବିଆଇ ହୀରକ ଜୟନ୍ତୀ ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରୁଛନ୍ତି। ପାଖରେ ଏନ୍‌ଏସ୍‌ଏ ଅଜିତ ଡୋଭାଲ, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ସିବିଆଇ ନିର୍ଦ୍ଦେଶକ ସୁବୋଧ କୁମାର ଜୟସ୍ୱାଲ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

### ସିବିଆଇ ହୀରକ ଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୩।୪(ପି.ଟି.)**

ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ରାଜନୈତିକ ଇଚ୍ଛାଶକ୍ତିର କୌଣସି ଅଭାବ ନାହିଁ। ଦୁର୍ନୀତିଗ୍ରସ୍ତ ଯେତେ କ୍ଷମତାଶାଳୀ ହୁଅନ୍ତୁ ନା କାହିଁକି, ନିଃସଙ୍କୋଚରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିବିଆଇ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ହୀରକ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତକୁ ଦୁର୍ନୀତିମୁକ୍ତ କରିବାରେ ଏହି ତଦନ୍ତକାରୀ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଗଣତନ୍ତ୍ର ଓ ନ୍ୟାୟ ରାସ୍ତାରେ ଦୁର୍ନୀତି ସବୁଠୁ ବଡ଼ ପ୍ରତିବନ୍ଧକ। ଛବି ମଳିନ କରିବାକୁ ଉଦ୍ୟମ କରୁଥିବା ଲୋକଙ୍କ ପାଇଁ ସିବିଆଇ ବିଚଳିତ ହେବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ, ଏହା ଦେଶବାସୀଙ୍କ ଇଚ୍ଛା। ବହୁ ଦଶନ୍ଧି ଧରି ଦୁର୍ନୀତିରୁ ଫାଇଦା ଉଠାଇଥିବା ଲୋକମାନେ ଏଭଳି ପରିବେଶ ସୃଷ୍ଟି କରିଛନ୍ତି ଯାହା ତଦନ୍ତକାରୀ ସଂସ୍ଥାକୁ ଅଡୁଆରେ ପକାଉଛି। ତେବେ ଦୁର୍ନୀତିଗ୍ରସ୍ତଙ୍କ କଥାରେ ବିଚଳିତ ହୋଇ ସିବିଆଇ ନିଜ କର୍ତ୍ତବ୍ୟରୁ ଦୂରେଇ ଯିବା ଉଚିତ ନୁହେଁ ବୋଲି ମୋଦି କହିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ୍ ୪/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, April 4/2023 | Page 16 | ପୃଷ୍ଠା-୧




**ମେଡ୍‌ଭେଡେଭ୍‌ଙ୍କୁ ଟାଇଟଲ**

ରୁଷିଆର ଡାନିଲ ମେଡ୍‌ଭେଡେଭ୍ ମାୟାମି ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୨

୧୦

**୭୫ ବର୍ଷ ପୁରୁଣା ବନାରସୀ ଶାଢ଼ିରେ ପ୍ରିୟଙ୍କା**

ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା ନିକଟରେ 'ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର'ରେ ୭୫ ବର୍ଷ ପୁରୁଣା ବନାରସୀ ଶାଢ଼ି ପିନ୍ଧି ଚର୍ଚ୍ଚାର ପରିସରକୁ ଆସିଛନ୍ତି।





୨୦୧୬ରୁ ୨୦୨୨ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ସରକାରୀ ସିବିଟି ଶିକ୍ଷକ ସଂଘ ଡାକରାରେ ସାରା ରାଜ୍ୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ମନୋରଞ୍ଜନ)

# ରାହୁଲଙ୍କ ଜେଲଦଣ୍ଡ ଉପରେ ସ୍ଥଗିତାଦେଶ

## ମାନହାନି ମାମଲା

### ୧୩ ପର୍ଯ୍ୟନ୍ତ ଜାମିନ ଅବଧି ବଢ଼ିଲା

**ନୂଆଦିଲ୍ଲୀ, ୩।୪**

ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଏହାକୁ ସୁରଟ ଜିଲା ଓ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅଦାଲତ ରାହୁଲଙ୍କ ଜାମିନ ଅବଧିକୁ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩ ପର୍ଯ୍ୟନ୍ତ ବଢ଼ାଇବା ସହ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଦେଇଛନ୍ତି। ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ରାହୁଲଙ୍କ ଆବେଦନ ଶୁଣାଣି ଏପ୍ରିଲ ୧୩ରେ ହେବ ବୋଲି ତାଙ୍କ ଓକିଲ ରୋହନ ପାନ୍‌ୱାଲା କହିଛନ୍ତି। ତାଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିବା ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦିଙ୍କୁ ମଧ୍ୟ କୋର୍ଟ ନୋଟିସ ଜାରି କରି ତଳ କୋର୍ଟ ରାୟ ଉପରେ ସ୍ଥଗିତାଦେଶ ସମ୍ପର୍କରେ ତାଙ୍କୁ ଜବାବ ମାଗିଛନ୍ତି। ୧୦ ତାରିଖ ସୁଦ୍ଧା ତାଙ୍କୁ ଜବାବ ଦାଖଲ କରିବାକୁ କୁହାଯାଇଛି। ତେବେ ଦୋଷୀସାବ୍ୟସ୍ତ ରାୟ ଉପରେ ମେ' ୩ରେ ଶୁଣାଣି ହେବ। ରାହୁଲଙ୍କ ସୁରଟ ଗସ୍ତକୁ ନେଇ ସେଠାରେ ରାଜନୈତିକ ଉଷ୍ମତା ଜୋର୍ ଧରିଛି। ମିତ୍ରକାଳ ବିରୋଧରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ କରିବାକୁ ହେବ। ଏହି ଲଢ଼େଇରେ ସତ୍ୟ ତାଙ୍କର ଅସ୍ତ୍ର ଓ ସତ୍ୟ ହିଁ ଶରଣ ବୋଲି ରାହୁଲ ଟୁଇଟ୍ କରି କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ କର୍ନାଟକରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ ରାହୁଲ ଗାନ୍ଧୀ କହିଥିଲେ, ସବୁ ଚୋରଙ୍କ ସାଙ୍ଗିଆ ମୋଦି କିପରି ହେଲା। ଏହି ମନ୍ତବ୍ୟ ପାଇଁ ଗୁଜରାଟର ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ। ଏହି ମାମଲାରେ ସୁରଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡାଦେଶ ଦେଇଥିଲେ। ଫଳରେ ତାଙ୍କର ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଥିଲା।



ସୁରଟ ସେସନ୍ସ କୋର୍ଟରେ ଭଉଣୀ ପ୍ରିୟଙ୍କାଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ପିଲା ପଢ଼ିବେନି ମୋଗଲ ସାମ୍ରାଜ୍ୟ ଅଧ୍ୟାୟ

## ଦ୍ୱାଦଶ ଶ୍ରେଣୀ ଇତିହାସ ବହିରୁ ହଟାଇଲା ଏନ୍‌ସିଇଆର୍‌ଟି

**କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଅମଳରେ ମୁସଲମାନ ସମ୍ପ୍ରଦାୟ ସହିତ ଜଡ଼ିତ ବିଭିନ୍ନ ସହର, ରେଳଷ୍ଟେଶନର ନାମକୁ ପରିବର୍ତ୍ତନ କରାଯାଇଛି। କେବଳ ସେତିକି ନୁହେଁ, ଏହି ସରକାର ଅଣହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଭାଷାକୁ ଜବରଦସ୍ତ ଲଦି ଦେବା ପାଇଁ ଉଦ୍ୟମ କରିଆସୁଛନ୍ତି। ଏହାକୁ ବିଭିନ୍ନ ସ୍ଥାନରେ ଜୋରଦାର ବିରୋଧ କରାଯାଉଛି। ଏବେ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଦ୍ୱାଦଶ ଶ୍ରେଣୀର ଇତିହାସ ପାଠ୍ୟକ୍ରମକୁ ସଂଶୋଧନ କରି ମୋଗଲ ସାମ୍ରାଜ୍ୟର ଅଧ୍ୟାୟଗୁଡ଼ିକୁ ହଟାଇ ଦେଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଆଉ ମୋଗଲ ସାମ୍ରାଜ୍ୟ ବିଷୟ ପଢ଼ିପାରିବେ ନାହିଁ।**

- **ହିନ୍ଦୀ, ନଗର ବିଜ୍ଞାନ ପୁସ୍ତକରେ ମଧ୍ୟ ପରିବର୍ତ୍ତନ**
- **ଦଶମ, ଏକାଦଶ ଶ୍ରେଣୀ ପାଠ୍ୟପୁସ୍ତକରୁ ହଟିଛି ଅଧ୍ୟାୟ**
- **ଚଳିତ ଶିକ୍ଷାବର୍ଷରୁ ଲାଗୁ କରିବେ ସିବିଏସ୍‌ଇ, କେତେକ ବୋର୍ଡ**

**ଭୁବନେଶ୍ୱର (ବ୍ୟୁରୋ)/ ନୂଆଦିଲ୍ଲୀ,୩।୪(ଆଇଏଏନ୍‌ଏସ୍)**

ଏନ୍‌ସିଇଆର୍‌ଟି କେବଳ ଇତିହାସ ବହି ନୁହେଁ, ଅନ୍ୟ କେତେକ ପାଠ୍ୟପୁସ୍ତକରେ ମଧ୍ୟ ପରିବର୍ତ୍ତନ ଆଣି କିଛି ଅଧ୍ୟାୟକୁ ବାଦ୍ ଦେଇଛି। ଏହି ସଂଶୋଧନ ଚଳିତ ଶିକ୍ଷାବର୍ଷ ୨୦୨୩-୨୦୨୪ରୁ ଲାଗୁ ହେବ। ଏନ୍‌ସିଇଆର୍‌ଟିକୁ ଅନୁସରଣ କରୁଥିବା ସିବିଏସ୍‌ଇ ସମେତ ଉତ୍ତରପ୍ରଦେଶ ଓ କେତେକ ରାଜ୍ୟର ବୋର୍ଡ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକ ସଂଶୋଧିତ ପାଠ୍ୟକ୍ରମ ଅନୁଯାୟୀ ପିଲାଙ୍କୁ ପାଠ ପଢ଼ାଇବେ।

ଏନ୍‌ସିଇଆର୍‌ଟି କରିଥିବା ପରିବର୍ତ୍ତନ ଅନୁଯାୟୀ, ଦ୍ୱାଦଶ ଶ୍ରେଣୀ ଇତିହାସ ପୁସ୍ତକ 'ଥିମ୍ ଅଫ୍ ଇଣ୍ଡିଆନ ହିଷ୍ଟ୍ରି-ପାର୍ଟ ୨'ରୁ 'କିଙ୍ଗସ୍ ଆଣ୍ଡ କ୍ରୋନିକଲ୍ସ; ଦ ମୋଗଲ କୋର୍ଟସ୍ (ଷୋଡଶ ଏବଂ ସପ୍ତଦଶ ଶତାବ୍ଦୀ) ଅଧ୍ୟାୟକୁ ବାଦ୍ ଦିଆଯାଇଛି। ସେହିପରି ହିନ୍ଦୀ ପାଠ୍ୟପୁସ୍ତକରୁ କେତେକ କବିତା ଏବଂ ଅନୁଚ୍ଛେଦକୁ ହଟାଇ ଦିଆଯାଇଛି। ଏହାସହିତ ଏନ୍‌ସିଇଆର୍‌ଟି ଦ୍ୱାଦଶ ଶ୍ରେଣୀର ନଗରବିଜ୍ଞାନ (ସିଭିକ୍ସ) ପୁସ୍ତକରୁ ଦୁଇଟି ଅଧ୍ୟାୟ 'ଆମେରିକାନ ହେଜିମୋନି ଇନ୍ ୱାର୍ଲ୍ଡ ପଲିଟିକ୍ସ' ଓ 'ଦ କୋଲ୍ଡ ୱାର୍ ଏରା'କୁ ବାଦ୍ ଦେଇଛି। ସେହିପରି ଦ୍ୱାଦଶ ଶ୍ରେଣୀର 'ଇଣ୍ଡିଆନ ପଲିଟିକ୍ସ ଆଫ୍‌ଟେର୍ ଇଣ୍ଡିପେଣ୍ଡେନ୍ସ'ରୁ ଦୁଇଟି ଅଧ୍ୟାୟ 'ରାଇଜ୍ ଅଫ୍ ପପୁଲାର ମୁଭ୍‌ମେଣ୍ଟସ୍' ଓ 'ଏରା ଅଫ୍ ୱାନ୍ ପାର୍ଟି ଡୋମିନାନ୍ସ'କୁ ମଧ୍ୟ ହଟାଇ ଦିଆଯାଇଛି।

ଦଶମ ଏବଂ ଏକାଦଶ ଶ୍ରେଣୀର କେତେକ ପୁସ୍ତକରେ ମଧ୍ୟ ଏନ୍‌ସିଇଆର୍‌ଟି ପରିବର୍ତ୍ତନ କରିଛି। ତଦନୁଯାୟୀ, ଦଶମ ଶ୍ରେଣୀର 'ଡେମୋକ୍ରାଟିକ୍ ପଲିଟିକ୍ସ-୨' ବହିରୁ ୩ଟି ଅଧ୍ୟାୟ ଯଥା 'ଡେମୋକ୍ରାସି ଆଣ୍ଡ ଡାଇଭର୍ସିଟି', 'ପପୁଲାର ଷ୍ଟ୍ରଗଲ୍ସ ଆଣ୍ଡ ମୁଭ୍‌ମେଣ୍ଟସ' ଓ 'ଚ୍ୟାଲେଞ୍ଜସ୍ ଅଫ୍ ଡେମୋକ୍ରାସି'କୁ ବାଦ୍ ଦିଆଯାଇଛି। ସେହିପରି ଏକାଦଶ ଶ୍ରେଣୀର ପାଠ୍ୟପୁସ୍ତକ 'ଥିମ୍‌ସ ଇନ୍ ୱାର୍ଲ୍ଡ ହିଷ୍ଟ୍ରି'ରୁ 'ସେଣ୍ଟ୍ରାଲ୍ ଇସ୍‌ଲାମିକ୍ ଲ୍ୟାଣ୍ଡ୍‌ସ', 'କ୍ଲାଶ୍ ଅଫ୍ କଲ୍‌ଚର୍ସ' ଏବଂ 'ଇଣ୍ଡଷ୍ଟ୍ରିଆଲ୍ ରିଭୋଲ୍ୟୁଶନ' ଆଦି ଅଧ୍ୟାୟକୁ ବାଦ୍ ଦିଆଯାଇଛି।

ମୋଗଲ ସାମ୍ରାଜ୍ୟ ଅଧ୍ୟାୟକୁ ବାଦ୍ ଦିଆଯିବା ଉଚିତ୍ ନୁହେଁ ବୋଲି କହିଛନ୍ତି ବିଜେବି ଜୁନିୟର କଲେଜର ପୂର୍ବତନ ପ୍ରିନ୍ସିପାଲ ରଘୁନାଥ ପଣ୍ଡା। ସେ କହିଛନ୍ତି ଯେ, ପୂର୍ବ ତଥ୍ୟରୁ ଭବିଷ୍ୟତକୁ ଗଢ଼ିବା ପାଇଁ ବର୍ତ୍ତମାନ ଚିନ୍ତା କରିବାର ଅର୍ଥ ହେଉଛି ଇତିହାସ। ଇତିହାସରୁ ଆମକୁ ବହୁତ କିଛି ଶିଖିବାକୁ ☞ପୃଷ୍ଠା-୨

# ଟ୍ରେନ୍‌ଯାତ୍ରୀଙ୍କୁ ନିଆଁ ଲଗାଇଦେଲେ ସହଯାତ୍ରୀ

## ୩ ମୃତ, ୮ ଆହତ

- **ତଦନ୍ତ ପାଇଁ ଏସ୍‌ଆଇଟି ଗଠିତ**
- **ଏନ୍‌ଆଇଏ ତଦନ୍ତରେ ସାମିଲ ହୋଇପାରେ**

**କୋଝିକୋଡ୍, ୩।୪**

କେରଳର କୋଝିକୋଡ୍ ଜିଲାରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ର ଯାତ୍ରୀଙ୍କୁ ଅନ୍ୟ ଜଣେ ନିଆଁ ଲଗାଇଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮ ଯାତ୍ରୀ ଆହତ ହୋଇଛନ୍ତି। ରବିବାର ରାତି ୯ଟା ୪୫ରେ ଏହି ମର୍ମନ୍ତୁଦ ଘଟଣା ଘଟିଛି। ମୃତଦେହଗୁଡ଼ିକ ଏଲାଥୁର ଷ୍ଟେଶନ ଏବଂ କୋରାପୁଝା ବ୍ରିଜ୍ ମଧ୍ୟରେ ଠାବ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ବର୍ଷକର ଶିଶୁ ରହିଛନ୍ତି। ଟ୍ରେନ୍‌ଟି କୋଝିକୋଡ୍ ସହର ଅତିକ୍ରମ କରି କୋରାପୁଝା ରେଳ ବ୍ରିଜ୍ ନିକଟରେ ପହଞ୍ଚିଥିବାବେଳେ ଲାଲ୍ ଶାର୍ଟ ଓ ଟୋପି ପିନ୍ଧିଥିବା ଜଣେ ଅପରିଚିତ ବ୍ୟକ୍ତିଙ୍କର ସହଯାତ୍ରୀଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଅପରିଚିତ ବ୍ୟକ୍ତି ଜଣକ ତାଙ୍କ ଉପରେ ଦାହ୍ୟ ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିଲେ।

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଆଲାପୁଝା-କନ୍ନୁର ଏକ୍‌ଜିକ୍ୟୁଟିଭ୍ ଏକ୍ସପ୍ରେସ୍‌ର ଗୋଟିଏ ବଗିରେ ଯାତ୍ରୀଙ୍କ ଦେହରେ ନିଆଁ ଲଗାଇଥିବା ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ପାରିନାହିଁ। ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ତେବେ ଅଭିଯୁକ୍ତ ଉତ୍ତର ଭାରତୀୟ ବୋଲି ସନ୍ଦେହ କରାଯାଉଛି। ସେ ବ୍ୟାଗ୍‌ରେ ପେଟ୍ରୋଲ ବୋତଲ ଆଣିଥିବାରୁ ଆକ୍ରମଣ ଯୋଜନାବଦ୍ଧ ଥିଲା ବୋଲି କୁହାଯାଉଛି। ରେଲୱେ ପୋଲିସ ଓ ଅନ୍ୟ ସଂସ୍ଥାଗୁଡ଼ିକ ମଧ୍ୟ ଘଟଣାର ତଦନ୍ତ କରୁଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ଟ୍ରେନ୍ ଆକ୍ରମଣ ଘଟଣାର ତଦନ୍ତ କରିବ। ଏହି ଘଟଣା ପଛରେ ଆତଙ୍କବାଦ ସମ୍ପୃକ୍ତି ସନ୍ଦେହ କରାଯାଉଥିବାରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମଧ୍ୟ ତଦନ୍ତରେ ସାମିଲ ହୋଇପାରେ ବୋଲି କୁହାଯାଉଛି। ରେଳ ମନ୍ତ୍ରଣାଳୟ ଘଟଣାର ସବିଶେଷ ରିପୋର୍ଟ ମାଗିଛନ୍ତି। ଅଭିଯୁକ୍ତଙ୍କ ବ୍ୟାଗ୍ ରେଲ୍‌ୱେ ଟ୍ରାକ୍‌ରୁ ମିଳିଛି। ସେଥିରେ ହିନ୍ଦୀ ଓ ଇଂଲିଶରେ ଲେଖାଥିବା ନୋଟ୍ ରହିଛି, ଯେଉଁଥିରେ କେରଳର ୬ଟି ସହରର ନାମ ଲେଖାଅଛି। ଏଥିସହିତ ପେଟ୍ରୋଲ ବୋତଲ, ଇୟରଫୋନ୍ ଓ କଭର, ଦୁଇଟି ମୋବାଇଲ ଫୋନ୍, ଟିଫିନ୍ ବକ୍ସ, ପର୍ସ, ଟି-ଶାର୍ଟ, ଟାୱେଲ, ଚଷମା ଆଦି ବ୍ୟାଗ୍‌ରୁ ମିଳିଛି। ଉକ୍ତ ନୋଟ୍‌ବୁକ୍‌ରେ କାର୍ପେଣ୍ଟର ଶବ୍ଦ ବାରମ୍ବାର ବ୍ୟବହୃତ ହୋଇଛି। ଷ୍ଟେଶନରେ ଟ୍ରେନ୍ ଅଟକିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | **ଡିଷ୍ଟିବା କଷ୍ଟକର**

# ସରିଲା ହିନ୍ଦୋଳ, ଅଠାବିରା ଏନ୍‌ଏସି ନିର୍ବାଚନ

- **ହିନ୍ଦୋଳରେ ୮୮%, ଅଠାବିରା ୭୪%**
- **ବୁଧବାର ଭୋଟ ଗଣତି**

**ଭୁବନେଶ୍ୱର,୩।୪(ବ୍ୟୁରୋ):** ବରଗଡ଼ ଜିଲାର ଅଠାବିରା ଓ ଢେଙ୍କାନାଳ ଜିଲାର ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଏନ୍‌ଏସିରେ ୮୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଅଠାବିରାରେ ୭୪% ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଦୁଇ ଏନ୍‌ଏସିର ସମୁଦାୟ ୨୮ ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଅଠାବିରା ଏନ୍‌ଏସିର ୧୨ଟି ୱାର୍ଡର କାଉନ୍‌ସିଲର ପଦବୀ ପାଇଁ ୩୯ ଜଣ ପ୍ରାର୍ଥୀ ଓ ଅଧ୍ୟକ୍ଷ ପଦ ଲାଗି ୪ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ସେହିପରି ହିନ୍ଦୋଳ ଏନ୍‌ଏସିର ୧୬ଗୋଟି ୱାର୍ଡର କାଉନ୍‌ସିଲର ପଦବୀ ନିମନ୍ତେ ସମୁଦାୟ ୫୦ ଜଣ ପ୍ରାର୍ଥୀ ଓ ଅଧ୍ୟକ୍ଷ ପଦ ପାଇଁ ୩ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସକାଳ ୮ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଉଭୟ ଏନ୍‌ଏସିରେ ମତଦାନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା କମିଶନଙ୍କ ପକ୍ଷରୁ କୁହାଯାଇଛି। ଆସନ୍ତା ୫ ତାରିଖରେ ଉଭୟ ଏନ୍‌ଏସିରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଅନ୍ୟପକ୍ଷେ ଏପ୍ରିଲ ୧୯ରେ ଉପାଧ୍ୟକ୍ଷ ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

**ଅମାନୁଷିକ, ନୃଶଂସ**

# ବିଷ ଦେଇ ୬ କୁକୁରଙ୍କୁ ହତ୍ୟା

**ଥାନାରେ ମାମଲା ରୁଜୁ**

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ସୋମବାର ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସିଅନ ଶ୍ରମିକ ବସ୍ତିରେ ଖାଦ୍ୟରେ ବିଷ ଦିଆଯାଇ ୬ କୁକୁରଙ୍କୁ ହତ୍ୟା କରାଯାଇଛି। ଏଥିମଧ୍ୟରେ ୩ ଛୁଆ ଥିବାବେଳେ ୩ ମା' କୁକୁର ଅଛନ୍ତି। ଏଥିସହ ଆଉଏକ ମାଈ କୁକୁର ମଧ୍ୟ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କଥା କହିପାରୁ ନ ଥିବା ଏହି ବିଶ୍ୱସ୍ତ ପ୍ରାଣୀ କୁକୁରଙ୍କ ଉପରେ ମଣିଷର ଏପରି ନିଷ୍ଠୁରତାକୁ ନେଇ ପ୍ରାଣୀପ୍ରେମୀମାନେ ☞ପୃଷ୍ଠା-୨



# ଓଡ଼ିଶାରେ ବଢ଼ିଛି ବାଲ୍ୟବିବାହ

## ଲୋକ ସଭାରେ ତଥ୍ୟ ରଖିଲା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୩।୪**

ମହିଳା ସଶକ୍ତୀକରଣ ଲାଗି 'ବେଟି ବଚାଓ- ବେଟି ପଢ଼ାଓ' ଏବଂ ଅନ୍ୟାନ୍ୟ ଯୋଜନା ସତ୍ତ୍ୱେ ବାଲ୍ୟ ବିବାହ ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ଏବେ ବି ସାମାଜିକ ବ୍ୟାଧି ଭାବେ ରହିଆସିଛି। ଗତ ୫ ବର୍ଷ ମଧ୍ୟରେ ଦେଶରେ ବାଲ୍ୟବିବାହର ବର୍ଦ୍ଧିତ ଧାରା ଜାରି ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଲୋକ ସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୨୦୧୭ରେ ୧୭ଟି ବାଲ୍ୟବିବାହ ହୋଇଥିବାବେଳେ ୨୦୨୧ରେ ତାହା ୬୪କୁ ବୃଦ୍ଧି ପାଇଛି। ଅର୍ଥାତ୍ ୫ ବର୍ଷରେ ବାଲ୍ୟ ବିବାହ ୩ ଗୁଣରୁ ଅଧିକ ବଢ଼ିଛି। ଜାତୀୟ ସ୍ତରରେ ୨୦୧୭ରେ ବାଲ୍ୟ ବିବାହ ସଂଖ୍ୟା ୩୯୫ ଥିବାବେଳେ ୨୦୨୧ରେ ତାହା ୧,୦୫୦ରେ ପହଞ୍ଚିଛି। ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଥିବାରୁ ବାଲ୍ୟବିବାହ ସମ୍ପର୍କରେ ଅଧିକ ରିପୋର୍ଟ ହୋଇଥାଇପାରେ ବୋଲି ମନ୍ତ୍ରଣାଳୟ କହିଛି। ଏହା ବ୍ୟତୀତ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ଏବଂ ରାଜ୍ୟରେ ଆଇନର ଉତ୍ତମ କାର୍ଯ୍ୟକାରିତା ଯୋଗୁ ବାଲ୍ୟବିବାହ ସମ୍ପର୍କରେ ଅଧିକ ଅଭିଯୋଗ ମିଳିପାରୁଛି। ବାଲ୍ୟବିବାହ ନିରାକରଣ ଆଇନ, ୨୦୦୬ କାର୍ଯ୍ୟକାରୀ ହେବା ପରେ ଏହା କିଛି ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ** "ଭାଜପା ଶାସନରେ ଦଙ୍ଗା ହୁଏ ନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିବା ଆଉ ଏକ ଜୁମ୍ଲା। – କପିଲ ସିବଲ, ରାଜ୍ୟ ସଭା ସଦସ୍ୟ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳ ତ ହେଲାଣି ବାବରା**
**ଅସତୀ ଖାଇଲେ ସରୁ ଚାଉଳ**
**ସତୀ କି ନ ମିଳେ ବଗଡ଼ା।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା' ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାର ପୁଷମାସ**
**କାହାର ସର୍ବନାଶ।**

ସଂସାରରେ ସୁଖ ଏବଂ ଦୁଃଖର ପରିଧି ମଧ୍ୟରେ କେତେବେଳେ କିଏ ଦୁଃଖ ଭୋଗ କରେ ତ ଅନ୍ୟ କେହି ସୁଖ ଭୋଗ କରୁଥିବା ଦେଖିବାକୁ ମିଳିଥାଏ। ଜଣକର ଭଲ ହେଲାବେଳେ ଆଉ ଜଣକର କିଛି ନା କିଛି ମନ୍ଦ ଘଟିଥାଏ। ଅବସ୍ଥାର ତାରତମ୍ୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# 'ଶୁଣ ଶୁଣ ସରକାର, ଆମ ନିଯୁକ୍ତି ସ୍ଥାୟୀ କର'

## ରାଜଧାନୀରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ରଣହୁଙ୍କାର

ଭୁବନେଶ୍ୱର,୩।୪(ବ୍ୟୁରୋ)

ରାଜ୍ୟ ସରକାର ଚୁକ୍ତିଭିତ୍ତିକ ବା ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣା କରିଥିଲେ ମଧ୍ୟ ରାଜ୍ୟରେ ୨୦୧୬ରୁ ୨୦୨୨ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ୧୮ ହଜାର ଶିକ୍ଷୟିତ୍ରୀ ଶିକ୍ଷକ ଏବେ ବି ନିୟମିତ ହୋଇପାରିନାହାନ୍ତି। ସ୍ଥାୟୀ ନିଯୁକ୍ତି ଦାବି ନେଇ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ସରକାର ସେମାନଙ୍କ କଥା ଶୁଣୁନାହାନ୍ତି। ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବାରୁ ଶେଷରେ ସେମାନେ ରାଜଧାନୀରେ ବଡ଼ ସମାବେଶ କରିବା ସହ ରଣହୁଙ୍କାର ଦେଇଛନ୍ତି। ଓଡ଼ିଶା ସରକାରୀ ସିଟିଟି ଶିକ୍ଷକ ସଂଘ ଡାକରାରେ ସାରା ରାଜ୍ୟରୁ ହଜାର ହଜାର ଶିକ୍ଷୟିତ୍ରୀ ଶିକ୍ଷକ ସୋମବାର ସକାଳେ ଭୁବନେଶ୍ୱରକୁ ପ୍ରବେଶ କରିବା ସହ ଲୋୟର ପିଏମ୍‌ଜିରେ ଏକାଠି ହୋଇଥିଲେ। ଧାରଣାସ୍ଥଳଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ରାସ୍ତାକୁ କବ୍‌ଜା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଶୁଣ ଶୁଣ ସରକାର, ଆମ ନିଯୁକ୍ତି ସ୍ଥାୟୀ କର' ନାରା ଦେଇ ସରକାରଙ୍କୁ ଦାବି ଓ ଚେତାବନୀ ଶୁଣାଇଥିଲେ। ପ୍ରବଳ ଖରାତାତି ସତ୍ତ୍ୱେ କିଏ ଛତା ଧରି ତ ଆଉ କିଏ ଖାଲି ମୁଣ୍ଡରେ ନିଜର ହକ୍ ପାଇଁ ବସି ରହିଥିଲେ।

ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ୨୦୨୨ ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ ଘୋଷଣା କରିଥିଲେ। ଏହାପରେ ସମସ୍ତ ବିଭାଗର ସରକାରୀ କର୍ମଚାରୀଙ୍କୁ ନିୟମିତ କରାଯାଇଛି। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ୨୦୧୬ରୁ ୨୦୨୨ ବ୍ୟାଚ୍‌ର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିୟମିତ କରାଯାଇନାହିଁ। ଅନ୍ୟ ବିଭାଗର କର୍ମଚାରୀମାନେ ନିୟମିତ ହେବାପରେ ସମସ୍ତ ସରକାରୀ ସୁବିଧା ଲାଭ କରୁଛନ୍ତି। ମାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଘୋଷଣା କରିବା ପାଇଁ ସରକାର ପଛଘୁଞ୍ଚା ଦେଉଛନ୍ତି। ରାଜ୍ୟ ସରକାରଙ୍କ '୫-ଟି'ର ପ୍ରଥମ 'ଟି' ଏକ ପ୍ରହେଳିକା ବୋଲି କହି ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ଛାତ୍ର ସମାଜର ଭବିଷ୍ୟତକୁ ବିପଦରେ ପକାଉଥିବା ସଂଘ ସଭାପତି ରାଜେନ୍ଦ୍ର ମଲ୍ଲିକ କହିଛନ୍ତି। ୧୮ ହଜାର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଯୁକ୍ତି ନିୟମିତ ଘୋଷଣା ନ କରାଯିବା ଯାଏ ଶିକ୍ଷକମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆବାହକ ମନୋଜ ଜେନା, ମହାସଚିବ ଦେବାଶିଷ ଜେନା, ସମ୍ପାଦକ ଦେବରାଜ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଆଜିଠୁ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ'

## ୧୨ରେ 'ପୂର୍ଣ୍ଣ ଉପସ୍ଥାନ ଦିବସ'

ଭୁବନେଶ୍ୱର,୩।୪(ବ୍ୟୁରୋ)

ନୂତନ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନଗୁଡ଼ିକରେ ସୋମବାରଠାରୁ ନୂଆ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାରଠାରୁ ୧୨ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ ହେବ। ସେହିପରି ୧୨ ତାରିଖକୁ 'ପୂର୍ଣ୍ଣ ଉପସ୍ଥାନ ଦିବସ' ଭାବେ ପାଳନ କରାଯିବ। ଏହି ଅବସରରେ ପିଲାମାନଙ୍କୁ ସ୍ୱାଗତ କରାଯିବା ସହ ସେମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ବଣ୍ଟାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଓ ଅନ୍ୟ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଦିବସ ପାଳନ ସମ୍ପର୍କିତ ଫଟୋ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅବଗତି ପାଇଁ ପଠାଇବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରତି ବିଦ୍ୟାଳୟରେ ୧ ହଜାର ଟଙ୍କା ଖର୍ଚ୍ଚ କରାଯିବ। ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟରେ ଉପଲବ୍ଧ ଥିବା ରାଶିରୁ ଏଥିପାଇଁ ବ୍ୟୟ କରିବେ। ବିଭାଗ ପକ୍ଷରୁ ପରବର୍ତ୍ତୀ ଅନୁମୋଦିତ ଅର୍ଥରାଶି ବିଦ୍ୟାଳୟକୁ ପଠାଯିବ। ଶିକ୍ଷା ଓ ସ୍କୁଲ ପ୍ରତି ପିଲାଙ୍କୁ ଆକର୍ଷିତ କରିବା ଓ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ଏଭଳି ଆଉ କେତେକ ପଦକ୍ଷେପ ନିଆଯିବ। ରାଜ୍ୟର ୩୧୪ଟି ବ୍ଲକ୍ ଓ ୨ଟି ସହରାଞ୍ଚଳ ସାଧନ କେନ୍ଦ୍ରରେ 'ଶିକ୍ଷା ସଚେତନତା ରଥ' ପରିଭ୍ରମଣ କରିବ। ଏଥିପାଇଁ ଆବଶ୍ୟକ ଅର୍ଥ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରୁ ଖର୍ଚ୍ଚ କରାଯିବ ଓ 'ଗୋଷ୍ଠୀ ସଞ୍ଚାଳନ' ଉପବିଭାଗ ନିମନ୍ତେ ଉଦ୍ଦିଷ୍ଟ ଅର୍ଥରାଶି ୨୦୨୩-୨୪ ଆର୍ଥିକ ବର୍ଷରୁ ଭରଣା କରାଯିବ। ରାଜ୍ୟରେ ୬ରୁ ୧୪ ବର୍ଷ ଶିଶୁ ଯେପରି ଅଧାରୁ ପାଠପଢ଼ା ନ ଛାଡ଼ିବେ, ସେଥିପାଇଁ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଥିବାବେଳେ ସଚେତନତା ସୃଷ୍ଟି ପାଇଁ ଏହି ଉଦ୍ୟମ କରାଯାଉଥିବା ସଚିବ ଅଶ୍ୱଥି ଏସ୍ କହିଛନ୍ତି।

# ଆନ୍ଦୋଳନ ଜାରି ରଖିବ ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ

- ୪ରୁ ନିୟମିତ ସହ ସମସ୍ତ ପ୍ରକାର ଆର୍ଥିକ ସୁବିଧା ମିଳିବ: ଅତିରିକ୍ତ ସଚିବ
- ପୃଥକ୍ ବିଜ୍ଞପ୍ତି ପ୍ରକାଶ ଜିଦ୍‌ରେ ଅଟଳ ରହିଲା ସଂଘ

ଭୁବନେଶ୍ୱର,୩।୪(ବ୍ୟୁରୋ)

ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନ ରବିବାର ୩ୟ ଦିନରେ ପହଞ୍ଚିଛି। ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ର ସଂଘର ଏକ ଛଅଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବା ଅତିରିକ୍ତ ସଚିବ କହିଥିଲେ। ୨ରୁ ୩ ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ ହେବାକୁ ଥିବାବେଳେ ୨୦୧୬ ବ୍ୟାଚ୍‌କୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା, ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ୨୦୧୬ ବ୍ୟାଚର ଶିକ୍ଷୟିତ୍ରୀ ଶିକ୍ଷକ ୨୦୨୨ ଏପ୍ରିଲ୍ ୪ ତାରିଖରୁ ନିୟମିତ ହେବା ସହ ସମସ୍ତ ପ୍ରକାର ଆର୍ଥିକ ସୁବିଧା(ଏରିୟର) ପାଇବେ ବୋଲି ଅତିରିକ୍ତ ସଚିବ କହିଥିଲେ। ହେଲେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ନ ପାଇବା ଯାଏ ସଂଘ ଆନ୍ଦୋଳନରୁ ନ ଓହରିବା ନିଷ୍ପତ୍ତିରେ ଅଟଳ ରହିଥିଲା। ବାହାରିବାକୁ ଥିବା ବିଜ୍ଞପ୍ତିକୁ ପୃଥକ୍ ଭାବେ ଅର୍ଥାତ୍ ପେ ପ୍ରୋଟେକ୍ସନ ଏବଂ ନିୟମିତ ପାଇଁ ପୃଥକ୍ ଚିଠି ହେଉ ବୋଲି ସଂଘ ସଭାପତି ପଞ୍ଚାନନ ଜେନା ଦାବି କରିଥିଲେ। ତେବେ ନିୟମିତ ନିର୍ଦ୍ଦେଶନାମା ନ ପାଇବା ଯାଏ ସଂଘ ଧାରଣାରୁ ଓହରିବ ନାହିଁ ବୋଲି ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମାଧ୍ୟମିକ ଶିକ୍ଷକଙ୍କୁ ବିଭାଗ ଅପମାନିତ କରୁଛି: ଓଟିଏଫ୍

ଭୁବନେଶ୍ୱର,୩।୪(ବ୍ୟୁରୋ)

ରାଜ୍ୟ ବିକାଶରେ ଶିକ୍ଷକଙ୍କ ଭୂମିକା ସର୍ବାଧିକ ଥିବାବେଳେ ସେମାନଙ୍କୁ ଚୁକ୍ତିଭିତ୍ତିକ କର୍ମଚାରୀଭାବେ ରଖି ଗଣଶିକ୍ଷା ବିଭାଗ ଅପମାନିତ କରୁଛି ବୋଲି ଓଡ଼ିଶା ଟିଚର୍ସ ଫେଡେରେଶନ (ଓଟିଏଫ୍) ପକ୍ଷରୁ କୁହାଯାଇଛି। ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ଘୋଷଣା ହୋଇଛି। ଘୋଷଣାକୁ ୬ ମାସ ବିତିଯାଇଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ଚୁକ୍ତିଭିତ୍ତିକ ମାଧ୍ୟମିକ ଶିକ୍ଷକଙ୍କୁ ନିୟମିତ କରିବାରେ ଅହେତୁକ ବିଳମ୍ବ କରୁଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଛାଡ଼ି ଅନ୍ୟ ସମସ୍ତ ପ୍ରାରମ୍ଭିକ ନିଯୁକ୍ତ ସରକାରୀ କର୍ମଚାରୀ ନିୟମିତ ହୋଇସାରିଲେଣି। ବାରମ୍ବାର ଆନ୍ଦୋଳନ, ଧାରଣା, ଅଭିଯୋଗ, ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ପରେ ବି ବିଭାଗ ନିୟମିତ ନିର୍ଦ୍ଦେଶନାମା ବାହାର କରିବା ବଦଳରେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି ବୋଲି ଓଟିଏଫ୍ ପକ୍ଷରୁ ପ୍ରଭାକର ଜୟସିଂହ, ଚିରଞ୍ଜନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଶୀଘ୍ର ନିୟମିତ ଚିଠି ପ୍ରକାଶ କରା ନ ଗଲେ ଶିକ୍ଷକମାନେ ଶ୍ରେଣୀ ଶିକ୍ଷାଦାନ ବର୍ଜନ କରିବେ ବୋଲି ଓଟିଏଫ୍ ଚେତାବନୀ ଦେଇଛି।

# 'ଡେଲିଭରି ବୟ' ଚଳଚ୍ଚିତ୍ର ଉପରୁ ପ୍ରମୋଦକର ଛାଡ଼କଲେ ରାଜ୍ୟ ସରକାର

ଭୁବନେଶ୍ୱର,୩।୪(ବ୍ୟୁରୋ)

ଅଶ୍ୱିନୀ ତ୍ରିପାଠୀ ନିର୍ଦ୍ଦେଶିତ ଏବଂ ଜ୍ୟୋତିରଞ୍ଜନ ମହାନ୍ତି ପ୍ରଯୋଜିତ ଓଡ଼ିଆ ଚଳଚ୍ଚିତ୍ର 'ଡେଲିଭରି ବୟ' ଉପରୁ ରାଜ୍ୟ ସରକାର ପ୍ରମୋଦକର ଛାଡ଼ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ, ସହରାଞ୍ଚଳର ଦୈନନ୍ଦିନ ଜୀବନରେ ଡେଲିଭରି ବୟଙ୍କ ଭୂମିକା ଅପରିହାର୍ଯ୍ୟ ହୋଇଯାଇଛି। ସାଧାରଣତଃ ଆର୍ଥିକ ଅନଗ୍ରସର ପରିବାରରୁ ଆସୁଥିବା ଏହି 'ଡେଲିଭରି ବୟ'ମାନଙ୍କ କାମ ଅତ୍ୟନ୍ତ ଆହ୍ୱାନମୂଳକ ଓ ସଂଘର୍ଷପୂର୍ଣ୍ଣ। ଚଳଚ୍ଚିତ୍ରଟି ଏହିପରି ଡେଲିଭରି ବୟମାନଙ୍କ ଜୀବନ ଉପରେ ଆଧାରିତ। ଓଡ଼ିଆ ଭାଷାରେ ନିର୍ମିତ ଏହି ଫିଲ୍ମଟିରେ ଜଣେ ଡେଲିଭରି ବୟ କିପରି ସଡ଼କ ଦୁର୍ଘଟଣାର ଶିକାର ହୋଇ ନିଜ ସହକର୍ମୀମାନଙ୍କ ସହଯୋଗରେ ନ୍ୟାୟ ପାଇଁ ସଂଘର୍ଷ କରି ବିଜୟୀ ହୋଇଛନ୍ତି ତାହା ଖୁବ୍ ନିଖୁଣଭାବରେ ପ୍ରଦର୍ଶିତ ହୋଇଛି। ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଚଳଚ୍ଚିତ୍ରଟିରେ ଉଦ୍ୟମ କରାଯାଇଛି। ଏଥିରେ ସମାଜର ସବୁଶ୍ରେଣୀର ଦର୍ଶକଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବାର ଆଶା ରହିଛି। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା କଳାକାରମାନେ ହେଲେ ବୁଦ୍ଧାଦିତ୍ୟ ମହାନ୍ତି, ଶୈଳେନ୍ଦ୍ର ସାମନ୍ତରାୟ, ସୁଶାନ୍ତ ଦାସ ମହାପାତ୍ର, ପ୍ରିୟମ୍ବଦା ଓ ସୂର୍ଯ୍ୟମୟୀ।

ସୂଚନାଯୋଗ୍ୟ, ନିକଟରେ ରାଜ୍ୟ ସରକାର 'ଦ୍ୱିଗାଟୋ' ଚଳଚ୍ଚିତ୍ର ଉପରୁ ମଧ୍ୟ ପ୍ରମୋଦକର ଛାଡ଼ କରିଥିଲେ। ଓଡ଼ିଶାରେ ଯେପରି ଅଧିକରୁ ଅଧିକ ବ୍ୟବସାୟିକ ଚଳଚ୍ଚିତ୍ର ଶୁଟିଂ କରାଯାଇପାରିବ ସେଥିପାଇଁ ରାଜ୍ୟ ସରକାର ଅନୁକୂଳ ନୀତି କାର୍ଯ୍ୟକାରୀ କରୁଛନ୍ତି ଏବଂ ଏ ଦିଗରେ ଚଳଚ୍ଚିତ୍ର ଶିଳ୍ପକୁ ମଧ୍ୟ ଉତ୍ସାହିତ କରୁଛନ୍ତି। ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ ବିକାଶ ହେବା ସହିତ ପ୍ରତିଭାବାନ୍ ଯୁବତୀଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ୨୦ରୁ ସ୍କିଲ୍ସ ଇନ୍ ଓଡ଼ିଶା କନ୍‌କ୍ଲେଭ

ଭୁବନେଶ୍ୱର,୩।୪(ବ୍ୟୁରୋ)



ଭୁବନେଶ୍ୱର ଖାରବେଳ ଭବନ ସମ୍ମିଳନୀ ଗୃହରେ ସୋମବାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱୟ ବୈଠକ।

ଏପ୍ରିଲ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ସ୍କିଲ୍ସ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୩ ଅନୁଷ୍ଠିତ ହେବ। ଏଥିରେ ପ୍ରମୁଖ ଶିଳ୍ପସଂସ୍ଥା, ଶିକ୍ଷାନୁଷ୍ଠାନ, ମିଡିଆ ହାଉସ୍ ଏବଂ ଉଦ୍ୟୋଗୀ ଛାତ୍ର ଓ ଯୁବକମାନେ ଯୋଗଦେବେ। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ଦେଶ ତଥା ବିଶ୍ୱକୁ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଏବଂ କୁଶଳ ମାନବ ସମ୍ବଳ ଯୋଗାଣକାରୀ ଭାବେ ରାଜ୍ୟର ସ୍ଥିତି ପ୍ରଦର୍ଶିତ ହେବା ସହ ବୈଷୟିକ ଦୃଷ୍ଟିକୋଣ ପୃଷ୍ଠଭୂମିରେ ଦକ୍ଷତାର ଭବିଷ୍ୟତ ଆଶା ମଧ୍ୟ ପ୍ରଦର୍ଶିତ ହେବ। ଏହି ପରିପ୍ରେକ୍ଷୀରେ ୧୬ଟି ବିଭିନ୍ନ ସରକାରୀ ବିଭାଗ ଏବଂ ଏଜେନ୍ସି ସହିତ ଅପରାହ୍ନରେ ଖାରବେଳ ଭବନ ସମ୍ମିଳନୀ ଗୃହରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କନ୍‌କ୍ଲେଭ୍‌କୁ ସଫଳ କରିବା ପାଇଁ ସୋମବାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ବିଭାଗର ଅଂଶଗ୍ରହଣ ଓ ସମର୍ଥନ ସହ ପ୍ରତ୍ୟେକ ବିଭାଗରୁ ଜଣେ ଜଣେ ନୋଡାଲ ଅଫିସର କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ରହିବେ ବୋଲି ପାଢ଼ୀ କହିଛନ୍ତି। ଏହି ସମ୍ମିଳନୀ ପାଇଁ ଗୃହ ବିଭାଗକୁ କଳିଙ୍ଗ ଷ୍ଟାଡିୟମ୍ ଏବଂ ଜନପଥରେ ସୁରକ୍ଷା ବ୍ୟବସ୍ଥା ସହିତ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାର ତଦାରଖ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସମ୍ମିଳନୀ ସ୍ଥଳରେ ମେଡିକାଲ ଟିମ୍, ଆମ୍ବୁଲାନ୍ସ ଆଦି ପ୍ରସ୍ତୁତ ରଖିବା, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗକୁ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଆଦି ଦାୟିତ୍ୱ ଦିଆଯାଇଛି। ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଗଣମାଧ୍ୟମ ପରିଚାଳନା ସହ କନ୍‌କ୍ଲେଭ୍ ବାବଦରେ ବ୍ୟାପକ ପ୍ରଚାର ପ୍ରସାର କରାଯିବା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ସମ୍ମିଳନୀ ସମୟରେ ପରିମଳ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହିତ ପଥ ଉତ୍ସବ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଇବା, ଶକ୍ତି ବିଭାଗ ତରଫରୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ଆଦି କାର୍ଯ୍ୟର ଦାୟିତ୍ୱ ଦିଆଯାଇଛି ବୋଲି ବୈଠକରୁ ଜଣାପଡ଼ିଛି।

ଏପ୍ରିଲ ୬ ନୂଆଦିଲ୍ଲୀଠାରେ ଏବଂ ୧୧ ତାରିଖରେ ଭୁବନେଶ୍ୱରଠାରେ କର୍ଟେନ ରେଜର ଆୟୋଜନ ଜରିଆରେ ଏହି ସମ୍ମିଳନୀ ବାବଦରେ ବ୍ୟାପକ ସଚେତନତା ସୃଷ୍ଟି ସହ ପ୍ରଚାର ପ୍ରସାର କରାଯିବ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶାଳିନୀ ପଣ୍ଡିତ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ସମେତ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। କଠିନ ଶ୍ରମ ସାଙ୍ଗକୁ ରାତି ଅନିଦ୍ରାଜନିତ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖା ଦେଇପାରେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ମିଳିବ ନାହିଁ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ ନୂତନ ଯୋଜନା ଆରମ୍ଭ ସକାଶେ ମନ ବଳାଇବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବହୁ କାମ ହାତକୁ ନେବା ଦ୍ୱାରା ଟେନ୍‌ସନ ବଢ଼ିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବା ସମ୍ଭାବନା ରହିଛି। ଯାତ୍ରା ସମୟରେ ସାଧାରଣ ବର୍ଗର ଲୋକ ଦ୍ୱାରା ଉପକୃତ ହୋଇପାରନ୍ତି।

**ମିଥୁନ** ମାନସିକ ଅସ୍ଥିରତାଜନିତ ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ସରକାରୀ କ୍ଷେତ୍ରରୁ ଲାଭର ଆଶା କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଉନ୍ନତମାନର ସୁଫଳଜନିତ ଖୁସି ହୋଇପାରନ୍ତି।

**କର୍କଟ** ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ଶେଷ ସମୟରେ ବିଶ୍ୱାସଘାତକତା କରିପାରନ୍ତି। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପରିବାରର ସହଯୋଗରେ ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବ୍ୟବସାୟ ଓ ନିର୍ମାଣ, ପରିବହନରେ ସଫଳତା ହାସଲ କରିବେ।

**ସିଂହ** ବକେୟା ଅର୍ଥ ପ୍ରାପ୍ତି ସକାଶେ ଉଚ୍ଚ ଆଶାକରି ନିରାଶ ହେବେ। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ଆପଣଙ୍କ ପରିସ୍ଥିତିର ବିଷମତା ଲକ୍ଷ୍ୟକରି ମିତ୍ରବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସାମାଜିକ ସ୍ତରରେ ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଉପକୃତ ହୋଇପାରନ୍ତି। ପରିସ୍ଥିତିବଶତଃ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ସାଧାରଣ କଥାକୁ ମଧ୍ୟ ଭିନ୍ନାର୍ଥରେ ଗ୍ରହଣକରି ଅଶାନ୍ତ ରହିବେ। ନିଜ ବେକାର ଭାଇଙ୍କ କାମଧନ୍ଦା ପାଇଁ ଚିନ୍ତା କରିବେ। ଆକସ୍ମିକ ଭାବରେ ଆହୂତ ହୋଇ ଦୂରଯାତ୍ରା ପାଇଁ ସଜବାଜ ହୋଇପାରନ୍ତି।

**ତୁଳା** ଆର୍ଥିକ ଉନ୍ନତି ଲାଗି ବିଭିନ୍ନ ଯୋଜନା ପାଇଁ ମନ ବଳାଇବେ। ନିର୍ମାଣ କାର୍ଯ୍ୟରେ ସାମାନ୍ୟ ବାଧା ଉପୁଜିପାରେ। ବକେୟା ଆଦାୟରେ ବନ୍ଧୁ ସହଯୋଗ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ବ୍ୟଥିତ କରିପାରେ। ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପିଲାମାନଙ୍କ ପାଠପଢ଼ା ପାଇଁ ଚିନ୍ତିତ ହୋଇପାରନ୍ତି।

**ବିଛା** ପଡ଼ୋଶୀଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ସ୍ୱର୍ଣ୍ଣାଦି ଅଳଙ୍କାର କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପ୍ରିୟଜନଙ୍କ ପରାମର୍ଶରେ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ।

**ଧନୁ** ପାରିବାରିକ ଦୁଶ୍ଚିନ୍ତା ବଢ଼ିଯିବା ଦ୍ୱାରା କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହେବ ନାହିଁ। ଅନୁରାଧା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇପାରେ। ବନ୍ଧୁମାନଙ୍କ ସହ ଆଲୋଚନା କାଳରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର** ଆଜି ଆପଣ ଯାହା କରନ୍ତୁନା କାହିଁକି ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ଈର୍ଷାପର ଆତ୍ମୀୟମାନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନରୁ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପିଲାଙ୍କ ଆଚରଣଗତ ତ୍ରୁଟିରୁ ସମସ୍ୟା ଆସିପାରେ।

**କୁମ୍ଭ** ଆଜି ବାରମ୍ବାର ସମସ୍ୟା ଉପୁଜୁଥିବା କାରଣରୁ ସବୁକାମ ବିଳମ୍ବରେ ଓ କଷ୍ଟରେ ସମ୍ପନ୍ନ ହେବ। ସାଧାରଣ କଥାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି ,ମାତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ହେବ, କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି।

**ମୀନ** ବିଭିନ୍ନ ପ୍ରତିବନ୍ଧକ କାରଣରୁ କର୍ମକ୍ଷେତ୍ରରେ ସମସ୍ୟାରେ ପଡ଼ି ଅପଦସ୍ଥ ହୋଇପାରନ୍ତି। ତଥାପି ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ସଫଳତା ହାସଲ କରିପାରିବେ। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

ଆଜି ଚୈତ୍ର ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ଦୟଣାଚୋରି ନୀତି, ରାମଲୀଳା, ସୀତାଚୋରି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଏପ୍ରିଲ ୪ ତାରିଖ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୦୯।୩୫ ଗତେ ଉତ୍ତରା ଫାଲ୍‌ଗୁନୀ/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮।୪୫ ଗତେ, ଘ.୧୦।୩୬ ମଧ୍ୟେ, ଘ.୦୧।୦୩ ଗତେ, ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୫ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଟ୍ରେନ୍‌ଯାତ୍ରୀଙ୍କୁ ନିଆଁ...

ପରେ ସନ୍ଦିଗ୍ଧ ଏକ ବାଇକ୍‌ରେ ବସି ରାସ୍ତା ପାର୍ ହୋଇ ଚାଲିଯାଉଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ନେବା ପାଇଁ ଷ୍ଟେଶନରେ ଅପେକ୍ଷା କରି ରହିଥିଲେ। ଉକ୍ତ ବାଇକ୍‌ର ରେଜିଷ୍ଟ୍ରେଶନ ନମ୍ବର କୋଝିକୋଡ୍‌ର କୁରାଚୁନ୍ଦ ବାସିନ୍ଦାଙ୍କର ବୋଲି ପୋଲିସ କହିଛି। ଆହତମାନଙ୍କୁ କୋଝିକୋଡ୍ ମେଡିକାଲ କଲେଜ ସମେତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିଆଁ ଲାଗିବା ପରେ ମହିଳା ଜଣକ ତାଙ୍କ ବର୍ଷକର ପୁତୁରା ସହ ଟ୍ରେନ୍‌ରୁ ଡେଇଁ ପଡ଼ିଥିବା ବିଶ୍ୱାସ କରାଯାଉଛି। ମହିଳାଙ୍କ ଘର କନ୍ନୁର ବୋଲି ଜଣାପଡ଼ିଛି। ଅନ୍ୟ ମୃତବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇପାରି ନାହିଁ।

## ବିଷ ଦେଇ...

ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ପିପୁଲ ଫର୍ ଆନିମାଲ ସଂସ୍ଥାର ପ୍ରତିଷ୍ଠାତା ଜୀବନ ବଲ୍ଲଭ ଦାସ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୯୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରିଣୀ ପ୍ରିୟଦର୍ଶିନୀ ନନ୍ଦ କହିଛନ୍ତି, କୁକୁରମାନଙ୍କୁ କେହି ଖାଦ୍ୟରେ ବିଷ ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ(ଓୟୁଏଟି)ରେ ୬ ମୃତ କୁକୁରଙ୍କ ବ୍ୟବଚ୍ଛେଦ କରାଯାଇଛି। ଏହାର ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ତେବେ ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା କରାଯିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ତଦନ୍ତ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୨ଟାବେଳେ ମା' କୁକୁରମାନେ କେଉଁଠୁ ମାଂସ ପୁଣ୍ଟିକୁ ଖାଇ ଆସି ବାନ୍ତି କରି ସେମାନଙ୍କ ଛୁଆଙ୍କୁ ଦେଇଥିଲେ। ଏହାପରେ ଛୁଆ କୁକୁର ତାହାକୁ ଖାଇଥିଲେ। କିଛି ସମୟ ମଧ୍ୟରେ ଗୋଟିକ ପରେ ଗୋଟିଏ କୁକୁର ଓ ଛୁଆ ଛଟପଟ ହୋଇ ମରିଯାଇଥିଲେ। ଏଭଳି ନୃଶଂସ ତଥା ଅମାନୁଷିକ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଓ ଅଭିଯୋଗକାରୀ ଜୀବନ ବଲ୍ଲଭ ଦାସ ଦାବି କରିଛନ୍ତି।

## ଓଡ଼ିଶାରେ ବଢ଼ିଛି...

ପରିମାଣରେ ହ୍ରାସ ପାଇଥିଲା। ୨୦୦୬ରେ ବାଲ୍ୟବିବାହ ପ୍ରସାର ୪୭ ପ୍ରତିଶତରୁ ୨୦୧୯-୨୧ ବେଳକୁ ୨୩.୩ ପ୍ରତିଶତକୁ ହ୍ରାସ ପାଇଥିଲା। ତେବେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଆସାମ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, ତ୍ରିପୁରା ଏବଂ ପଶ୍ଚିମବଙ୍ଗରେ ଏହି ହାର ଜାତୀୟ ହାରଠାରୁ ଅଧିକ ରହିଛି। ପୁଅଙ୍କ ସହ ଝିଅମାନଙ୍କ ବିବାହ ବୟସ ୨୧କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ୨୦୨୧ରେ ବିଲ୍ ଆଣିଥିଲେ। ଏହା ବିଭାଗୀୟ ସଂସଦୀୟ କମିଟିର ବିଚାରାଧୀନ ରହିଛି। ବିଜେଡି ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରଣାଳୟ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଉକ୍ତ ତଥ୍ୟ ଉପସ୍ଥାପନ କରିଛି।

## ପିଲା ପଢ଼ିବେନି...

ମିଳେ। ତେଣୁ ପାଠ୍ୟପୁସ୍ତକରେ ମୋଗଲ ସାମ୍ରାଜ୍ୟର ଯେଉଁ ଇତିହାସ ରହିଛି ତାହାକୁ ବାଦ୍ ଦିଆଯିବା ଉଚିତ୍ ନୁହେଁ। ମୋଗଲ ସମ୍ରାଟ ଆକବରଙ୍କ ଯେଉଁଭଳି ଶାସନ ପ୍ରଣାଳୀ ଏବଂ ଜନହିତକର କାର୍ଯ୍ୟ ଥିଲା ତାହାକୁ ସରକାର ଆଦୃତ କଲେ ସମାଜରୁ ବହୁ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ। ସରକାର ସର୍ବଦା ଭାଇଚାରାକୁ ପ୍ରାଧାନ୍ୟ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ପାଠ୍ୟପୁସ୍ତକରୁ ମୋଗଲ ସାମ୍ରାଜ୍ୟକୁ ବାଦ୍ ଦେବା ଯଥାର୍ଥ ନୁହେଁ। ଅନ୍ୟପକ୍ଷରେ ମଣିଷ ଉପଦେଶରୁ କମ୍ ଶିଖେ, ମାତ୍ର ଭୁଲ୍‌କୁ ଦେଖି ସେଥିରୁ ଅଧିକ ଶିଖେ ବୋଲି ପଣ୍ଡା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ମଧ୍ୟ ଏନ୍‌ସିଇଆର୍‌ଟି ଦ୍ୱାରା କରାଯାଇଥିବା ପରିବର୍ତ୍ତନକୁ ଆପଣାଇବା ଆବଶ୍ୟକ ବୋଲି କହିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ପ୍ରାକ୍ତନ ଅଧ୍ୟକ୍ଷ ବାସୁଦେବ ଛାଟୋଇ। ତାଙ୍କ କହିବାନୁଯାୟୀ, ଆମକୁ ଯିଏ ଆକ୍ରମଣ କରିଥିଲା, ତାକୁ ଗୌରବାନ୍ୱିତ କରିବା ଇତିହାସ ଆମେ ପଢ଼ିବା ଉଚିତ ନୁହେଁ। କାରଣ ତାହାକୁ ପଢ଼ିବା ଦ୍ୱାରା ଆମ ସ୍ୱାଭିମାନକୁ କୁଠାରାଘାତ ହେବ। ବରଂ ଆମର ସ୍ୱାଭିମାନକୁ ଅକ୍ଷୁଣ୍ଣ ରଖିଥିବା ବ୍ୟକ୍ତିଙ୍କ ଇତିହାସ ଜାଣିବା ଦରକାର। ତେଣୁ ଏନ୍‌ସିଇଆର୍‌ଟି ପକ୍ଷରୁ ଇତିହାସ ପାଠ୍ୟପୁସ୍ତକରୁ ମୋଗଲ ସାମ୍ରାଜ୍ୟ ଅଧ୍ୟାୟକୁ ବାଦ୍ ଦିଆଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଛାଟୋଇ କହିଛନ୍ତି।

ଐତିହାସିକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ କହିଛନ୍ତି, ଇତିହାସ ହେଉଛି ସତ୍ୟର ପ୍ରତିଫଳନ। ତେଣୁ ଯାହା ଘଟିଛି ତାହାକୁ ଆମେ ସ୍ୱୀକାର କରିବା ଆବଶ୍ୟକ। ନିଜକୁ ସୁହାଇବା ଭଳି ତଥ୍ୟକୁ ରଖି ଅନ୍ୟକୁ ବାଦ୍ ଦେବା ଠିକ୍ ନୁହେଁ। ମୋଗଲ ସମ୍ରାଟ ଆକବର ଜଣେ ଭଲ ଶାସକ ଥିଲେ। ତାଙ୍କର ଧର୍ମନୀତି ସବୁ ଧର୍ମକୁ ସୁହାଉଥିଲା। ତାଙ୍କଦ୍ୱାରା ପ୍ରଣୀତ 'ଦିନ୍-ଇ-ଇଲାହୀ' ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା। କିଛି ସୁଲତାନ ହିନ୍ଦୁ ବିରୋଧୀ ଥିଲେ। ମାତ୍ର ତାହାର ଅର୍ଥ ନୁହେଁ, ସବୁ ମୋଗଲ ସମ୍ରାଟ ଭଲ ନୁହେଁ। ସେହିପରି ଇତିହାସ ଏକ ଚେନ୍ ସଦୃଶ। ଏଥିରୁ ଗୋଟିଏ ବିଷୟ ବି ବାଦ୍ ଦେଲେ ତାହାର ଲିଙ୍କ୍ କଟିଯିବ। ତେଣୁ ଇତିହାସ ଯାହା ରହିଛି ତାହାକୁ ପଢ଼ିବା ଦରକାର। ଭଲ ଓ ଖରାପ ଉଭୟ ବିଷୟ ସମ୍ପର୍କରେ ପିଲାମାନେ ଜାଣିବା ଆବଶ୍ୟକ ବୋଲି ପଟ୍ଟନାୟକ କହିଛନ୍ତି।

**ବ୍ଲକ ଉପାଧ୍ୟକ୍ଷଙ୍କ ଘରେ ଆୟକର ବିଭାଗ ଚଢାଉ**

ସୋର, ୩।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ବ୍ଲକ ଉପାଧ୍ୟକ୍ଷ ତଥା ବିଶିଷ୍ଟ ବ୍ୟବସାୟୀ ଭ୍ରମରବର ନାୟକଙ୍କ ମହୁମହାଣସ୍ଥିତ ଘର ଏବଂ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନରେ ସୋମବାର ସକାଳେ ଆୟକର ବିଭାଗ ତରଫରୁ ଚଢ଼ାଉ କରାଯାଇଛି। ନାୟକଙ୍କ ବାସଭବନ, ମା' କଲ୍ୟାଣ ମଣ୍ଡପ, ଗୋପାଳପୁରସ୍ଥ ବୃଦ୍ଧାଶ୍ରମ, ଦହିସଡ଼ାସ୍ଥିତ ମଡ଼ର୍ନ ହୋଟେଲରେ ଅଧିକାରୀମାନେ ଉପସ୍ଥିତ ରହି ଆୟ ସମ୍ପର୍କିତ ଯାଞ୍ଚ ଚଳାଇଛନ୍ତି। ୧୫ ଜଣରୁ ଅଧିକ ଅଧିକାରୀ ଏବଂ ପୋଲିସ ଏଥିରେ ସାମିଲ ହୋଇଛନ୍ତି।




# ଜାପାନ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ରାଜ୍ୟକୁ ବିଦେଶୀ ପୁଞ୍ଜିକୁ ଆକୃଷ୍ଟ କରିବା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଏକ ୫ ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଜାପାନ ଗସ୍ତ କରିଛି। ଏହି ପ୍ରତିନିଧି ଦଳରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ପୁନିଆ ସାମିଲ ହୋଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ ପାଣ୍ଡିଆନ୍ ଓ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ସାମିଲ ହୋଇଛନ୍ତି। ଇସ୍ପାତ୍, ଆଲୁମିନିୟମ୍, ଟେକ୍ସଟାଇଲ୍, ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପକୁ ନେଇ ଓଡ଼ିଶାର ଏକ ବ୍ୟବସାୟ ପ୍ରତିନିଧି ମଣ୍ଡଳୀ ଜାପାନରେ ବ୍ୟବସାୟୀଙ୍କ ସହ ଆଲୋଚନା କରିବ। ଟୋକିଓରେ ଆୟୋଜିତ ପୁଞ୍ଜି ନିବେଶକ ସମ୍ମିଳନୀରେ ଯୋଗଦେବା ସହ କ୍ୱିଟୋ ଏବଂ ଓସାକା ସହରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେବେ। ମୁଖ୍ୟମନ୍ତ୍ରୀ କେତେକ ସରକାରୀ ଓ ବ୍ୟବସାୟିକ ବୈଠକରେ ଭାଗନେବେ। ଓଡ଼ିଶାରେ ଜାପାନୀ ପୁଞ୍ଜିନିବେଶ ସମ୍ପର୍କରେ ବିଭିନ୍ନ ଉଦ୍ୟୋଗୀଙ୍କ ସହ ନବୀନ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ନୂଆ ଶିଳ୍ପନୀତି ଓ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଯୋଗାଇଥିବା ୱାନ୍ ପ୍ଲସ୍ ସୁବିଧା ସମ୍ପର୍କରେ ନିବେଶକାରୀଙ୍କୁ ବୁଝାଇବେ।



ସିଙ୍ଗାପୁର ଏୟାରପୋର୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

# ରାଜ୍ୟ ବାହାରେ ତଦନ୍ତ କରିବ କ୍ରାଇମବ୍ରାଞ୍ଚ

**କଟକ ଅଫିସ,୩।୪**

**ବଲାଙ୍ଗୀର ଜାଲ୍ ସାର୍ଟିଫିକେଟ୍ ମାମଲା**

- ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ ପାଇଁ ଯୋଜନା
- ଧରାପଡ଼ିଲେଣି ୧୯ ଅଭିଯୁକ୍ତ, ଅନ୍ୟମାନଙ୍କୁ ଖୋଜାଚାଲିଛି

ବଲାଙ୍ଗୀର ଜାଲ୍ ସାର୍ଟିଫିକେଟ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ନେବା ପରେ ଛାନ୍‌ଭିନ୍ ଆରମ୍ଭ କରିଛି। ସାଇବର ଏକ୍ସପର୍ଟଙ୍କ ସମେତ କ୍ରାଇମବ୍ରାଞ୍ଚର ୫ଜଣିଆ ଦଳ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ବଲାଙ୍ଗୀରରେ ଡେରା ପକାଇ ଜାଲ୍ ସାର୍ଟିଫିକେଟ ର‍୍ୟାକେଟ୍‌ର ଅଜ୍ଞାତ ତଥ୍ୟ ଉନ୍ମୋଚନ କରିବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ରାଜ୍ୟ ଭିତରେ ଓ ବାହାରେ ଏହି ଜାଲ୍ ସାର୍ଟିଫିକେଟ କାରବାରର ଚେର ଲମ୍ବି ଥାଇପାରେ ବୋଲି କ୍ରାଇମବ୍ରାଞ୍ଚ ଅନୁମାନ କରୁଛି। ତେଣୁ ଏକକାଳୀନ ଅନ୍ୟ ସ୍ଥାନଗୁଡ଼ିକରେ ଚଢ଼ାଉ କରିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରୁଛି। ଏଥିପାଇଁ ଏକାଧିକ ତଦନ୍ତକାରୀ ଦଳ ଗଠନ କରାଯିବ ବୋଲି ସୂଚନା ଦିଆଯାଇଛି। କ୍ରାଇମବ୍ରାଞ୍ଚ ଟିମ୍ ବଲାଙ୍ଗୀରରେ ଘଟଣାସ୍ଥଳ ପରିଦର୍ଶନ କରି ପୂର୍ବ ତଦନ୍ତକାରୀ ଅଧିକାରୀଙ୍କୁ ପଚରାଉଚରା କରିଛି। ଖୁବ୍‌ଶୀଘ୍ର ମାମଲାର ଅନାଲୋଚିତ ଦିଗ ଉପରୁ ପରଦା ହଟିବ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

କ୍ରାଇମବ୍ରାଞ୍ଚ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଟାଉନ୍ ଥାନା କେସ୍ ନଂ ୧୪୩/୨୬.୩.୨୦୨୩ର ଅଭିଯୋଗକାରୀ ରଜତ କୁମାର ନାଇକ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇର ଶିକାର ହୋଇଛନ୍ତି। ମାମଲାର ଅଭିଯୁକ୍ତ ବଲାଙ୍ଗୀରସ୍ଥିତ ରିଲାଏନ୍ସ ଏଜୁକେଶନାଲ କମ୍ପ୍ଲେକ୍ସର ମନୋଜ ମିଶ୍ର ଏବଂ ଆଲୋକ ଉଦ୍‌ଗାତା ତାଙ୍କୁ ଠକି ଏତେ ପରିମାଣର ଅର୍ଥ ହାତେଇ ନେଇଛନ୍ତି। ଏଇ ଦୁଇଜଣ ମଧ୍ୟ ବଲାଙ୍ଗୀର ଟାଉନ୍ ଥାନାର କେସ୍ ନଂ. ୧୪୧/୨୪।୩।୨୦୨୩ରେ ସଂଶ୍ଳିଷ୍ଟ ଅଛନ୍ତି।

କ୍ରାଇମବ୍ରାଞ୍ଚ ଉଭୟ ମାମଲାକୁ ହାତକୁ ନେଇ ଗତ ୧ ତାରିଖରୁ ତଦନ୍ତ ଜାରି ରଖିଛି।

ତେବେ ବର୍ତ୍ତମାନ ମାମଲା ୧୪୩/୨୩ର ଅଭିଯୋଗକାରୀ ସିନ୍ଧେକେଲା ଥାନା ଅଧୀନ ଚନ୍ଦୋତରାର ରଜତ କୁମାର ନାୟକ ୨୦୧୫ ମସହାରେ ଉପରୋକ୍ତ ୨ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ରଜତ ଏକ ଚାକିରି ପାଇଁ ମନୋଜ ଓ ଆଲୋକଙ୍କୁ ବିଭିନ୍ନ କିସ୍ତିରେ ୫ଲକ୍ଷ ଟଙ୍କା ଦେଇଥିଲେ। ଗତ ଫେବୃଆରୀରେ ଅଭିଯୁକ୍ତ ଦୁହେଁ ଗ୍ରାମୀଣ ଡାକସେବକ ଚାକିରି ନିମନ୍ତେ ଆବେଦନ କରିବାକୁ ରଜତଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ସେମାନେ ରଜତଙ୍କୁ ଉତ୍ତରପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦର ଏକ ଦଶମ ପାସ୍ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ସାର୍ଟିଫିକେଟ ଆଧାରରେ ସେ ଗ୍ରାମୀଣ ଡାକସେବକ ଚାକିରି ନିମନ୍ତେ ଆବେଦନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ସାର୍ଟିଫିକେଟ ଜାଲ୍ ବୋଲି ରଜତ ଜାଣିବାକୁ ପାଇଲେ। ଏନେଇ ସେ ଥାନାରେ ଏତଲା ଦେଇଥିଲେ।

ପୂର୍ବ ମାମଲା ନଂ. ୧୪୧/୨୩ରେ ବଲାଙ୍ଗୀର ଡାକ ଡିଭିଜନ୍‌ର ସୁପରିଣ୍ଟେଣ୍ଡେଣ୍ଟ ରାଜେନ୍ଦ୍ର କୁମାର ପଟ୍ଟନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ଗ୍ରାମୀଣ ଡାକସେବକ ନିଯୁକ୍ତି ନିମନ୍ତେ ଆବେଦନକାରୀଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ବେଳେ କିଛି ଜାଲିଆତି ଧରାପଡ଼ିଛି। ବଲାଙ୍ଗୀର ଡାକ ଡିଭିଜନ୍‌ର ୬୦ଜଣ ଆଶାୟୀଙ୍କ ମଧ୍ୟରୁ ୩୮ ଜଣ ଆଶାୟୀ ଦାଖଲ କରିଥିବା ଦଶମ ପାସ୍ ସାର୍ଟିଫିକେଟ୍ ଉତ୍ତରପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦର ଥିଲା। ଏହି ସାର୍ଟିଫିକେଟଗୁଡ଼ିକ ଜାଲ୍ ବୋଲି ସହଜରେ ଜାଣି ହେଉଥିଲା। ପ୍ରାଥମିକ ତଦନ୍ତରୁ ମନୋଜ, ଆଲୋକଙ୍କ ସମେତ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବଲାଙ୍ଗୀର ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଛି। ଏଥିସହ ନଗଦ ୩ ଲକ୍ଷ ୬୭ ହଜାର ୬୦୦ ଟଙ୍କା, ୪ଟି କମ୍ପ୍ୟୁଟର, ଗୋଟିଏ ଲାପ୍‌ଟପ୍, ୩ଟି ପ୍ରିଣ୍ଟର, ଗୋଟିଏ ସ୍କାନର, ଗୋଟିଏ ଜେରକ୍ସ ମେଶିନ୍, ଗୋଟିଏ ୨୫୦ ଜିବିର ଏକ୍ସଟରନାଲ ଡ୍ରାଇଭ, ୨ଟି ମୋବାଇଲ୍ ଫୋନ୍, ବିଭିନ୍ନ କଲେଜ/ୟୁନିଭରସିଟି/ ସରକାରୀ ଅଧିକାରୀଙ୍କ ନାମ ଥିବା ୩୩ଟି ରବର ଷ୍ଟାମ୍ପକୁ ଜବତ କରାଯାଇଛି।

## ଦୁଇ ସାକ୍ଷୀଙ୍କ ବୟାନ ରେକର୍ଡ

**ବଲାଙ୍ଗୀର ଅଫିସ, ୩।୪**

ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିବା ଜାଲ୍ ସାର୍ଟିଫିକେଟ୍ ମାମଲାର କ୍ରାଇମବ୍ରାଞ୍ଚସ୍ତରୀୟ ତଦନ୍ତ ସୋମବାର ତୃତୀୟ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ଟିମ୍ ଜାଲ୍ ସାର୍ଟିଫିକେଟ୍ ମାମଲାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅନୁସନ୍ଧାନ କରୁଛି। ମାମଲାର ଦୁଇ ପୀଡିତା ତଥା ସାକ୍ଷୀଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି। ଏହା ସହିତ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଅଭିଯୁକ୍ତଙ୍କ କୋଚିଂ ଅନୁଷ୍ଠାନ ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସକୁ ଯାଇ ଅନୁସନ୍ଧାନ କରିଛନ୍ତି। ଏଠାକାର ଷ୍ଟାଫ୍‌ଙ୍କ ସିଆରପିସି ୧୬୧ଧାରାରେ ବୟାନ ରେକର୍ଡ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରୁ କ୍ରାଇମବ୍ରାଞ୍ଚ ଟିମ୍ ଜାଲ୍ ସାର୍ଟିଫିକେଟ ମାମଲାର ଦୁଇ ପୀଡିତା ସୁବଳୟା ଭୁଏ ଏବଂ ରମଣୀ ନାଗଙ୍କୁ ବଲାଙ୍ଗୀର ସିଭିଲ କୋର୍ଟ ପରିସରକୁ ନେଇ ଯାଇଥିଲେ। ସେଠାରେ ଅପରାହ୍ଣ ୨ଟା ୩୦ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମଧ୍ୟ ଦୁଇ ପୀଡିତା ତଥା ଏହି ମାମଲାର ପ୍ରମୁଖ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇପାରି ନ ଥିଲା। ଏହାପରେ ଅପରାହ୍ଣ ପ୍ରାୟ ୫ଟାରେ ପୁଣି ଥରେ ଦୁଇ ସାକ୍ଷୀଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ କୋର୍ଟ ପରିସରକୁ ନେଇଥିଲେ। ସେଠାରେ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଉଭୟ ସାକ୍ଷୀଙ୍କ ୧୬୪ ବୟାନ ରେକର୍ଡ କରାଯାଇଥିଲା। ଏହି ବହୁଚର୍ଚ୍ଚିତ ଜାଲ ସାର୍ଟିଫିକେଟ ମାମଲା ପାଇଁ ଦୁଇ ସାକ୍ଷୀଙ୍କ ବୟାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ବୟାନ ରେକର୍ଡ କରିବା ପରେ କ୍ରାଇମବ୍ରାଞ୍ଚ ଏବେ ଅନ୍ୟ ଦିଗ ଉପରେ ତଦନ୍ତ କେନ୍ଦ୍ରୀଭୂତ କରିବ ବୋଲି ଜଣାପଡିଛି।

# କେନ୍ଦୁଝର ରାସମନ୍ଦିର ବଜାରରେ ଅଗ୍ନିକାଣ୍ଡ | ଜଳିଗଲା ୬୯ ଦୋକାନ

**କେନ୍ଦୁଝର, ୩।୪ (ସ୍ୱ.ପ୍ର.)**



ରାସ ମନ୍ଦିର ମାର୍କେଟ ଜଳୁଛି।

- ରାଜସ୍ୱ ବିଭାଗ ପକ୍ଷରୁ ୫ ଜଣିଆ ଟିମ୍ ଗଠିତ
- ମାର୍କେଟ୍‌ରେ ନ ଥିଲା ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥା

କେନ୍ଦୁଝର ସହର ରାସମନ୍ଦିର ବଜାର (ଡେଲି ମାର୍କେଟ)ରେ ସୋମବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ୬୯ଟି ଖୁଚୁରା ଦୋକାନ ପୋଡ଼ି ଛାରଖାର ହୋଇଯାଇଛି। ନିଆଁର ପ୍ରକୋପ ଏତେ ମାତ୍ରରେ ଥିଲା ଯେ, ଦୀର୍ଘ ୪ ଘଣ୍ଟା ଧରି ୨୦ ଫୁଟ୍ ଉଚ୍ଚରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଲୁଗା, ମସଲା, ବାସନ, ଝାଡ୍ରୁ, ଟେଲର, ଗ୍ରୋସେରୀ ସାମଗ୍ରୀ, ଷ୍ଟିଲ୍ ବାସନକୁସନ ଆଦି ପାଉଁଶ ହୋଇଯାଇଛି। ୬ଟି ଦମକଳ ଗାଡ଼ି ଲାଗି ନିଆଁ ଆୟତ୍ତ କରିବାରେ ସକ୍ଷମ ହୋଇଥିବା କେନ୍ଦୁଝର ଦମକଳ କେନ୍ଦ୍ରର ଷ୍ଟେଶନ ଅଫିସର ମନୋରଞ୍ଜନ ମହାନ୍ତ କହିଛନ୍ତି।

ସୂଚନା ଅନୁଯାୟୀ, ବଜାରରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କେନ୍ଦୁଝରର ଦୁଇଟି ଅଗ୍ନିଶମ ଗାଡ଼ି ପହଞ୍ଚିଥିଲା। ମାତ୍ର ନିଆଁ ପ୍ରକୋପ ଅଧିକ ଥିବାରୁ ପରେ ବାଂଶପାଳ, ପାଟଣା, ଝୁମ୍ପୁରା ଦମକଳ କେନ୍ଦ୍ର, ଏମ୍‌ଏସ୍‌ପି କାରଖାନାର ଦମକଳ ଗାଡ଼ି ନିୟୋଜନ କରାଯାଇଥିଲା। ପ୍ରାୟ ୩୫ଜଣ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ଦୀର୍ଘ ୪ଘଣ୍ଟା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। କେନ୍ଦୁଝର ଖବରପାଇ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ ପହଞ୍ଚି ବ୍ୟବସାୟୀଙ୍କୁ ସମବେଦନା ଜଣାଇଥିଲେ। ଜିଲାପାଳ ଆଶିଷ ଠାକ୍‌ରେ, ଉପଜିଲାପାଳ ରାମଚନ୍ଦ୍ର କିସ୍କଙ୍କ ସମେତ ବହୁ ପଦାଧିକାରୀ ପହଞ୍ଚି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ଆଦେଶକ୍ରମେ କ୍ଷୟକ୍ଷତି ଆକଳନ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ୫ ଜଣିଆ ଟିମ୍ ଗଠନ ହୋଇଛି।

# ଶିବମନ୍ଦିର ପରିସରରେ ମହିଳାଙ୍କ ଆତ୍ମହତ୍ୟା

**ନୟାଗଡ ଅଫିସ,୩।୪**

ନୟାଗଡ଼ ଜିଲା ଫତେଗଡ ଥାନା ଖଣ୍ଡପଡ଼ା ବ୍ଲକ ଯଦୁନାଥପୁର ଶାସନ ନିକଟବର୍ତ୍ତୀ ଗହୀର ମଧ୍ୟସ୍ଥ ଶ୍ରୀବାଲୁଙ୍କେଶ୍ୱର ମନ୍ଦିରରେ ଜଣେ ମହିଳା ଗୁହାରିଆ ପଡ଼ିଥିଲେ। ହେଲେ କୌଣସି କାରଣରୁ ସୋମବାର ମହିଳା ଜଣକ ମନ୍ଦିର ପରିସରସ୍ଥ ବଉଳ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶାନ୍ତି ଦାସ(୩୫)। ଘର ଖଣ୍ଡପଡ଼ା ଥାନା ଖଳିସାହି ପଞ୍ଚାୟତ ପୁଆଣିଆଁ ଗାଁରେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାପ୍ତ ସୂଚନା ଅନୁସାରେ, ପୁଆଣିଆଁ ଗାଁର ହୀନ ଦାସଙ୍କ ଝିଅ ଶାନ୍ତି ୩ ଦିନ ତଳେ ଶ୍ରୀବାଲୁଙ୍କେଶ୍ୱର ମନ୍ଦିରରେ ଗୁହାରିଆ ପଡ଼ିଥିଲେ। ମନ୍ଦିର ପୂଜକ ଠିକଣା ପଚାରିଥିଲେ ମଧ୍ୟ ସେ କହି ନ ଥିଲେ। ତେବେ ମୃତ୍ୟୁ ପରେ ପରିଚୟ ସ୍ପଷ୍ଟ ହୋଇଛି। ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଥିବା ଜଣାପଡିଛି।

# ୪ ଅଭିଯୁକ୍ତ କୋର୍ଟ ଚାଲାଣ

**କ୍ରିକେଟ ଖେଳ ବେଳେ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ନେଇ ହତ୍ୟା ଘଟଣା**

**କଟକ ଅଫିସ/ଚୌଦ୍ୱାର, ୩।୪(ଡି.ଏନ୍.ଏ.)**



୪ ଗିରଫ ଅଭିଯୁକ୍ତ ।

ଚୌଦ୍ୱାର ଥାନା ଅନ୍ତର୍ଗତ ମହିଷାଲଣ୍ଡା ଗ୍ରାମରେ କ୍ରିକେଟ ମ୍ୟାଚ୍ ବେଳେ ସଂଘଟିତ ହତ୍ୟା ଘଟଣାରେ ସୋମବାର ପୋଲିସ ୪ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ଗ୍ରାମର ସ୍ମୃତିରଞ୍ଜନ ରାଉତ ଓରଫ ମୁନ୍ନା (୨୧), ବାଦଲ ବେହେରା (୨୩), ସଞ୍ଜୟ ରାଉତ ଓରଫ ମୁଗୁନି (୩୬) ଓ ଟାଙ୍ଗୀ ତୁଳସୀପୁରର ସଂଗ୍ରାମ ଦାସ ଓରଫ ଜଗା (୨୨)। ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଗୋଟିଏ ମୋଟର ସାଇକେଲ ସମେତ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ବ୍ୟାଟ୍‌କୁ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ମୃତ ଯୁବକ ଲକି ରାଉତଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁସାରେ, ମହିଷାଲଣ୍ଡା ଗ୍ରାମରେ ବ୍ରହ୍ମପୁର ଓ ଶଙ୍କରପୁର ଗ୍ରାମ ମଧ୍ୟରେ ରବିବାର ଫାଇନାଲ କ୍ରିକେଟ ମ୍ୟାଚ୍ ଚାଲିଥିଲା। ଖେଳ ପରିଚାଳନା କରୁଥିବା ଅମ୍ପାୟାର ପ୍ରୀତିରଞ୍ଜନ ସାମଲଙ୍କ କ୍ୟାଚ୍ ଆଉଟ୍ ନିଷ୍ପତ୍ତିକୁ ନେଇ ବ୍ରହ୍ମପୁର ଟିମ୍‌ର ଖେଳାଳିମାନେ ପ୍ରୀତିରଞ୍ଜନଙ୍କ ସହିତ ଝଗଡ଼ା ଓ ଗଣ୍ଡଗୋଳ କରିଥିଲେ। ମ୍ୟାଚ୍ ଦେଖୁଥିବା ପ୍ରୀତିରଞ୍ଜନଙ୍କ ସମ୍ପର୍କୀୟ ଭାଇ ଲକି ପଡ଼ିଆ ଭିତରକୁ ପଶି ଗଣ୍ଡଗୋଳକାରୀଙ୍କୁ ବୁଝାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କ ଛାତିକୁ ଛୁରି ମାରିବା ସହ ବ୍ୟାଟ୍‌ରେ ବାଡ଼େଇ ଗୁରୁତର କରିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ କବଳରୁ ଲକିଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲକିଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତ ଜଗା ଦାସଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଥିଲେ। ଅନ୍ୟ ୩ ଜଣ ଫେରାର ହୋଇଥିଲେ। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ପୋଲିସ ତ୍ୱରିତ ପଦକ୍ଷେପ ନେଇ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

**ଲକିଙ୍କ ଶେଷକୃତ୍ୟ ସମ୍ପନ୍ନ**

ବ୍ୟବଚ୍ଛେଦ ପରେ ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଲକିଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏକମାତ୍ର ରୋଜଗାରକ୍ଷମ ପୁଅ ଲକିକୁ ହରାଇ ପରିବାରର ସଦସ୍ୟମାନେ ପାଗଳ ପ୍ରାୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଲକି ଜଣେ ମେଳାପି ଓ ପରୋପକାରୀ ପିଲା ହୋଇଥିବାରୁ ଗ୍ରାମର ଆବାଳ ବୃଦ୍ଧବନିତା ଶୋକାକୁଳ ପରିବେଶରେ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଗ୍ରାମରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଚୌଦ୍ୱାର ଥାନା ପକ୍ଷରୁ ଶ୍ମଶାନ ନିକଟ ଓ ଗ୍ରାମରେ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

# ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ସବ୍‌କମିଟି ଗଠିତ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି ପାଇଁ କ୍ୟାବିନେଟ୍ ସବ୍‌କମିଟି ଗଠନ କରାଯାଇଛି। ଏ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସବ୍‌କମିଟିରେ ରାଜସ୍ୱ ମନ୍ତ୍ରୀ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ସଦସ୍ୟ ଅଛନ୍ତି। ସବ୍ କମିଟି ବିଧାୟକଙ୍କ ଦରମା ବୃଦ୍ଧି ନେଇ ପରାମର୍ଶଦାତା କମିଟି ଦେଇଥିବା ସୁପାରିସ୍‌କୁ ଅନୁଧ୍ୟାନ କରିବ। ପରେ ଏହାର ଚୂଡ଼ାନ୍ତ ରିପୋର୍ଟ କମିଟି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଇବ। ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିବା ପରେ ଏହା ବିଲ୍ ଭାବେ ବିଧାନସଭାରେ ଉପସ୍ଥାପନ କରାଯିବ। ଏଠାରେ ସୂଚନାଯୋଗ୍ୟ, ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ବଢ଼ାଇବା ପାଇଁ ବିଧାୟକ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। କମିଟି ଇତିମଧ୍ୟରେ ଏହାର ସୁପାରିସ୍‌କୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ବିଧାନସଭା ସବ୍‌କମିଟି ଏହି ସୁପାରିସ୍‌କୁ ଅନୁଧ୍ୟାନ କରିବା ସହ ସରକାରଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ। ଦରଦାମ୍ ଓ ଆନୁଷଙ୍ଗିକ ଖର୍ଚ୍ଚ ବଢୁଥିବାରୁ ବିଧାୟକମାନଙ୍କୁ ଦିଆଯାଉଥିବା ଦରମା ଓ ଭତ୍ତା ବଢ଼ାଇବା ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି କରିବାକୁ ବିଧାନସଭାରେ ଦଳଗତ ନିର୍ବିଶେଷରେ ବିଧାୟକମାନେ ଦାବିକରି ଆସୁଛନ୍ତି। ଗତ ବଜେଟ ଅଧିବେଶନରେ ମଧ୍ୟ ଏହି ପ୍ରସଙ୍ଗ ନେଇ କଂଗ୍ରେସ ବିଧାୟକ ନରସିଂହ ମିଶ୍ର, ବିଜେଡି ବିଧାୟକ ଅମର ଶତପଥୀ, ଭାଜପା ବିଧାୟକ ମୋହନ ଚରଣ ମାଝି ପ୍ରମୁଖ ଦାବି କରିଥିଲେ। ଏହା ଉପରେ ଅନୁଧ୍ୟାନ କରିବାକୁ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଭାପୁର ବ୍ଲକ ଉପାଧ୍ୟକ୍ଷଙ୍କ ଘରେ ଆୟକର ଚଢ଼ାଉ

**ନୟାଗଡ଼ ଅଫିସ/ଭାପୁର, ୩।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକର ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ମାଲିକାନାରେ ଥିବା ସ୍ୱୟଂ ସଦାଶିବ ପ୍ରାଇଭେଟ ଲିମିଟେଡର ନିମାଣିସ୍ଥିତ କ୍ରଶର, ଫତେଗଡସ୍ଥିତ ବାସଭବନ, ଭୁବନେଶ୍ୱରସ୍ଥ କଳିଙ୍ଗ ବିହାର ବାସଭବନରେ ସୋମବାର ଚଢ଼ାଉ ହୋଇଛି। ଭୁବନେଶ୍ୱର ଆୟକର ବିଭାଗର ଏକ ୧୦ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। କ୍ରଶରର କିଛି କାଗଜପତ୍ର ଅଧିକାରୀମାନେ ଜବତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଚଢ଼ାଉ ସମୟରେ ଉପାଧ୍ୟକ୍ଷ ଅନୁପସ୍ଥିତ ରହିଥିଲେ। ପ୍ରକାଶଥାଉ କି ବେଣୁଧରଙ୍କ ମାଲିକାନାରେ ବହୁ ବ୍ୟବସାୟ ରହିଛି। ଜିଲାରେ କେତେଗୋଟି ବାଲିଘାଟ ଓ ଜିଲା ବାହାରେ ପଥର ଖଣି ଲିଜ୍‌ରେ ନେଇଥିବା ଜଣାପଡିଛି। ପୁଣି ନିକଟରେ ୩୨ ଏକରର ଏକ ଜମି କିଣା ଯାଇଥିବା ଜଣାପଡିଛି। ଆୟକର ଠକେଇ ଅଭିଯୋଗରେ ଚଢ଼ାଉ ହୋଇଛି ନା ଅନ୍ୟ କିଛି କାରଣରୁ କରାଯାଇଛି ସେ ନେଇ ବିଭାଗୀୟ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି।

# ବ୍ୟାଙ୍କ ନିକଟରୁ ବ୍ୟବସାୟୀଙ୍କଠୁ ୧୭.୫ ଲକ୍ଷ ଲୁଟ

**ଫୁଲବାଣୀ ଅଫିସ, ୩।୪**



ଲୁଟେରାମାନେ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଯାଉଥିବା ବେଳର ସିସିଟିଭି ଫୁଟେଜ।

କନ୍ଧମାଳ ଜିଲା ଫୁଲବାଣୀ ଆକ୍ସିସ ବ୍ୟାଙ୍କ ପାଖରୁ ସୋମବାର ଜଣେ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ୧୭ ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଶାସ୍କର ପାତ୍ର।

ଶାସ୍କର ଗ୍ରୋସରି ହୋଲ୍‌ସେଲ ବ୍ୟବସାୟ କରନ୍ତି। ଗତ ୩ ଦିନ ହେଲା ବ୍ୟାଙ୍କ ବନ୍ଦ ଥିଲା। ସୋମବାର ବ୍ୟାଙ୍କ ଖୋଲାଥିବାରୁ ପୂର୍ବାହ୍ନରେ ଶାସ୍କରଙ୍କ ଭାଇ ଅଶ୍ୱିନୀ ଏବଂ କର୍ମଚାରୀ ରମେଶ ପ୍ରଧାନ ଏକ ବ୍ୟାଗ୍‌ରେ ବ୍ୟବସାୟ ଟଙ୍କା ଜମା କରିବାକୁ ସ୍କୁଟିରେ ବ୍ୟାଙ୍କ ଯାଇଥିଲେ। ପ୍ରଥମେ ଷ୍ଟେଟ ବ୍ୟାଙ୍କରେ ଟଙ୍କା ଜମା କରିବା ପରେ ବାକି ଟଙ୍କା ଧରି ଆକ୍ସିସ୍ ବ୍ୟାଙ୍କକୁ ବାହାରିଥିଲେ। ବ୍ୟାଙ୍କଠାରୁ ମାତ୍ର ୨୦ରୁ ୩୦ ମିଟର ଦୂରରେ ଏକ ବାଇକ୍‌ରେ ୨ ଜଣ ଯୁବକ ପଛରୁ ଆସି ସ୍କୁଟିକୁ ଗୋଇଠା ମାରିଥିଲେ। ଫଳରେ ଟଙ୍କା ନେଇ ଯାଉଥିବା ବ୍ୟବସାୟୀ ଏବଂ କର୍ମଚାରୀ ତଳେ ପଡ଼ିଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ସରକୁଲାର ରୋଡ୍ ଦେଇ ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନ ଥାନା ଥାନାଧିକାରୀ ଅଶୋକ କୁମାର ଗିରି ବ୍ୟାଙ୍କ ଯାଇ ସିସିଟିଭି ଯାଞ୍ଚକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏ ଯାଏ ପୋଲିସ ଲୁଟେରାଙ୍କୁ ଠାବ କରିବାରେ ସକ୍ଷମ ହୋଇନାହିଁ। ଏ ନେଇ ଶାସ୍କର କୁହନ୍ତି, ଆମର କାହା ସହିତ ସେଭଳି କିଛି ଶତ୍ରୁତା ନାହିଁ। ଅପରପକ୍ଷେ ବିଗତ ଦିନରେ ଏଭଳି ଘଟଣା ସହରରେ ବହୁବାର ଘଟିଛି। ହେଲେ ପୋଲିସ କାହାରିକୁ ଧରିବାରେ ସଫଳ ହୋଇନାହିଁ।

# ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ: ଅଧ୍ୟାପକଙ୍କ ନାମରେ ମାମଲା

ସୋର, ୩।୪(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଏକ ମହାବିଦ୍ୟାଳୟରେ ପଢୁଥିବା ଜଣେ ଯୁକ୍ତ ୩ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀଙ୍କୁ ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଧାକାନ୍ତ ଦାସ ଅଶ୍ଳୀଳ ଇଙ୍ଗିତ କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କୁ ବିଭିନ୍ନ ଆଳ ଦେଖାଇ ଅସଦାଚରଣ କରିବା ସହ ମନ୍ଦ ଉଦ୍ଦେଶ୍ୟରେ ଅନ୍ୟ ଜାଗାକୁ ଯିବା ପାଇଁ ପ୍ରସ୍ତାବ ଦେବା ନେଇ ଅଭିଯୋଗ ହୋଇଛି। ଅଧ୍ୟାପକଙ୍କ ଏପରି ହୀନ ଆଚରଣ ପାଇଁ ପୀଡିତା ଛାତ୍ରୀ ନିୟମିତ ମହାବିଦ୍ୟାଳୟକୁ ଆସିପାରୁ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ସୋର ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ଖମାରୀଙ୍କୁ ପଚାରିବାରୁ ଛାତ୍ରୀଙ୍କ ଅଭିଯୋଗ ଅଧାରରେ ମାମଲା (ନଂ. ୧୯୧/୨୩) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।




"ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ- ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ- ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ- ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। -ଶ୍ରୀମା

# ତିଷ୍ଠିବା କଷ୍ଟକର

ମାତ୍ର ୫ ସେକେଣ୍ଡରେ ଘୂର୍ଣ୍ଣିଝଡ଼ କେତେ କ୍ଷତି ଘଟାଇପାରେ ଆମେରିକାର ମିସିସିପି ଓ ଆଲବାମାରେ ତାହାର ଚିତ୍ର ଦେଖିବାକୁ ମିଳିଛି। ୨ ଏପ୍ରିଲ ଗୋଟିଏ ଦିନରେ ୧୦ଟି ଟର୍ନାଡୋ ଆସି ଭୟଙ୍କର ସ୍ଥିତି ସୃଷ୍ଟି କରିବା ପରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ୨,୬୦୦ ଘର ଭାଙ୍ଗିଯାଇଛି, ଅସଂଖ୍ୟ ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ସେବା ଘୋର ବାଧାପ୍ରାପ୍ତ ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଲାଗି ସମ୍ପୃକ୍ତ ଅଞ୍ଚଳରେ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଛି। ବିଗତ କିଛି ବର୍ଷ ହେବ ବିଶେଷକରି ଆମେରିକା ଓ ୟୁରୋପୀୟ ମହାଦେଶରେ ହିଟ୍ ୱେଭ୍, ଜଙ୍ଗଲ ନିଆଁ, ପ୍ରଚୁର ପରିମାଣର ବରଫପାତ ଏବଂ କ୍ରାନ୍ତୀୟ ଘୂର୍ଣ୍ଣିବାତ୍ୟା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେବଳ ବିଶ୍ୱତାପନ ବୃଦ୍ଧିଜନିତ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରକୃତିର ଅସ୍ୱାଭାବିକ ରୂପ ଦେଖିବାକୁ ମିଳୁଛି। ଯଦି କୌଣସି ଭୌଗୋଳିକ ଅଞ୍ଚଳରେ ବର୍ଷା ହେଉଛି ତ କିଛି ଦିନ ଧରି ସେଠାରେ ଜଳପ୍ଳାବନ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ଆଫ୍ରିକୀୟ ମହାଦେଶର କେତେକ ରାଷ୍ଟ୍ରରେ ବର୍ଷାଭାବ ଯୋଗୁ ବିସ୍ତୀର୍ଣ୍ଣ ଇଲାକା ମରୁଭୂମି ପାଲଟିଲାଣି। ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍ଓ) ଆକଳନ ଅନୁଯାୟୀ ବିଗତ ୫୦ ବର୍ଷ ମଧ୍ୟରେ ଜଳବାୟୁ ଓ ପାଣିପାଗ ସମ୍ବନ୍ଧୀୟ ପ୍ରାକୃତିକ ବିପର୍ଯ୍ୟୟ ୫ ଗୁଣା ବୃଦ୍ଧି ପାଇଛି। ପ୍ରକୃତିର ବିଚିତ୍ର ପ୍ରଭାବ ଭାରତୀୟମାନେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଦେଖିଆସୁଛନ୍ତି। ଏବେ ଏହାର ତୀବ୍ରତା ବ୍ୟକ୍ତି ତା' ଆଖପାଖରେ ଅନୁଭବ କଲାଣି। ଓଡ଼ିଶା ଚଳିତବର୍ଷ ମାସେରୁ ଅଧିକ ସମୟ ଧରି ଗୋଟେ ପଶ୍ଚିମା ଝଡ଼ର ଲଗାତର ସମ୍ମୁଖୀନ ହୋଇଚାଲିଛି। ଫଳରେ ଖରାଦିନରେ ପ୍ରବଳ ବର୍ଷା ଓ ଝଡ଼ର ପ୍ରଭାବ ଅନେକ ଅଞ୍ଚଳରେ ଅନୁଭୂତ ହୋଇଛି। ଏଇ କିଛି ଦିନ ଧରି ଯେଉଁଭଳି ଭାବେ ଅଦିନିଆ କଚଡ଼ା ବର୍ଷା ହେଲା ଲୋକେ କୁହାକୁହି ହେଲେ ଯେମିତି ବର୍ଷାଋତୁ ଆସିଯାଇଛି। ଋତୁକାଳୀନ ଶସ୍ୟ ସହ ପନିପରିବା ନଷ୍ଟ ଯୋଗୁ ଏହାର ଦରବୃଦ୍ଧି ଲୋକଙ୍କ ଆର୍ଥିକ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଲାଣି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଭୀଷଣ ଗରମ ଅନୁଭୂତ ହେବ ବୋଲି ଆକଳନ କରାଯାଉଥିବା ବେଳେ ବର୍ଷା ପରିମାଣ ବଢ଼ିବା ନିଶ୍ଚିତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଘଟୁଛି ବୋଲି କହିହେବ।

**ଆରାମ ଜୀବନ ଆଗକୁ ଆହୁରି ଦୁଃଖ ଆଣିଦେବା ଥୟ। ପୃଥିବୀର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଚିତ ଆମେରିକା ପ୍ରକୃତିର ପରିବର୍ତ୍ତନ ଯୋଗୁ ଯେଉଁ ବିପଦର ସମ୍ମୁଖୀନ ହୋଇଛି, ତାହା ସବୁ ରାଷ୍ଟ୍ରକୁ ସଚେତନ କଲା ଭଳି ବାର୍ତ୍ତା ଦେଉଛି। ନିଷ୍ଠାର ସହ ପ୍ରକୃତି ଓ ପରିବେଶ ବଞ୍ଚାଇବାର ପ୍ରୟାସ ନ ହେଲେ ତିଷ୍ଠିବା କଷ୍ଟକର ହୋଇପଡ଼ିବ।**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଜୀବସତ୍ତା ପ୍ରତି ବିପଦ ସୃଷ୍ଟି କରୁଥିବାର ଅସଂଖ୍ୟ ପ୍ରମାଣ ମିଳିଛି। ଲୋକେ ତାହାକୁ ପ୍ରତ୍ୟକ୍ଷ ମଧ୍ୟ କରୁଛନ୍ତି। ଇଜିପ୍ଟର ଶର୍ମ ଏଲ୍ ଶେଖ୍‌ରେ ଅନୁଷ୍ଠିତ ହୋଇଯାଇଥିବା ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ବିଶ୍ୱ ସମ୍ମିଳନୀ କପ୍ ୨୭ଠାରୁ ଆରମ୍ଭ କରି ସ୍ଥାନୀୟ ସ୍ତରରେ ଏହାର ମୁକାବିଲା ଲାଗି ପର୍ଯ୍ୟାପ୍ତ ଆଲୋଚନା ହେଉଛି। ସବୁ ସ୍ତରରେ ଉଚିତ ପଦକ୍ଷେପ ନିଆଯାଇପାରୁ ନ ଥିବାରୁ ସ୍ଥିତିରେ ପରିବର୍ତ୍ତନ ଆସିପାରୁ ନାହିଁ। ଅଳ୍ପ ବୟସର ହେଲେ ମଧ୍ୟ ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ଏହି ଅସଙ୍ଗତିକୁ ଅନୁଭବ କରିବା ପରେ କପ୍ ୨୭ରେ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କଲେ। ଯେତେବେଳେ ଗୋଟେ ଚଡ଼କ ପଡ଼ି ସାରିଲାଣି ଓ ମୁଣ୍ଡ ଉପରେ ଏକାଧିକ ଚଡ଼କ ଚକ୍କର କାଟୁଛନ୍ତି, ସେତେବେଳେ ଯୋଜନା ଓ ଆଲୋଚନା ସ୍ତରରେ ଅଟକି ରହିବା ଅର୍ଥ ବିପଦକୁ ବରଣ କରିବା। ପ୍ରତ୍ୟେକ ବ୍ୟକ୍ତି ଆହ୍ୱାନ ବା କାର୍ଯ୍ୟାନ୍ୱୟନ ସ୍ତରରେ ପହଞ୍ଚି ତତ୍‌କ୍ଷଣାତ୍ ପଦକ୍ଷେପ ନେବା ଦରକାର। ସବୁଜ ଗୃହ ବାଷ୍ପ (ଗ୍ରୀନ୍ ହାଉସ୍ ଗ୍ୟାସ) ଉତ୍ସର୍ଜନ ବୃଦ୍ଧି ଜୀବଜଗତ ପାଇଁ ଅସହ୍ୟ ହେଇପଡ଼ିଲାଣି। ପ୍ରାକ୍-ଶିଳ୍ପ ବିପ୍ଳବଠାରୁ ଆମେ ୧.୧ ଡିଗ୍ରୀ ସେଲ୍‌ସିୟସ୍ ଟପିଗଲୁଣି। ତେବେ ବିଶ୍ୱର ହାରାହାରି ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହାଇଟ୍ ସହ ସମକକ୍ଷ) ଭିତରେ ରଖିବା ଆମ ହାତମୁଠାରେ ଅଛି। କିନ୍ତୁ ଏହା କଠିନ ହେବାକୁ ଯାଉଛି, କାରଣ ସୁଯୋଗର ସବୁ ବାତାୟାନକୁ ଆମେ ଯେପରି ବନ୍ଦ କରିଦେଉଛେ। ଉଦାହରଣ ସ୍ୱରୂପ, ଜୀବାଶ୍ମ ଇନ୍ଧନ ବଦଳରେ ସ୍ୱଚ୍ଛ ଶକ୍ତି ହାସଲ କରିବାରେ ସେଭଳି ସକ୍ଷମ ହୋଇପାରୁନେ। କାର୍ବନ ନିର୍ଗମନ ହ୍ରାସ ଓ ସବୁଜ ଶକ୍ତି ବୃଦ୍ଧି ଭଳି କାର୍ଯ୍ୟକ୍ରମ ପାଇଁ ଗରିବ ଦେଶକୁ ପାଣ୍ଠି ଯୋଗାଇବାରେ ଧନୀ ରାଷ୍ଟ୍ରଗୁଡ଼ିକ ଅବହେଳା ପ୍ରଦର୍ଶନ କରିବାଠାରୁ ଆରମ୍ଭ କରି ମନୁଷ୍ୟକୃତ ଯାବତୀୟ ନକାରାତ୍ମକ କାର୍ଯ୍ୟ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ବାଧା ସୃଷ୍ଟି କରୁଛି। ଭାଷଣରେ ଅଙ୍ଗାରକ କମ୍ କରିବା ଲାଗି କହୁଥିବା ବ୍ୟକ୍ତି ନିଜ ଜୀବନରେ ତାହାକୁ ଅନୁପାଳନ କରିବାରେ ଯେମିତି ଅନିଚ୍ଛୁକ। ଆରାମ ଜୀବନ ଆଗକୁ ଆହୁରି ଦୁଃଖ ଆଣିଦେବା ଥୟ। ପୃଥିବୀର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଚିତ ଆମେରିକା ପ୍ରକୃତିର ପରିବର୍ତ୍ତନ ଯୋଗୁ ଯେଉଁ ବିପଦର ସମ୍ମୁଖୀନ ହୋଇଛି, ତାହା ସବୁ ରାଷ୍ଟ୍ରକୁ ସଚେତନ କଲା ଭଳି ବାର୍ତ୍ତା ଦେଉଛି। ନିଷ୍ଠାର ସହ ପ୍ରକୃତି ଓ ପରିବେଶ ବଞ୍ଚାଇବାର ପ୍ରୟାସ ନ ହେଲେ ତିଷ୍ଠିବା କଷ୍ଟକର ହୋଇପଡ଼ିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | | | | | | |
| | 7 | | | | | 3 | 8 | 9 |
| | 2 | | | | | | | |
| | | 6 | | | 8 | | | 1 |
| | | | | | 2 | | 9 | 4 |
| | | | | 3 | | | | 8 |
| 7 | | | 5 | | | | | |
| | | | | | | | | 6 |
| 8 | 1 | | | | | 5 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହିଭଳି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 7 | 9 | 4 | 2 | 5 | 3 | 1 |
| 1 | 4 | 9 | 7 | 3 | 5 | 8 | 2 | 6 |
| 3 | 5 | 2 | 8 | 1 | 6 | 4 | 7 | 9 |
| 7 | 3 | 6 | 2 | 5 | 8 | 1 | 9 | 4 |
| 9 | 1 | 5 | 3 | 7 | 4 | 6 | 8 | 2 |
| 8 | 2 | 4 | 6 | 9 | 1 | 7 | 5 | 3 |
| 5 | 9 | 3 | 4 | 6 | 7 | 2 | 1 | 8 |
| 2 | 6 | 1 | 5 | 8 | 3 | 9 | 4 | 7 |
| 4 | 7 | 8 | 1 | 2 | 9 | 3 | 6 | 5 |

ଗତକାଲିର ଉତ୍ତର

# ଖାଦ୍ୟରେ ରାସାୟନିକ ବିଷ



ଡ. ବିଜୟକେତନ ପଟ୍ଟନାୟକ

୨୦୦୭ ମସିହାରେ ମୁଁ ରାଜ୍ୟ ସରକାରଙ୍କ ପରିବେଶ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ଥାଏ ଏବଂ ସେହି ସୂତ୍ରରେ କୋରାପୁଟ ଜିଲାସ୍ଥିତ ସୁନାବେଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା 'ଇକୋ କ୍ଲବ୍' ପରିଦର୍ଶନରେ ଯାଇଥାଏ। ମୋ ଅବଗତି ନିମନ୍ତେ ଇକୋ କ୍ଲବ ସମ୍ପର୍କିତ ଆୟୋଜିତ କାର୍ଯ୍ୟକ୍ରମ ମଧ୍ୟରୁ ଛାତ୍ରୀମାନଙ୍କ ଭିତରେ ବକ୍ତୃତା ପ୍ରତିଯୋଗିତା ଥିଲା ଅନ୍ୟତମ। ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀର ଛାତ୍ରୀ ଯିଏକି 'ହାଲ୍' ଟାଉନଶିପରେ ନିଜ ପିତାମାତାଙ୍କ ସହ ରୁହନ୍ତି, ବକ୍ତୃତା ଦେବା ଅବସରରେ ଯେଉଁ ଦୁଇଟି ମୂଳବିନ୍ଦୁ ଉତ୍‌ଥାପନ କରିଥିଲେ, ଦୀର୍ଘ ୧୫ ବର୍ଷ ପରେ ତାହା ଏବେ ବି ମୋର ମନେରହିଛି। ବକ୍ତବ୍ୟର ପ୍ରଥମ ବିନ୍ଦୁଟି ଥିଲା- 'ଆମେ ଘରେ ମା'ମାନଙ୍କୁ କହିବୁ, ବାପା ବଜାରକୁ ସଉଦା ବା ପରିବାପତ୍ର ଆଣିବାକୁ ଗଲା ବେଳେ ସେମାନେ ଯେପରି ତାଙ୍କ ହାତରେ କନା ବା ଝୋଟରୁ ପ୍ରସ୍ତୁତ ବ୍ୟାଗ୍‌ଟିଏ ଧରାଇଦେବେ। ତା'ହେଲେ ଦୋକାନୀ ସେମାନଙ୍କୁ ପଲିଥିନ ମୁଣାରେ ଜିନିଷ ଦେବ ନାହିଁ ଏବଂ ବ୍ୟବହାର ପରେ ଫିଙ୍ଗିଦେବା କାରଣରୁ ବର୍ଷ ବର୍ଷ ଧରି କ୍ଷୟ ନ ହେଉଥିବା ଯୋଗୁ ରାସ୍ତାଘାଟରେ ପଲିଥିନ ଆବର୍ଜନା ବୃଦ୍ଧି ପାଇବ ନାହିଁ। ତାଙ୍କ ବକ୍ତବ୍ୟର ଦ୍ୱିତୀୟ ବିନ୍ଦୁଟି ଥିଲା- 'ବାପାଙ୍କୁ ମନା କରିବ, ବଜାରରୁ ଅଦିନିଆ ପରିବାପତ୍ର ଆଣିବେ ନାହିଁ। ପରେ ପରେ ଛାତ୍ରୀ ଜଣକ ନିଜେ ବୁଝାଇ ଦେଲେ ଆଜିକାଲି ବଜାରରେ ସବୁଦିନେ ସବୁ ପ୍ରକାର ପରିବା ମିଳୁଛି। ଖରାଦିନିଆ ପରିବା ପୋଟଳ ଶୀତଦିନେ ମିଳୁଛି। ଶୀତଦିନେ ହେଉଥିବା ଫୁଲକୋବି, ବନ୍ଧାକୋବି ଖରାଦିନେ ମଧ୍ୟ ମିଳୁଛି। ବିଲାତି ବାଇଗଣ ବର୍ଷ ସାରା ମିଳୁଛି। ଅଦିନିଆ ପରିବା ସବୁ ବଜାରକୁ ଆସିବା ପୂର୍ବରୁ ଶୀତଳ ଭଣ୍ଡାରରେ ସାଇତା ହୋଇ ରଖାଯାଇଥାଏ। ସେ ଗୁଡ଼ିକୁ ତାଜା ରଖିବା ପାଇଁ 'ପ୍ରିଜରଭେଟିଭ' ବା ସଂରକ୍ଷକ ଏବଂ ପଚନ ପ୍ରତିରୋଧକ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଇଥାଏ। ଫଳତଃ ପନିପରିବାରେ ରାସାୟନିକ ଛିଟାର କିୟଦଂଶ ମହଜୁଦ ରହିଥାଏ। ଖାଇବା ସମୟରେ ତାହା ଶରୀରକୁ ପ୍ରବେଶକରି ସ୍ୱାସ୍ଥ୍ୟହାନି ଘଟାଏ। ଆମ ଦେଶରେ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବା ପାଇଁ ୧୯୬୦ରେ କୃଷି ବିପ୍ଳବ ଆରମ୍ଭ ହୋଇଥିଲା; ଯାହା 'ସବୁଜ ବିପ୍ଳବ' ନାମରେ ପରିଚିତ। କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ ଏହାର ପ୍ରବର୍ତ୍ତକ। ଦେଶରେ କୃଷି ଉତ୍ପାଦନ ବଢ଼ାଇବା ପାଇଁ ଅଧିକ ଅମଳକ୍ଷମ ବିହନ ବ୍ୟବହାର, ବ୍ୟାପକ ଜଳସେଚନ, ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର କରାଗଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ସବୁଜ ବିପ୍ଳବର ସଫଳ ମଧ୍ୟ ଆମକୁ ମିଳିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଏହାଦ୍ୱାରା ଲାଭ ଅପେକ୍ଷା ଅଧିକ କ୍ଷତି ହେଉଛି। ଏବେ ସବୁଜ ଯୁଗ ସମାପ୍ତିର ବେଳ ଆସିଛି। ୨୦୨୩ ଆର୍ଥିକ ବର୍ଷ ବଜେଟରେ ପ୍ରସ୍ତାବିତ ପ୍ରାକୃତିକ କୃଷି ଜାତୀୟ ମିଶନର ଆଭିମୁଖ୍ୟ ହେଲା କୃଷିକ୍ଷେତ୍ରରେ କୌଣସି ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ନ କରିବା। ଡିଡିଟି ଓ ଆଲ୍‌ଡ୍ରିନ ଭଳି କୀଟନାଶକର ବ୍ୟବହାର ଅନେକ ଦିନରୁ (୧୯୭୪ପରଠାରୁ) ଆମ ଦେଶରେ ବନ୍ଦ ହୋଇଯାଇଥିଲେ ମଧ୍ୟ ସମ୍ପ୍ରତି ଶସ୍ୟକ୍ଷେତ୍ରରେ ବହୁଳ ବ୍ୟବହୃତ କୀଟନାଶକ ହେଉଛି ବିଏଚ୍‌ସି। କୌଣସି କୀଟନାଶକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଗଲା ପରେ ତାହା ସମ୍ପୂର୍ଣ୍ଣ ରୂପେ କ୍ଷୟ ହୁଏ ନାହିଁ ବା ମନ୍ଥର ଗତିରେ କ୍ଷୟପ୍ରାପ୍ତ ହୁଏ। କୃଷିଜାତ ଦ୍ରବ୍ୟ ଜରିଆରେ ଶାକାହାରୀ ପ୍ରାଣୀ ଏବଂ ଖାଦ୍ୟଶୃଙ୍ଖଳର ଶୀର୍ଷରେ ଥିବା ମନୁଷ୍ୟ ଶରୀରରେ ଏହି ବିଷାକ୍ତ ଅବଶିଷ୍ଟାଂଶର ଜୈବିକ ଅଭିବୃଦ୍ଧି ଘଟିଥାଏ। ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିଥାଏ।



ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ବୃଦ୍ଧି ପାଇଁ ବ୍ୟବହାର କରାଯାଉଥିବା ଅପ୍ରାକୃତିକ, ସଂଶ୍ଲେଷିତ ତଥା ସିନ୍ଥେଟିକ ସାର, ପୋକ ଦାଉରୁ ରକ୍ଷାକରିବା ପାଇଁ ବ୍ୟବହାର କରାଯାଉଥିବା କୀଟନାଶକ ଏବଂ ପନିପରିବାକୁ ସଂରକ୍ଷଣ କରିବା ନିମନ୍ତେ ଦିଆଯାଉଥିବା ସଂରକ୍ଷକ କେତେକାଂଶରେ ବିଷାକ୍ତ। ଏସବୁ ବିଷମିଶ୍ରିତ ଖାଦ୍ୟଶସ୍ୟ ଓ ପନିପନିବାର ବ୍ୟବହାରକରି ମନୁଷ୍ୟର ଜୀବନ ସମ୍ଭାବନା ମଧ୍ୟ ହ୍ରାସପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଖାଦ୍ୟଶସ୍ୟ, ଡାଲିଜାତୀୟ ଶସ୍ୟ, ଦୁଗ୍ଧ ଅଣ୍ଡା ଓ ମାଂସ ଆଦିର ନମୁନା ନିଆଯାଇ ବିଶ୍ଳେଷଣ ଏବଂ ଅନୁଶୀଳନ କରାଯାଇଥିଲା। ଦେଖାଗଲା ଶତକଡ଼ା ୫୦ ଭାଗରୁ ଅଧିକ ନମୁନାରେ ରାସାୟନିକ ବିଷର ଅବଶେଷ ରହିଛି ଓ ସେଥିରୁ ଶତକଡ଼ା ୩୦ ଭାଗ ସହଜ ସୀମାଠାରୁ ଅଧିକ। ଭାରତୀୟ କୃଷି, ଗବେଷଣା ପରିଷଦର ପ୍ରଦତ୍ତ ତଥ୍ୟ ମୁତାବକ ଅନେକତ୍ର ତଟକା ପନିପରିବାରେ ମଧ୍ୟ ପ୍ରୟୋଗ ହୋଇଥିବା ବିଷାକ୍ତ କୀଟନାଶକର ରହିଯାଇଥିବା ଅବଶେଷ ମନୁଷ୍ୟର ସହଜ ସୀମାଠାରୁ ୨୦ ଗୁଣ ଅଧିକ। କୋବି, ଟମାଟୋ, ଭେଣ୍ଡି, ବାଇଗଣ କୌଣସିଟି ଏଥିରୁ ମୁକ୍ତ ନୁହେଁ। କୋବି, ବନ୍ଧାକୋବି, ବାଇଗଣ ଆଦି ପରିବାର ଆକୃତି ବୃଦ୍ଧି କରିବା ନିମନ୍ତେ ହାଇବ୍ରିଡ୍ ବିହନ ବ୍ୟବହାର କରିବା ସହିତ 'ଅକ୍ସିଟୋସିନ' ଇଞ୍ଜେକ୍ସନ ମଧ୍ୟ ଦିଆଯାଉଛି। ଅକ୍ସିଟୋସିନ ଇଞ୍ଜେକ୍ସନ ମଧ୍ୟ ଅଧିକ କ୍ଷୀର ଦେବା ପାଇଁ ଗାଈକୁ ଦିଆଯାଇଥାଏ। ଅଧିକ ଅଣ୍ଡା ଦେବା ପାଇଁ କୁକୁଡ଼ାକୁ ଦିଆଯାଏ। ତରଭୁଜକୁ ଅଧିକ ମିଠା ଓ ଲାଲ କରିବା ପାଇଁ ଅକ୍ସିଟୋସିନ୍ ସାକାରିନ ଇଞ୍ଜେକ୍ସନ ଦିଆଯାଇଥାଏ। ଆମ୍ବ ଓ କଦଳୀକୁ ଶୀଘ୍ର ପାଚିବା ପାଇଁ କାର୍ବାଇଡ୍ ଦିଆଯାଏ। ଫଳ ଶୁଖି ନ ଯିବା ପାଇଁ ଏବଂ ଚିକ୍କଣ ତଟକା ଦେଖାଯିବା ନିମନ୍ତେ ଏହା ଉପରେ 'ୱାକ୍ସ' ବୋଳାଯାଏ। ଆମେରିକାର ଏକ ରିସର୍ଚ୍ଚ ରିପୋର୍ଟରେ ଦର୍ଶାଯାଇଛି, କୃତ୍ରିମ ଏବଂ ଅଣ ଅନୁମୋଦିତ ରଙ୍ଗ, ରାସାୟନିକ ସୁଗନ୍ଧି ଓ କୋକେନ୍ ଆଦି ପଦାର୍ଥ ବଜାରରେ ମିଳୁଥିବା ପାନୀୟ, ଫଳରସ, ଚକୋଲେଟ୍ ଓ ଆଇସକ୍ରିମ୍ ଆଦିରେ ଯେଭଳି ମିଶାଯାଉଛି ତାହା ପିଲାମାନଙ୍କର ମାନସିକ ଅସ୍ଥିରତା ଓ ଅତ୍ୟଧିକ ଚଞ୍ଚଳତାର କାରଣ।

ଭାରତୀୟ ମାର୍କେଟରେ ମିଳୁଥିବା ବିଭିନ୍ନ ବ୍ରାଣ୍ଡର କ୍ଷୀର ହିଁ ସବୁଠାରୁ ଅଧିକ ଅପମିଶ୍ରିତ ବୋଲି ଆମର 'ଫୁଡ୍ ସେଫ୍ଟି ଓ ଷ୍ଟାଣ୍ଡାର୍ଡ ଅଥରିଟି'ର ୨୦୧୨ରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଅପମିଶ୍ରିତ କ୍ଷୀରରେ ଚକ୍ ପାଉଡର, ୟୁରିଆ ଓ କଷ୍ଟିକ୍ ସୋଡ଼ା ମିଶିଥାଏ। କ୍ଷୀରକୁ ବହଳିଆ କରିବା ପାଇଁ ଏବଂ ସେଥିରେ ପ୍ରୋଟିନ୍ ବା ପୁଷ୍ଟିସାରର ଉପସ୍ଥିତ ଦର୍ଶାଇବା ନିମନ୍ତେ ପାଣି ମିଶ୍ରିତ କ୍ଷୀରରେ 'ମେଲାମାଇନ' ନାମକ ଏକ ଯବକ୍ଷାର ଜାତୀୟ ଯୌଗିକ ବ୍ୟବହାର କରାଯାଇଥାଏ। ୨୦୧୮ରେ କିଛି ସମ୍ବାଦପତ୍ରରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତରେ ବିକ୍ରି କରାଯାଉଥିବା ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟରୁ ୬୮.୭ ପ୍ରତିଶତ ଅପମିଶ୍ରିତ। କାରଣ ଦେଶରେ ମାତ୍ର ୧୪ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ବେଳେ ଖର୍ଚ୍ଚ ହେଉଛି ୬୪ କୋଟି ଲିଟର। ତେଲ ଓ ବନସ୍ପତିରେ ମଧ୍ୟ କୃତ୍ରିମ ରସାୟନିକ ସୁଗନ୍ଧି ଓ ରଙ୍ଗ ମିଶାଇ ଏହାକୁ ଖାଣ୍ଟି ସୋରିଷ ତେଲ ବା ଖାଣ୍ଟି ଗୁଆଘିଅ ବୋଲି ପ୍ରତିପାଦିତ କରାଯାଉଛି।

ଶିଶୁମାନଙ୍କ ପାଇଁ ମିଳୁଥିବା 'ବେବି ଫୁଡ୍' ବା ପ୍ୟାକେଟରେ ମିଳୁଥିବା ଦୁଗ୍ଧ କିପରି ଅପମିଶ୍ରିତ ନ ହେବ, ସେଥିପାଇଁ ଖାଦ୍ୟ ଅପମିଶ୍ରଣ ପ୍ରତିକାର ନିୟମ, ୧୯୫୫ରେ ଯଥେଷ୍ଟ ପ୍ରାବଧାନ ରହିଛି। ତେବେ ବି ୨୦୧୮ ଏପ୍ରିଲରେ କେରଳର କୋଚିରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିସାର ପାଉଡର, ବାସି ଚକୋଲେଟ୍ ଜବତ କରାଯାଇଥିଲା। ମହାରାଷ୍ଟ୍ରରେ ମଧ୍ୟ ବୋତଲରେ ସିଲ୍‌କରି ବିକ୍ରି କରାଯାଉଥିବା ଦୁଗ୍ଧରେ ସହନ ସୀମାଠାରୁ ଅଧିକ କୀଟନାଶକ ରାସାୟନିକ ପଦାର୍ଥର ଉପସ୍ଥିତି ଜଣାପଡ଼ିଥିଲା। ଫାଷ୍ଟ ଫୁଡ୍ 'ମାଗି'ରେ ସ୍ୱାଦ ଆଣିବା ପାଇଁ 'ମନୋ ସୋଡିୟମ୍ ଗ୍ଲୁଟାମେଟ୍' ବ୍ୟବହାର କରାଯାଇଥାଏ, ଯାହା ସ୍ନାୟୁ ଉତ୍ତେଜକ। ପାଉଁରୁଟି, କେକ୍ ପ୍ରଭୃତିରେ ଫଙ୍ଗସ ନ ହେବା ପାଇଁ 'ସୋଡିୟମ' ମିଶ୍ରଣ କରାଯାଇଥାଏ। ଯେକୌଣସି ପ୍ରକାର ସୋଡିୟମ ମିଶ୍ରଣ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏମିତି ଦେଖିବାକୁ ଗଲେ ଆମେ ଆଜିର ଦିନରେ ଯାହା ସବୁ ଖାଉଛେ ଯଥା: ଧାନ, ଗହମ ବା ବିରି, ମୁଗ ପରି ଡାଲି ଜାତୀୟ ଶସ୍ୟ, ପନିପରିବା, ଫଳ, ଦୁଗ୍ଧ, ଛେନା, ଘିଅ, ପାଉଁରୁଟି କେକ୍, ସସ୍, ଜାମ୍, ଆଚାର କିମ୍ବା ମାଗି ବା ଚିପ୍ସ, ସବୁଥିରେ କିଛି ନା କିଛି ରାସାୟନିକ ଅପମିଶ୍ରଣ ରହିଛି। ଖୋଲା ବଜାରରେ ମିଳୁଥିବା ଏହି ରାସାୟନିକ ବିଷ ମିଶ୍ରିତ ଖାଦ୍ୟକୁ ଆମେ ନୀରବରେ ଗଳାଧଃକରଣ କରି ଚାଲିଛେ। ବିଷର ଚକ୍ରବ୍ୟୂହରୁ ମୁକ୍ତି କାହିଁ ?

**ପୂର୍ବତନ ପରିବେଶ ନିର୍ଦ୍ଦେଶକ, ଓଡ଼ିଶା**
**ମୋ:୯୪୩୭୦୦୦୯୦୪**

# ଯାତ୍ରାର ଅନ୍ତିମ ପର୍ବ



ସୁପ୍ରଭା ବେହେରା

ଚଳନ୍ତି ଯାନର ଝରକା ଫାଙ୍କରୁ ନୀଳ ଗଗନ, ଭସା ବାଦଲ, ସବୁଜିମା ଭରା ନଦନଦୀ, ଧୂସର ପାହାଡ଼ ଦେଖିବାର ମଜା କିଛି ନିଆରା। ମନ ଉପରେ ତାହା ଏକ ଭିନ୍ନ ପ୍ରଭାବ ପକାଏ। ବିଷାଦ ମନରେ ଭରିଦିଏ ପ୍ରାଣ ପ୍ରାଚୁର୍ଯ୍ୟ । କେବେ କେବେ ଖୁବ୍ ସୁନ୍ଦର ଦୃଶ୍ୟରାଜି ଦେଖି ମନ ବିହ୍ୱଳ ହେଉ ହେଉ ତାହା ପୁଣି ଅଦୃଶ୍ୟ ହୋଇଯାଏ। ଏଠି ଅଳିକରେ ବଦଳି ଯାଉଥାଏ ଦୃଶ୍ୟପଟ। ଚଳମାନ ଅବସ୍ଥାରେ ଅଦୃଶ୍ୟ ହେଉଥିବା ଦୃଶ୍ୟକୁ ଦେଖିବାକୁ ବ୍ୟାକୁଳ ହେଉଥିବା କବିଙ୍କ ମନ ଦିନେ ରେଳଗାଡ଼ିକୁ ଜଣାଇଥିଲା ନିବେଦନ। ବାହାରେ ଚିଲିକାର ନୀଳ ଜଳରାଶି। ଜଳରାଶି ଉପରେ ଛୋଟ ଛୋଟ ଊର୍ମି ମାଳା। କଳରାବକରି ଉଡ଼ିଯାଉଥିବା ଦଳ ଦଳ ପକ୍ଷୀ। କବି କିନ୍ତୁ ଏସବୁକୁ ମନଭରି ଦେଖିପାରୁ ନ ଥାନ୍ତି। ରେଳଗାଡ଼ିର ଗତି ଦୃଶ୍ୟକୁ ଅଦୃଶ୍ୟ କରୁଥାଏ। ଉତ୍କଳମଣି ଗୋପବନ୍ଧୁ ଦାସ ସେଦିନ ଲେଖିଲେ-

''ରହ ରହ କ୍ଷଣେ ବାଷ୍ପୀୟ ଶକଟ
ଦେଖିବି ଚିଲିକା ଚାରୁ ଚିତ୍ରପଟ।''

ଭ୍ରମଣ ଖାଲି ମନରେ ପ୍ରାଣ ପ୍ରାଚୁର୍ଯ୍ୟ ଭରି ଦିଏ ନାହିଁ ଅଧିକନ୍ତୁ ମଣିଷ ମନରେ ଭରିଦିଏ ସୃଜନଶୀଳତା। ସେ ସୃଜନ ସାହିତ୍ୟ, ବିଜ୍ଞାନ, ଗଣିତର ନୂତନ ସୂତ୍ର କିମ୍ବା ଚିତ୍ରକଳା କିଛି ମଧ୍ୟ ହୋଇପାରେ। ଆମର ସାହିତ୍ୟ ଅନେକ ଭ୍ରମଣ କାହାଣୀକୁ ନେଇ ସମୃଦ୍ଧ ଓ ରୁଦ୍ଧିମନ୍ତ; ଯାହାକି ମଣିଷକୁ ନୂତନ ସ୍ଥାନର ଭୌଗୋଳିକ, ଐତିହାସିକ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ପୃଷ୍ଠଭୂମି ସମ୍ବନ୍ଧରେ ଧାରଣା ଦେଇଥାଏ।

ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଚନ୍ଦ୍ରଶେଖର ଭେଙ୍କଟରମଣ ଜଳଯାତ୍ରା କରୁଥାନ୍ତି। ସୁଦୂର ଲଣ୍ଡନରୁ ବମ୍ବେ। ଯାତ୍ରା ସମୟରେ ବିଜ୍ଞାନାଗାରର ଗବେଷଣାରୁ ଅବ୍ୟାହତି ମିଳିଥାଏ। ଆଉ ସବୁବେଳେ ତ ବ୍ୟସ୍ତମୟ ଜୀବନ। ଦୀର୍ଘଦିନର ଜଳଯାତ୍ରା। ଚାରିଆଡ଼େ ସମୁଦ୍ରର ନୀଳ ଜଳରାଶି। ଜାହାଜର ଡେକ୍ ଉପରେ ବସି ବିଶାଳ ସମୁଦ୍ରର ସୌନ୍ଦର୍ଯ୍ୟକୁ ନିରେଖୁ ନିରେଖୁ ହଠାତ୍ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ମନରେ ପ୍ରଶ୍ନ ଆସିଲା- ସମୁଦ୍ରର ଜଳରାଶି ନୀଳ କାହିଁକି ? କିଏ ଲେସି ଦେଇଛି ମେଞ୍ଚାଏ ନୀଳ ରଙ୍ଗ ! ଗ୍ଲାସ୍‌ର ମୁନ୍ଦାଏ ପାଣି ତ କାହିଁ ନୀଳ ଦେଖାଯାଏ ନାହିଁ? ଲାଗି ରହିଲେ ଗବେଷଣାରେ। ଆଉ ସଫଳ ମଧ୍ୟ ହେଲେ। ସାରା ବିଶ୍ୱକୁ ଜଣାଇଲେ ରଞ୍ଜନରଶ୍ମିର ପ୍ରଭାବ। ସମୁଦ୍ରର ସେହି ଜଳଯାତ୍ରା, ତାଙ୍କ ଗବେଷଣାରେ ଆଣିଲା ବିରାଟ ପରିବର୍ତ୍ତନ। ସେ ହେଲେ ନୋବେଲ ପୁରସ୍କାର ବିଜୟୀ ଓ ସାରା ବିଶ୍ୱ ପାଇଁ ଆଣିଲେ ଗର୍ବ ଓ ଗୌରବ।

ରାମାନୁଜନ ଓ ହାର୍ଡି,୨ଜଣ ବିଶିଷ୍ଟ ଗଣିତଜ୍ଞ ଓ ବନ୍ଧୁ ମଧ୍ୟ। ଥରେ ରାମାନୁଜନଙ୍କ ଦେହ ଖରାପ ହେଲା। ସେ ଡାକ୍ତରଖାନାରେ ଭର୍ତ୍ତି ହେଲେ। ସେତେବେଳେ ସେ ଲଣ୍ଡନରେ ଚିକିତ୍ସିତ ହେଉଥାନ୍ତି। ହାର୍ଡି ତାଙ୍କୁ ଦେଖିବାକୁ ଡାକ୍ତରଖାନା ଟାକ୍ସିରେ ଗଲେ। ଯାତ୍ରା ସମୟରେ ଗାଡ଼ି ପଛରେ ଲେଖାଥିବା



ସଂଖ୍ୟାକୁ ଅନୁଧ୍ୟାନ କରିବା ହାର୍ଡିଙ୍କୁ ଖୁବ୍ ଭଲ ଲାଗେ। ସେହିଦିନ ସେ ଯାଇଥିବା ଟାକ୍ସି ପଛର ସଂଖ୍ୟା ଥିଲା ୧୭୨୯, ଯାହା ତାଙ୍କୁ ଏକ ଅନାକର୍ଷଣୀୟ ସଂଖ୍ୟା ଭଳି ମନେହୋଇଥିଲା। ସେ ଡାକ୍ତରଖାନାରେ ପହଞ୍ଚି ରାମାନୁଜନଙ୍କୁ ଏହା କହିଥିଲେ। ରାମାନୁଜନ ପରେ ଏହି ସଂଖ୍ୟାର ମହତ୍ତ୍ୱ କହିଥିଲେ। ଯାହା ପରବର୍ତ୍ତୀ ସମୟରେ ଗଣିତ ଶାସ୍ତ୍ରରେ ହାର୍ଡି ରାମାନୁଜନ ନମ୍ବର ନାମରେ ଖ୍ୟାତ ହେଲା।

ଯାତ୍ରାକାଳରେ ଚିତ୍ରକରଟିଏ ମଧ୍ୟ ରୁଣ୍ଡେଇ ଚାଲିଥାଏ ତା' ମନଲାଖି ଛବି ସବୁ। ପ୍ରକୃତିର କୋଳରୁ ଉଠାଇନେଇ ନିଖୁଣ ଭାବରେ କେମିତି ଥୋଇଦେବ ତାହାର କାନ୍‌ଭାସ ଉପରେ। ସେଇ ଚିନ୍ତାରେ ବିଭୋର ଥାଏ। ଏବେ କିନ୍ତୁ ଦୃଶ୍ୟପଟ ବଦଳିଯାଇଛି । ଆମେ କେତେଜଣ ଆଉ ଆତ୍ମହରା ହେଉଛନ୍ତି, ଚଳନ୍ତି ଗାଡ଼ିର ଝରକା ସେପାଖର ଦୃଶ୍ୟ ଦେଖି ? କହିବାକୁ ଗଲେ ସମୟ କାହା ପାଖରେ ଅଛି? ଆମ ଜୀବନର ଗାଡ଼ି ପରା ଆମେ ଯାତ୍ରା କରୁଥିବା ଗାଡ଼ିର ବେଗଠାରୁ ଅଧିକ ବେଗରେ ଦୌଡୁଛି। ଆଜ୍ଞା ହଁ! ଆମ ହାତର ଆଙ୍ଗୁଳି ଚାଳନାରେ ସାରା ବିଶ୍ୱ । ଆଭାସି ଦୁନିଆର ମାୟାରେ ବାୟା । ଗୋଟିଏ ସର୍ବସାଧାରଣ ଯାତ୍ରା କରୁଥିବା ଯାନ ହେଉ ଅବା ଗୋଟିଏ ବ୍ୟକ୍ତିଗତ ଭାବରେ ଯାତ୍ରା କରୁଥିବା ଯାନବାହନ ହେଉ, ତା' ଭିତରର ୮୦% ଲୋକ ଆଭାସି ଦୁନିଆର ପରଦାରେ ମଗ୍ନଥିବେ। କିଏ ଅଫିସ୍‌ର ବାକି କାମ କରୁଛି, କିଏ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ। ସବୁଠାରୁ ବେଶି ଦୁଃଖଦ ପରିସ୍ଥିତି ସେତେବେଳେ ଆସେ, ଯେତେବେଳେ ନିଜେ ଚାଳକ ମୋବାଇଲରେ ବୁଡ଼ିଯାଏ। ମୋଟର ଯାନ ନିୟନ୍ତ୍ରଣ ନିୟମ ଅନୁସାରେ ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍‌ର ବ୍ୟବହାର ଏକ ଦଣ୍ଡନୀୟ ଅପରାଧ। ଏଥିରେ ଚାଳକଙ୍କୁ ୫୦୦୦ପର୍ଯ୍ୟନ୍ତ ଟଙ୍କାର ଜରିମାନା ମଧ୍ୟ ରହିଛି। କିନ୍ତୁ ଆଜିର ଯୁବସମାଜ ପାଇଁ ଏହା ଅନ୍ଧକୁ ଆଖିଠାର ପରି। ସେମାନଙ୍କ ପାଇଁ ପ୍ରମୁଖ ଆମୋଦ ହେଲା କାନରେ ମୋବାଇଲ ଫୋନ୍, ହାତରେ କ୍ଷିପ୍ର ବେଗର ଯାନ । ସେମାନଙ୍କୁ ଲାଗେ, ସତେ ଯେମିତି ରାଜରାସ୍ତାରେ ସେମାନେ ସୁପରସୋନିକ ବିମାନ ଚଳାଉଛନ୍ତି ! କେତେ କେତେ ଜୀବନ ପ୍ରଦୀପ ଲିଭିଯାଏ ସେହି କାରଣରୁ । ୨୦୨୧ର ପରିସଂଖ୍ୟାନ ଅନୁସାରେ ଯାତ୍ରା ସମୟରେ ଚାଳକର ମୋବାଇଲ ଫୋନ୍ ବ୍ୟବହାର ଯୋଗୁ ୧୯୯୭ ଟି ଦୁର୍ଘଟଣା ହୋଇ ଅଛି, ଯାହା ସେହି ବର୍ଷ ହୋଇଥିବା ଦୁର୍ଘଟଣାର ୩୧% । ରାଜପଥ ଓ ପରିବହନ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଏହି ଦୁର୍ଘଟଣାରେ ୧୦୪୯ ଜଣଙ୍କର ପ୍ରାଣହାନି ଘଟିଛି। ଯାତ୍ରା ବଳଦଗାଡ଼ିର ହେଉ କିମ୍ବା ବିମାନର, ସେ ଏକ ସୁଖଦ ଓ ରୋମାଞ୍ଚକର ଅନୁଭୂତି ସେତେବେଳେ ହୋଇଥାଏ, ଯେବେ ଆମେ ଝରକା ସେ ପାଖର ଦୃଶ୍ୟକୁ ଉପଭୋଗ କରନ୍ତି । ଆଉ ଝରକା ସେ ପାଖର ଦୃଶ୍ୟ ସବୁଦିନ ପାଇଁ ବିବର୍ଣ୍ଣ ହୋଇଯାଏ, ଯାତ୍ରା ଶେଷ ଯାତ୍ରା ହୋଇଯାଏ, ଯେତେବେଳେ ଚାଳକ ମୋବାଇଲ ଫୋନ୍‌ରେ ବୁଡ଼ିଯାଏ।

**ମୁକୁନ୍ଦପୁର, ତିହିଡ଼ି, ଭଦ୍ରକ**
**ମୋ:୯୦୪୦୩୬୦୨୫୯**

## ଏଇ ଭାରତରେ

ଭାରତରେ ମହିଳା ଫୁଟ୍‌ବଲର ଲୋକପ୍ରିୟତା ଏବେ ବଢ଼ିବାରେ ଲାଗିଛି। ମହିଳାମାନଙ୍କ ପୋଷାକ ଉପରେ ବିଭିନ୍ନ ଅଞ୍ଚଳରେ ଥିବା ସାମାଜିକ କଟକଣାକୁ ପଛରେ ପକାଇ ଝିଅମାନେ ଜର୍ସି ପିନ୍ଧି ଖେଳିବାକୁ ବାହାରି ଆସୁଛନ୍ତି। ହେଲେ ପାରମ୍ପରିକ ପୋଷାକର ଛଟା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅନୁଷ୍ଠିତ ଏକ ୨ଦିନଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ। ସେଠାରେ ମହିଳାମାନେ ଜର୍ସି ବଦଳରେ ଶାଢ଼ି ପିନ୍ଧି ଖେଳିଛନ୍ତି। ଏହା ଏକ ସମ୍ପୂର୍ଣ୍ଣ ନିଆରା ଖେଳ, ଯାହା ଦେଖି ଦର୍ଶକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟର ନାଁ ଥିଲା 'ଗୋଲ୍ ଇନ୍ ଶାଢ଼ି'। ମହିଳାମାନେ ଶାଢ଼ି ପିନ୍ଧି ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ମଧ୍ୟପ୍ରଦେଶରେ ମହିଳା ଫୁଟ୍‌ବଲ ପ୍ରତି ମହିଳାମାନଙ୍କୁ ଆକର୍ଷିତ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିଲା ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଗ୍ୱାଲିୟର ମ୍ୟୁନିସିପାଲ କର୍ପୋରେଶନ କମିଶନର କମେଣ୍ଟ୍ରି କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୯୮

- ପାକ୍ ପ୍ରଧାନମନ୍ତ୍ରୀ ନୱାଜ ସରିଫ ଓ ତାଙ୍କର ବହୁ ସାଂସଦଙ୍କ ବିରୁଦ୍ଧରେ ଆଗତ ଅଦାଲତ ଅବମାନନା ଅଭିଯୋଗ ସୁପ୍ରିମ୍‌କୋର୍ଟରେ ଖାରଜ।
- ମଧ୍ୟପ୍ରଦେଶର ସେହୋର ଜିଲା ବେଲାବରୀ ଅଞ୍ଚଳର ଏକ ଗିରିପଥରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩୦୦ ଫୁଟ ତଳକୁ ଖସିପଡ଼ିବାରୁ ୩୦ ଯାତ୍ରୀ ମୃତ।
- କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ 'ଜୟଦେବ ପୁରସ୍କାର' ପ୍ରଦାନ।

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ଚୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା।

-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗହମ ଓ କିରୋସିନ ଉପଲବ୍ଧ ହେଉ

ମହାଶୟ,

ଦେଶରେ ପ୍ରତ୍ୟେକେ କାର୍ଡଧାରୀ ହୁଅନ୍ତୁ ବା ଅନ୍ୟମାନେ ବଞ୍ଚିବାର ସମସ୍ତଙ୍କର ଅଧିକାର ଅଛି। କେନ୍ଦ୍ରରେ ଭାଜପା ସରକାର ଆସିବା ଦିନଠାରୁ ଏହା ଉପରେ କଟକଣା କରାଯାଇ ସର୍ବସାଧାରଣ ଲୋକଙ୍କୁ ଉପହାସ କରାଯାଇଛି। କାର୍ଡଧାରୀଙ୍କୁ କିଲୋଗ୍ରାମ ପ୍ରତି ଏକ ଟଙ୍କାରେ ଗହମ ଓ କିରୋସିନ ଯୋଗାଯାଇଛି, ଯାହାକି ଅନ୍ୟମାନଙ୍କ ପାଇଁ ଅନ୍ୟାୟ କରାଯାଇଛି। ସେମାନେ ଏକ ଟଙ୍କାରେ ଗହମ ନେଇ ଅନ୍ୟମାନଙ୍କୁ ୨୦ ଟଙ୍କାରେ ବିକୁଛନ୍ତି। ସାଧାରଣ ଲୋକ କ'ଣ ଗହମ ବା କିରୋସିନ ପାଇଁ ହକ୍‌ଦାର ନୁହନ୍ତି ? ଅଧିକ ଦର ହେଉ ପଛେ ସରକାର ଜନମତ ନିଅନ୍ତୁ, ବିନା କାର୍ଡଧାରୀ ବା ସାଧାରଣ ଜନତାଙ୍କ ପାଇଁ ଗହମ ଓ କିରୋସିନ ଦେବାର ବ୍ୟବସ୍ଥା କରନ୍ତୁ। ଗଣତନ୍ତ୍ର ଦେଶରେ ସମସ୍ତଙ୍କର ସମାନ ଅଧିକାର ଥିଲେ ମଧ୍ୟ କେନ୍ଦ୍ର ସରକାର ସର୍ବସାଧାରଙ୍କ ପ୍ରତି ଏଭଳି ବୈମାତୃକ ମନୋଭାବ ପରିହାର କରନ୍ତୁ ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୨ରୁ ବିଷୁବ ମିଳନ ଉତ୍ସବ**

**କଟକ ଅଫିସ:** ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୁଲ୍ୟରେ ଆସନ୍ତା ୧୨ତାରିଖରୁ ୭୪ତମ ବିଷୁବ ମିଳନ ଉତ୍ସବ କଟକର ପ୍ରଜାତନ୍ତ୍ର ପରିସରରେ ଥିବା ବିଷୁବ ମଣ୍ଡପରେ ହେବ। ଏହାର ଉଦ୍‌ଯାପନ ଉତ୍ସବରେ କେତେଜଣ ବିଶିଷ୍ଟ ସ୍ରଷ୍ଟା ଓ କଳାକାରଙ୍କୁ ସେମାନଙ୍କର ବହୁମୂଲ୍ୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ବିଶିଷ୍ଟ କଥାକାର ବିଜୟ ନାୟକଙ୍କୁ ଚଳିତ ବର୍ଷର ସମ୍ମାନଜନକ ବିଷୁବ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ୧ ଲକ୍ଷ ଟଙ୍କା ଓ ତାମ୍ର ଫଳକ ଦିଆଯିବ। ଏ ସମ୍ପର୍କରେ ସମିତି ଅଧକ୍ଷ ଭର୍ତ୍ତୃହରି ମହତାବ ପ୍ରଜାତନ୍ତ୍ର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅଖିଳ ଭାରତ ଡାକ କର୍ମଚାରୀ ସଂଘ ବୈଠକ

**ବାଲିପାଟଣା,୩।୪(ଡି.ଏନ୍.ଏ.):** ଅଖିଳ ଭାରତ ଡାକ କର୍ମଚାରୀ ସଂଘ ଗ୍ରାମୀଣ ଡାକସେବକ ଓଡ଼ିଶା ସର୍କଲ ସଂଘ ଆହ୍ୱାନରେ ଏକ କାର୍ଯ୍ୟକାରୀ ବୈଠକ ସୋମବାର ଯୋଗେଶ ସାହୁଙ୍କ ସଭାପତିତ୍ୱରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ପୋଷ୍ଟମ୍ୟାନ୍ ଓ ଏମ୍‌ଟିଏସ୍ ସଂଘର ସହଯୋଗୀ ସର୍କଲ ସମ୍ପାଦକ ରାଜୀବ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ମଣ୍ଡଳରୁ ଆସିଥିବା ସମ୍ପାଦକମାନେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଙ୍ଗଠନର ପୂର୍ବତନ ସର୍କଲ ସମ୍ପାଦକ ନିର୍ମଳ ଚନ୍ଦ୍ର ସିଂହ ପ୍ରସ୍ତାବ ଆଗତକରି ନୂତନ ପେନ୍‌ସନ ବାତିଲ କରି ପୁରୁଣା ପେନ୍‌ସନ ଲାଗୁ କରିବା, ଟାର୍ଗେଟ୍ ନାମରେ କର୍ମଚାରୀଙ୍କୁ ନିର୍ଯାତନା ଦେବା, ଏପ୍ରିଲ ୨୬ରେ ରାଜ୍ୟସ୍ତରୀୟ ସମାବେଶକୁ ସଫଳ କରିବା, ଡାକ ବିଭାଗରେ କାର୍ଯ୍ୟରତ ଗ୍ରାମୀଣ ଡାକସେବକମାନଙ୍କୁ ଷ୍ଟାଟସ୍ ଓ ପେନ୍‌ସନ ଦାବିରେ ଆଗାମୀ ଦିନରେ ଧର୍ମଘଟ ହେବାକୁ ନିଷ୍ପତ୍ତି ହୋଇଛି। ପ୍ରମୋଦ କୁମାର ଶତପଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସହ ଏମ୍. ରାଜେଶ୍ୱର ରାଓ ନୂତନଭାବେ ସର୍କଲ ସମ୍ପାଦକ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଭୁବନେଶ୍ୱର ମଣ୍ଡଳ ସମ୍ପାଦକ ଘନଶ୍ୟାମ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକ ସଂଗୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ଭୁବନେଶ୍ୱର,୩।୪(ବ୍ୟୁରୋ):** ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ପ୍ରଥମେ ମାଲକାନଗିରିରୁ ଆସିଥିବା ଲୋକନୃତ୍ୟ ଦଳକୋୟା ନୃତ୍ୟ ପରିବେଷଣ କରିଥିଲେ। ଅନୁଗୋଳର ରାବଣଛାୟା ନୃତ୍ୟ, ସମ୍ବଲପୁରୀ ଲୋକ ନୃତ୍ୟ ବଜନିଆ, ରେମୁଣାର ଚଢେୟା ଚଢେୟାଣୀ ନାଚ, କେନ୍ଦ୍ରାପଡାର କେନ୍ଦରାଗୀତ, ଖୋର୍ଦ୍ଧାର ପାଇକ ଆଖଡା, ମୟୂରଭଞ୍ଜରର ଝୁମର ନୃତ୍ୟ, ବୌଦ୍ଧର ଜଗନ୍ନାଥ ଯୁବକସଂଘ ତରଫରୁ ଶବର ନାଚ, କୋରାପୁଟର କୋଟପାଡ କଳାବିକାଶ କେନ୍ଦ୍ର ଦ୍ୱାରା ଢେମସା, ରାୟଗଡାର ଦେବଗିରି କଳା ପରିଷଦ ତରଫରୁ ଗୁର୍କି ଲୋକନୃତ୍ୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା, ଶ୍ରୀମୟୀ ଶ୍ୱେତା ସ୍ୱିଗ୍ଧା ମିଶ୍ର, ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଅରୁଣା ମହାନ୍ତି, ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଭାଗର ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡିଶା ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥଙ୍କ ସମେତ ବିଭାଗର ବିଭିନ୍ନ ଶାଖାର ଅଧିକାରୀ ଓ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଗୁରୁ କେଳୁଚରଣ ଓଡିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ କମ୍ପିଲା ଗାନ୍ଧୀମାର୍ଗ

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସେମାନଙ୍କ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଡହଡହ ଖରାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିଜ ଅଧିକାର ପାଇଁ ନାରାବାଜି ଦେଇଥିଲେ। ଅନୁସୂଚିତ ଜନଜାତି ଓ ଜାତି ମହିଳା ରୋଷେୟା ମହାସଂଘ, ଅଲ୍ ଓଡ଼ିଶା କୋଭିଡ୍-୧୯ ପାରାମେଡିକ୍ସ ଏଏନ୍‌ଏମ୍, ଏମ୍‌ପିଏଚ୍‌ଡବ୍ଲ୍ୟୁ ଆସୋସିଏଶନ, ସଫେଇ କର୍ମୀ ମହାସଂଘ ସହ ଏକାଧିକ ସଂଗଠନ ପକ୍ଷରୁ ଲୋୟର ପିଏମ୍‌ଜିର ଭିନ୍ନ ଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଇଥିଲା। ତେବେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ନିୟମିତ କରିବା ସମସ୍ତ ସଂଗଠନର ମୁଖ୍ୟ ପ୍ରସଙ୍ଗ ରହିଥିଲା।

ଅନୁସୂଚିତ ଜନଜାତି ଓ ଜାତି ମହିଳା ରୋଷେୟା ମହାସଂଘ ଡାକରାରେ ୮ ଦଫା ଦାବି ନେଇ ମହିଳା ରୋଷେୟା ସେବାୟତମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏମାନେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ଛାତ୍ରୀ ନିବାସରେ ରୋଷେୟା ତଥା ସେବାୟତ ଭାବେ ଚୁକ୍ତିଭିତ୍ତିରେ ନିଯୁକ୍ତି ପାଇଛନ୍ତି। ସ୍ଥାୟୀ ନିଯୁକ୍ତି ସହ ମାସିକ ୧୮ ହଜାର ଟଙ୍କା ବେତନ, ଇପିଏଫ୍ ଲାଗୁ, ଯୁକ୍ତ ଦୁଇ ପଢ଼ିଥିବା ରୋଷେୟାଙ୍କୁ କନିଷ୍ଠ ମାଟ୍ରୋନ୍ ନିଯୁକ୍ତି ବ୍ୟବସ୍ଥା, ବର୍ଷକୁ ୧୫ଦିନ ସବେତନ



ବିଭିନ୍ନ ସଂଗଠନ ପକ୍ଷରୁ ଦାବି ନେଇ ସୋମବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଛୁଟି ପ୍ରଦାନ, ଚାକିରି ବୟସ ସୀମା ୬୨କୁ ବୃଦ୍ଧି, ଦୁର୍ଘଟଣାରେ ପ୍ରାଣ ହରାଇଥିବା ରୋଷେୟାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ ସହ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦାବି କରିଛନ୍ତି।

ସେହିପରି ଅଲ୍ ଓଡ଼ିଶା କୋଭିଡ୍-୧୯ ପାରାମେଡିକ୍ସ ଏଏନ୍‌ଏମ୍, ଏମ୍‌ପିଏଚ୍‌ଡବ୍ଲ୍ୟୁ ଆସୋସିଏଶନ ପକ୍ଷରୁ ୨ ଦଫା ଦାବି ଉପସ୍ଥାପନ କରାଯାଇଛି। କୋଭିଡ୍ ମହାମାରୀ କାଳରେ କୋଭିଡ୍ ଯୋଦ୍ଧା ମାନ୍ୟତା ଦିଆଯାଇଥିଲେ ମଧ୍ୟ ସେମାନଙ୍କ ନିଯୁକ୍ତି ନିୟମିତ କରାଯାଇ ନାହିଁ। କୌଣସି ବୟସ ସୀମା ନ ରଖି ୯ ହଜାର କୋଭିଡ୍ ଯୋଦ୍ଧାଙ୍କୁ ୯୧୦୫ ସବ୍ ସେଣ୍ଟରରେ ନିୟୋଜିତ କରିବା ସେମାନଙ୍କ ମୁଖ୍ୟ ଦାବି ରହିଛି। ସେହିପରି ଏକ ନିର୍ଦ୍ଦିଷ୍ଟ ସ୍କିମ୍




ଅନୁସୂଚିତ ଜନଜାତି ଓ ଜାତି ମହିଳା ରୋଷେୟା ମହାସଂଘର ଦାବି ନେଇ ବିକ୍ଷୋଭ କରାଯାଉଛି।

ପ୍ରସ୍ତୁତ କରାଯାଇ ସ୍ୱାସ୍ଥ୍ୟ ବିଭାଗରେ ଖାଲି ପଦବୀରେ ନିୟମିତ ନିଯୁକ୍ତି ପ୍ରଦାନ ଲାଗି ଦ୍ୱିତୀୟ ଦାବି କରାଯାଇଛି।

ଅନ୍ୟପକ୍ଷରେ ୧୦ ଦଫା ଦାବି ନେଇ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ପକ୍ଷରୁ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାୟୀ ନିଯୁକ୍ତି ସହ ସମସ୍ତ ପୌରସଂସ୍ଥାରେ 'ଗରିମା' ଆଇନ କଡ଼ାକଡ଼ି ଲାଗୁ କରିବା, ଦୈନିକ ମଜୁରି ସର୍ବନିମ୍ନ ୬୦୦ ଟଙ୍କା ପ୍ରଦାନ, କଟକ ମହାନଗର ନିଗମ(ସିଏମ୍‌ସି)ରେ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ସଫେଇ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରାଯାଇଛି। ସେହିପରି ପ୍ରତିମାସର ପ୍ରଥମ ସପ୍ତାହରେ ଦରମା ଦିଆଯାଉ ଏବଂ ଇପିଏଫ୍, ଇଏସ୍‌ଆଇ ସହ ସ୍ୱାସ୍ଥ୍ୟବୀମା ଓ ଜୀବନବୀମା ସୁବିଧା ଲାଗୁ ହେଉ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

### ସ୍ୱାମୀଙ୍କ ନାମରେ ହତ୍ୟା ମାମଲା

କ୍ୟାପିଟାଲ ଥାନା ୟୁନିଟ-୬ସ୍ଥିତ ସଡ଼କ ବସ୍ତିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ହେଲେ ସୁନୀତା ନାୟକ (୨୪)। ବାଡ଼ିରେ ଥିବା ସଜନା ଗଛରେ ରବିବାର ସୁନୀତା ଶାଢ଼ି ଦ୍ୱାରା ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ପୋଲିସକୁ କହିଛନ୍ତି। ପରିବାର ଲୋକେ ସୁନିତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିବା ବେଳେ ପୋଲିସ ତାହାକୁ ଜବତ କରିଥିଲା। ପରେ ସେଠାରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ସୁନୀତାଙ୍କ ମୃତ୍ୟୁକୁ ନିକଟରେ ରହୁଥିବା ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଝିଅକୁ ହତ୍ୟା କରାଯାଇଥିବା ବାପା ଅରୁଣ ନାୟକ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାମୀ ଗୋପାଳ ରାଓଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ପ୍ରାଥମିକ ତଦନ୍ତରୁ ସୁନୀତା ଆତ୍ମହତ୍ୟା କରିଥିବା ଜଣାପଡୁଛି। ବ୍ୟବଚ୍ଛେଦ ରିପୋର୍ଟକୁ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ଓ ସେହି ଆଧାରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ସୁନୀତା ୩ ବର୍ଷ ତଳେ ଗୋପାଳଙ୍କୁ ବିବାହ କରିଥିଲେ। କିଛିଦିନ ହେଲା ସେ ଚିନ୍ତାରେ ରହୁଥିଲେ। ରବିବାର ରାତିରେ ସୁନିତାଙ୍କ ଝୁଲନ୍ତା ମୃତଦେହକୁ ଦେଖି ସ୍ୱାମୀ ଓ ଅନ୍ୟମାନେ ହସ୍ପିଟାଲକୁ ନେଇଯାଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା।

# ସାନିଟାରି ଇନ୍ସପେକ୍ଟର, ଏକ୍ସପର୍ଟଙ୍କୁ ୱାକିଟକି ବାଣ୍ଟିଲା ବିଏମ୍‌ସି



**ଭୁବନେଶ୍ୱର, ୩।୪ (ବ୍ୟୁରୋ)**

ପରିମଳ କାର୍ଯ୍ୟରେ ଅଧିକରୁ ଅଧିକ ଗୁଣାତ୍ମକ ପରିବର୍ତ୍ତନ ଆଣିବା ନିମନ୍ତେ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଦଳଗତ କାର୍ଯ୍ୟର କ୍ଷେତ୍ର ପରିଚାଳନା ଏବଂ ନିୟନ୍ତ୍ରଣ କରି ପରିମଳଜନିତ କାର୍ଯ୍ୟକୁ କିପରି ଅଧିକ ଭଲରେ କରିହେବ ସେଥିପାଇଁ ୱାକିଟକି ପ୍ରଦାନ କରାଯାଇଛି। ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଏକ ପ୍ରଶିକ୍ଷଣ ସଭାରେ ଯୋଗଦେଇ ମେୟର ସୁଲୋଚନା ଦାସ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେ କର୍ମଚାରୀମାନଙ୍କୁ ଏହି ଉପକରଣ ପ୍ରଦାନ କରିଥିଲେ। ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ପରିମଳ ମନୋରଞ୍ଜନ ସାହୁ, ଡେପୁଟି କମିଶନର ଆଇଟି ଅଶୋକ କୁମାର ଲେଙ୍କା, ୩ଟି ଜୋନ୍‌ର ଜେଡିସି ପ୍ରମୁଖ ଉପସ୍ଥିତ ଥିଲେ।

# ୩ଦିନ ଧରି ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଉତ୍ସବ

**ଭୁବନେଶ୍ୱର, ୩।୪ (ବ୍ୟୁରୋ)**

### ୩ ଛକରେ ଲାଗିବ ସୁଦୃଶ୍ୟ ସ୍ୱାଗତ ତୋରଣ

ଏପ୍ରିଲ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଚଳିତ ବର୍ଷ ଭୁବନେଶ୍ୱରର ପ୍ଲାଟିନମ୍ ଜୟନ୍ତୀ ପାଳନ କରାଯାଉଥିବାରୁ ଏହାକୁ ସରସ, ସୁନ୍ଦର ସହିତ ଅଧିକ ଆକର୍ଷଣୀୟ ଭାବେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ସୋମବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରତିଷ୍ଠା ଦିବସ ପାଇଁ ବିଏମ୍‌ସି ପକ୍ଷରୁ କରାଯାଇଥିବା ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ ସବିଶେଷ ତଥ୍ୟ ରଖିଥିଲେ। ଉତ୍ସବର ପ୍ରଥମ ଦିନ ସକାଳେ ବିଧାନସଭା ସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନୀତ କରାଯିବ। ଏଥିସହ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ପରିବେଷଣ ଏବଂ କଫି ଟେବୁଲ ପୁସ୍ତକ ପ୍ରକାଶନ କରାଯିବ। ସେହିପରି ୧୩ରୁ ୧୫ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପ ଠାରେ



ସମନ୍ୱୟ ବୈଠକରେ ଉପସ୍ଥିତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ଅଧିକାରୀ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଭୁବନେଶ୍ୱର ମହାନଗରନିଗମାଞ୍ଚଳର ସମସ୍ତ ୱାର୍ଡରେ ଉତ୍ସବ ପାଳନ କରାଯିବ। ୱାର୍ଡ ସଫେଇ ଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ୱାର୍ଡରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ। କେଶରୀ ଟକିଜ୍, ଏଜି ଛକ ଏବଂ ମାଷ୍ଟରକ୍ୟାଣ୍ଟିନ ଛକରେ ୩ଟି ସୁଦୃଶ୍ୟ ସ୍ୱାଗତ ତୋରଣ ଲଗାଯିବ। ସୂଚନା ଭବନଠାରେ ଭୁବନେଶ୍ୱରର ଐତିହ୍ୟ, ବର୍ତ୍ତମାନ ଏବଂ ସଫଳତାକୁ ନେଇ ପ୍ରଦର୍ଶନୀ ଆୟୋଜନ କରାଯିବ। ସେହିପରି ବିଏମ୍‌ସି ପକ୍ଷରୁ ୧୪ ତାରିଖରେ ମାରାଥନ୍ ଏବଂ ୧୫ରେ ସାଇକ୍ଲୋଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଶନର ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପୋଲିସ କମିଶନର୍ ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଡିଏ ଉପାଧକ୍ଷ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ବିଏମ୍‌ସି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡିସିପି ପ୍ରତୀକ ସିଂ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହାଇୱା ଧକ୍କାରେ ଜଣେ ମୃତ, ଅନ୍ୟ ଜଣେ ଗୁରୁତର

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ଖଣ୍ଡଗିରିଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବରମୁଣ୍ଡା କାଳୀ ମନ୍ଦିର ସମ୍ମୁଖରେ ସୋମବାର ସକାଳ ୯ଟାରେ ଏକ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ପ୍ରକାଶ ନାହକ (୪୫)। ତାଙ୍କ ସହ ଥିବା ପଡ଼ୋଶୀ ସୁଦେଷ୍ଣା ନାହାକ ମଧ୍ୟ ଆହତ ହୋଇଛନ୍ତି।

ସୂଚନା ଅନୁସାରେ, ପ୍ରକାଶ ଓ ସୁଦେଷ୍ଣା ବାଲିଅନ୍ତା ଇଟା ଭାଟିରେ ଶ୍ରମିକ ଭାବେ କାମ କରନ୍ତି। ସୋମବାର ସକାଳୁ ଉଭୟ ଗାଁକୁ ଯାଉଥିଲେ। ବାଲିଅନ୍ତାରୁ ଆସି ବରମୁଣ୍ଡା କାଳୀ ମନ୍ଦିର ଆଗରେ ବସ୍‌ରୁ ଓହ୍ଲାଇ ଥିଲେ। ଗଞ୍ଜାମ ବସ୍ ଧରି ଗାଁକୁ ଯିବା ଲାଗି ରାସ୍ତା ପାର ହେଉଥିଲେ। ଏହି ସମୟରେ ଖଣ୍ଡଗିରିରୁ ଫାୟାର ଷ୍ଟେଶନ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରକାଶ ଓ ସୁଦେଷ୍ଣା ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ହାଇୱାକୁ ଅଟକାଇବା ସହ ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ। ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ସେମାନଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ସୁଦେଷ୍ଣାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଉକ୍ତ ଟ୍ରକକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବୟାଳିଶ ସମାଜ ମହୋତ୍ସବ



**ପୁରୁଣା ଭୁବନେଶ୍ୱର,୩।୪(ଡି.ଏନ୍.ଏ.)**

ଭୁବନେଶ୍ୱର ବ୍ଲକ ଅଧୀନ ଜୟପୁର ମେଳଣ ପଡ଼ିଆରେ ବୟାଳିଶ ସମାଜ ମହୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୟାଳିଶ ଜାତିର ଆବାହ ସଙ୍ଗୀତ ବୃତ୍ତଚିତ୍ର ପ୍ରଦର୍ଶନ, ବୟାଳିଶ ସମାଜର ମୁଖପତ୍ର 'ରଣଗୋହିରୀ' ଉନ୍ମୋଚନ ହୋଇଥିଲା। ଗୋଟିପୁଅ, ରାଣୀହାଟ, ସଂକୀର୍ତ୍ତନ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଚୌଧୁରୀ ଅମିତାଭ ଦାସ, ଲକ୍ଷ୍ମୀଧର ମହାପାତ୍ର, ମହେଶ ନନ୍ଦ ଓ ମାଧବାନନ୍ଦ ବେହୁରାଙ୍କୁ ଧଉଳି ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବୟାଳିଶ କମ୍ୟୁନିଟି ୱେଲ୍‌ଫେୟାର ସୋସାଇଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ଶିଳ୍ପୀଗୁରୁ ପ୍ରଭାକର ମହାରଣା, ଗବେଷକ ସନ୍ତୋଷ ତ୍ରିପାଠୀ, ଗବେଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଥାକାର ତଥା କବି ଅଜୟ ସ୍ୱାଇଁ, ବିଏମ୍‌ସି ମେୟର ସୁଲୋଚନା ଦାସ, ଚିନ୍ମୟୀ ବଡ଼ଜେନାଙ୍କ ସମେତ ସ୍ଥାନୀୟ କର୍ପୋରେଟର, ସରପଞ୍ଚ ଉପସ୍ଥିତ ଥିଲେ। ନିରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କବି ଓ ସାମ୍ବାଦିକ ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ ଖଟୁଆ ବିବରଣୀ ପାଠ କରିଥିବା ବେଳେ ସୁଲଗ୍ନା ରାଉତରାୟ ସଂଯୋଜନା କରିଥିଲେ। ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଝାରପଡ଼ାରେ ରାମଲୀଳା ଦେଖିବାକୁ ଭିଡ଼

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ସହରୀ ସଭ୍ୟତା ଭିତରେ ଯୁବପିଢ଼ି ପୌରାଣିକ କଥାକୁ ଗୁରୁତ୍ୱ ଦେଉନଥିବାବେଳେ ଝାରପଡା ଗ୍ରାମର ଯୁବକମାନଙ୍କ ଦ୍ୱାରା ରାମଲୀଳା ଗୀତିନାଟ୍ୟ ପ୍ରଦର୍ଶିତ ହେଉଛି। ରାମଲୀଳା ଦେଖିବାକୁ ଝାରପଡା ସହ ପାଖ ଲକ୍ଷ୍ମୀସାଗର, ବୁଦ୍ଧେଶ୍ୱରୀ କଲୋନୀ, ବମିଖାଲ ଓ ରସୁଲଗଡରୁ ଦର୍ଶକ ଆସୁଛନ୍ତି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି କମିଟର ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ମାର୍ଥା କହିଛନ୍ତି। ନିଶାର୍ଦ୍ଧ ରାତିରେ ରାବଣର ଗୁରୁଗର୍ଜନ, ହନୁମାନର ହୁଙ୍କାର ଭିତରେ ମାତାସୀତାଙ୍କ ଅଗମ୍ୟ ଅରଣ୍ୟରେ କରୁଣ ରୋଦନ, କୈକେଇର କୁଟନୀତୀ ମନ୍ଥରାର ମିଥ୍ୟା ଓ ଶେଷରେ ମର୍ଯ୍ୟାପୁରୁଷୋତ୍ତମଙ୍କ ତ୍ୟାଗ,ଲକ୍ଷ୍ମଣଙ୍କ ଭାତୃଭାବ ଓ ଭରତଙ୍କ ରାମରାଜ୍ୟ ସ୍ୱପ୍ନ ଦର୍ଶକଙ୍କୁ ବାନ୍ଧି ରଖୁଛି।



ଲକ୍ଷ୍ମୀସାଗର ସନ୍ତୋଷୀ ବିହାରଠାରେ ମହିଳା କ୍ଲବ 'ସମ୍ପୂର୍ଣ୍ଣା' ଦ୍ୱାରା ରବିବାର ଆୟୋଜିତ ରକ୍ତଦାନ ଶିବିର ଅବସରରେ ଉପସ୍ଥିତ ସଦସ୍ୟା।

# ରାକେଟ୍‌ର ୨ ସଦସ୍ୟଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

### ସରକାରୀ ଚାକିରି ଦେବା ଆଳରେ ଆଉଏକ ବଡ଼ ଠକେଇ

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି ଦେବାକୁ ୨ଶହରୁ ଊର୍ଦ୍ଧ୍ୱ ଆଶାୟୀଙ୍କଠାରୁ ବିପୁଳ ଟଙ୍କା ଠକେଇ କରିଥିବା ଏକ ରାକେଟର ୨ ସଦସ୍ୟଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସୋମବାର ଗିରଫ କରିଛି। ସେମାନେ ହେଲେ ବମିଖାଲସ୍ଥିତ ବିରଜା କମ୍ପ୍ଲେକ୍ସରେ ରହୁଥିବା ବାଲେଶ୍ୱର ଜିଲା କମର୍ଦା ଥାନା ଅଞ୍ଚଳର ରାଜକିଶୋର ପଟ୍ଟନାୟକ ଓ ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ୍ କଲୋନିରେ ରହୁଥିବା ବାଲେଶ୍ୱର ଭୋଗରାଇର ଅରୁଣ ମହାନ୍ତି। ଇଓଡବ୍ଲ୍ୟୁ ସେମାନଙ୍କ ଘରୁ ୧୦୦ ଆଶାୟୀଙ୍କ ବାୟୋଡାଟା, ମାର୍କସିଟ୍, ଆବେଦନ ପତ୍ର, ସରକାରୀ ଲୋଗୋ ଥିବା ନକଲି ନିଯୁକ୍ତିପତ୍ର ଆଦି ଜବତ କରିଛି। ଏଥିସହ ୱେବ୍ ପୋର୍ଟାଲ ସୂର୍ଯ୍ୟାଲୋକ ନିଉଜ୍‌ର ଏକ ବୁମ୍ ଓ ଅଭିଯୁକ୍ତ ରାଜକିଶୋରଙ୍କ ଏକ ଜିହ୍ୱା ନିଉଜ ୱେବ୍ ପୋର୍ଟାଲର ପରିଚୟ ପତ୍ର ମଧ୍ୟ ଜବତ କରାଯାଇଛି। ତେବେ ଗିରଫ





ଗିରଫ ଦୁଇ ଅଭିଯୁକ୍ତ।

ଦୁଇ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ରାକେଟ୍‌ରେ ସଦସ୍ୟ ଥିବା ନୟାଗଡ଼ର ଭବାନୀ ଶଙ୍କର ଦାସ ନାମକ ଜଣେ ବ୍ୟକ୍ତି ଫେରାର ଥିବା ସୂଚନା ମିଳିଛି। ଭବାନୀଙ୍କ ସହ ଅନ୍ୟମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଜାରି ରଖିଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା କମୁଦିନୀ ସାହୁଙ୍କ ସହ ଅଭିଯୁକ୍ତ ରାଜକିଶୋରଙ୍କ କିଛି ମାସତଳେ ସମ୍ପର୍କ ହୋଇଥିଲା। ରାଜଭବନରେ ମାସକୁ ୩୪ ହଜାର ଟଙ୍କା ଦରମାରେ କିରାଣି ଚାକିରି କରାଇଦେବାକୁ ତାଙ୍କୁ ରାଜକିଶୋର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୬ ଲକ୍ଷ ଟଙ୍କା ନେବେ ବୋଲି ରାଜକିଶୋର କହିଥିଲେ। କୁମୁଦିନୀ ଏଥିପାଇଁ ୨ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ତେବେ ଟଙ୍କା ନେବା ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ପରେ ରାକେଟର ସଦସ୍ୟ ଅରୁଣ ଓ ଭବାନୀ ପୁଣି କୁମୁଦିନୀଙ୍କୁ ଚାକିରି କରାଇଦେବାକୁ ଫଶାଇଥିଲେ। ସେମାନେ କୁମୁଦିନୀଙ୍କଠୁ ୭ ଲକ୍ଷ ଟଙ୍କା ନେଇଯାଇଥିଲେ। ଟଙ୍କା ଫେରି ନ ପାଇବାରୁ କୁମୁଦିନୀ ଏନେଇ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମାର୍ଚ୍ଚ ୩୧ରେ ଏକ ମାମଲା (ନଂ.୩୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ରାକେଟର ବହୁ ଠକେଇ ଘଟଣା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ସୁଶାନ୍ତ କୁମାର ମୁଦୁଲିଙ୍କୁ ସ୍କୁଲ ପିଅନ ଚାକିରି ଦେବାକୁ କହି ୧.୫ ଲକ୍ଷ, ଦୀପକ କୁମାର ନାୟକଙ୍କୁ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପିଅନ ଚାକିରି ପାଇଁ ୪.୫୦ ଲକ୍ଷ, ଦିପୁ ବିଶ୍ୱାଳଙ୍କୁ ରାଜଭବନରେ ପିଅନ ଚାକିରି ଦେବାକୁ କହି ୨ ଲକ୍ଷ ଠକିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଓକିଲ ସଂଘ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ବାଙ୍କୀ,୩।୪(ସ୍ୱ.ପ୍ର.) ବାଙ୍କୀ ଓକିଲ ସଂଘ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର ଯୋଗଦେଇ ନବନିର୍ବାଚିତ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର, ଉପସଭାପତି ବିଭୂଦତ୍ତ ଟିକାଏତ, ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ସହ ସମ୍ପାଦକ ରବିନ୍ଦ୍ର କୁମାର ମହାପାତ୍ର, କୋଷାଧକ୍ଷ ପ୍ରଦୀପ କୁମାର ମିଶ୍ର ଓ ଗ୍ରନ୍ଥାଗାର ପ୍ରଦୀପ କୁମାର ମହାପାତ୍ରଙ୍କୁ ଶପଥପାଠ କରାଇଥିଲେ। ଓକିଲ ସଂଘର ସମସ୍ତ କର୍ମକର୍ତ୍ତାମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ସମାରୋହରେ ଆଇନଜୀବୀ ବଙ୍କି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ପ୍ରଦୀପ କୁମାର ପୃଷ୍ଟି, ଧର୍ମପ୍ରସାଦ ମଙ୍ଗରାଜ, ଯଯାତିକେଶରୀ ପଟ୍ଟନାୟକ, ରବିନ୍ଦ୍ର କୁମାର ପତି, ବିଶ୍ୱରଞ୍ଜନ ପଣ୍ଡା, ରଘୁନାଥ ପୃଷ୍ଟି, ଶୁଭାଶିଷ ମହାପାତ୍ର, ଭାଗ୍ୟଧର ନାଏକ, ଧିରେନ କୁମାର ମଙ୍ଗରାଜ, ସୁବାସ କୁମାର ସେଠୀ, ଆଲୋକ ରଶ୍ମି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ

ନିଶ୍ଚିନ୍ତକୋଇଲି,୩।୪(ସ୍ୱ.ପ୍ର.)- ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର, ସରପଡା ଓ ବାଲିଆପଦା ପଞ୍ଚାୟତର ସଙ୍ଗମସ୍ଥଳରେ ଥିବା ମହାବୀର ମନ୍ଦିରର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠାର ପଞ୍ଚଦଶ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ସାମାଜିକକର୍ମୀ ଚନ୍ଦ୍ରକାନ୍ତ ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳା ଆଳତୀ, ପ୍ରଭାତ ଅବକାଶ, ନଗର ପରିକ୍ରମା, ରଘୁନାଥ ଦର୍ଶନ, ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମହାସ୍ନାନ, ନୀମଯଜ୍ଞ କରାଯିବା ସହ ରାତ୍ରିରେ ଅଜୟ କୁମାର ଖୁଣ୍ଟିଆଙ୍କ ଦ୍ୱାରା ରାମାୟଣର ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ଏଥିରେ ପୂଜକଭାବେ ରଘୁନାଥ ପଣ୍ଡା, ସୁରେନ୍ଦ୍ରନାଥ ପଣ୍ଡା, ବିଶ୍ୱନାଥ ନନ୍ଦ ଓ କର୍ତ୍ତାଭାବେ କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସାମାଜିକ କର୍ମୀ ନିଳକଣ୍ଠ ନନ୍ଦ, ପରମାନନ୍ଦ ପଣ୍ଡା, ଶିକ୍ଷାବିତ୍ ପ୍ରସନ୍ନ ପତି, ବିଦୁଲତା ପଣ୍ଡା, ଦ୍ୱାରିକାନାଥ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ସହଯୋଗ କରିଥିଲେ।

### ବ୍ରହ୍ମାନନ୍ଦ ପଣ୍ଡାଙ୍କ ଜୟନ୍ତୀ

କଟକ ଅଫିସ, ୩।୪: ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳଚକ୍ରର ପ୍ରତିଷ୍ଠାତା ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଣ୍ଡାଙ୍କ ୭୪ତମ ଜୟନ୍ତୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର କର୍ମକର୍ତ୍ତା, ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ସମ୍ମୁଖରେ ଥିବା ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଉତ୍ସବରେ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଯୋଗଦେଇ କହିଥିଲେ, ବ୍ରହ୍ମାନନ୍ଦ ପଣ୍ଡା ଏକାଧାରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସୁରକ୍ଷାର ଅଗ୍ରଦୂତ, ରାଜନେତା, ବାଗ୍ମୀ, ପ୍ରଚଣ୍ଡ ସ୍ୱାଭିମାନୀ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଥିଲେ। ଏଥିରେ ଧ୍ରୁବଚରଣ ରାଉତ, ତପନ ବେହେରା, ସ୍ମୃତିରଞ୍ଜନ ରାଉତ, ଡା. ନାରାୟଣ ପ୍ରସାଦ ମହାନ୍ତି, ଡ. ଶ୍ରୀକାନ୍ତ ପରିଜା, ବ୍ରଜ ନନ୍ଦ, ଡା. ରବି ରଞ୍ଜନ ସାହୁ, ବିଦ୍ୟୁତ୍ କୁମାରୀ ଲାଲା, ରମାକାନ୍ତ ପ୍ରଧାନ, ସୁବାସ ମହାନ୍ତି, ମମତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀରାମ ଲୀଳା ଆଧ୍ୟାତ୍ମିକତା, ଭାଇଚାରାର ନିଦର୍ଶନ

## ରଘୁନାଥଜୀଉ ରାମଲୀଳା ସମାରୋହର ଶୁଭାରମ୍ଭ

ଆଠଗଡ,୩।୪(ସ୍ୱ.ପ୍ର.)


ରଘୁନାଥଜୀଉ ରାମଲୀଳା ସମାରୋହର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ଆଠଗଡ ସହରସ୍ଥିତ ଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଅଞ୍ଚଳର ସର୍ବପୁରାତନ ରାମଲୀଳା ନାଟ୍ୟ ସଂଘର ୭୫ ତମ ବାର୍ଷିକ ମହୋତ୍ସବ ରବିବାର ଶୁଭାରମ୍ଭ ହୋଇଛି। ଏହି ଉତ୍ସବରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ କାଉନ୍‌ସିଲର ସିପ୍ରା ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷା ରାଉତ କହିଥିଲେ, ଶ୍ରୀରାମ ଲୀଳା ସମାଜରେ ଶାନ୍ତି, ଆଧ୍ୟାତ୍ମିକତା, ଭାଇଚାରାର ନିଦର୍ଶନ। ସଂଘ ସଭାପତି ପ୍ରଭାକର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠଗଡ ଅଞ୍ଚଳ ଜଣାଶୁଣା ରାମଲୀଳା ଗୁରୁ ସଦାନନ୍ଦ ସାହୁ, ନାଟ୍ୟସଂଘ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂଘର ଦିବଂଗତ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ଦାସଙ୍କ ଦ୍ୱାରା ସଭା ପରିଚାଳନା କରଯାଇଥିଲା। ସମ୍ପାଦକ ଶିବ ଶଙ୍କର ଜେନା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସଂଘର ଦିବଂଗତ ସଭ୍ୟମାନଙ୍କ ପରିବାରକୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ଉପଢ଼ୌକନ ଏବଂ ଶ୍ରୀ ରଘୁନାଥ ଜୀଉଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ସୁଧାଂଶୁ ଶେଖର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସଂଘର ତରୁଣ କଳାକାରମାନଙ୍କ ପକ୍ଷରୁ ସୀତା ବିବାହ ଓ ପର୍ଶୁରାମ ଭେଟ ନାଟକ ମଞ୍ଚସ୍ଥ କରାଯାଇଥିଲା। ସବୁବର୍ଷ ପରି ଚଳିତ ବର୍ଷ ସଂଘ ପକ୍ଷରୁ ଅନୁଷ୍ଠାନ ସ୍ୱର୍ଗତ ଗୁରୁ ରାହାସ ବିହାରି ନାୟକଙ୍କ ରଚିତ ଶ୍ରୀରାମଜନ୍ମଠାରୁ ଶ୍ରୀ ରାମ ଅଭିଷେକ ପର୍ଯ୍ୟନ୍ତ ଲୀଳା ଅନୁଷ୍ଠିତ ହେବ। ପରେ ଆପାପାଖ ଅଞ୍ଚଳର ପ୍ରଖ୍ୟାତ ରାମଲୀଳା ଦଳ ପକ୍ଷରୁ ଏହା ପରିବେଷଣ କରାଯିବ।

ସୂଚନାଯୋଗ୍ୟ,ଆଠଗଡ ଗଡ଼ଜାତ ସମୟ ରାଜା ଶ୍ରୀ ରଘୁନାଥ ବେବର୍ତ୍ତା ପଟ୍ଟନାୟକ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ଶୁଭାରମ୍ଭ କରିଥିଲେ। ତାଙ୍କ ଅନ୍ତେ ସାନଭାଇ ତଥା ଆଠଗଡ ଗଡ଼ଜାତର ପୂଣ୍ୟଶ୍ଳୋକ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଏନେଇ ଅଯୋଧ୍ୟାରୁ ଶ୍ରୀ ରଘୁନାଥଙ୍କ କଳା ମୁଗୁନି ପଥର ବିଗ୍ରହ, ଶ୍ରୀ ଲକ୍ଷ୍ମଣ ଓ ସୀତା ଠାକୁରାଣୀଙ୍କର ଯଥାକ୍ରମେ ମାର୍ବଲ ଓ ଅଷ୍ଟଧାତୁ ନିର୍ମିତ ବିଗ୍ରହ ଆଣି ପ୍ରତିଷ୍ଠା କରିଯାଇଥିଲା। ମନ୍ଦିର ରୀତିନୀତି ପାଇଁ ଜମିବାଡ଼ି ଆଦି ଯୋଗାଇ ଦେବାସହ ସେବାୟତ ରଖାଯାଇଥିଲା। ସେତେବେଳେ ରାଜା ବିଶ୍ୱନାଥ ମନ୍ଦିରରେ ରାମାୟଣ କଥାବସ୍ତୁକୁ ନେଇ ବୈଠକ ପାଲା କରାଉଥିଲେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଥିଲା। ପରେ ଗଣକବି ବୈଷ୍ଣବ ପାଣି ଓ ବୈଶ୍ୟ ସଦାଶିବଙ୍କୁ ଅଣାଯାଇ ଶ୍ରୀ ରାମଲୀଳା ଓ ନୃତ୍ୟାଭିନୟ କରାଯାଇଥିଲା। ସ୍ୱର୍ଗତ ଗୁରୁ ରାହାସ ବିହାରି ନାୟକଙ୍କ ଉଦ୍ୟମରେ ସ୍ଥାନୀୟ କୈବର୍ତ୍ତ ସମାଜ ଦ୍ୱାରା ଶ୍ରୀ ରାମଲୀଳା ଅନୁଷ୍ଠିତ ହୋଇଥିଲା। ଏହି ରାମଲୀଳା ଆଠଗଡର ଅନ୍ୟତମ ଗଣପର୍ବ । ଏହା ଅଞ୍ଚଳର ଅନ୍ୟତମ ଲୋକପ୍ରିୟ ଲୋକକଳା। ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟସଂଘ କଟକ ଜିଲାର ହାତଗଣତି ରାମଲୀଳା ନାଟ୍ୟସଂଘ ମଧ୍ୟରୁ ଅନ୍ୟତମ ସରକାରୀ ପଞ୍ଜୀକୃତ ଅନୁଷ୍ଠାନ। ଏହି ସଂଘ ଦୀର୍ଘଦିନ ହେବ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରାମଲୀଳାର ପ୍ରଚାର ପ୍ରସାର ଦିଗରେ କାମ କରୁଛି ବୋଲି ଅନୁଷ୍ଠାନର ସଭାପତି ପ୍ରଭାକର ପଟ୍ଟନାୟକ ସୂଚନା ଦେଇଛନ୍ତି।

# କନିଷ୍ଠଯନ୍ତ୍ରୀଙ୍କ ବଦଳି ଦାବିରେ ସରପଞ୍ଚଙ୍କ ଆମରଣ ଅନଶନ

ମାଣିଆବନ୍ଧ,୩।୪(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଙ୍କଡାଯୋଡ଼ି ଗ୍ରାମପଞ୍ଚାୟତରେ ଦୀର୍ଘ ପାଞ୍ଚ ମାସ ହେବ ଉନ୍ନୟନ କାର୍ଯ୍ୟହେଉ ନ ଥିବାରୁ କେନ୍ଦ୍ର ଓ ରାଜ୍ୟ ଭାଗ ଅନୁଦାନ ଖର୍ଚ୍ଚ ହୋଇପାରୁ ନାହିଁ। ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ କରି ସରପଞ୍ଚ ସୀତା ଦାସ ଓ ଗ୍ରାମବାସୀ ଆମରଣ ଅନଶନରେ ବସିଛନ୍ତି। ୩ ଦିନ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ ପରିବର୍ତ୍ତନ କରିବାକୁ ସେମାନେ ଦାବି କରିଛନ୍ତି।ଏନେଇ ପୂର୍ବରୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ସେମାନେ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


ସରପଞ୍ଚ ଓ ଅନ୍ୟମାନେ ଅନଶନରେ ବସିଛନ୍ତି।

# ୫୮ ଅଭିଯୋଗରୁ ୩୮ ସମାଧାନ

## ଜିଲାପାଳଙ୍କ ଜନଶୁଣାଣି ଶିବିର

ସାଲେପୁର,୩।୪(ଡି.ଏନ.ଏ.)

ସାଲେପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୫୮ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୫୫ ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ୩୮ ଅଭିଯୋଗର ସମାଧାନ କରାଯାଇଥିଲା। ୩ ଟି ଭିନ୍ନକ୍ଷମ ଭତ୍ତା,୧୨ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଉପଜିଲାପାଳ କମଳଜିତ ଦାଶ, ଜିଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ଅଧିକାରୀ ମନୋଜ ରଥ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଯୁଗଳ କିଶୋର ବାନୋ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ସାଲେପୁର ତହସିଲଦାର ଶିବ ମଲ୍ଲିକ, ବିଡିଓ ସୂର୍ଯ୍ୟକାନ୍ତ ରାଉତ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# ୩ ନଂ. ୱାର୍ଡରେ ପରିମଳ ବ୍ୟବସ୍ଥା ପରଖିଲେ ମେୟର



ମୋ ୱାର୍ଡ ଅଭିଯାନ– ସିଏମ୍‌ସି ୱାର୍ଡ ନଂ–୩ ଠାରେ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ।

## ମୋ ୱାର୍ଡ ଅଭିଯାନ

କଟକ ଅଫିସ,୩।୪

ମୋ ୱାର୍ଡ ଅଭିଯାନରେ ସୋମବାର ମେୟର ସୁବାସ ସିଂ ୱାର୍ଡ ନଂ. ୩ରେ ପରିମଳ ବ୍ୟବସ୍ଥା ର ଦାୟିତ୍ୱରେ ଥିବା ସଂସ୍ଥାର କାର୍ଯ୍ୟ ପରିଚାଳନା ତଦାରଖ କରିଥିଲେ। ସକାଳେ ସିଡିଏସ୍ଥିତ ଦହିବରା ହାଜିରା ପଏଣ୍ଟ ପାଖରେ ପହଞ୍ଚି, ସେମାନଙ୍କର ଉପସ୍ଥାନ ନେବା ସହିତ ୱାର୍ଡର ପରିମଳ ବ୍ୟବସ୍ଥା ପରଖିଥିଲେ। ଉକ୍ତ ସମୟରେ କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଯନ୍ତ୍ରୀ ଦିଲୀପ ସ୍ୱାଇଁ, କର୍ପୋରେଟର ପ୍ରଦୀପ ରାଉତ, ୱାର୍ଡ ଅଫିସର ପ୍ରଭାତ କୁମାର ପାଇଟାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ପୂର୍ବାହ୍ନ ୧୦ଟାରେ ମେୟରଙ୍କ ସହିତ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ, ମୁଖ୍ୟ ଯନ୍ତ୍ରୀ ନନ୍ଦ କିଶୋର ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ପ୍ରଧାନ, ୱାଟକୋର ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, ଜାଇକାର ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା, କନିଷ୍ଠଯନ୍ତ୍ରୀ ଦିଲୀପ ସ୍ୱାଇଁ ଯୋଗଦେଇ ୱାର୍ଡରେ ଥିବା ସମସ୍ତ ସ୍କୁଲ, ଖେଳପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବରେ ନିର୍ମାଣ ହେଉଥିବା ଡ୍ରେନ ତଦାରଖ କରାଯିବା ସହିତ ଅଧିକାରୀମାନଙ୍କୁ କମିଶନର ଏବଂ ମେୟର ତୁରନ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମେୟର ଦ୍ୱିପହରରେ ତୀର୍ଥ ଶାନ୍ତି ଆଶ୍ରମର ଅନ୍ତେବାସିନୀଙ୍କ ସହ ଖାଦ୍ୟ ଗ୍ରହଣ କରି କଥା ହୋଇଥିଲେ। ଅପରାହ୍ନ ୩ଟା ବେଳେ ବିଦ୍ୟାଧରପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ୩୮୦ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟମାନଙ୍କୁ ନେଇ ଗୋଟିଏ ବୈଠକ ହୋଇଥିଲା। ବୈଠକରେ ମେୟରଙ୍କ ସହିତ ମହାନଗର ନିଗମର ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ତପତି ଦାସ, ସୁଜିତ ମିଶ୍ର, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାପରେ ଉକ୍ତ ମନ୍ଦିର ପରିସରରେ ସ୍ଥାନୀୟ ଯୁବ ଶକ୍ତି ଓ କ୍ଲବ ସଦସ୍ୟ ଏବଂ ଷ୍ଟ୍ରିଟ ଭେଣ୍ଡର୍ସଙ୍କର ସଦସ୍ୟମାନଙ୍କୁ ନେଇ ଗୋଟିଏ ବୈଠକ ହୋଇଥିଲା। ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, କାଳୀଚରଣ ସ୍ୱାଇଁ, ଇନ୍ଦ୍ରମଣି ମହାନ୍ତି, ମୀନା ରାଉତ, କାଳନ୍ଦୀ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଓଡ଼ିଶା ଇତିହାସ ସଂକ୍ରାନ୍ତ ଫଟୋଚିତ୍ର ପ୍ରଦର୍ଶନୀ

କଟକ ଅଫିସ, ୩।୪:

ଓଡ଼ିଶା ଦିବସ ଉପଲକ୍ଷେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ଅଭିଲେଖାଗାର ଏବଂ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମିଳିତ ଆନୁକୂଲ୍ୟରେ ସୋମବାର 'ଆଧୁନିକ ଓଡ଼ିଶା ଇତିହାସର କିଛି ପୃଷ୍ଠା' ସଂକ୍ରାନ୍ତ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ଡ. ସଞ୍ଜୟ ନାୟକଙ୍କ ପୌରୋହିତ୍ୟରେ ଓ ବିଭାଗୀୟ ମୁଖ୍ୟ ଡ. ଉମାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ମିଶ୍ର, ଡ. ପ୍ରିୟଦର୍ଶୀ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଐତିହାସିକ ଡ. ନିବେଦିତା ମହାନ୍ତି ମୁଖ୍ୟ ଅତିଥି ଓ ବକ୍ତା ଭାବେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ରେଭେନ୍‌ଶାର ସାଙ୍ଗଠନିକ ଭୂମିକା ସମ୍ପର୍କରେ କହିଥିଲେ। ଗବେଷକ ଓ ପ୍ରଶାସନିକ ଅଧିକାରୀ ରାଜା ପରିଜା ଏବଂ ପ୍ରଶାସନିକ ଅଧିକାରୀ ଡ. ଲଲାଟେନ୍ଦୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଅଜଣା ସ୍ୱତନ୍ତ୍ରତା ସେନାନୀମାନଙ୍କ ଭୂମିକାକୁ ଲୋକଲୋଚନକୁ ଆଣିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ ଅତିଥି ପରିଚୟ ଓ ଶ୍ୟାମ କଶ୍ୟପ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଭୋଳାନାଥ ନାୟକ, ମଧୁସ୍ମିତା ଛୋଟରାୟ, ଶିବନାରାୟଣ ବିହାରୀ, ଗବେଷକ ନିଶିକାନ୍ତ ଦ୍ୱିବେଦୀ, ଗୌତମ ବୁଦ୍ଧ ସୀତାରାମ, ପୂଜାରାଣୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ଫଳକରୁ ତ୍ରୁଟି ସଂଶୋଧନ ପାଇଁ ନିର୍ଦ୍ଦେଶ

ମାହାଙ୍ଗା,୩।୪(ସ୍ୱ.ପ୍ର.):

ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ଓ ରାସ୍ତା ପାର୍ଶ୍ୱରେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯାଇଛି। ସେଥିରେ ଓଡ଼ିଆ ଭାଷାରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି । ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶପାଇବା ପରେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ତ୍ରୁଟି ସଂଶୋଧନ କରାଯାଇ ନାହିଁ । ଏ ପ୍ରସଙ୍ଗକୁ ନେଇ ମାହାଙ୍ଗାର ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାପରେ ବିଧାୟକ ଜେନା ତ୍ରୁଟିପୂର୍ଣ୍ଣ ଓଡ଼ିଆ ଲେଖାଗୁଡ଼ିକୁ ତୁରନ୍ତ ସଂଶୋଧନ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସାହିତ୍ୟିକ ଭୁବନାନନ୍ଦ ସାହୁ,ଡ.ଏକାଦଶୀ ପ୍ରଧାନ, ନିଖିଳେଶପଦ ମହାନ୍ତି, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ଅଖିଳେଶ ମହାନ୍ତି, କବି ପ୍ରଶାନ୍ତ କୁମାର କର, ଗୌତମ ଚରଣ ଜେନା ପ୍ରମୁଖ ବିଧାୟକ ଜେନାଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି।

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, କଲେଜ ଅଧ୍ୟକ୍ଷଙ୍କୁ ଦାବିପତ୍ର

## ବାଙ୍କୀ ମହାବିଦ୍ୟାଳୟ ମିନି ଷ୍ଟାଡିୟମ ଗ୍ୟାଲେରି ଭୁଶୁଡ଼ିବା ଘଟଣା

ବାଙ୍କୀ,୩।୪(ସ୍ୱ.ପ୍ର.):



ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

ବାଙ୍କୀ କଲେଜ ମିନି ଷ୍ଟାଡିୟମ ଗ୍ୟାଲେରି ଉଦ୍‌ଘାଟନ ହେବାର ୧୦ ଦିନ ମଧ୍ୟରେ ଭୁଶୁଡ଼ିବା ଓ ରାତିରାତି ମରାମତି କରିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରି ବାଙ୍କୀ ଭାଜପା ପକ୍ଷରୁ ତଦନ୍ତ ଦାବି କରାଯାଇଛି। ଏନେଇ ବାଙ୍କୀର ବରିଷ୍ଠ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରିଛି। ଘଟଣାର ତଦନ୍ତ କରି ସମ୍ପୃକ୍ତ ଠିକାଦାର ଓ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଏକ ଦାବିପତ୍ର ଦିଆଯାଇଛି। ଅଭିଯୁକ୍ତମାନଙ୍କଠାରୁ ସମସ୍ତ ଅର୍ଥ ଆଦାୟ କରିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଦଳ ପକ୍ଷରୁ ବାଙ୍କୀ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ଶଙ୍କର ହୋତାଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ କଟକ ଜିଲା କୃଷକ ମୋର୍ଚ୍ଚା ଭାଜପା ସଭାପତି ଉତ୍କଳମଣି ମନ୍ତ୍ରୀ, ସମ୍ପାଦକ ସୁଶାନ୍ତ କୁମାର ଜେନା, ବିଜୟ କୁମାର ବରାଡ, ବ୍ରହ୍ମପୁରା ଭାଜପା ମଣ୍ଡଳ ସଭାପତି, ଡମପଡ଼ାମଣ୍ଡଳ ଭାଜପା ସଭାପତି ବୀରେନ୍ଦ୍ର କୁମାର ଦାଶ, କଟକ ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ ବିଭୂତି ରାୟ, ଭାଜପା ନଗର କୃଷକ ମୋର୍ଚ୍ଚା ସଭାପତି ଅଜିତ କୁମାର ସୁବୁଦ୍ଧି,ନଗର ଭାଜପା ସଭାପତି ପ୍ରଣବ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

ଗତ ମାର୍ଚ୍ଚ ୨୩ରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତିରେ ଏହି ଗ୍ୟାଲେରି ଉଦ୍‌ଘାଟନ ହୋଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷାରେ ଗ୍ୟାଲେରିର କିଛି ଅଂଶ ଏପ୍ରିଲ ୧ ତାରିଖରେ ଭୁଶୁଡ଼ି ପଡ଼ିଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ପୂର୍ବରୁ ମାତ୍ର ୨୪ଘଣ୍ଟା ମଧ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ସ୍ଥାନୀୟ ଠିକାଦାରଙ୍କ ମାଧ୍ୟମରେ ଏହାକୁ ମରାମତି କରି ରଙ୍ଗ ମାରି ଦିଆଯାଇଛି। ନିମ୍ନମାନର କାମ ହୋଇଥିବା ଯୋଗୁ ପ୍ରମାଣ ନଷ୍ଟ ପାଇଁ ପ୍ରୟାସ କରାଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ନାଚ,ଗୀତ, ସଙ୍ଗୀତରେ ଝୁମିଲେ ଦର୍ଶକ

## ସାଲେପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ସାଲେପୁର,୩।୪(ଡି.ଏନ.ଏ)



ସାଲେପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ ।

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ବ୍ୟାରେଜ ପଡ଼ିଆଠାରେ ୫ ଦିନଧରି ଆୟୋଜିତ ହେଉଥିବା ମହୋତ୍ସବ ଏବଂ ଓଡ଼ିଶା ଦିବସ ସମାରୋହର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ପର୍ଯ୍ୟବେଶିତ ନାଚ,ଗୀତ ଓ ସଙ୍ଗୀତରେ ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇ ଝୁମିଛନ୍ତି। ସାଲେପୁରର ମଧୁସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ତଥା ଟାଙ୍ଗୀ -ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପୌରୋହିତ୍ୟ କରିଥିଲେ। ସଭାରେ ମୁଖ୍ୟଅତିଥିଭାବେ ରାଜ୍ୟ କୃଷି, କୃଷକ, ସଶକ୍ତୀକରଣ ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ବୋଲି କହିଥିଲେ। ରାଜ୍ୟ ସରକାର ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଦିଗରେ ନେଇଥିବା ବିଭିନ୍ନ ବଳିଷ୍ଠ ପଦକ୍ଷେପ ସମ୍ପର୍କରେ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଉପଜିଲାପାଳ କମଳଜିତ ଦାଶ ପ୍ରମୁଖ ଯୋଗଦେଇଥିଲେ। ମଧୁବାବୁଙ୍କ ସ୍ମୃତିକୁ ଚିରସ୍ମରଣୀୟ କରିବା ପାଇଁ ମଧୁ ସ୍ମୃତି ପରିଷଦ ପକ୍ଷରୁ ଏହା ଏକ ପ୍ରୟାସ ବୋଲି ପରିଷଦ ସଭାପତି ତଥା ବିଧାୟକ ବେହେରା କହିଥିଲେ। ମଧୁ ସ୍ମୃତି ପରିଷଦ ସମ୍ପାଦକ ଦିଲୀପ ଦାଶ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଖବରଦାତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମଧୁସ୍ମୃତି ପରିଷଦର ସଦସ୍ୟ ସଂଜିତ ଦାଶ, ରଜନୀ କାନ୍ତ ଦାଶ, ନାରାୟଣ ପତି, ବିଶ୍ୱଜିତ୍ ବିଶ୍ୱାଳ, ଚିତ୍ତରଞ୍ଜନ ପୁହାଣ, ରମେଶ ଚନ୍ଦ୍ର ଜେନା, ପୁଷ୍ପଜିତ ପ୍ରଧାନ, ସଞ୍ଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବରେ ମିଶନ ଶକ୍ତି ପକ୍ଷରୁ ଶତାଧିକ ହସ୍ତଶିଳ୍ପ ଷ୍ଟଲ ସହ ବହୁ ଅସ୍ଥାୟୀ ଦୋକାନ ବଜାର ଖୋଲାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ଏହା ଦେଖିବାକୁ ବହୁ ସଂଖ୍ୟକ ଦର୍ଶକଙ୍କ ଭିଡ଼ ଜମୁଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଲେପୁର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ମହୋତ୍ସବ ସ୍ଥଳରେ ଓ ଛକଗୁଡ଼ିକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। କାର୍ଯ୍ୟକ୍ରମରେ ସାଲେପୁର ତହସିଲଦାର ଶିବ ମଲ୍ଲିକ, ବିଡିଓ ସୂର୍ଯ୍ୟକାନ୍ତ ରାଉତ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଟି ମାଗି ୨ ଗିରଫ

ସାକ୍ଷୀଗୋପାଳ, ୩।୪(ସ୍ୱ.ପ୍ର./ଡି.ଏନ୍.ଏ.): ସତ୍ୟବାଦୀ ଥାନା ପକ୍ଷରୁ ଏସ୍ଆଇ ଦୀପ୍ତିରଞ୍ଜନ ସାହୁଙ୍କ ନେତୃତ୍ୱରେ ରବିବାର ରାତିରେ ସତ୍ୟବାଦୀର ବିଭିନ୍ନ ଅଞ୍ଚଳରେ କରାଯାଇଥିବା ପାଟ୍ରୋଲିଂ ସମୟରେ ବଟି ଆଦାୟ କରୁଥିବା ୨ ଯୁବକଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସତ୍ୟବାଦୀ ବ୍ଲକ ଛକର ମୁନା ଭୋଇ(୩୨) ଓ ଅଠେଇସର କାଳିଆ ଭୋଇ(୨୪)। ସେମାନଙ୍କ ପାଖରୁ ଏକ ଫାର୍ସା ଓ ଘଟଣାରେ ବ୍ୟବହୃତ ବାଇକକୁ ଜବତ କରଯାଇଛି। ଅନ୍ୟ ଏକ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହେବାର ସଫଳ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୫/୨୩) ରୁଜୁ କରି ତଦନ୍ତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ତେବେ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କାଦୁଆ ଛକର ଜାତୀୟ ରାଜପଥ ରାସ୍ତାରେ ଯାଉଥିବା ଗାଡି ଓ ପଥଚାରିଙ୍କୁ ମରଣାସ୍ତ୍ର ଦେଖାଇ ଅଟକାଇ ଭୟଭୀତ କରାଇ ୨ ଯୁବକ ଦାଦାବଟି ଆଦାୟ କରୁଥିବା ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବର ପାଇଥିଲେ। ପୋଲିସ ସେଠାରେ ଚଢ଼ାଉ କରି ୨ଜଣଙ୍କୁ ଧରିଥିଲେ।

### ନଦୀପଠାରେ ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଗୋପ,୩।୪(ଡି.ଏନ୍.ଏ.)- ନୟାହାଟ-ନାଗପୁର ରାସ୍ତାର ପଲ୍ଲିଛକ ନିକଟସ୍ଥ କାଦୁଆ ନଦୀକୂଳରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୫୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଜଣକ ଏବେ ଫେରାର ଥିବାବେଳେ ପୋଲିସ ଯୁବକଙ୍କ ଟେଲିଫୋନ ନମ୍ବର ପାଇ ତଦନ୍ତ ଚଳାଇଛି। ପ୍ରକାଶ ଯେ, କିଛିଦିନ ତଳେ କୋଣାର୍କ ଥାନା ଅଞ୍ଚଳର ଏହି ମହିଳା ଜଣଙ୍କ ନିମାପଡ଼ାରେ ଥିବା ଗୋଟିଏ ମନ୍ଦିରକୁ ମାନସିକ କରିବା ପାଇଁ ଆସିଥିଲେ। ସେଠାରେ ଜଣେ ଯୁବକଙ୍କ ତାଙ୍କର ପରିଚୟ ହୋଇଥିଲା। ପରେ ଟେଲିଫୋନ ମାଧମରେ ଉଭୟ କିଛିଦିନ କଥାବାର୍ତ୍ତା ହୋଇଥିଲେ। ତେବେ ରବିବାର ସନ୍ଧ୍ୟାରେ ମହିଳା ଜଣଙ୍କ ବାପା ଘରକୁ ଯିବା ପାଇଁ ଗୋପ -କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ବସିଥିଲେ। ଏହି ସମୟରେ ଉକ୍ତ ଯୁବକ ଜଣଙ୍କ ସେଠାରେ ପହଞ୍ଚି ତାଙ୍କୁ ଘରେ ଛାଡ଼ି ଦେବ ବୋଲି କହିଥିଲେ। ଏଥିରେ ମହିଳା ରାଜି ହୋଇଥିବା ବେଳେ ଯିବା ବାଟରେ କାଦୁଆ ନଦୀ କୂଳରେ ମହିଳାଙ୍କୁ ସେ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ବିଭିନ୍ନ ସ୍ଥାନରେ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ସ୍କୁଲ ଭ୍ୟାନ୍ ଓଲଟି ୬ ଶିଶୁ ଆହତ

ନିମାପଡ଼ା,୩।୪(ଡି.ଏନ୍.ଏ.): ଚାରିଛକ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମ ନିକଟରେ ସୋମବାର ଏକ ସ୍କୁଲ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାକଡ଼ ଖାଲକୁ ଓଲଟି ପଡ଼ିଛି। ଫଳରେ ଚାଳକଙ୍କ ସମେତ ୬ ଜଣ ଶିଶୁ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଆହତ ଶିଶୁଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶିଶୁଙ୍କୁ ଘରକୁ ପଠାଇ ଦିଆଯାଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ସହରବାସୀ

ଖୋର୍ଦ୍ଧା ଅଫିସ,୩।୪

- ଜନଜାଗରଣ ପରିବାର ଆଣିଲା ଅଭିଯୋଗ
- ରାସ୍ତାଘାଟ, ସ୍ୱଚ୍ଛତା, ଡ୍ରେନ୍, ପରିମଳ ବିପର୍ଯ୍ୟସ୍ତ
- ୩ ବର୍ଷ ହେଲାଣି ଖୋଲିପାରୁନି ପବ୍ଲିକ୍ ଶୌଚାଳୟ

ଖୋର୍ଦ୍ଧା ସହରର ରାସ୍ତାଘାଟ, ଡ୍ରେନ୍, ପରିମଳ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ପୌର ପ୍ରଶାସନ ଏବଂ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ, ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ସୋମବାର ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି ଖୋର୍ଦ୍ଧା ଜନଜାଗରଣ ପରିବାର। ସ୍ଥାନୀୟ ପୋଷ୍ଟଅଫିସ ଛକରୁ ଡକ୍ଟର୍ସ ଲେନ୍ ଦେଇ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପୋଷ୍ଟଅଫିସଠାରୁ ଡକ୍ଟର୍ସ ଲେନ୍ ମଧ୍ୟରେ ଖାଲଖମା, ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଗୁରୁଜଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ଖୋର୍ଦ୍ଧା ଗୁରୁଜଙ୍ଗ ବାସିନ୍ଦା ସମେତ କେରଙ୍ଗ, ହଳଦିଆ, ବାଙ୍କୀ ସହ ୪ଟି ପଞ୍ଚାୟତର ବାସିନ୍ଦା ନିର୍ଭର କରୁଛନ୍ତି। ଏଥିସହ ବହୁ ଭାରିଯାନ ଯାତାୟାତ କରୁଛି। ସକାଳୁ ରାତି ପର୍ଯ୍ୟନ୍ତ ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ରାସ୍ତାସାରା ଖାଲଖମା ଯୋଗୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲ ଜନଜାଗରଣ ପରିବାର ଆବାହକ ରଣଜିତ ମହାପାତ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରଛନ୍ତି। କେବଳ ଏହି ଗୋଟିଏ ରାସ୍ତା ନୁହଁ, ସହରର ଗଳିକନ୍ଦି ରାସ୍ତା ଏଭଳି ସମାନ ଦୃଶ୍ୟ ରହିଛି। ସହରରେ ଡ୍ରେନ୍‌ଗୁଡିକ ଦୀର୍ଘବର୍ଷ ହେବ ସଫା କରାଯାଇନାହିଁ। ଅନେକ ଡ୍ରେନ୍ ଭାଙ୍ଗିଗଲାଣି। ଡ୍ରେନ୍ ସଫା ହେଉ ନ ଥିବାରୁ ପୂତିଗନ୍ଧମୟରେ ପରିଣତ ହୋଇଛି। ଦୀପତଳ ଅନ୍ଧାର ଭଳି ପୌର କାର୍ଯ୍ୟାଳୟ ନିକଟରେ ରହିଥିବା ଡ୍ରେନ୍ ପୋତି ହୋଇପଡ଼ିଥିବା ବେଳେ ଅନେକ ଡ୍ରେନ୍‌ରେ ଅଳିଆ ଆବର୍ଜନା ପଡ଼ି ପଚିଶଢ଼ି ଦୁର୍ଗନ୍ଧମୟ ହେଲାଣି। ଅନ୍ୟପଟେ ସକାଳ ୯ଟା ପର୍ଯ୍ୟନ୍ତ ସହରରୁ ଅଳିଆ ହଟୁନି। ଲକ୍ଷାଧିକ ଟଙ୍କାରେ କିଣାଯାଇଥିବା ଅଳିଆବୁହା ବ୍ୟାଟେରି ଗାଡ଼ି ଅଚଳ ହୋଇ ପଡ଼ିଛି। ସ୍ୱଚ୍ଛତା ଓ ପରିମଳ ଆଳରେ ଲକ୍ଷାଧିକ ଟଙ୍କା ଅର୍ଥଶ୍ରାଦ୍ଧ କରାଯାଉଛି। ବିନା ଟେଣ୍ଡରରେ ଠିକାଦାରଙ୍କୁ କାମ ଦିଆଯାଇ ଟଙ୍କା ହରିଲୁଟ୍ ଚାଲିଛି। ସହରରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ବିଧବା ବାର୍ଦ୍ଧକ୍ୟ ଭତ୍ତା ପାଇଁ ପୌର କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଛନ୍ତି। ସହରର ବିକାଶ ଏକପ୍ରକାର ଠପ୍ ହୋଇଯାଇଛି। ବହୁ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଛି। ମୁକ୍ତା ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଆଳରେ ଠିକାଦାରଙ୍କୁ ପୋଷାଚାଲିଛି। ସହରରେ ପବ୍ଲିକ୍ ଶୌଚାଳୟଟିଏ ନାହିଁ। ଗତ ୩ ବର୍ଷ ହେବ ପବ୍ଲିକ୍ ଟଏଲେଟ ବନ୍ଦ ପଡ଼ିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ଅଧିକାଂଶ ଡ୍ରେନ୍ ମୁକୁଳା ପଡ଼ିଥିବା ବେଳେ ଏହା ଉପରେ ସ୍ଲାବ୍ ପକାଯାଉନାହିଁ। ୨୦୨୦ରୁ ନିର୍ମାଣ ଚାଲିଥିବା ଟିଏଲ୍‌ସି ସ୍ମାର୍ଟ ଶ୍ମଶାନ, ବରୁଣେଇ ସ୍ମାର୍ଟ ପାର୍କ, ସାମନ୍ତରାପୁରସ୍ଥିତ ଖଣି ପୋଖରୀରେ ଚାଲିଥିବା ବୋଟିଂ ନିର୍ମାଣ କାମ ସରୁନି। ସହରରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପବ୍ଲିକ ଶୌଚାଳୟ(ଲୁ) ନିର୍ମାଣ କରାଯାଇଛି। ତେବେ ଉଦ୍‌ଘାଟନ ପରଠାରୁ ତାଲା ଝୁଲୁଛି। ଅଧିକାଂଶ ଶୌଚାଳୟରେ କେଉଁଠି ପାଣି ଟ୍ୟାପ୍ ନାହିଁ ତ ଆଉ କେଉଁଠି ହାତ ଧୋଇବା ବେସିନକୁ ଦୁର୍ବୃତ୍ତମାନେ ତାଡ଼ି ନେଇଗଲେଣି। ଖୋର୍ଦ୍ଧା ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ପୌର ପ୍ରଶାସନ ବିଫଳ ହୋଇଛି ବୋଲି ଜନଜାଗରଣ ପରିବାର ଆବାହକ ମହାପାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପଟେ ବିଭିନ୍ନ ବିଭାଗ ପକ୍ଷରୁ ପାଇପ ଲାଇନ୍ ବିଛାଇବା ପାଇଁ ରାସ୍ତାକୁ ବାରମ୍ବାର ଖୋଳାଯାଉଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ମରାମତି କରା ନ ଯାଇ ସେଭଳି ଛାଡ଼ି ଦିଆଯାଉଛି। ରାସ୍ତା ଉପରେ ଦୀର୍ଘଦିନ ଗୋଡ଼ି, ବାଲି ଜମାକରି ରଖାଯାଉଛି। କାମ ତ୍ୱରାନ୍ୱିତ ହେଉ ନ ଥିବାବେଳେ ରାସ୍ତା ଅବରୋଧ ଯୋଗୁ ଦୁର୍ଘଟଣା ଘଟୁଛି।

### ବାଇକ୍ ଚାଳକଙ୍କୁ ୨୨ ହଜାର ଟଙ୍କାର ଫାଇନ

ଗୋପ,୩।୪(ଡି.ଏନ୍.ଏ.)

ଗୋପ-କୋଣାର୍କ ରାସ୍ତାର କୁଶୁପୁରୁ ଠାରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଗୋପ ପୋଲିସ ପକ୍ଷରୁ ମିଳିତ ଭାବରେ ସୋମବାର ମଧ୍ୟାହ୍ନରେ ଗାଡ଼ି ଯାଞ୍ଚ କରାଯାଇଥିଲା। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରବୀନ୍ଦ୍ର ପଟ୍ଟନାୟକ ଓ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଏହି ଯାଞ୍ଚ ପ୍ରକ୍ରିୟା ହୋଇଥିଲେ। ବିନା ହେଲମେଟ, ବିନା ଲାଇସେନ୍ସ ସହିତ ଅନ୍ୟାନ୍ୟ କାଗଜପତ୍ର ନ ଥିବା ବାଇକ ଉପରେ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ଫାଇନ ମଧ୍ୟ ଆଦାୟ କରାଯାଇଥିଲା। ଯାଞ୍ଚରେ କୋଣାର୍କ ଥାନା ଅଞ୍ଚଳର ଜଣେ ଯୁବକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ତାଙ୍କୁ ଟେଷ୍ଟ ମେଶିନ ଦ୍ୱାରା ଟେଷ୍ଟ କରାଯାଇଥିଲା। ପରେ ଯୁବକ ଚଲାଉଥିବା ବାଇକର କାଗଜପତ୍ର ନ ଥିବା, ବିନା ହେଲ୍‌ମେଟରେ ଗାଡ଼ି ଚଲାଇବା ସହିତ ମଦପାନ କରିଥିବାରୁ ମୋଟ ୨୨ ହଜାର ଟଙ୍କା ଫାଇନ କରାଯିବା ଜଣାପଡିଛି।



ଖୋର୍ଦ୍ଧା: କୋରାପୁଟ ପରିଭ୍ରମଣରେ ବାହାରିଥିବା ଛାତ୍ରୀଛାତ୍ରୀଙ୍କୁ ଖୋର୍ଦ୍ଧା ଡିଆରଏମ୍ ଏବଂ ଅନ୍ୟ ଅଧିକାରୀ ଶୁଭେଚ୍ଛା ଜଣାଉଛନ୍ତି।

## କୋରାପୁଟ ବୁଲିବେ ଶହେ ଛାତ୍ରୀଛାତ୍ର

ଖୋର୍ଦ୍ଧା ଅଫିସ,୩।୪

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ (ଏସ୍‌ଜେଏସ୍‌ଭି) ଶିକ୍ଷାଶାସ୍ତ୍ରୀ(ବି-ଏଡ୍) ବିଭାଗ ଆନୁକୂଲ୍ୟରେ ଏକ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ବିଭାଗର ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଧାପକ ହୀରାଖଣ୍ଡ ଏକ୍ସପ୍ରେସ୍ ଯୋଗେ କୋରାପୁଟ ଅଭିମୁଖେ ସୋମବାର ଯାତ୍ରା କରିଛନ୍ତି। ଖୋର୍ଦ୍ଧାରୋଡ୍ ରେଳଷ୍ଟେଶନରେ ଡିଆରଏମ୍ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଛାତ୍ରୀଛାତ୍ରମାନେ କୋରାପୁଟରେ ଗୁପ୍ତେଶ୍ୱର, ସାବର ଶ୍ରୀକ୍ଷେତ୍ର, ଦେଓମାଳି, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦି ପରିଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଶିକ୍ଷାଶାସ୍ତ୍ରୀ ବିଭାଗ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ପଣ୍ଡା ସୂଚନା ଦେଇଛନ୍ତି। ଅଧାପକ ଡ. ଲକ୍ଷ୍ମୀନାରାୟଣ ବେହେରା, ଡ. ଯୋଗେଶ୍ୱର ମହନ୍ତ ଏବଂ ଡ. ଦଉହରି ବେହେରା ପ୍ରମୁଖ ରହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ରବୀନ୍ଦ୍ର ନାରାୟଣ ପଣ୍ଡା ଓ କୁଳ ସଚିବ ସୁମିତ୍ରା ପଟ୍ଟନାୟକ ମାର୍ଗଦର୍ଶନ କରୁଛନ୍ତି ବୋଲି ପଣ୍ଡା କହିଛନ୍ତି।

## ଗୋସଂସ୍କାର ପାଇଁ ଜମି ଯୋଗାଇ ଦିଆଯାଉ

ଖୋର୍ଦ୍ଧା ଅଫିସ,୩।୪

### ବିଏଚ୍‌ପିର ଦାବିପତ୍ର ପ୍ରଦାନ

ଗୋଚର ଜମିର ସୁରକ୍ଷା, ଗୋସଂସ୍କାର ଲାଗି ନିର୍ଦ୍ଦିଷ୍ଟ ଜମିର ବ୍ୟବସ୍ଥା ଦାବିରେ ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି), ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ରାଷ୍ଟ୍ରପତି ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭାରତ ହେଉଛି ଏକ କୃଷିପ୍ରଧାନ ଦେଶ। ଗୋବଂଶ ହେଉଛି ଭାରତୀୟ ସଂସ୍କୃତିର ପ୍ରତୀକ। ଦେଶର ଅସ୍ମିତା ଏବଂ ଆର୍ଥିକ ମେରୁଦଣ୍ଡ। ଗୋବଂଶ ଲାଗି ରହିଥିବା ଗୋଚର ଜମି ଶାଗମାଛ ଦରରେ ବିକ୍ରି ଚାଲିଛି। ଗୋରୁଗାଈ ଚରିବା ଲାଗି କୌଣସି ସାଧନ ନାହିଁ। ସେପଟେ ପ୍ରତିଦିନ ଗୋଚାଲାଣ, ଗୋମାଂସ ଚାଲାଣ ମଧ୍ୟ ବଢ଼ିବାରେ ଲାଗିଛି। ଅନେକ ଅସହାୟ, ରୁଗ୍ଣ ଗୋରୁ ରାସ୍ତାକଡ଼ରେ ପଡ଼ି ରହୁଛନ୍ତି। ଏମାନଙ୍କ ମୃତ୍ୟୁ ପରେ ସଂସ୍କାର ଲାଗି ସମୁଚିତ ବ୍ୟବସ୍ଥା ନାହିଁ। ଫଳରେ ଗୋମାତାର ଅନ୍ତିମ ସଂସ୍କାର ଠିକ୍‌ଭାବେ କରାଯାଇପାରୁନାହିଁ। ମୃତ ଗୋମାତାକୁ ଅଳିଆ, ଆବର୍ଜନା ସ୍ଥାନରେ ଫୋପାଡ଼ି ଦିଆଯାଉଛି। ଏହା ହିନ୍ଦୁ ସଂସ୍କୃତି ପ୍ରତି କୁଠାରାଘାତ। ଗୋମାତା ପ୍ରତି ଅନ୍ୟାୟ କରାଯାଉଛି।

ମୃତ ଗୋବଂଶକୁ ସମ୍ମାନପୂର୍ବକ ସଂସ୍କାର ଲାଗି ଆବଶ୍ୟକ ଜମି ଯୋଗାଇବା ଏବଂ ଗୋଚର ଜମିକୁ ସୁରକ୍ଷିତ ଲାଗି ବିଶ୍ୱ ହିନ୍ଦୁ ପରିଷଦ ଦାବି କରିଛି। ଗୋବଂଶର ସୁରକ୍ଷା, ବିକାଶ, ସମ୍ବର୍ଦ୍ଧନ ଏବଂ ସଂସ୍କାର ପାଇଁ ଗୋଚର ଜମି, ଗୋସଂସ୍କାର ଭୂମି ଓ ଅନ୍ୟାନ୍ୟ ବ୍ୟବସ୍ଥା ଦ୍ୱାରା ଗୋବଂଶର ବିକାଶ ହୋଇପାରିବ। ରାଜ୍ୟ ସରକାର ଏଥିପ୍ରତି ବିଚାର କରନ୍ତୁ, ନଚେତ୍ ବିଶ୍ୱ ହିନ୍ଦୁ ପରିଷଦ, ଗୋ ସୁରକ୍ଷା ବାହିନୀ, ଗୋଭକ୍ତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି। ବିଏଚ୍‌ପି ଜିଲା ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁ, ଶକ୍ତିଶଙ୍କର ମିଶ୍ର, ମିହିର ବିଧାର, ଗୁରୁ ପ୍ରସାଦ ଦାସ, ନରେନ୍ଦ୍ର କୁମାର ସାହୁ, ହୃଷୀକେଶ ବେହେରା, ସୁଦର୍ଶନ ରଥ, ସତ୍ୟ ନାରାୟଣ ବିଶୋଇ, ହେମନ୍ତ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି), ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା କର୍ମକର୍ତ୍ତା।

## ବୟାଳିଶ ସମାଜ ମହୋତ୍ସବ

### ୪ଜଣଙ୍କୁ ଧଉଳି ସାମ୍ବାଦିକ ସମ୍ମାନ

ପୁରୁଣା ଭୁବନେଶ୍ୱର,୩।୪(ଡି.ଏନ୍.ଏ.)

ଭୁବନେଶ୍ୱର ବ୍ଲକ ଅଧୀନ ଜୟପୁର ମେଳଣ ପଡ଼ିଆରେ ବୟାଳିଶ ସମାଜ ମହୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୟାଳିଶ ଜାତିର ଆବାହ ସଙ୍ଗୀତ ବୃତ୍ତଚିତ୍ର ପ୍ରଦର୍ଶନ, ବୟାଳିଶ ସମାଜର ମୁଖପତ୍ର 'ରଣଗୋହିରୀ' ଉନ୍ମୋଚନ ହୋଇଥିଲା। ଗୋଟିପୁଅ, ରାଣୀହାଟ, ସଂକୀର୍ତ୍ତନ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଚୌଧୁରୀ ଅମିତାଭ ଦାସ, ଲକ୍ଷ୍ମୀଧର ମହାପାତ୍ର, ମହେଶ ନନ୍ଦ ଓ ମାଧବା ନନ୍ଦ ବେହୁରାଙ୍କୁ ଧଉଳି ସାମ୍ବାଦିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୟାଳିଶ କମ୍ୟୁନିଟି ୱେଲଫେୟାର ସୋସାଇଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ଶିଳ୍ପୀଗୁରୁ ପ୍ରଭାକର ମହାରଣା, ଗବେଷକ ସନ୍ତୋଷ ତ୍ରିପାଠୀ, ଗବେଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଥାକାର ତଥା କବି ଅଜୟ ସ୍ୱାଇଁ, ବିଏମ୍‌ସି ମେୟର ସୁଲୋଚନା ଦାସ, ଚିନ୍ମୟୀ ବଡ଼ଜେନାଙ୍କ ସମେତ ସ୍ଥାନୀୟ କର୍ପୋରେଟର, ସରପଞ୍ଚ ଉପସ୍ଥିତ ଥିଲେ। ନିରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କବି ଓ ସାମ୍ବାଦିକ ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ ଖଟୁଆ ବିବରଣୀ ପାଠ କରିଥିବା ବେଳେ ସୁଲଗ୍ନା ରାଉତରାୟ ସଂଯୋଜନା କରିଥିଲେ।

## ଏମ୍ସ ଭୁବନେଶ୍ୱରରେ ଛାତ୍ରୀଛାତ୍ର, ରୋଗୀ ଖାଦ୍ୟରେ ସାମିଲ ହେଲା ମାଣ୍ଡିଆ

ଭୁବନେଶ୍ୱର, ୩।୪ (ବ୍ୟୁରୋ)

ଏମ୍ସ ଭୁବନେଶ୍ୱରରେ ଛାତ୍ରୀଛାତ୍ର ଏବଂ ଚିକିତ୍ସାଧୀନ ଥିବା ରୋଗୀଙ୍କ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରାଯାଇଛି। ଉତ୍ତମମାନର ସୁସ୍ଥ ତଥା ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ମାଣ୍ଡିଆକୁ ଖାଦ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବା ଏମ୍ସ ପକ୍ଷରୁ କୁହାଯାଇଛି। ଉତ୍କଳ ଦିବସ ଏବଂ ଜି -୨୦ ଜନଭାଗିଦାରୀ ଅଭିଯାନର ଶୁଭାରମ୍ଭ ସ୍ୱରୂପ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଆରମ୍ଭ କରିଥିଲେ।

ଏକାଧିକ ଭିଟାମିନ ଏବଂ ମିନେରାଲ୍‌ସରେ ପରିପୂର୍ଣ୍ଣ ମାଣ୍ଡିଆ ଖାଇବା ଦ୍ୱାରା ରୋଗୀମାନେ ଶୀଘ୍ର ଆରୋଗ୍ୟ ହୋଇପାରିବେ। ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିବା ରୋଗୀଙ୍କୁ ସର୍ବୋତ୍ତମ ସେବା, ଯତ୍ନ ପ୍ରଦାନ କରିବା ପ୍ରତିଶ୍ରୁତିବଦ୍ଧତାର ଅଂଶସ୍ୱରୂପ ଏମସ୍ ଗ୍ରହଣ କରୁଥିବା ଅନେକ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ସେହିଭଳି ଛାତ୍ରୀଛାତ୍ର ଏହି ପାରମ୍ପରିକ ତଥା ଆମ ମାଟିର ଖାଦ୍ୟରୁ ସମୃଦ୍ଧ ପୁଷ୍ଟିକର ଏବଂ ଖଣିଜ ପଦାର୍ଥ ପାଇବା ଦ୍ୱାରା ସେମାନଙ୍କ ସାମଗ୍ରୀକ ସ୍ୱାସ୍ଥ୍ୟର ଯତ୍ନ ନେବାରେ ବେଶ ସହାୟକ ହେବ ବୋଲି ଡା. ବିଶ୍ୱାସ ମତ ଦେଇଥିଲେ।

ଏହି ଅବସରରେ ମାଣ୍ଡିଆ ସେବନର ଉପକାରିତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ନିକଟରେ ଏହାର ବାର୍ତ୍ତା ପହଞ୍ଚାଇବା ନିମନ୍ତେ ଏମ୍ସ ଓପିଡିରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ବିଶ୍ୱାସ ଓ ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଡା. ଅଶୋକ କୁମାର ଜେନାଙ୍କ ଦ୍ୱାରା ଲିଖିତ 'ସ୍ୱାସ୍ଥ୍ୟ ଉପକାର ଏବଂ ରୋଗ ଉପରେ ମାଣ୍ଡିଆର ପ୍ରଭାବ' ନାମକ ପୁସ୍ତକକୁ ରୋଗୀ ଓ ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଇଥିଲା।

ସେହିପରି ଏମସ୍‌ର ଡାଏଟିସିଆନ ସୌମ୍ୟା ସୁଚରିତା ପୃଷ୍ଟି ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ବି ବି ମିଶ୍ର, ଡିନ (ଏକାଡେମିକ) ଡା. ପି. ଆର୍. ମହାପାତ୍ର, ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ ଜେନା, ଡିନ୍ (ଗବେଷଣା) ଡା. ସତ୍ୟଜିତ୍ ମିଶ୍ର, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଭାରପ୍ରାପ୍ତ ଡିଡିଏ ରଶ୍ମୀ ରଂଜନ ସେଠୀ ଓ ଛାତ୍ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରାକେଟ୍‌ର ୨ ସଦସ୍ୟଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୩।୪(ବ୍ୟୁରୋ)



ଗିରଫ ୨ ଅଭିଯୁକ୍ତ

### ସରକାରୀ ଚାକିରି ଦେବା ଆଳରେ ଆଉ ଏକ ବଡ଼ ଠକେଇ

- ଠକେଇର ଶିକାର ହୋଇଛନ୍ତି ୨ଶହରୁ ଊର୍ଦ୍ଧ୍ୱ ଆଶାୟୀ
- ବାୟୋଡାଟା, ମାର୍କସିଟ୍, ଆବେଦନ ପତ୍ର, ସରକାରୀ ଲୋଗୋ ଥିବା ନକଲି ନିଯୁକ୍ତିପତ୍ର ଜବତ

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି ଦେବାକୁ ୨ଶହରୁ ଊର୍ଦ୍ଧ୍ୱ ଆଶାୟୀଙ୍କଠାରୁ ବିପୁଳ ଟଙ୍କା ଠକେଇ କରିଥିବା ଏକ ରାକେଟର ୨ ସଦସ୍ୟଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସୋମବାର ଗିରଫ କରିଛି। ସେମାନେ ହେଲେ ବମିଖାଲସ୍ଥିତ ବିରଜା କମ୍ପ୍ଲେକ୍ସରେ ରହୁଥିବା ବାଲେଶ୍ୱର ଜିଲା କମର୍ଦା ଥାନା ଅଞ୍ଚଳର ରାଜକିଶୋର ପଟ୍ଟନାୟକ ଓ ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ୍ କଲୋନିରେ ରହୁଥିବା ବାଲେଶ୍ୱର ଭୋଗରାଇର ଅରୁଣ ମହାନ୍ତି। ଇଓଡବ୍ଲ୍ୟୁ ସେମାନଙ୍କ ଘରୁ ୧୦୦ ଆଶାୟୀଙ୍କ ବାୟୋଡାଟା, ମାର୍କସିଟ୍, ଆବେଦନ ପତ୍ର, ସରକାରୀ ଲୋଗୋ ଥିବା ନକଲି ନିଯୁକ୍ତିପତ୍ର ଆଦି ଜବତ କରିଛି। ଏଥିସହ ୱେବ୍ ପୋର୍ଟାଲ ସୂର୍ଯ୍ୟାଲୋକ ନିଉଜ୍‌ର ଏକ ବୁମ୍ ଓ ଅଭିଯୁକ୍ତ ରାଜକିଶୋରଙ୍କ ଏକ ଜିହ୍ୱା ନିଉଜ ୱେବ୍ ପୋର୍ଟାଲର ପରିଚୟ ପତ୍ର ମଧ୍ୟ ଜବତ କରାଯାଇଛି। ତେବେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ରାକେଟ୍‌ରେ ସଦସ୍ୟ ଥିବା ନୟାଗଡ଼ର ଭବାନୀ ଶଙ୍କର ଦାସ ନାମକ ଜଣେ ବ୍ୟକ୍ତି ଫେରାର ଥିବା ସୂଚନା ମିଳିଛି। ଭବାନୀଙ୍କ ସହ ଅନ୍ୟମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଜାରି ରଖିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ସୁଶାନ୍ତ କୁମାର ମୁଦୁଲିଙ୍କୁ ସ୍କୁଲ ପିଅନ ଚାକିରି ଦେବାକୁ କହି ୧.୫ ଲକ୍ଷ, ଦୀପକ କୁମାର ନାୟକଙ୍କୁ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପିଅନ ଚାକିରି ପାଇଁ ୪.୫୦ ଲକ୍ଷ, ଦିପୁ ବିଶ୍ୱାଳଙ୍କୁ ରାଜଭବନରେ ପିଅନ ଚାକିରି ଦେବାକୁ କହି ୨ ଲକ୍ଷ ଠକିଥିବା ଜଣାପଡ଼ିଛି।

## 'ପାପ୍ ପରୀକ୍ଷା ଦ୍ୱାରା ଜରାୟୁ କର୍କଟ ଦୂର ହେବ'

ଭୁବନେଶ୍ୱରର,୩।୪(ବ୍ୟୁରୋ)





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଇନରହୁଇଲ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ ପକ୍ଷରୁ ସ୍ଥାନୀୟ ରୋଟାରୀ ଭବନରେ ସରଭାଇକାଲ କ୍ୟାନସର୍ ବା ଜରାୟୁ-ଦ୍ୱାର କର୍କଟ ରୋଗ ଶୀର୍ଷକ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସୁବ୍ରତା ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ ହରିହର କ୍ୟାନସର୍ ଗବେଷଣା କେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡା. ନିରଞ୍ଜନ ରାଉତ ଏହି ଦୁଃରାରୋଗ୍ୟ ବ୍ୟାଧିରୁ ରକ୍ଷା ପାଇବା ପାଇଁ ସାବଧାନତା ଦରକାର ବୋଲି କହିଥିଲେ। ମହିଳାମାନଙ୍କର ବୈବାହିକ ଜୀବନ ପୂର୍ବରୁ ଏହି ଭୁତାଣୁ ସଂକ୍ରମଣକୁ ରୋକିବା ପାଇଁ ଏଚ୍.ପି.ଭି. ଟିକା ନେବା ଆବଶ୍ୟକ ବୋଲି ସେ କହିଥିଲେ। ସେ ମଧ୍ୟ ଜରାୟୁ କର୍କଟର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ପାପ୍ ପରୀକ୍ଷା କରାଇବା ପାଇଁ ମତ ରଖିଥିଲେ। ସମ୍ମାନିତ ବକ୍ତା ପ୍ରଫେସର ଡା. ଭାଗ୍ୟଲକ୍ଷ୍ମୀ ନାୟକ ଜରାୟୁ-ଦ୍ୱାର କର୍କଟ ରୋଗର ଲକ୍ଷଣ, କାରଣ ଏବଂ ଏହି ରୋଗରୁ ରକ୍ଷା ପାଇବା ପାଇଁ ନିରାକରଣ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ପ୍ରଫେସର ଡା. ସୁମିତା ମହାନ୍ତି ପାଲିଆଟିଭ କେୟାର୍ ବା ଯନ୍ତ୍ରଣା ଓ ଉପଶମ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ୨ଜଣ କ୍ୟାନସର୍ ରୋଗୀଙ୍କୁ ୫ ହଜାର ଲେଖାଏ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ଏଥିସହ କ୍ୟାନସର୍ ଇନଷ୍ଟିଚ୍ୟୁଟର ସୁବ୍ରତ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ରୋଟାରିଆନ ତଥା ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଡିଷ୍ଟ୍ରିକ ଇଏସଓ ସନ୍ଧ୍ୟାରାଣୀ ମିଶ୍ରଙ୍କ ସମେତ ଇନର୍ ହୁଇଲ ରୟାଲ ସଭ୍ୟାବୃନ୍ଦ, ଅନ୍ୟ କ୍ଲବର ପ୍ରେସିଡେଣ୍ଟ, ରୋଟାରାକ୍ଟର ଓ ବିଭିନ୍ନ ବସ୍ତିର ମହିଳାମାନେ ଯୋଗଦେଇଥିଲେ। ପୂର୍ବତନ ସଭାପତି ନୀହାରିକା ମିଶ୍ର ସଭା ପରିଚାଳନା କରିଥିଲେ। ପୂର୍ବତନ ସଭାପତି ରଶ୍ମିରେଖା ତ୍ରିପାଠୀ ଅତିଥି ପରିଚୟ ଓ ସରୋଜିନୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ସେକ୍ରେଟାରୀ କାଦମ୍ବିନୀ ରଥ ଓ ପୂର୍ବତନ ସଭାପତି ଲୋପାମୁଦ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ରଦ୍ଧାଞ୍ଜଳି ଦାଶ ଉପସ୍ଥାନ ପାଠ କରିଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୩।୪।୨୦୨୩

| | |
|---|---|
| ୪,୨୨,୬୨୩ ଟଙ୍କା | |
| ସୁନା | ୬.୬୩୦ ଗ୍ରାମ୍ |
| ରୁପା | ୧୦.୪୬୦ ଗ୍ରାମ୍ |

## ସଂକ୍ଷେପରେ

### ବଟି ମାଗି ୨ ଗିରଫ

ସାକ୍ଷୀଗୋପାଳ, ୩।୪(ସ୍ୱ.ପ୍ର./ଡି.ଏନ୍.ଏ.)- ସତ୍ୟବାଦୀ ଥାନା ପକ୍ଷରୁ ଏସ୍‌ଆଇ ଦୀପ୍ତିରଞ୍ଜନ ସାହୁଙ୍କ ନେତୃତ୍ୱରେ ରବିବାର ରାତିରେ ସତ୍ୟବାଦୀର ବିଭିନ୍ନ ଅଞ୍ଚଳରେ କରାଯାଇଥିବା ପାଟ୍ରୋଲିଂ ସମୟରେ ବଟି ଆଦାୟ କରୁଥିବା ୨ ଯୁବକଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସତ୍ୟବାଦୀ ବ୍ଲକ ଛକର ମୁନା ଭୋଇ(୩୨) ଓ ଅଠେଇସର କାଳିଆ ଭୋଇ(୨୪)। ସେମାନଙ୍କ ପାଖରୁ ଏକ ଫାର୍ସା ଓ ଘଟଣାରେ ବ୍ୟବହୃତ ବାଇକକୁ ଜବତ କରାଯାଇଛି। ଅନ୍ୟ ଏକ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହେବାର ସଫଳ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୫/୨୩) ରୁଜୁ କରି ତଦନ୍ତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ତେବେ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କାଦୁଆ ଛକର ଜାତୀୟ ରାଜପଥ ରାସ୍ତାରେ ଯାଉଥିବା ଗାଡି ଓ ପଥଚାରିଙ୍କୁ ମରଣାସ୍ତ୍ର ଦେଖାଇ ଅଟକାଇ ଭୟଭୀତ କରାଇ ୨ ଯୁବକ ଦାଦାବଟି ଆଦାୟ କରୁଥିବା ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବର ପାଇଥିଲେ। ପୋଲିସ ସେଠାରେ ଚଢ଼ାଉ କରି ୨ଜଣଙ୍କୁ ଧରିଥିଲେ।

### ଶୋଭାଯାତ୍ରାରେ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ ଅଫିସ, ୩।୪: ଖଟିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜେନା ବିଦ୍ୟାଳୟ ପ୍ରତିଷ୍ଠା ହେବାଠାରୁ ଅର୍ଥାତ ୧୯୯୦ ମସିହାରୁ ଦୀର୍ଘ ୩୩ ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରି ଆସୁଥିଲେ। ବିଦାୟ ଅବସରରେ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର ତଥା ଗ୍ରାମବାସୀଙ୍କୁ ନେଇ ଗଠିତ ସମ୍ବର୍ଦ୍ଧନା କମିଟି ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଗ୍ରାମବାସୀ, ଛାତ୍ରୀଛାତ୍ର, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ପ୍ରମୁଖ ସାମିଲ ହୋଇ ଗୋଟିପୁଅ, ପାଇକ ଆଖଡା, ବାଜା ଓ ବାଣ ମାଧମରେ ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। ଏଥିସହ ବିଦ୍ୟାଳୟର ସହାୟକ ଶିକ୍ଷକ ସୁଦର୍ଶନ ସାହୁ, ବିଭୂତି ପରିଡା, ଦ୍ୱାରିକାନାଥ ମାଝୀ, ବୁଦ୍ଧିମାନ ଜେନା, ଶାନ୍ତନୁ କୁମାର ଦଳାଇ, ସୁଷମା ଜେନାଙ୍କୁ ମଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ ସମ୍ପାଦକ ରବିନ୍ଦ୍ର ସାମଲ, ସାଗରିକା ଜାଲି, ମିନାକ୍ଷୀ ସାମଲ, ସ୍ୱାଗତ କୁମାର ଜେନା, ଜିତେନ୍ଦ୍ର ଜେନା, ସୁବ୍ରତ ଜେନା, ଶରତ ଜେନା, ଧରଣୀଧର ଜେନା, ରବିନ୍ଦ୍ର ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

# ଚାପି ଦିଆଯାଇଛି ଅନ୍ତରୀଣ ତଦନ୍ତ ରିପୋର୍ଟ

**ଖୋର୍ଦ୍ଧା ଅଫିସ,୩।୪:**

ରାଜ୍ୟରେ ନକଲି ସାର୍ଟିଫିକେଟ ରାକେଟ ସକ୍ରିୟ ରହିଛି। ବିଭିନ୍ନ ସମୟରେ ନକଲି ସାର୍ଟିଫିକେଟ ଦେଇ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ସହ ସରକାରୀ ଚାକିରି କରୁଥିବା ଘଟଣା ପଦାକୁ ଆସିଛି। ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ରାକେଟ ଧରାପଡିବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ପରେ ସରକାର ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଓଜେଇଇ ଓ ଏନ୍‌ଇଇଟି ପାସ୍ କରି ନ ଥିବା କେତେଜଣ ଛାତ୍ରୀଛାତ୍ର ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ଅଧ୍ୟୟନ କରୁଥିବା ନେଇ ଜଣେ ଅଭିଯୋଗକାରୀ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଗତ ଜାନୁୟାରୀ ୧୦ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ତେବେ ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ଆୟୁଷ ବିଭାଗର ନୀରବତାକୁ ନେଇ ପ୍ରଶ୍ନ ଉଠାଇଛି ପୁରୀ ସଚେତନ ନାଗରିକ ମଞ୍ଚ। ଗୋପବନ୍ଧୁ ଆୟୁର୍ବେଦ କଲେଜକୁ ମଧ କ୍ରାଇମବାଞ୍ଚ ତଦନ୍ତ ପରିସରଭୁକ୍ତ କରାଯିବାକୁ ମଞ୍ଚ ଆବହାକ ତଥା ଆଇନଜୀବୀ ପ୍ରସନ୍ନ ଦାଶ ଦାବି କହିଛନ୍ତି। ଖୁବଶୀଘ୍ର ଏହି କେଳେଙ୍କାରୀ ସଂକ୍ରାନ୍ତରେ ତଥ୍ୟ ସମ୍ବଳିତ ରେକର୍ଡପତ୍ର ଭିଜିଲାନ୍ସ ଏବଂ କ୍ରାଇମବ୍ରାଞ୍ଚ ନିକଟରେ ଦାଖଲ କରାଯିବ ବୋଲି ଦାଶ ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ଖବର ପ୍ରକାଶ ପରେ ଗୋପବନ୍ଧୁ ଆୟୁର୍ବେଦ କଲେଜ ଚର୍ଚ୍ଚାର ଘେରକୁ ଆସିଥିଲା। ସ୍ୱାସ୍ଥ୍ୟ ସଚିବ ଏହି ଘଟଣାର ତଦନ୍ତ ଲାଗି ତତ୍କାଳୀନ ଆୟୁଷ ନିର୍ଦ୍ଦେଶକ ଭୁପେଶ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ବେହେରା ସୂଚନା ଦେଇଥିଲେ। ତେବେ ଗତ ଫେବୃୟାରୀ ୨୮ରେ ବେହେରା ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥଙ୍କୁ ପଚାରିବାରେ କୁହନ୍ତି, ନିକଟରେ ମୁଁ ଯୋଗଦାନ କରିଛି। ସେଭଳି କୌଣସି ଅଭିଯୋଗ ମୋ ନିକଟକୁ ଆସିନାହିଁ। ବିନା ଏନଇଇଟିରେ ପାଠପଢା ସମ୍ଭବପର ନୁହଁ। ଯଦି ଏଭଳି ହୋଇଛି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ 'ଧରିତ୍ରୀ'ରେ ପ୍ରକାଶିତ ଖବରକୁ ଆଧାର କରି କଲେଜ ଅଧକ୍ଷ

## ବିନା ଏନ୍‌ଇଇଟିରେ ଆୟୁର୍ବେଦ ପାଠପଢା

ଡା.ସୁଦର୍ଶନ ବେହେରା କଲେଜ ଚିଠି କ୍ରମାଙ୍କ ୬୭/୨୩ ରେ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ଦିନ ମଧରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚିଠି ନଂ.୬୮(୧୦)/ଜିଏଏମ/୧୦.୧.୨୩ ପ୍ରକାରେ ଆକାଡେମିକ ସେକ୍ସନ ଦାୟିତ୍ୱରେ ରହିଥିବା ସିନିୟର ଆସିଷ୍ଟାଣ୍ଟ ତାରା ପ୍ରସନ୍ନ ମହାପାତ୍ରଙ୍କୁ ତଦନ୍ତ କମିଟିକୁ ସମସ୍ତ ସହଯୋଗ ଏବଂ ଆଡିମିଶନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ମଧ ନିର୍ଦ୍ଦେଶ ଦିଆଯାଇଛି। ଏହି କମିଟିରେ ପ୍ରଫେସର ରଞ୍ଜନ କୁମାର କାସ୍ତା, ପ୍ରଫେସର ସୁରମା ମିଶ୍ର, ପ୍ରଫେସର ରାଜିବ କିଶୋର ଜେନା, ଡା. କ୍ରିଷ୍ଣା ମହାନ୍ତି, ଡା. ସୁବ୍ରତ କୁମାର ଜୟସିଂ, ଡା.ସରୋଜ କୁମାର ମିଶ୍ର, ଡା. ଜିତେନ୍ଦ୍ର ସାମଲ, ଡା. ବିନୋଦ ଚନ୍ଦ୍ର ସିଂ ଏବଂ ଡା. ସଂଗ୍ରାମ କେଶରୀ ପ୍ରଧାନ ପ୍ରମୁଖ ରହିଛନ୍ତି। ତେବେ କମିଟି ସବିଶେଷ ତଦନ୍ତ ରିପୋର୍ଟ କଲେଜ ଅଧକ୍ଷଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ତେବେ ରିପୋର୍ଟରେ କ'ଣ ଲେଖାଯାଇଛି ତାହାକୁ ସାର୍ବଜନୀନ କରାଯାଇନାହିଁ। ଘଟଣାକୁ ଚାପି ଦେବା ଲାଗି ଷଡ଼ଯନ୍ତ୍ର ଚାଲିଛି ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ୨୦୨୧ ନଭେମ୍ବରରେ ଜଣେ ଛାତ୍ର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ନିକଟରେ ଉପରୋକ୍ତ ଅଭିଯୋଗ ଆଣିଥିଲେ। ପୂର୍ବରୁ ଉତ୍ତରପ୍ରଦେଶରେ ସମାନ ଅଭିଯୋଗ ପରେ ଆୟୁଷ ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଘଟଣାର ତଦନ୍ତ ଦାବି କରିଥିଲେ ଅଭିଯୋଗକାରୀ। ଗତ ୫ବର୍ଷର ନାମଲେଖା ରେଜିଷ୍ଟର ଯାଞ୍ଚ ଦାବି କରିଥିଲେ। ବାହାର କଲେଜର ଛାତ୍ରୀଛାତ୍ରଙ୍କଠାରୁ ଲାଞ୍ଚ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଓ ଓଜେଇ ଆଲାଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲସି) ଓ ମାଇଗ୍ରେସନ ସାର୍ଟିଫିକେଟ, ଆୟୁଷ ନିର୍ଦ୍ଦେଶକଙ୍କ ବିନା ଅନୁମୋଦିତ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା କରାଯାଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଥିଲେ।



ମୁମ୍ବାଇଠାରେ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ପୁରୀର ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନକୁ ହଲିଉଡ୍ ଅଭିନେତା ଟମ୍ ହଲାଣ୍ଡ ଦେଖୁଛନ୍ତି ।

# କିଟ୍ ବିଶ୍ୱବିଦ୍ୟାଳୟ, ଭଗବତୀ ମହାବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**କୋଣାର୍କ,୩।୪(ଡି.ଏନ୍.ଏ.)**

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କସ୍ଥିତ କୋଣାର୍କ ଭଗବତୀ ମହାବିଦ୍ୟାଳୟରେ ଗବେଷଣା, ଶୈକ୍ଷିକ ବାତାବରଣ ଓ ଶିକ୍ଷା ଭିତ୍ତିଭୂମି ସୁଦୃଢ଼, ପରୀକ୍ଷାଗାର ସମେତ ବିଭିନ୍ନ ବିଭାଗରେ କର୍ମଶାଳାମାନ ଆୟୋଜନ କରିବାର ମହତ୍ ଲକ୍ଷ୍ୟ ସଫଳ ହେବ। ଏଥିନିମନ୍ତେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସସ୍ମିତା ସାମନ୍ତ ଓ ଭଗବତୀ ମହାବିଦ୍ୟାଳୟ ଅଧକ୍ଷ ଅବତାର ମିଶ୍ରଙ୍କ ମଧରେ ଏକ ବୁଝାମଣା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ମହାବିଦ୍ୟାଳୟର ଶିକ୍ଷାର ଉନ୍ନତି, ଶୈକ୍ଷିକ ବାତାବରଣ ସୃଷ୍ଟି, ଛାତ୍ରୀଛାତ୍ରଙ୍କ ଗବେଷଣା, ବିଜ୍ଞାନ ସମ୍ବନ୍ଧୀୟ ପରୀକ୍ଷଣ ଓ କର୍ମଶାଳା ଆୟୋଜନ ମାଧ୍ୟମରେ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଏହି ବୁଝାମଣା ଚୁକ୍ତି ଆସନ୍ତା ୩ବର୍ଷ ନିମନ୍ତେ ବଳବତ୍ତର ରହିବ ବୋଲି କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧକ୍ଷ ମିଶ୍ର ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟରେ ନାମ ଲେଖାଇ ୩ବର୍ଷ ମଧ୍ୟରେ ଏହି ସୁବିଧା ସୁଯୋଗକୁ ହାସଲ କରି ଛାତ୍ରୀଛାତ୍ର ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ପାଇଁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ମିଶ୍ର ନିବେଦନ କରିଛନ୍ତି।



ଚୁକ୍ତିପତ୍ର ପ୍ରଦର୍ଶନ କରାଯାଉଛି ।

# ମାତୃଭୂମି, ମାତୃଭାଷା ସୁରକ୍ଷା ପାଇଁ ଆହ୍ୱାନ





ବିଶ୍ୱ ଓଡ଼ିଶାର ୯ମ ପ୍ରତିଷ୍ଠା ଦିବସ ସମାରୋହରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

**ପୁରୀ ଅଫିସ, ୩।୪:**

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଆୟୋଜିତ ବିଶ୍ୱ ଓଡ଼ିଶାର ୯ମ ପ୍ରତିଷ୍ଠା ଦିବସ ଏବଂ ଓଡ଼ିଆ ଜାତୀୟତା ଜାଗରଣ ଅଭିଯାନ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଉଦ୍‌ଘାଟନ ଦିବସରେ ବିଶ୍ୱ ଓଡ଼ିଶା ସମ୍ବେଦନା, ସଭାବନା, ମହିଳା ପରିଷଦ ଓ ଯୁବ ପରିଷଦ ଆନୁକୂଲ୍ୟରେ ବଡ଼ଦାଣ୍ଡ ସ୍ୱଚ୍ଛତା ସେବା, ସମୁଦ୍ରକୂଳ ସ୍ୱଚ୍ଛତା ଓ ସଚେତନତା, ଓଡ଼ିଆ ସ୍ୱାକ୍ଷର ସଙ୍କଳ୍ପ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ରବିବାର ଉଦ୍‌ଯାପନ ଦିବସରେ ବିଶ୍ୱ ଓଡ଼ିଶା ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସାଧାରଣ ସଭା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସାହିତ୍ୟ ଆସର, ଓଡ଼ିଆ ବର୍ଣ୍ଣବୋଧ ଅଭିଯାନର ଶୁଭାରମ୍ଭ ଆଦି ଅନୁଷ୍ଠିତ ହୋଇଥିଲା। ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ତଥା ଶିକ୍ଷା ଅବହେଳିତ ଓଡ଼ିଆ ପରିବାରରେ ବର୍ଣ୍ଣବୋଧ ପହଞ୍ଚାଇବା ପାଇଁ ଓଡ଼ିଆ ବର୍ଣ୍ଣବୋଧ ଅଭିଯାନ ଏକ ଉଦ୍ୟମ ବୋଲି ବିଶ୍ୱ ଓଡ଼ିଶା ସମ୍ପାଦକ ମନୋଜ ମହାନ୍ତି କହିଥିଲେ। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ମୋ ପରିବାର ଉପଦେଷ୍ଟା ଡ. ସୁରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ ଆମ ମାତୃଭୂମି ଓ ମାତୃଭାଷା ସୁରକ୍ଷା ପାଇଁ ଅଧିକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟରେ ବ୍ୟକ୍ତିତ୍ୱ ବିକାଶର ଉପାଦାନ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ ଯନ୍ତ୍ରଣା ପରୀକ୍ଷିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସଂସ୍କୃତି ଏବେ ବିଶ୍ୱ ପ୍ରସାରୀ ହେବା ଦିଗରେ ଆଗଉଛି ବୋଲି କହିଥିଲେ। ଶିକ୍ଷକ ତାଲିମ ପ୍ରତିଷ୍ଠାନର ପ୍ରାକ୍ତନ ଅଧକ୍ଷ ଡ. ପ୍ରଭାକର ତ୍ରିପାଠୀ, ଶିକ୍ଷାବିତ ଡ. ସୁସନ୍ଧ୍ୟା ମହାନ୍ତି, ଉତ୍କଳ ସ୍ୱାଭିମାନ ମଞ୍ଚର ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଅଧକ୍ଷ ଭାବେ ଡ. ପ୍ରଭାକର ତ୍ରିପାଠୀ, ଢେଙ୍କାନାଳ ଜିଲା ସଂଯୋଜକ ଭାବେ ବିପିନ ବିହାରୀ ପାଣି, ଅନୁଗୋଳ ଜିଲା ସଂଯୋଜକ ଭାବେ ଡ. କୁଳମଣି ନାୟକ, ପୁରୀ ଜିଲା ସଂଯୋଜକ ଭାବେ ସ୍ୱାଧୀନ କୁମାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ପ୍ରେମାନନ୍ଦ ରାଉତଙ୍କ ଦ୍ୱାରା ଲିଖିତ କବିତା ସଂକଳନ ତ୍ରିବେଣୀ, କବି ଗଙ୍ଗାଧର ପରିଡ଼ାଙ୍କ ଦ୍ୱାରା ରଚିତ 'ଶ୍ରୀମଦ ଦାରୁବ୍ରହ୍ମ ଭାଗବତ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। କବୟିତ୍ରୀ ସୁକାନ୍ତି ସାହୁ, ସ୍ମିତା ଶାସ୍ତ୍ରୀ, ମଧୁସ୍ମିତା ରାଉତଙ୍କ ସଂଯୋଜନାରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ଓଡ଼ିଶାର ୯ମ ପ୍ରତିଷ୍ଠା ଦିବସ ପାଳିତ

# ଆଜି ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି

**ପୁରୀ ଅଫିସ, ୩।୪:**

ଚୈତ୍ରମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ମଙ୍ଗଳବାର ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ହେବ । ଏହି ନୀତି ଯୋଗୁ ଶ୍ରୀକ୍ଷେତ୍ରରେ ଚାଲିଥିବା ରାମଲୀଳା ବନ୍ଦ ରହିବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସରିବା ପରେ ରାମ ଓ କୃଷ୍ଣ ରତ୍ନସିଂହାସନକୁ ବିଜେ କରିବେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଦୁଇ ଠାକୁରଙ୍କୁ ପ୍ରଦାନ କରିବେ। ଦୟଣା ଚୋରୀ ନୀତି ପାଇଁ ସୋମବାର କନ୍ଦର୍ପ ପଟି କୁ ଅଧିବାସ କରାଯାଇଛି। ମଙ୍ଗଳବାର ଉକ୍ତ ଅଧିବାସ ପଟିକୁ ବଟମୂଳେ ରହିଥିବା ପାଲିଙ୍କି ନିକଟକୁ ମହାଜନ ସେବକ ବିଜେ କରିବେ। ରାମ ଓ କୃଷ୍ଣ ପାଲିଙ୍କିକୁ ବିଜେ ହେବାପରେ କନ୍ଦର୍ପ ପଟି ଧରି ମହାଜନ ସେବକ ଆଗେ ଆଗେ ଚାଲିବେ। ବିମାନବଡୁ ଠାକୁରଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିବେ। ଜଗନ୍ନାଥ ବଲ୍ଲଭ ଖୁଲଣ ଘର ଶେଯଖଟ ଉପରେ ରାମକୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯିବ। ସେଠାରେ ବରୁଣ ପୂଜା ଓ ଯଜ୍ଞ ପୂର୍ଣ୍ଣାହୁତି ପରେ କନ୍ଦର୍ପଙ୍କଠାରେ ପଞ୍ଚପଚାରରେ କ୍ଷୀରି ଭୋଗ ହେବା ସହ ମୁଦିରସ୍ତ ବନ୍ଦାପନା କରିବେ। ଅନ୍ୟ ନୀତି ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦ ଉଦ୍ୟାନକୁ ବିଜେ କରିବେ। ପରେ ରାମ ଓ କୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ବଡସିଂହାର ଭୋଗ ଶେଷ ହେବା ପରେ ମଦନ ମୋହନ ରତ୍ନସିଂହାସନକୁ ବିଜେ କରିବା ପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳପାଇ ଭୋଗମଣ୍ଡପ ଘର ଖଟଶେଯ ଉପରେ ବିଜେ କରିବେ। ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଶ୍ରୀଜଗନ୍ନାଥବଲ୍ଲଭରୁ ଆସିଥିବା ୩ଟିଗଛ ଦୟଣା ଲାଗିକରାଇବେ।

# ପୁରୀ ଖେଳାଳିଙ୍କ ସଫଳତା

**ପୁରୀ ଅଫିସ, ୩।୪:**

ରାଜସ୍ଥାନର କୋଟା ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ମାର୍ଚ୍ଚ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ୩୬ତମ ସବ୍‌ଜୁନିୟର ଟାଏକୋଣ୍ଡୋ କିରୋଗୀ, ୧୦ତମ ସବ୍‌ଜୁନିୟର ଟାଏକୋଣ୍ଡୋ ପୁମ୍-ସେ ଏବଂ ୧୦ତମ କ୍ୟାଡେଟ କିରୋଗୀ ଓ ପୁଁସି ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦଳରେ ପୁରୀରୁ ୧୬ କ୍ରୀଡ଼ାବିତ୍ ରହିଥିଲେ। ପୁରୀ ଜିଲାର କ୍ୟାଡେଟ କିରୋଗୀ ବିଭାଗରେ ଅପର୍ଣ୍ଣା ସାହୁ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ବ୍ୟକ୍ତିଗତ ପୁମ୍‌ସେ ଇଭେଣ୍ଟରେ ଦିବ୍ୟା ସାହୁ ସ୍ୱର୍ଣ୍ଣ ଏବଂ ଯୁଗ୍ମ ପୁମ୍‌ସେରେ ପ୍ରିୟାଂଶୁ ସ୍ୱାଇଁ ଓ ଅପର୍ଣ୍ଣା ସାହୁ କାଂସ୍ୟ ପଦକ ଜିତିଛନ୍ତି। ବାଳିକା ଟିମ୍ ପୁମ୍‌ସେରେ ମୀରାମ୍ବିକା ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ଏବଂ ଦିବ୍ୟା ସାହୁ ରୌପ୍ୟ ପଦକ ଜିତିଛନ୍ତି। କୋଚ ଭାବେ ବିଶ୍ୱନାଥ ନାୟକ, ମିଥୁନ କୁମାର ସାହୁ, ସଂଯୁକ୍ତା ବରାଳ ଓ ଦୀପକ କୁମାର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ପୁରୀ ଜିଲା ସଂଘର ସଭାପତି ଧବଳେଶ ମହାପାତ୍ର, ସମ୍ପାଦକ ମନମୋହନ ଭଞ୍ଜ ଏବଂ ଅଧକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ସମସ୍ତ ଖେଳାଳି ଓ କୋଚଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



କୋଚ୍‌ଙ୍କ ସହ ସମ୍ବର୍ଦ୍ଧିତ ଖେଳାଳିମାନେ ।

# ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସରକାରଙ୍କ ମୂଳମନ୍ତ୍ର

**ନିମାପଡ଼ା,୩।୪(ଡି.ଏନ୍.ଏ.)**

ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଓ ଗୁଣାତ୍ମକ ଶିକ୍ଷାର ବିକାଶ ଆମ ସରକାରଙ୍କ ମୂଳମନ୍ତ୍ର ଓ ମୁଖ୍ୟ ଲକ୍ଷ୍ୟ। ନିମାପଡ଼ା ବ୍ଲକ ଅନ୍ତର୍ଗତ ଚଅଁରପଦା ପଞ୍ଚାୟତର ହଂସପଡ଼ାଠାରେ ସୋମବାର ସରକାରଙ୍କ ପକ୍ଷରୁ ୬ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉଦ୍‌ଘାଟନ ହୋଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ବିଦ୍ୟାଳୟର ଲୋକାର୍ପଣ କରି ଏହା କହିଛନ୍ତି। ଏହି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ ଆକାଂକ୍ଷାର ପ୍ରକଳ୍ପ ଓ ନିଦର୍ଶନ। ଆଜିର ମେଧାବୀ ଛାତ୍ରୀଛାତ୍ର ଆଗାମୀ ଦିନରେ ଓଡ଼ିଶା ପାଇଁ ସାରା ଭାରତବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଶିକ୍ଷାର ବିକାଶ ହେଲେ ଆମ ରାଜ୍ୟର ବିକାଶ ଓ ଦ୍ରୁତ ପ୍ରଗତି ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଜିତ୍ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ, ବିଦ୍ୟାଳୟ ଅଧକ୍ଷ ଗୋଲେଖ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ୍, ସରପଞ୍ଚ ତପନ ମଲ୍ଲିକ, ସମିତି ସଭ୍ୟ ଶକୁନ୍ତଳା ନାୟକ, ନାଏବ ସରପଞ୍ଚ ପ୍ରମୁଖ ଯୋଗଦେଇ ଏହି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆମ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ, ଏହି ବିଦ୍ୟାଳୟ ଓ ଉତ୍ସବର ସଫଳତା କାମନା କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କୁ ପଟଚିତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ର ସାମୂହିକ ଆଥେନସନ୍ ସଙ୍ଗୀତ ଗାନ କରିଥିଲେ। ଉତ୍ସବରେ ବହୁ ଶିକ୍ଷାବିତ୍, ରାଜନେତା, ନିର୍ବାଚିତ ଲୋକପ୍ରିନିଧି, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।





ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନବନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

# ଅନ୍ତର୍ଜାତୀୟ ଚନ୍ଦ୍ରାଲୋକ ଯୁବ ଦୁଃସାହସିକ ଅଭିଯାନ

## ଅଲିଭ ରିଡ୍‌ଲେ, ବାଲୁଖଣ୍ଡ ଅଭୟାରଣ୍ୟ ସୁରକ୍ଷା ନେଇ ସଚେତନତା

**ପୁରୀ ଅଫିସ, ୩।୪:**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଏବଂ ପ୍ରେରଣାର ମିଳିତ ଆନୁକୂଲ୍ୟରେ ତଥା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହଯୋଗରେ ପୁରୀ-କୋଣାର୍କ ଅନ୍ତର୍ଜାତୀୟ ଚନ୍ଦ୍ରାଲୋକ ଯୁବ ଦୁଃସାହସିକ ଅଭିଯାନ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରେରଣା ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରୋଜେକ୍ଟ ପଏଣ୍ଟ ଅଧକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଭାରତୀୟ ରେଡକ୍ରସର ପୂର୍ବତନ ସମ୍ପାଦକ ମେଜର କଳ୍ପନା ଦାସ, ଷଷ୍ଠ ଓଡ଼ିଶା ବାଟାଲିଅନ୍ ଏନ୍‌ସିସିର ସୁବେଦାର ରାଧାକ୍ରିଷନ ସିଂ, ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସନ୍ନ କୁମାର ପଣ୍ଡା, ଓଡ଼ିଶା ପାଇକ ଆଖଡ଼ା ମହାସଂଘର ରାଜ୍ୟ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀ, କାଇପଦର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ମନୋଜ ସାମନ୍ତରାୟ ଏବଂ ଭାରତ ସ୍କାଉଟ ଆଣ୍ଡ ଗାଇଡ ଅନ୍ତର୍ଗତ ଶ୍ରୀକ୍ଷେତ୍ର ଓପନ ୟୁନିଟ୍‌ର ରୋଭର ଲିଡର ତଥା ଜିଲା ପ୍ରତିନିଧି ରାଜେନ୍ଦ୍ର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଅଭିଯାନରେ ୧୫ଟି ରାଜ୍ୟରୁ ୧୩୮ ଜଣ ଯୁବ ପ୍ରତିନିଧି ସାମିଲ ହୋଇଥିଲେ। ଏହି ଅବସରରେ ସମାଜସେବା ପାଇଁ ନବରଙ୍ଗପୁରର ସିରାଜୁଦ୍ଦିନ୍ ମହମ୍ମଦଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ। ଶେଷରେ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଅତିଥିମାନେ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବେଳାଭୂମି ସଫେଇ, ସମୁଦ୍ରତଟସ୍ଥ ମୃତ୍ତିକା ସଂରକ୍ଷଣ, ବିଶ୍ୱ ତାପମାତ୍ରା, ବୃକ୍ଷରୋପଣ, ପ୍ରଦୂଷଣ, ଅଲିଭ ରିଡ୍‌ଲେ କଇଁଛ, ସମୁଦ୍ର କୂଳ ଝାଉଁବଣ ଏବଂ ବାଲୁଖଣ୍ଡ ଅଭୟାରଣ୍ୟ ସୁରକ୍ଷା ସମେତ ଆକାଶଛତା ସାହାଯ୍ୟରେ ଦୁଃସାହସିକତା ଉଡାଣ ଆଦି କାର୍ଯ୍ୟକ୍ରମ ଏହି ଅଭିଯାନର ଉଦ୍ଦେଶ୍ୟ। ୬ତାରିଖରେ କୋଣାର୍କ ଯାତ୍ରୀ ନିବାସଠାରେ ଅଭିଯାନ ଉଦ୍‌ଯାପନ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରୋଜେକ୍ଟ ପଏଣ୍ଟ ଏବଂ ପ୍ରେରଣା ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଏପ୍ରିଲ୍, ୨୦୨୩



**ନନ୍ଦନକାନନରେ ଉଡ଼ନ୍ତା ଗୁଣ୍ଡୁଚିମୂଷା ମୃତ**

ବାରଙ୍ଗ,(ଡି.ଏନ୍.ଏ.)- ନନ୍ଦନକାନନରେ ଅନ୍ଧାରି ଘର ଭିତରେ ଥିବା ଏକ ଅଣ୍ଡିରା ଉଡ଼ନ୍ତା ଗୁଣ୍ଡୁଚିମୂଷାର ସୋମବାର ମୃତ୍ୟୁ ଘଟିଛି। ଏହି ଗୁଣ୍ଡୁଚିମୂଷାଟି ଖୋର୍ଦ୍ଧା ଅଞ୍ଚଳରୁ ପିପୁଲ ଫର୍ ଆନିମଲ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ହୋଇ ଚିକିତ୍ସା ପାଇଁ ଗତବର୍ଷ ନଭେମ୍ବର ୧୯ରେ ପ୍ରାଣୀ ଉଦ୍ୟାନରେ ଛଡ଼ାଯାଇଥିଲା। ପରେ ତାକୁ ଅନ୍ଧାରି ଘର ଭିତରେ ପର୍ଯ୍ୟଟକଙ୍କ ନିମନ୍ତେ ରଖାଯାଇଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ମୂଷାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତେବେ ଏହି ପ୍ରଜାତିର ମୂଷା ପ୍ରାୟତଃ ଘଞ୍ଚ ଜଙ୍ଗଲ ଅଞ୍ଚଳରେ ଦେଖାଯାଆନ୍ତି। ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ଚାଲିଆସନ୍ତି।

## ସଂକ୍ଷେପରେ

### ୫୭ କେଜି ଗଞ୍ଜେଇ ଭର୍ତ୍ତି କାର ଜବତ, ୨ ଗିରଫ

ବାରଙ୍ଗ,୩।୪(ଡି.ଏନ୍.ଏ.)- ତ୍ରିଶୂଳିଆ ଛକରୁ ଗଞ୍ଜେଇଭର୍ତ୍ତି ଏକ କାର ସହ ୨ ଜଣଙ୍କୁ କଟକ ଅବକାରୀ ବିଭାଗ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ବରମପୁରର ସୁନୀଲ କୁମାର ଦୋରା(୩୮) ଓ ରାଜପୁର ବଡ଼ସାହିର ଜିତୁ ନାୟକ(୨୯)। ଘଟଣାସ୍ଥଳରୁ ଅବକାରୀ ବିଭାଗ କାର୍‌କୁ ଜବତ କରିବା ସହ ଦୁହିଁଙ୍କ ନାମରେ ମାମଲା ରୁଜୁ କରିଛି। ଦୁହେଁ ଏକ ମାରୁତି କାର୍ ଯୋଗେ ଗଞ୍ଜାମରୁ କଟକ ଆସୁଥିଲେ। ଅବକାରୀ ବିଭାଗ ଖବରପାଇ ସକାଳୁ ବାରଙ୍ଗ ତ୍ରିଶୂଳିଆ ଛକରେ ଜଗି ରହିଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା କାର୍‌କୁ ସେମାନେ ସେଠାରେ ଅଟକାଇଥିଲେ। କାର୍‌କୁ ଯାଞ୍ଚ କରିବାରୁ ସେଥିରୁ ୫୭କେଜି ଗଞ୍ଜେଇଭର୍ତ୍ତି ୩ଟି ଅଖା ଜବତ କରିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ୭୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି।

### ଋଣମୁକ୍ତ ଭାରତ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ

ଭୁବନେଶ୍ୱର, ୩।୪ (ବ୍ୟୁରୋ)- ନୋଟ୍ ବନ୍ଦୀ, ଜିଏସ୍‌ଟି, ଲକ୍‌ଡାଉନ୍ ଆଦି କାରଣ ଯୋଗୁ ବହୁ ଦିନ ଧରି ଲୋକଙ୍କ ଆର୍ଥିକ ସମସ୍ୟା ଲାଗି ରହିଛି। ଫଳରେ ସେମାନେ ନେଇଥିବା ଋଣର ମାତ୍ରା ବଢ଼ିବାରେ ଲାଗିଛି। ଆୟର ଉତ୍ସ ନ ଥିବାରୁ ଋଣ ପରିଶୋଧ କରିବାକୁ ସେମାନେ ଅସମର୍ଥ ହେଉଛନ୍ତି। ଋଣମୁକ୍ତ ହେବା ପାଇଁ ଲୋକମାନେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି। ତେଣୁ ଏଭଳି ସ୍ଥିତିରେ ଧାର୍ମିକ ଏକତା ଟ୍ରଷ୍ଟ ପକ୍ଷରୁ ଋଣରୁ ମୁକୁଳିବା ପାଇଁ ନିଃଶୁଳ୍କ ପ୍ରଶିକ୍ଷଣ ଦିଆଯାଉଛି। ଏବଂ ଏଥିପାଇଁ ୨ବର୍ଷର ସମୟ ଦେବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଉଛି ବୋଲି ଟ୍ରଷ୍ଟର ସଂସ୍ଥାପକ ଶାହାନୱାଜ ଚୌଧୁରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅଭିଯାନ ସମ୍ପୂର୍ଣ୍ଣ ନିଃଶୁଳ୍କ ହୋଇ ଥିବାବେଳେ ଋଣଗ୍ରହୀତାମାନେ ଏଥିରେ ପଞ୍ଜିକରଣ କରି ଋଣମୁକ୍ତ ଭାରତ ଅଭିଯାନରେ ସାମିଲ ହେବା ପାଇଁ ଶାହାନୱାଜ ଆହ୍ୱାନ ଦେଇଛନ୍ତି। ଜୁଲାଇ ୨୦୨୨ରୁ ଚାଲିଥିବା ଏହି ସ୍ୱତନ୍ତ୍ର ଅଭିଯାନରେ ଚଳିତ ମାର୍ଚ୍ଚ ସୁଦ୍ଧା ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପଞ୍ଜିକରଣ କରି ସାରିଛନ୍ତି। ଏହିସବୁ ତଥ୍ୟ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟକୁ ଭିନ୍ନ ଭନ୍ନ ସ୍ତରରେ ପ୍ରତିନିଧି ମଣ୍ଡଳ ଦ୍ୱାରା ଅବଗତ କରାଯାଉଥିବା ସୂଚନା ଦିଆଯାଇଛି।

# ରଥଖଳାରେ ପହଞ୍ଚିଲା ରୁକୁଣା ରଥ

ପୁରୁଣା ଭୁବନେଶ୍ୱର,୩।୪(ଡି.ଏନ୍.ଏ.)



ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋସାଗରେଶ୍ୱର ଛକ ନିକଟରେ ଅଟକି ରହିଥିବା ରୁକୁଣା ରଥକୁ ସୋମବାର ଅପରାହ୍ନ ୪ଟା ୧୫ରେ ଟଣାଯାଇଥିଲା। ରଥରେ ସକାଳ ଧୂପ ପରେ ବିଭିନ୍ନ ନୀତିକାନ୍ତି କରାଯାଇଥିଲା। ପରେ ରଥ କାଳେସି ଭବାନୀ ପ୍ରସାଦ ଖୁଣ୍ଟିଆ ରଥ ଟାଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଶତାଧିକ ଶ୍ରଦ୍ଧାଳୁ ରଥ ଟାଣିବା ସହ ବଢେଇବାଙ୍କରେ ପହଞ୍ଚିଥିଲା। ସେଠାରୁ ରଥ ରଥଖଳା ଅଭିମୁଖେ ଟଣାଯାଇଥିଲା। ରଥଦାଣ୍ଡର ଅନତି ଦୂରରେ ରଥ ଅଟକିଥିଲା। ଏହି ଅବସରରେ ରଥରେ ପ୍ରଭୁ ଶ୍ରୀଲିଙ୍ଗରାଜ ମା'ପାର୍ବତୀଙ୍କୁ କାହିଁକି ନେଇନଥିଲେ, ତେଣୁ ସେ ଚାହାଣୀ ମଣ୍ଡପରେ ରୋଷଭରା ଅପେକ୍ଷା କରିଥିଲେ। ରଥ ଆସିବା ଦେଖି ମା'ପାର୍ବତୀ ସୁସଜ୍ଜିତ ପାଲିଙ୍କିରେ ସେବାୟତ ଗହଣରେ ରାଗ ତମ ତମ ହୋଇ ରଥ ଚାରିପଟେ ବୁଲି ଆସିଥିଲେ, ଇତି ମଧ୍ୟରେ ରଥରୁ ଖଣ୍ଡେ କାଠ ଭାଙ୍ଗି ପୁଣି ଚାହାଣି ମଣ୍ଡପକୁ ଫେରିଆସିଥିଲେ। ଏହା ସନ୍ଧ୍ୟା ୬ଟା ୨୪ରେ ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟାସ୍ତ ହୋଇଆସୁଥିବାରୁ ରଥ ପୁନଃ ଟାଣିବା ପାଇଁ କାଳେସି ନିର୍ଦ୍ଦେଶ ଦେଇଥିଲେ। ୧୦ମିଟର ରଥ ଗଡ଼ିବା ପରେ ବାମପାର୍ଶ୍ୱ ରାସ୍ତାକୁ ମାଡ଼ିଯାଇଥିଲା। ଫଳରେ ଏକ ଜଳଖିଆ ଦୋକାନର ଛପର ଉଡ଼ିଯାଇଥିଲା। ରଥଖଳା ଆଉ ୧୦୦ ମିଟର ଥିବାବେଳେ ରଥ ଚକ ଦବିଯାଇଥିବାରୁ ହରଡ଼ା ସେବାୟତ ଚେଷ୍ଟା କରିଥିଲେ ମଧ୍ୟ ରଥ ଆଉ ଗଡ଼ିନଥିଲା।

### ରଥଦାଣ୍ଡରେ ଦବିଲା ରଥ ଚକ

ରଥଦାଣ୍ଡରେ ରଥ ଚକ ଦବିଯାଇଥିଲା। ଶ୍ରଦ୍ଧାଳୁଙ୍କ ଚେଷ୍ଟା ସତ୍ତ୍ୱେ ରଥ ଚକ ଉଠିନଥିଲା। ଏଭଳି ସ୍ଥିତି ଦେଖି ବହୁ ଶ୍ରଦ୍ଧାଳୁ ଏବଂ ପୋଲିସ ସେଠାରୁ ଫେରିଯାଇଥିଲେ। ଏପରିକି ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ପଳାଇଯାଇଥିଲେ। ରଥରେ ଥିବା ସେବାୟତ ଓ ଅଣସେବାୟତ ତଳକୁ ଓହ୍ଲାଇଥିଲେ। ରଥ ଚକ ଗଡ଼ିବା ପରିବର୍ତ୍ତେ ଧୀରେ ଧୀରେ ରାସ୍ତାରେ ଦବି ଦବି ଯାଇଥିଲା। ସ୍ଥାନୀୟ କର୍ପୋରେଟର ଶିବ ପ୍ରସାଦ ବେହେରାଙ୍କ ଚେଷ୍ଟାରେ ମହାରଣା, ଭୋଇ ଓ ଖରଡ଼ା ସେବାୟତଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଶେଷରେ ରଥ ଭୂଇଁରୁ ଉଠିଥିଲା। ରାତି ୭ଟା ୫୪ରେ ରଥଖଳାରେ ରଥ ଲାଗିଥିଲା।

### ସୂର୍ଯ୍ୟାସ୍ତ ପରେ ଗଡ଼ିଲା ରଥ

ଚଳିତବର୍ଷ ଶ୍ରୀଲିଙ୍ଗରାଜଙ୍କ ରଥଯାତ୍ରାରେ ବ୍ୟତିକ୍ରମ ଦେଖାଯାଇଛି। ରଥଯାତ୍ରାରେ ଅଣଲେଉଟା ରୁକୁଣା ରଥ ରାସ୍ତାକଡ଼ ଦୋକାନରେ ଲାଗିଯିବାରୁ ଏହାକୁ ପଛକୁ ଫେରାଇ ନିଆଯାଇଥିଲା। ସେହିପରି ବାହୁଡ଼ା ଯାତ୍ରାରେ ଶ୍ରୀଜୀଉଙ୍କ ରଥ ସୂର୍ଯ୍ୟାସ୍ତ ହୋଇଥିଲେ ମଧ୍ୟ ରଥ ଟଣାଯାଇଥିଲା। ଯାହାକି ଶହ ଶହ ବର୍ଷର ପରମ୍ପରାରେ ବ୍ୟତିକ୍ରମ ହୋଇଛି।

### ରାସ୍ତା ମରାମତିକୁ ଦାୟୀ କଲେ ବୁଦ୍ଧିଜୀବୀ

ପ୍ରତିବର୍ଷ ରୁକୁଣା ରଥଯାତ୍ରା ସମୟରେ ରାସ୍ତା ମରାମତି ଓ ନିର୍ମାଣ ଆଳରେ ଠିକାଦାର ମାଲେମାଲ ହେଉଛନ୍ତି। ଚଳିତ ଥର ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ କେତେକ ସ୍ଥାନରେ ରଥ ଚକ ଦବିବା ଯୋଗୁ ରୁକୁଣା ରଥ ଯାତ୍ରା ବାହୁଡ଼ାରେ ଦୁଇ ଦିନ ଅଧିକ ଲାଗିଛି। ଖରଡ଼ା ସେବାୟତ ରଥର ବେଗ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇଛନ୍ତି। ରଥଯାତ୍ରା ପାଇଁ ପ୍ରସ୍ତୁତି ନେଇ ବିଭିନ୍ନ ବିଭାଗର ସମନ୍ୱୟ ଅଭାବ ଏବଂ ଏକାମ୍ର କ୍ଷେତ୍ରର ବିକାଶ କାର୍ଯ୍ୟକୁ ପୁରୀଭଳି ସଚିବ ସ୍ତରୀୟ ଅଧିକାରୀ ଗୁରୁତ୍ୱ ନ ଦେବାରୁ ଏପରି ବିଭ୍ରାଟ ହେଉଥିବା ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନା ହେଉଛି।

# 'ସବୁ ବୟସର ଲୋକଙ୍କ ପାଠପଢ଼ା ସ୍ୱପ୍ନକୁ ପୂରଣ କରୁଛି ଇଗ୍ନୋ'





ଉତ୍କଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ବିଦ୍ୟାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୩।୪(ବ୍ୟୁରୋ)

### ଇଗ୍ନୋର ୩୬ତମ ସମାବର୍ତ୍ତନ ଉତ୍ସବ

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ୩୬ତମ ସମାବର୍ତ୍ତନ ଉତ୍ସବ ଦେଶ ତମାମ ଆଞ୍ଚଳିକ କେନ୍ଦ୍ରଗୁଡ଼ିକରେ ପାଳିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ସମାବର୍ତ୍ତନ ଉତ୍ସବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ଇଗ୍ନୋ ଓଡିଶା ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍‌କେସିଜି ଅଡିଟୋରିୟମଠାରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇ ଇଗ୍ନୋ ଦ୍ୱାରା ପ୍ରଦାନ କରାଯାଉଥିବା ଶିକ୍ଷା ଦ୍ୱାରା ଅନେକ ଯୁବକଯୁବତୀ ଦେଶର କୋଣ ଅନୁକୋଣରେ ରହି ଶିକ୍ଷିତ ହୋଇପାରିଥିବା କହିଥିଲେ। ବିଶେଷକରି ଜୀବନଜୀବିକା ମଧ୍ୟରେ ଛନ୍ଦି ହୋଇ ରହିଥିବା ବିଭିନ୍ନ ବୟସର ଲୋକଙ୍କ ପାଠପଢା ସ୍ୱପ୍ନକୁ ଇଗ୍ନୋ ସାକାର କରିପାରୁଛ ବୋଲି ସେ ମତ ରଖିଥିଲେ। ସେହିଭଳି ଇଗ୍ନୋ ଆଞ୍ଚଳିକ ନିର୍ଦ୍ଦେଶକ ଏସ କେ ତ୍ରିପାଠୀ ଇଗ୍ନୋର ବାର୍ଷିକ ବିବରଣୀ ପ୍ରଦାନ କରିଥଲଲେ ସମାବର୍ତ୍ତନ ଉତ୍ସବରେ ସମଗ୍ର ଦେଶରୁ ୨ଲକ୍ଷ ୭୯ ହଜାର ୯୧୭ ଜଣ ବିଦ୍ୟାର୍ଥ ଏବଂ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରରୁ ୯ ହଜାର ୪୫୬ଜଣ କୃତକାର୍ଯ୍ୟ ହୋଇ ସାର୍ଟିଫିକେଟ ଗ୍ରହଣ କରିଥିଲେ । ୬୫୦ ଜଣ ଛାତ୍ରଛାତ୍ରୀ ବ୍ୟକ୍ତିଗତଭାବେ ହାଜର ହୋଇ ଡିଗ୍ରୀ ଡିପ୍ଲୋମା ସାର୍ଟିଫିକେଟ ଗ୍ରହଣ କରିଥିଲେ। ବିଏଡ ପାଠ୍ୟକ୍ରମରେ ସର୍ବାଧିକ ନମ୍ବର ରଖିଥିବା ଚିତ୍ରସେନ ବେହେରାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଡ. ପିକେ ଜେନା, ଡେପୁଟି ଡାଇରେକ୍ଟର ଏସ କେ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ସରିଲା ଲିଙ୍ଗରାଜ ମହୋତ୍ସବ

ପୁରୁଣା ଭୁବନେଶ୍ୱର,୩।୪(ଡି.ଏନ୍.ଏ.)

ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ ଲିଙ୍ଗରାଜ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରଥ ଖଳାରେ ରଥ ପହଞ୍ଚିବା ପରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଅଭିନେତା ସବ୍ୟସାଚୀ ମହାପାତ୍ର ଓ ଅର୍ଚ୍ଚିତା ସାହୁ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ରହ୍ମପୁରର ସୁରଜ ଓ ସାଥୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମଥୁରାରୁ ଆସିଥିବା ସଞ୍ଜୟ ଶର୍ମା ଦଳ ଦ୍ୱାରା ହୋଲି ଓ ମୟୁର ନୃତ୍ୟ ପରିବେଷଣ ହୋଇଥିଲା। ଯାହାକି ଦର୍ଶକଙ୍କ ମନ ଛୁଇଁଥିଲା। ପରେ ଆସାମର ଗିରିରାଜ ଚନ୍ଦନ ଓ ସାଥୀଙ୍କ ଦ୍ୱାରା ଆସାମ ଲେଶକ ନୃତ୍ୟ, ପୁରୀ ଅନିତା ରାଜଗୁରୁ ଓ ସାଥୀଙ୍କ ଦ୍ୱାରା କ୍ରିଏଟିଭ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ବ୍ରହ୍ମପୁରର ରବି କ୍ରିଷ୍ଣା ଅନୁଷ୍ଠାନ, ଜଗନ୍ନାଥ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ବିଭିନ୍ନ କ୍ରିଏଟିଭ ନୃତ୍ୟ ପରିଷେଣ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷତା କରିଥିଲେ।

# ଏମ୍ସ ଭୁବନେଶ୍ୱରରେ ଛାତ୍ରୀଛାତ୍ର, ରୋଗୀ ଖାଦ୍ୟରେ ସାମିଲ ହେଲା ମାଣ୍ଡିଆ



ଏମ୍ସ ଓପିଡିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ ଅଧିକାରୀମାନେ।

ଭୁବନେଶ୍ୱର, ୩।୪ (ବ୍ୟୁରୋ)

ଏମ୍ସ ଭୁବନେଶ୍ୱରରେ ଛାତ୍ରୀଛାତ୍ର ଏବଂ ଚିକିତ୍ସାଧୀନ ଥିବା ରୋଗୀଙ୍କ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରାଯାଇଛି। ଉତ୍ତମମାନର ସୁସ୍ଥ ତଥା ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ମାଣ୍ଡିଆକୁ ଖାଦ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବା ଏମ୍ସ ପକ୍ଷରୁ କୁହାଯାଇଛି। ଉତ୍କଳ ଦିବସ ଏବଂ ଜି-୨୦ ଜନଭାଗିଦାରୀ ଅଭିଯାନର ଶୁଭାରମ୍ଭ ସ୍ୱରୂପ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଆରମ୍ଭ କରିଥିଲେ। ଏକାଧିକ ଭିଟାମିନ ଏବଂ ମିନେରାଲ୍‌ସରେ ପରିପୂର୍ଣ୍ଣ ମାଣ୍ଡିଆ ଖାଇବା ଦ୍ୱାରା ରୋଗୀମାନେ ଶୀଘ୍ର ଆରୋଗ୍ୟ ହୋଇପାରିବେ। ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିବା ରୋଗୀଙ୍କୁ ସର୍ବୋତ୍ତମ ସେବା, ଯତ୍ନ ପ୍ରଦାନ କରିବା ପ୍ରତିଶ୍ରୁତିବଦ୍ଧତାର ଅଂଶସ୍ୱରୂପ ଏମସ୍ ଗ୍ରହଣ କରୁଥିବା ଅନେକ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ସେହିଭଳି ଛାତ୍ରୀଛାତ୍ର ଏହି ପାରମ୍ପରିକ ତଥା ଆମ ମାଟିର ଖାଦ୍ୟରୁ ସମୃଦ୍ଧ ପୁଷ୍ଟିକର ଏବଂ ଖଣିଜ ପଦାର୍ଥ ପାଇବା ଦ୍ୱାରା ସେମାନଙ୍କ ସାମଗ୍ରୀକ ସ୍ୱାସ୍ଥ୍ୟର ଯତ୍ନ ନେବାରେ ବେଶ ସହାୟକ ହେବ ବୋଲି ଡା. ବିଶ୍ୱାସ ମତ ଦେଇଥିଲେ।

ଏହି ଅବସରରେ ମାଣ୍ଡିଆ ସେବନର ଉପକାରିତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ନିକଟରେ ଏହାର ବାର୍ତ୍ତା ପହଞ୍ଚାଇବା ନିମନ୍ତେ ଏମ୍ସ ଓପିଡିରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ବିଶ୍ୱାସ ଓ ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଡା. ଅଶୋକ କୁମାର ଜେନାଙ୍କ ଦ୍ୱାରା ଲିଖିତ 'ସ୍ୱାସ୍ଥ୍ୟ ଉପକାର ଏବଂ ରୋଗ ଉପରେ ମାଣ୍ଡିଆର ପ୍ରଭାବ' ନାମକ ପୁସ୍ତକକୁ ରୋଗୀ ଓ ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି ଏମସ୍‌ର ଡାଏଟିସିଆନ ସୌମ୍ୟା ସୁଚରିତା ପୃଷ୍ଟି ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ବି ବି ମିଶ୍ର, ଡିନ (ଏକାଡେମିକ) ଡା. ପି. ଆର୍. ମହାପାତ୍ର, ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ ଜେନା, ଡିନ୍ (ଗବେଷଣା) ଡା. ସତ୍ୟଜିତ୍ ମିଶ୍ର, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଭାରପ୍ରାପ୍ତ ଡିଡିଏ ରଶ୍ମୀ ରଂଜନ ସେଠୀ ଓ ଛାତ୍ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩।୪ (ବ୍ୟୁରୋ)

ପିଲାମାନେ ପାଠ ପଢିବା ସହ ନୃତ୍ୟ, ଗୀତ, ଚିତ୍ରାଙ୍କନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରନ୍ତି। ଏହା ସେମାନଙ୍କୁ ଆନନ୍ଦ ଦେବା ସହ ଭବିଷ୍ୟତରେ ଆମ କଳା ସଂସ୍କୃତି ସହିତ ଯୋଡିବାରେ ମୁଖ୍ୟ ମାଧ୍ୟମ ହୋଇଥାଏ। ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ ବାର୍ଷିକ ପତ୍ରିକା 'ସୌରପ୍ରଭା' ଉନ୍ମୋଚିତ ହେବା ସହ ସମସ୍ତଙ୍କୁ 'ସୌରପ୍ରଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ର ଜୟ ଭଗବତୀ, ଶିବ ଚରଣାମୃତ, ପଲ୍ଲବୀ ଏବଂ ବିଭିନ୍ନ ପ୍ରକାର ଲୋକନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ସ୍ୱାଇଁ ଏହାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଡିନ୍ ଉଇସ୍‌ଡମ୍ ଟ୍ରି ଗ୍ଲୋବାଲ ସ୍କୁଲର ଉପାଧ୍ୟକ୍ଷ ପଞ୍ଚମୀ ମାନୁ ଉକିଲ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନୀତା ବହିଦାର, ସଂଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ଗୁରୁ ଜ୍ୟୋତିର୍ମୟୀ ଦାସ, ଅନୁଷ୍ଠାନ ସମ୍ପାଦିକା ଡ. ମଧୁମିତା ଦାସଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ।



ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ପତ୍ରିକା 'ସୌରପ୍ରଭା'କୁ ଉନ୍ମୋଚନ କରୁଛନ୍ତି।

# ଓଡ଼ିଶାକୁ ବିଶ୍ୱର ସବୁଜ ରାଜଧାନୀ କରିବାକୁ ଶପଥ

### ପ୍ରେରଣା ପକ୍ଷରୁ ମେକ୍ ଇନ୍ ଓଡ଼ିଶା- ୨୦୩୬ ପାଇଁ ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର,୩।୪(ବ୍ୟୁରୋ)




କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିମାନେ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶୁଭ ଶତବାର୍ଷିକୀ ୨୦୩୬ରେ ପାଳନ କରାଯିବ। ଏଥିପାଇଁ ସାମାଜିକ ଅନୁଷ୍ଠାନ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ସ୍ୱତନ୍ତ ଅଧିବେଶନ 'ମେକ୍ ଇନ୍ ଓଡ଼ିଶା-୨୦୩୬' ଅନୁଷ୍ଠିତ ହୋଇଯାଇଛି। ସୋମବାର ସୂଚନାଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ବିଶ୍ୱର ସବୁଜ ରାଜଧାନୀରେ ପରିଣତ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଲେ, ରାଜ୍ୟରେ ଥିବା ପ୍ରାୟ ୫୦ ହଜାର ସ୍କୁଲ୍ ପରିସରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରାଯିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯିବ ମନ୍ତ୍ରୀ କହିଥିଲେ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କଳ ଜନନୀର ସ୍ୱତନ୍ତ୍ର ଫଟୋଚିତ୍ରକୁ ମନ୍ତ୍ରୀ ଦାଶ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ କହିଲେ, ପ୍ରତିବର୍ଷ ଗଛ ଲଗାଇବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ପ୍ରେରଣା ପକ୍ଷରୁ ୧ ଲକ୍ଷ ଟଙ୍କା ସହ ଗ୍ରୀନ୍ ମ୍ୟାନ୍ ସମ୍ମାନ ଦିଆଯାଉଛି। ଚଳିତବର୍ଷଠାରୁ ଭଲ ଗଛ ଲଗାଉଥିବା ସ୍କୁଲ୍‌କୁ ମଧ୍ୟ ପୁରସ୍କାର ଦିଆଯିବ। ବିଶିଷ୍ଟ ସ୍ତମ୍ଭକାର ଡ. ଭଗବାନ ପ୍ରକାଶ, ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥି ସହିତ ୧୦୦ ଜଣ ଗ୍ରୀନ ଆର୍ମି କମାଣ୍ଡାଣ୍ଟ ଓ ୫ଜଣ ଗ୍ରୀନ ଆର୍ମି କ୍ୟାପଟେନଙ୍କୁ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ମାନିତ କରାଯାଇଥିଲା। ଅନୁପମା ଚମ୍ପତିରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପାପ୍ ପରୀକ୍ଷା ଦ୍ୱାରା ଜରାୟୁ କର୍କଟ ଦୂର ହେବ'

### ଇନରହୁଇଲ କ୍ଲବ ରୟାଲ ପକ୍ଷରୁ କର୍କଟ ସଚେତନତା କର୍ମଶାଳା

ଭୁବନେଶ୍ୱରର,୩।୪ (ବ୍ୟୁରୋ)




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଇନରହୁଇଲ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ ପକ୍ଷରୁ ସ୍ଥାନୀୟ ରୋଟାରୀ ଭବନରେ ସରଭାଇକାଲ କ୍ୟାନସର୍ ବା ଜରାୟୁ-ଦ୍ୱାର କର୍କଟ ରୋଗ ଶୀର୍ଷକ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସୁବ୍ରତା ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ ହରିହର କ୍ୟାନସର୍ ଗବେଷଣା କେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡା. ନିରଞ୍ଜନ ରାଉତ ଏହି ଦୁଃରାରୋଗ୍ୟ ବ୍ୟାଧିରୁ ରକ୍ଷା ପାଇବା ପାଇଁ ସାବଧାନତା ଦରକାର ବୋଲି କହିଥିଲେ। ମହିଳାମାନଙ୍କର ବୈବାହିକ ଜୀବନ ପୂର୍ବରୁ ଏହି ଭୁତାଣୁ ସଂକ୍ରମଣକୁ ରୋକିବା ପାଇଁ ଏଚ୍.ପି.ଭି. ଟିକା ନେବା ଆବଶ୍ୟକ ବୋଲି ସେ କହିଥିଲେ । ସେ ମଧ୍ୟ ଜରାୟୁ କର୍କଟର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ପାପ୍ ପରୀକ୍ଷା କରାଇବା ପାଇଁ ମତ ରଖିଥିଲେ। ସମ୍ମାନିତ ବକ୍ତା ପ୍ରଫେସର ଡା. ଭାଗ୍ୟଲକ୍ଷ୍ମୀ ନାୟକ ଜରାୟୁ-ଦ୍ୱାର କର୍କଟ ରୋଗର ଲକ୍ଷଣ, କାରଣ ଏବଂ ଏହି ରୋଗରୁ ରକ୍ଷା ପାଇବା ପାଇଁ ନିରାକରଣ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ପ୍ରଫେସର ଡା. ସୁମିତା ମହାନ୍ତି ପାଲିଆଟିଭ କେୟାର୍ ବା ଯନ୍ତ୍ରଣା ଓ ଉପଶମ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ୨ଜଣ କ୍ୟାନସର୍ ରୋଗୀଙ୍କୁ ୫ ହଜାର ଲେଖାଏ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ଏଥିସହ କ୍ୟାନସର୍ ଇନଷ୍ଟିଚ୍ୟୁଟର ସୁବ୍ରତ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ରୋଟାରିଆନ ତଥା ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଡିଷ୍ଟ୍ରିକ ଇଏସଓ ସନ୍ଧ୍ୟାରାଣୀ ମିଶ୍ରଙ୍କ ସମେତ ଇନର୍ ହୁଇଲ ରୟାଲ ସଭ୍ୟାବୃନ୍ଦ, ଅନ୍ୟ କ୍ଲବର ପ୍ରେସିଡେଣ୍ଟ, ରୋଟାରାକ୍ଟର ଓ ବିଭିନ୍ନ ବସ୍ତିର ମହିଳାମାନେ ଯୋଗଦେଇଥିଲେ। ପୂର୍ବତନ ସଭାପତି ନୀହାରିକା ମିଶ୍ର ସଭା ପରିଚାଳନା କରିଥିଲେ। ପୂର୍ବତନ ସଭାପତି ରଶ୍ମିରେଖା ତ୍ରିପାଠୀ ଅତିଥି ପରିଚୟ ଓ ସରୋଜିନୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ସେକ୍ରେଟାରୀ କାଦମ୍ବିନୀ ରଥ ଓ ପୂର୍ବତନ ସଭାପତି ଲୋପାମୁଦ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ରଦ୍ଧାଞ୍ଜଳି ଦାଶ ଉପସ୍ଥାନ ପାଠ କରିଥିଲେ।

## ସଂକ୍ଷେପରେ

### ୫.୨୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ



ଖୋର୍ଦ୍ଧା ଅଫିସ,୩।୪: ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ଅବକାରୀ ବିଭାଗ, ପୋଲିସ ଓ ଏସ୍‌ଟିଏଫ୍‌ର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ସୋମବାର ଖୋର୍ଦ୍ଧା ଅବକାରୀ(ମୋବାଇଲ ୟୁନିଟ) ପୋଲିସ ବାଟମଙ୍ଗଳା ଛକରେ ଚଢ଼ାଉ କରି ୫୨ଗ୍ରାମ ବ୍ରାଉନ୍‌ସୁଗାର ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପଲ୍ଲାହାଟ ଅଞ୍ଚଳର ପ୍ରଦୀପ ପାଲଟାସିଂ(୨୦)। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ପ୍ରାୟ ୫ଲକ୍ଷ ୨୦ ହଜାର ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏନଡିପିସି ଆକ୍ଟ ୨୧(ବି)ରେ ଏକ ମାମଲା (ନଂ.୧/୨୩)ରେ ରୁଜୁ ହୋଇଛି। ସୂଚନା ମୁତାବକ, ପ୍ରଦୀପ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ମୋବାଇଲ ୟୁନିଟର ଏସଆଇ ବି.ମନୋଜ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ଗ୍ରାହକ ସାଜି ତାଙ୍କୁ କାବୁ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ବୋଲଗଡ଼,୩।୪(ଡି.ଏନ୍.ଏ.):** ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଅରଖପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ବ୍ଲକ ସ୍କୁଲ ସମୂହ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ଅଜୟ କୁମାର ସୁବୁଦ୍ଧି ଅବସର ଗ୍ରହଣ କରିଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପୁରେନ୍ଦ୍ର ବେହେରା, ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନର ଉପଦେଷ୍ଟା ଜୟରାମ ଦାସ, ଦିବାକର ଦତ୍ତ, ଦେବୀପ୍ରସାଦ ମାନ୍ଧାତା, ଚନ୍ଦ୍ରଶେଖର ଷଡ଼ଙ୍ଗୀ, ଶେଖ୍ ମୁଶାରଫ ଅଲ୍ଲୀ, ଶେଖ୍ ଜିୟାଉଦ୍ଦିନ, ପୀତବାସ ଦାସ, ଶାନ୍ତନୁ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବିଦ୍ୟାଳୟରେ ୧୯୮୪ ମସିହାରେ ଚାକିରି ଜୀବନ ଆରମ୍ଭ କରିଥିବା ସୁବୁଦ୍ଧି ନୀରବଚ୍ଛିନ୍ନ ଭାବେ କାର୍ଯ୍ୟକରି ୩୯ ବର୍ଷ ପରେ ଅବସର ଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ଶେଖ୍ ମୁଶାରଫ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୩।୪(ବ୍ୟୁରୋ):** କ୍ୟାପିଟାଲ ଥାନା ୟୁନିଟ-୬ସ୍ଥିତ ସଡ଼କ ବସ୍ତିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ହେଲେ ସୁନୀତା ନାୟକ (୨୪)। ବାଡ଼ିରେ ଥିବା ସଜନା ଗଛରେ ରବିବାର ସୁନୀତା ଶାଢ଼ି ଦ୍ୱାରା ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ପୋଲିସକୁ କହିଛନ୍ତି। ପରିବାର ଲୋକେ ସୁନିତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ନେଉଥିବା ବେଳେ ପୋଲିସ ତାହାକୁ ଜବତ କରିଥିଲା। ପରେ ସେଠାରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଝିଅକୁ ହତ୍ୟା କରାଯାଇଥିବା ବାପା ଅରୁଣ ନାୟକ ଥାନାରେ ଏତଲା ଦେଇଛନ୍ତି।

# ଚାପି ଦିଆଯାଇଛି ଅନ୍ତରୀଣ ତଦନ୍ତ ରିପୋର୍ଟ

**ବିନା ଏନ୍‌ଇଇଟିରେ ପଢୁଛନ୍ତି ଆୟୁର୍ବେଦ ପାଠ ପ୍ରସଙ୍ଗ**

- କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲା ସଚେତନ ନାଗରିକ ମଞ୍ଚ
- ସ୍ୱାସ୍ଥ୍ୟ ଓ ଆୟୁଷ ବିଭାଗ ନୀରବତାକୁ ନେଇ ପ୍ରଶ୍ନବାଚୀ
- ନିର୍ଦ୍ଦେଶକ ବଦଳିଲେ, ତଦନ୍ତ ବାଟବଣା

**ଖୋର୍ଦ୍ଧା ଅଫିସ,୩।୪**

ରାଜ୍ୟରେ ନକଲି ସାର୍ଟିଫିକେଟ ରାକେଟ ସକ୍ରିୟ ରହିଛି। ବିଭିନ୍ନ ସମୟରେ ନକଲି ସାର୍ଟିଫିକେଟ ଦେଇ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ସହ ସରକାରୀ ଚାକିରି କରୁଥିବା ଘଟଣା ପଦାକୁ ଆସିଛି। ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ରାକେଟ ଧରାପଡିବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବାରୁ ସରକାର ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଓଜେଇଇ ଓ ଏନ୍‌ଇଇଟି ପାସ୍ କରି ନ ଥିବା କେତେଜଣ ଛାତ୍ରୀଛାତ୍ର ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ଅଧ୍ୟୟନ କରୁଥିବା ନେଇ ଜଣେ ଅଭିଯୋଗକାରୀ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଗତ ଜାନୁୟାରୀ ୧୦ ‘ଧରିତ୍ରୀ’ରେ ଏକ ଖବର ପ୍ରକାଶ ପାଇଥିଲା। ତେବେ ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ଆୟୁଷ ବିଭାଗର ନୀରବତାକୁ ନେଇ ପ୍ରଶ୍ନ ଉଠାଇଛି ପୁରୀ ସଚେତନ ନାଗରିକ ମଞ୍ଚ। ଗୋପବନ୍ଧୁ ଆୟୁର୍ବେଦ କଲେଜକୁ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରାଯିବାକୁ ମଞ୍ଚ ଆବାହକ ତଥା ଆଇନଜୀବୀ ପ୍ରସନ୍ନ ଦାଶ ଦାବି କହିଛନ୍ତି। ଖୁବ୍‌ଶୀଘ୍ର ଏହି କେଳେଙ୍କାରୀ ସଂକ୍ରାନ୍ତରେ ତଥ୍ୟ ସମ୍ବଳିତ ରେକର୍ଡପତ୍ର ଭିଜିଲାନ୍ସ ଏବଂ କ୍ରାଇମବ୍ରାଞ୍ଚ ନିକଟରେ ଦାଖଲ କରାଯିବ ବୋଲି ଦାଶ ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ଖବର ପ୍ରକାଶ ପରେ ଗୋପବନ୍ଧୁ ଆୟୁର୍ବେଦ କଲେଜ ଚର୍ଚ୍ଚାର ଘେରକୁ ଆସିଥିଲା। ସ୍ୱାସ୍ଥ୍ୟ ସଚିବ ଏହି ଘଟଣାର ତଦନ୍ତ ଲାଗି ତତ୍କାଳୀନ ଆୟୁଷ ନିର୍ଦ୍ଦେଶକ ଭୁପେଶ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ବେହେରା ସୂଚନା ଦେଇଥିଲେ। ତେବେ ଗତ ଫେବୃୟାରୀ ୨୮ରେ ବେହେରା ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥଙ୍କୁ ପଚାରିବାରେ ସେ କୁହନ୍ତି, ନିକଟରେ ମୁଁ ଯୋଗଦାନ କରିଛି। ସେଭଳି କୌଣସି ଅଭିଯୋଗ ମୋ ନିକଟକୁ ଆସିନାହିଁ। ବିନା ଏନ୍‌ଇଇଟିରେ ପାଠପଢ଼ା ସମ୍ଭବପର ନୁହଁ। ଯଦି ଏଭଳି ହୋଇଛି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ‘ଧରିତ୍ରୀ’ରେ ପ୍ରକାଶିତ ଖବରକୁ ଆଧାର କରି କଲେଜ ଅଧ୍ୟକ୍ଷ ଡା. ସୁଦର୍ଶନ ବେହେରା କଲେଜ ଚିଠି କ୍ରମାଙ୍କ ୬୭/୨୩ ରେ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚିଠି ନଂ.୬୮(୧୦)/ଜିଏଏମ/୧୦.୧.୨୩ ପ୍ରକାରେ ଏକାଡେମିକ ସେକ୍ସନ ଦାୟିତ୍ୱରେ ରହିଥିବା ସିନିୟର ଆସିଷ୍ଟାଣ୍ଟ ତାରା ପ୍ରସନ୍ନ ମହାପାତ୍ରଙ୍କୁ ତଦନ୍ତ କମିଟିକୁ ସମସ୍ତ ସହଯୋଗ ଏବଂ ଆଡ୍‌ମିଶନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି କମିଟିରେ ପ୍ରଫେସର ରଞ୍ଜନ କୁମାର କାଣ୍ଡା, ପ୍ରଫେସର ସୁରମା ମିଶ୍ର, ପ୍ରଫେସର ରାଜୀବ କିଶୋର ଜେନା, ଡା. କ୍ରିଷ୍ଣା ମହାନ୍ତି, ଡା. ସୁବ୍ରତ କୁମାର ଜୟସିଂ, ଡା. ସରୋଜ କୁମାର ମିଶ୍ର, ଡା. ଜିତେନ୍ଦ୍ର ସାମଲ, ଡା. ବିନୋଦ ଚନ୍ଦ୍ର ସିଂ ଏବଂ ଡା. ସଂଗ୍ରାମ କେଶରୀ ପ୍ରଧାନ ପ୍ରମୁଖ ରହିଛନ୍ତି। ତେବେ କମିଟି ସବିଶେଷ ତଦନ୍ତ ରିପୋର୍ଟ କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ତେବେ ରିପୋର୍ଟରେ କ’ଣ ଲେଖାଯାଇଛି ତାହାକୁ ସାର୍ବଜନୀନ କରାଯାଇନାହିଁ। ଘଟଣାକୁ ଚାପିଦେବା ଲାଗି ଷଡ଼ଯନ୍ତ୍ର ଚାଲିଛି ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ୨୦୨୧ ନଭେମ୍ବରରେ ଜଣେ ଛାତ୍ର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଓ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ସଚିବଙ୍କ ନିକଟରେ ଉପରୋକ୍ତ ଅଭିଯୋଗ ଆଣିଥିଲେ। ପୂର୍ବରୁ ଉତ୍ତର ପ୍ରଦେଶରେ ସମାନ ଅଭିଯୋଗ ପରେ ଆୟୁଷ ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଘଟଣାର ତଦନ୍ତ ଦାବି କରିଥିଲେ ଅଭିଯୋଗକାରୀ। ଗତ ୫ ବର୍ଷର ନାମଲେଖା ରେଜିଷ୍ଟର ଯାଞ୍ଚ ଦାବି କରିଥିଲେ। ବାହାର କଲେଜର ଛାତ୍ରୀଛାତ୍ରଙ୍କଠାରୁ ଲାଞ୍ଚନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‌ୟାଙ୍କ କାର୍ଡ ଓ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲସି) ଓ ମାଇଗ୍ରେଶନ ସାର୍ଟିଫିକେଟ, ଆୟୁଷ ନିର୍ଦ୍ଦେଶକଙ୍କ ବିନା ଅନୁମୋଦିତ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା କରାଯାଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଥିଲେ।

### ହାଇୱା ଧକ୍କାରେ ଜଣେ ମୃତ, ଅନ୍ୟ ଜଣେ ଗୁରୁତର

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବରମୁଣ୍ଡା କାଳି ମନ୍ଦିର ସମ୍ମୁଖରେ ସୋମବାର ସକାଳ ୯ଟାରେ ଏକ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ପ୍ରକାଶ ନାହକ (୪୫)। ତାଙ୍କ ସହ ଥିବା ପଡୋଶୀ ସୁଦେଷ୍ଣା ନାହକ ମଧ୍ୟ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ପ୍ରକାଶ ଓ ସୁଦେଷ୍ଣା ବାଲିଅନ୍ତା ଇଟା ଭାଟିରେ ଶ୍ରମିକ ଭାବେ କାମ କରନ୍ତି। ସୋମବାର ସକାଳୁ ଉଭୟ ଗାଁକୁ ଯାଉଥିଲେ। ବାଲିଅନ୍ତାରୁ ଆସି ବରମୁଣ୍ଡା କାଳି ମନ୍ଦିର ଆଗରେ ବସ୍‌ରୁ ଓହ୍ଲାଇ ଥିଲେ। ଗଞ୍ଜାମ ବସ୍ ଧରି ଗାଁକୁ ଯିବା ଲାଗି ରାସ୍ତା ପାର ହେଉଥିଲେ। ଏହି ସମୟରେ ଖଣ୍ଡଗିରିରୁ ଫାୟାର ଷ୍ଟେଶନ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରକାଶ ଓ ସୁଦେଷ୍ଣା ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ହାଇୱାକୁ ଅଟକାଇବା ସହ ଗୁରୁତର ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ। ଖଣ୍ଡଗିରି ପୋଲିସ ପହଞ୍ଚି ସେମାନଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା।

# ଠଣାପଲ୍ଲୀରେ ଦଣ୍ଡପର୍ବ ଆରମ୍ଭ



ପାଣିତୋଳା ପରେ ଦଣ୍ଡ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଉଛନ୍ତି କାଳିସି ଓ ଦଣ୍ଡୁଆମାନେ।

**ବୋଲଗଡ଼,୩।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ବାଲୁଙ୍କେଶ୍ୱର ଓ ମା’ କାଳିକା ଠାକୁରାଣୀଙ୍କ ଦଣ୍ଡପର୍ବ ଆରମ୍ଭ ହୋଇଛି। ଗ୍ରାମ ପୋଖରୀରେ ମଧ୍ୟରାତ୍ରରେ ମାନସିକଧାରୀମାନେ ଘଟ କଳସ ସ୍ଥାପନ ଓ ସନ୍ଧିପୂଜା କରି ସୁସଜ୍ଜିତ ପଟୁଆରରେ ମା’ଙ୍କ ଦଣ୍ଡ ଠାକୁରଙ୍କୁ ଆବାହନ କରି ଗ୍ରାମ ପରିଭ୍ରମଣ କରିଥିଲେ। କାଳିକା ଠାକୁରାଣୀଙ୍କ ପୀଠରେ ଘଟ ସ୍ଥାପନ ସହିତ ଦଣ୍ଡ ଠାକୁରଙ୍କୁ ସଂସ୍ଥାପନ କରଯାଇଥିଲା। ଏହି ପର୍ବ ଠଣାପଲ୍ଲୀରେ ଦୀର୍ଘଦିନ ହେବ ହୋଇଆସୁଛି। ଚଳିତ ବର୍ଷ ୭୫ତମ ଦଣ୍ଡ

**୧୧ରେ ମୋ ପଲ୍ଲୀ ଗାଁ ଦଣ୍ଡ ମେଳଣ ଉତ୍ସବ**

ମେଳଣ କାର୍ଯ୍ୟକ୍ରମ ସହିତ ୨ ଦିନ ବ୍ୟାପୀ ମୋ ପଲ୍ଲୀ ଗାଁ ଦଣ୍ଡ ମେଳଣ ଉତ୍ସବ, ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ପାଳନ କରାଯିବା ପାଇଁ ଗାଁର ପରିଚାଳନା କମିଟି ନିଷ୍ପତ୍ତି ନେଇଛି। ଦଣ୍ଡ କାର୍ଯ୍ୟକ୍ରମରେ ପାଟଭଗତା ଭାବେ ସର୍ବେଶ୍ୱର ମହାପାତ୍ର ଓ ପାଟ ଦଣ୍ଡୁଆଭାବେ ନାରଣ ସାହୁ ମାନସିକ କରିଥିବା ବେଳେ ଅନ୍ୟ ଦଣ୍ଡୁଆମାନେ ହେଲେ ରଞ୍ଜନ ବେହେରା, ବୈକୁଣ୍ଠ ପ୍ରଧାନ, ମଧୁ ନାଏକ, କାଳିସି ନାରଣ ବେହେରା, ଟିଙ୍କି ସାହୁ, ମୋହନ ପ୍ରଧାନ, ରତ୍ନାକର ସାହୁ, ହରିହର ମହାପାତ୍ର, କାଳିସି ବିଶୁନି ବେହେରା ପ୍ରମୁଖ ଦଣ୍ଡ ବ୍ରତଧାରୀମାନେ ଯୋଗଦେଇଛନ୍ତି। ଗ୍ରାମ କମିଟି ପକ୍ଷରୁ ଫକୀର ପ୍ରଧାନ, ପ୍ରଫୁଲ୍ଲ ସାହୁ, ଭାଗୀରଥି ଦାଶ, ବସନ୍ତ ମହାପାତ୍ର, ଦାଶରଥି ସାହୁ, ଦୁଖିଶ୍ୟାମ ମହାପାତ୍ର, ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରକାଶ ସ୍ୱାଇଁ, କୃଷ୍ଣ ଚମ୍ପତି ପ୍ରମୁଖ ଦଣ୍ଡ ମେଳଣ ଉତ୍ସବ ନିମନ୍ତେ ଚଳିତ ମାସ ୧୧ ଓ ୧୨ ଦୁଇଦିନ ଧରି ଦଣ୍ଡନୃତ୍ୟ ଉତ୍ସବ ସହ ପୌରାଣିକ ନାଟକ ମଞ୍ଚସ୍ଥ ଓ ସାଂସ୍କୃତିକ ବିଭାଗ ପକ୍ଷରୁ ଘୋଡ଼ାନାଚ ସହିତ ଗଞ୍ଜାମର ପ୍ରହ୍ଲାଦ ନାଟକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କହିଛନ୍ତି। ଦୀର୍ଘ ୧୪ ଦିନ ଧରି ଚାଲିବାକୁ ଥିବା ଦଣ୍ଡନାଚ ପଣା ସଙ୍କ୍ରାନ୍ତିରେ ଶେଷ ହେବ।

### ଅଖିଳ ଭାରତ ଡାକ କର୍ମଚାରୀ ସଂଘ ବୈଠକ

**ବାଲିପାଟଣା,୩।୪(ଡି.ଏନ୍.ଏ.)**

ଅଖିଳ ଭାରତ ଡାକ କର୍ମଚାରୀ ସଂଘ ଗ୍ରାମୀଣ ଡାକସେବକ ଓଡ଼ିଶା ସର୍କଲ ସଂଘ ଆହ୍ୱାନରେ ଏକ କାର୍ଯ୍ୟକାରୀ ବୈଠକ ସୋମବାର ଯୋଗେଶ ସାହୁଙ୍କ ସଭାପତିତ୍ୱରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ପୋଷ୍ଟମ୍ୟାନ୍ ଓ ଏମ୍‌ଟିଏସ୍ ସଂଘର ସହଯୋଗୀ ସର୍କଲ ସମ୍ପାଦକ ରାଜୀବ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ମଣ୍ଡଳରୁ ଆସିଥିବା ସମ୍ପାଦକମାନେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଙ୍ଗଠନର ପୂର୍ବତନ ସର୍କଲ ସମ୍ପାଦକ ନିର୍ମଳ ଚନ୍ଦ୍ର ସିଂହ ପ୍ରସ୍ତାବ ଆଗତକରି ନୂତନ ପେନ୍‌ସନ ବାତିଲ କରି ପୁରୁଣା ପେନ୍‌ସନ ଲାଗୁ କରିବା, ଟାର୍ଗେଟ୍ ନାମରେ କର୍ମଚାରୀଙ୍କୁ ନିର୍ଯାତନା ଦେବା, ଏପ୍ରିଲ ୨୬ରେ ରାଜ୍ୟସ୍ତରୀୟ ସମାବେଶକୁ ସଫଳ କରିବା, ଡାକ ବିଭାଗରେ କାର୍ଯ୍ୟରତ ଗ୍ରାମୀଣ ଡାକସେବକମାନଙ୍କୁ ଷ୍ଟାଟସ୍ ଓ ପେନ୍‌ସନ ଦାବିରେ ଆଗାମୀ ଦିନରେ ଧର୍ମଘଟ ହେବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ମଣ୍ଡଳ ସମ୍ପାଦକ ଘନଶ୍ୟାମ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଖଣିରେ ଚଢ଼ାଉ: ୧୪ ହାଇୱା, ଜେସିବି ଜବତ



ଜବତ ହୋଇଥିବା ହାଇୱା ଓ ଜେସିବି ମେଶିନ।

**ଜଟଣୀ,୩।୪(ଡି.ଏନ୍.ଏ.)**

ଜଟଣୀ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ବଢ଼ିଚାଲିଛି। କନ୍ତିଆ ପଞ୍ଚାୟତ ଅନ୍ତର୍ଗତ ରଥିପୁରସ୍ଥିତ ଶଗଡ଼ିଆ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରୁ ଖଣି ମାଫିଆମାନେ ମୋରମ ଚାଲାଣ କରୁଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିଲା, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ଗତ ଫେବୃୟାରୀ ୧ରେ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇଥିଲା। ଦୀର୍ଘଦିନର ବ୍ୟବଧାନ ପରେ ସୋମବାର ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ଖଣିରେ ପୋଲିସ ଉପସ୍ଥିତିରେ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ୧୪ଟି ହାଇୱା ଓ ଗୋଟିଏ ଜେସିବିମେଶିନ ଜବତ କରାଯାଇଛି। ତେବେ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ ପୂର୍ବରୁ ଘଟଣାସ୍ଥଳରୁ ଡ୍ରାଇଭର ଓ ମାଫିଆମାନେ ଫେରାର ହୋଇଯାଇଥିଲେ। ଜବତ ଗାଡ଼ିଗୁଡ଼ିକୁ ତହସିଲ କାର୍ଯ୍ୟାଳୟକୁ ଅଣାଯିବ ବୋଲି ଜଣାପଡ଼ିଛି। ଏହି ଚଢ଼ାଉରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ସ୍ଥାନୀୟ ପୋଲିସ୍, ତହସିଲ କର୍ମଚାରୀ ସାମିଲ ଥିଲେ।

# ହରିପୁରରେ ସିରିଜ୍ ବୋମାମାଡ଼: ୫ ଆହତ

**ନୟାଗଡ଼ ଅଫିସ/ଶରଣକୁଳ, ୩।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ ଡିମିଶର ପଞ୍ଚାୟତ ହରିପୁର ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ ଜଣ ଆହତ ହୋଇଛନ୍ତି । ଏହି ଘଟଣା ପରେ ସିରିଜ୍ ବୋମାମାଡ଼ ହୋଇଥିଲା । ଭୟରେ ଲୋକମାନେ ଦୌଡ଼ାଦୌଡ଼ି ହେବା ଫଳରେ ଅନ୍ୟ ୨ଜଣ ଆହତ ହୋଇଛନ୍ତି । ବୋମାମାଡ଼ ଖବର ପାଇ ଶରଣକୁଳ ଥାନା ଅଧିକାରୀ ଜୟଦୀପ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ପୋଲିସ ଫୋର୍ସ ମୁତୟନ କରିଛନ୍ତି । ଏହାକୁ ନେଇ ହରିପୁରରେ ଉତ୍ତେଜନା ଲାଗିରହିଛି ।

ସୂଚନା ଅନୁଯାୟୀ, ହରିପୁର ଗ୍ରାମରେ ରାମଲୀଳା ନାଟକ ମଞ୍ଚସ୍ଥ ହେଉଥିବା ବେଳେ କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା । ଏହି ବଚସାକୁ କେନ୍ଦ୍ରକରି ୨ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇଥିଲା । ଏହି ଘଟଣାରେ ଗ୍ରାମର ବସନ୍ତ କୁମାର ସେନାପତି ଗୁରୁତର ହୋଇଥିଲେ । ତାଙ୍କୁ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି । ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି ।

# ମନ୍ଦିରରେ ପ୍ରବେଶ କଲେ ଶ୍ରୀକପିଳେଶ୍ୱର

**ନିରାକାରପୁର,୩।୪(ଡି.ଏନ୍.ଏ.)**

**ବନ୍ଦ ହେଲା ଆତସବାଜି ପରମ୍ପରା**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ମାର୍ଚ୍ଚ ୨୯ରୁ ଚାଲୁ ରହିଥିବା ବେଳେ ସୋମବାର ତ୍ରୟୋଦଶୀରେ ଶେଷ ହୋଇଛି। ତେବେ ବିଲରେ କାଦୁଅ ଯୋଗୁ ସକାଳ ୬ଟାରେ ରଥ ପହଞ୍ଚିବାକୁ ଥିବାବେଳେ ୮ଟାରେ ମନ୍ଦିର ନିକଟରେ ପହଞ୍ଚିଥିଲା। ଏହାପରେ ରଥରୁ ଶ୍ରୀଜୀଉମାନଙ୍କୁ ମନ୍ଦିରକୁ ନିଆଯାଇଥିଲା। ଅପରାହ୍ନ ୨ଟାରେ ଶ୍ରୀଜୀଉମାନଙ୍କର ସ୍ନାନମାର୍ଜନା ଓ ପ୍ରପାନକ ଲାଗି ହୋଇଥିଲା। ସାଢ଼େ



୨ଟାରେ ମଧାହ୍ନ ଧୂପ, ଅପରାହ୍ନ ୪ଟାରେ ଶ୍ରୀଜୀଉମାନେ ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ। ଅପରାହ୍ନ ସାଢେ ୫ଟାରେ ନିକଟ ଅରେଢ଼ି ଗ୍ରାମରୁ ରଥଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରିତ ହୋଇ ଆସିଥିବା ଗ୍ରାମେଶ୍ୱର ଦେବ ଓ ମା’ ଗ୍ରାମେଶ୍ୱରୀ ଶ୍ରୀକପିଳେଶ୍ୱରଙ୍କଠାରୁ ବିଦାୟ ନେଇଥିଲେ। ତେବେ ରଥ ଭେଟବାଲି ପାଖରେ ପହଞ୍ଚିବା ପରେ ଆତସବାଜି ହୋଇଥାଏ। ଚଳିତ ବର୍ଷ ଭୂଷଣ୍ଡପୁରଠାରେ ଦୋଳଯାତ୍ରା ପାଇଁ ବାଣ ପ୍ରସ୍ତୁତ ଚାଲିଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆତସବାଜି ପ୍ରଦର୍ଶନ ଉପରେ କଟକଣା ଲଗାଯାଇଛି। ଫଳରେ ଏଠାରେ ଚାଲିଆସିଥିବା ଆତସବାଜି ପରମ୍ପରା ବନ୍ଦ ରହିଥିଲା।

# ଜନଶୁଣାଣି ଶିବିରରେ ୮୫ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୩।୪**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମିଳିତ ଜନଶୁଣାଣି ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ମୋଟ୍ ୮୫ଟି ଅଭିଯୋଗ ହୋଇଛି। ସେଥିରୁ ୧୦ଟି ସାମୂହିକ ସମସ୍ୟାକୁ ବାଦ୍ ଦେଲେ ଅନ୍ୟଗୁଡ଼ିକ ବ୍ୟକ୍ତିଗତ ରହିଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ଶିକ୍ଷାଧିକାରୀ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବିଶ୍ୱନାଥ ତରାଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଏବିଡିଓ ରଞ୍ଜନ କୁମାର ସ୍ୱାଇଁଙ୍କ ସମେତ ସ୍ୱାସ୍ଥ୍ୟ, ପରିମଳ, ସାମାଜିକ ସୁରକ୍ଷା, ଶ୍ରମ, ଗ୍ରାମ୍ୟ ଉନ୍ନୟନ, ଉଦ୍ୟାନ, ଜଙ୍ଗଲ, କୃଷି, ପ୍ରାଣୀ ଚିକିତ୍ସା, ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ବ୍ଲକର ଟାଙ୍ଗିଆପଡ଼ା ପଞ୍ଚାୟତର ଉଇଲକିଶନ ନଗର ଗ୍ରାମର ଏକାଧିକ ବୃଦ୍ଧା, ବିଧବା, ଦିବ୍ୟାଙ୍ଗ ହିତାଧିକାରୀଙ୍କ ଖାତାକୁ ଭତ୍ତା ଟଙ୍କା ଯାଉ ନ ଥିବା ଅଭିଯୋଗ କରିଥିଲେ। ଖୁବ୍‌ଶୀଘ୍ର ଭତ୍ତା ଟଙ୍କା ଦିଆଯିବା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଅଭିଯୋଗ ଉପରେ ଜିଲା ପ୍ରଶାସନ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇ ପରବର୍ତ୍ତୀ ସମୟରେ ତଦାରଖ କରାଯାଉନାହିଁ। ଫଳରେ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି।

# ରାଜୁଆ ବ୍ୟାରେଜ କାର୍ଯ୍ୟକ୍ଷମ, ଚେକ୍‌ଡ୍ୟାମ ନିର୍ମାଣ ହେଉ

**ଖୋର୍ଦ୍ଧା ଅଫିସ,୩।୪**

- ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି
- ସ୍ଥିତି ଅନୁଧାନ କରିବେ ଜିଲାପାଳ

ରାଜୁଆ ଜଳସେଚନ ବ୍ୟାରେଜ କାର୍ଯ୍ୟକ୍ଷମ ଲାଗି ଦାବି କରିଛନ୍ତି ଚାଷୀ। ବ୍ୟାରେଜ ଉପରମୁଣ୍ଡ ପାଣ୍ଡିଆବିଲିଠାରେ ଦୟାନଦୀରେ ଚେକ୍ ଡ୍ୟାମ ନିର୍ମାଣ ଲାଗି ୩ ପଞ୍ଚାୟତର ଏକାଧିକ ଚାଷୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୋମବାର ଖୋର୍ଦ୍ଧା ବ୍ଲକଠାରେ ଚାଲିଥିବା ଜନଶୁଣାଣିରେ ଚାଷୀମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ଚାଷଜମିକୁ ଜଳସେଚନ ଲାଗି ଦାବି କରିଥିଲେ। ରାଜୁଆ ବ୍ୟାରେଜରେ ଚେକ୍ ଡ୍ୟାମ ନିର୍ମାଣ ଦାବି ଜଣାଇଥିଲେ। ଏହି ଡ୍ୟାମ ନିର୍ମାଣ ହେଲେ ଖୋର୍ଦ୍ଧା ଓ ପୁରୀ ଜିଲାର ଏକାଧିକ ଗ୍ରାମର ଚାଷୀ ଖରାଟିଆ ଓ ରବି ଫସଲ ପାଇଁ ଜଳସେଚନ ସୁବିଧା ପାଇବେ। ତେବେ ଦୀର୍ଘ ଦିନ ଧରି ଏହି ଦାବି ହୋଇ ଆସୁଥିବା ବେଳେ ଜଳସେଚନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଛି, କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଚାଷୀ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ଜିଲାପାଳ ଚକ୍ରବର୍ତ୍ତୀ ଅସନ୍ତୋଷ ପ୍ରକାଶ କରିବା ସହ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ବିଭାଗୀୟ ଅବହେଳାକୁ ନେଇ ବିରକ୍ତି ପ୍ରକାଶ କରିଥିଲେ। ନିଜେ ଏହାର ସ୍ଥିତି ଅନୁଧାନ କରିବା ସହ ଚାଷୀଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ୧୯୯୮ ମସିହାରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ରାଜୁଆ ଜଳସେଚନ ବ୍ୟାରେଜ ନିର୍ମାଣ ହୋଇଥିଲା। ଅଦ୍ୟାବଧି ୨୫ବର୍ଷ ବିତିଲାଣି। ଲକ୍ଷ୍ୟ ଥିଲା ଜମିକୁ ପାଣି ମଡାଇବାରେ ସୁବିଧା ମିଳିବ। ତେବେ ଏଯାବତ୍ ଜଳ ଚାଷ ଜମିକୁ ମାଡ଼ିନାହିଁ। ଚଳିତବର୍ଷ ଖରାଟିଆ ଫସଲ ପାଇଁ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ କାର୍ଯ୍ୟକାରୀ ହେଲାନି। ପ୍ରତିବର୍ଷ ହୀରାକୁଦ ଜଳସ୍ତର ବୃଦ୍ଧି ପାଇ ଗେଟ୍ ଖୋଲିଲେ ମହାନଦୀର ପଚ୍ଛୁଆ ପାଣି ଶାଖା ନଦୀ ରାଜୁଆରେ ପ୍ରଭାବିତ ହୋଇ ବ୍ୟାପକ କ୍ଷତି ଘଟାଉଛି। ପ୍ରତିବର୍ଷ ରାଜୁଆରେ ବନ୍ୟା ଯୋଗୁ ଚାଷୀ ଫସଲ ହରାଉଛନ୍ତି। ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି, ବିଳମ୍ବ ମୌସୁମୀ ପ୍ରବେଶ ଆଦି ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରି ଚାଷୀ ଧାନଫସଲ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଥିବା ବେଳେ ଠିକ୍ ସମୟରେ ଜଳସେଚନ ସୁବିଧା ମିଳିପାରୁନାହିଁ। ଫଳରେ ଚାଷୀଙ୍କୁ ନିରାଶ ହେବାକୁ ପଡୁଛି। ଜଳସେଚନ ବ୍ୟବସ୍ଥା ଲାଗି ପ୍ରତଶ୍ରୁତି ଦେଇ ପରବର୍ତ୍ତି ପର୍ଯ୍ୟାୟରେ ଭୂଲି ଯାଉଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳା, ଦାୟିତ୍ୱହୀନତା ଯୋଗୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ଜଳସେଚନ ଅଭାବରୁ ଚାଷୀଙ୍କ ଫସଲ ଜଳିଗଲା। ଏନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପମ୍ପ ଯୋଗେ ଜଳ ଯୋଗାଇବା ଲାଗି ପ୍ରତିଶ୍ରୁତି ସତ୍ତ୍ୱେ ବିଭାଗୀୟ ଅବହେଳା ପଦାରେ ପଡିଛି। ରାଜୁଆ ନଦୀ ଜଳ ଚିଲିକାରେ ମିଶୁଛି। ହେଲେ ଚାଷୀଙ୍କ କୌଣସି କାମରେ ଆସୁନି। ରାଜୁଆ ବ୍ୟାରେଜକୁ କାର୍ଯ୍ୟକ୍ଷମ କରିବାକୁ ହେଲେ ଉପରମୁଣ୍ଡ ପାଣ୍ଡିଆବିଲିଠାରେ ଚେକ୍ ଡ୍ୟାମ ନିର୍ମାଣ କରାଗଲେ ସମସ୍ୟା ସମାଧାନ ହୋଇପାରିବ। ଚାଷୀ ଦିବାକର ଭୋଇ, ଦୁଃଖିଶ୍ୟାମ, ଯୁଝାର ସିଂ, କେଶବ ଜେନା, ଅବକାଶ ମହାନ୍ତି, ଜୟକୃଷ୍ଣ ପ୍ରଧାନ, ଗଦାଧର ଜେନାଙ୍କ ସମେତ ଏକାଧିକ ଚାଷୀ ଅଭିଯୋଗପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍କୁଲ ଭ୍ୟାନ୍ ଓଲଟି ୬ ଶିଶୁ ଆହତ

ନିମାପଡ଼ା,୩।୪(ଡି.ଏନ୍.ଏ.)- ଚାରିଛକ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମ ନିକଟରେ ସୋମବାର ଏକ ସ୍କୁଲ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାକଡ଼ ଖାଲକୁ ଓଲଟି ପଡ଼ିଛି। ଫଳରେ ଚାଳକଙ୍କ ସମେତ ୬ ଜଣ ଶିଶୁ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଆହତ ଶିଶୁଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶିଶୁଙ୍କୁ ଘରକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଚାରିଛକ ଥାନା ଅଞ୍ଚଳର ଏକ ଘରୋଇ ସ୍କୁଲ ଭ୍ୟାନ ସ୍କୁଲ ଛୁଟି ପରେ ଅପରାହ୍ନ ୪ଟା ସମୟରେ ଶିଶୁଙ୍କୁ ଘରେ ଛାଡ଼ିବାକୁ ଚାରିଛକରୁ ସାଇଲୋ ଅଭିମୁଖେ ଯାଉଥିଲା। ନିକଟ ଗୋପାଳପୁର ଗ୍ରାମଠାରେ ସ୍କୁଲ ଭ୍ୟାନର ଷ୍ଟିୟରିଂ ଫେଲ୍ ହେବାରୁ ଗାଡ଼ିଟି ରାସ୍ତାକଡ଼ ଖାଲକୁ ଓଲଟି ପଡ଼ିଥିଲା। ଖବରପାଇ ଶିଶୁଙ୍କ ଅଭିଭାବକ ମେଡିକାଲରେ ପହଞ୍ଚିଥିଲେ। ତେବେ ଗାଡ଼ିଗୁଡ଼ିକର ଫିଟନେସ୍ ନ ଥାଇ ଓ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଚାରିଛକ ଅଞ୍ଚଳରେ ପିଲାଙ୍କୁ ନେବାଆଣିବା କରୁଥିବା ଭ୍ୟାନ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛି। ଫିଟ୍ନେସ୍ ନ ଥିବା ସ୍କୁଲ କାର୍ଯ୍ୟରେ ନିୟୋଜିତ ହେଉଥିବା ପୁରୁଣା ଗାଡ଼ିଗୁଡ଼ିକ ଉପରେ କଡ଼ା କଟକଣା ଲାଗୁ କରାଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

### କାଦୁଆ ମେଳଣ ବୁଲିଲେ ବିଧାୟକ

ସାକ୍ଷୀଗୋପାଳ, ୩।୪(ସ୍ୱ.ପ୍ର./ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକର ପ୍ରସିଦ୍ଧ କାଦୁଆ ମେଳଣ ଚୈତ୍ର ମାସ ଦ୍ୱାଦଶୀ ଓ ତ୍ରୟୋଦଶୀ ତିଥିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। କାଦୁଆ ଥାନପତି ଠାକୁର ଶ୍ରୀ ଭଗବତ ବାସୁଦେବ ଓ ଶ୍ରୀ ରାଧାକୃଷ୍ଣ ଠାକୁର ମନ୍ଦିରଠାରୁ ବିମାନରେ ବିଜେ କରି ମେଳଣପଡିଆ ଆସ୍ଥାନରେ ବିରାଜମାନ କରିଥିଲେ। ସାନ କାଞ୍ଜିଆ, ଚଣାଗୋରଡା, ହରିଶଙ୍କରପୁର, ଭଟପୁର, ମହାବଳପଡ଼ା, ଅର୍ଜୁନ ସିଂ ପୁର, ଆଠବାଟିଆ ନୁଆସାହି, ପଦାସାହି, ଦୁମୁକି ପୁର ନୁଆସାହି, ସିରିଆ ପୁର ମଠସାହି, ଝଜାପଡା, ନୂଆପଡା, ବାଲିଗାଁ, ହରି ଶଙ୍କର ପୁର ଓ ଚଉଦବାଟିଆ ପଣ୍ଡା ସାହି ଗ୍ରାମର ଠାକୁର ବିମାନରେ ବିଜେ କରି ଶୋଭାଯାତ୍ରାରେ ଆସି ମେଳଣ ପଡିଆ ଆସ୍ଥାନରେ ବିରାଜମାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର ପ୍ରମୁଖ ମେଳଣ ପରିଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଠାକୁର ଦର୍ଶନ କରିବା ନିମନ୍ତେ ଆଖପାଖ ଅଞ୍ଚଳର ଦର୍ଶକଙ୍କ ସମାଗମ ହୋଇଥିଲା।

### ନିୟମ ଉଲ୍ଲଂଘନ ନେଇ ଅଭିଯୋଗ

ପୁରୀ ଅଫିସ ୩।୪- ବେଆଇନ ଭାବେ ରାଜ୍ୟ ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅନୁଯାୟୀ ରାଶନ କାର୍ଡର ଲାଭ ନେଉଥିବା ନେଇ ଅନଲାଇନ ମାଧ୍ୟମରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ଏସ୍ପିଙ୍କୁ ଅଭିଯୋଗ କରିଛନ୍ତି। ଦାଶ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବାସେଳି ସାହି ଥାନା ଅନ୍ତର୍ଗତ ବଡ ପୋଖରୀଯାଗା ଅଞ୍ଚଳର ଜଣେ ବ୍ୟକ୍ତି ରାଶନ କାର୍ଡର ସୁବିଧା ପାଉଛନ୍ତି। ସେ ଓ ତାଙ୍କ ପରିବାରର ୪ ଜଣ ସରକାରଙ୍କ ଏହି ଯୋଜନାର ଲାଭ ଉଠାଉଛନ୍ତି। ତାଙ୍କ ମୋବାଇଲ ନମ୍ବର ସହ ରାଶନ କାର୍ଡ ନମ୍ବର ସଂଯୋଗ ନେଇ ତଦନ୍ତ କରିବା ସମୟରେ ଏହା ଜଣାପଡିଛି। ତେବେ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ଚାରିଚକିଆ ଯାନ ରହିଛି। ତେଣୁ ଏହାକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାସ ଦାବି କରିଛନ୍ତି।

# ରତ୍ନଭଣ୍ଡାର ଯାଞ୍ଚ, ମରାମତି ନେଇ ପ୍ରଶାସନ ନୀରବ

**ପୁରୀ ଅଫିସ, ୩।୪:**

**ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ**
- ଗଜପତି ମହାରାଜାଙ୍କୁ ଚିଠି ଲେଖିଲେ ସୂଚନା ଅଧିକାର କର୍ମୀ
- ୫ ବର୍ଷ ପରେ ବି ସାର୍ବଜନୀନ ହୋଇନି ତଦନ୍ତ ରିପୋର୍ଟ

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ଯାଞ୍ଚ ପାଇଁସାଧାରଣରେ ଦାବିହେଉଥିବାବେଳେ ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ନିକଟକୁ ଏକ ଚିଠି ଲେଖାଯାଇଛି। ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ସୋମବାର ଏହି ଚିଠି ଲେଖିଛନ୍ତି। ବାହାର ରତ୍ନଭଣ୍ଡାର ତଦନ୍ତକୁ ୫ବର୍ଷ ପୂରିଲା। ତେବେ ଏ ସଂକ୍ରାନ୍ତ ରିପୋର୍ଟ ସାର୍ବଜନୀନ କରାଯାଇନାହିଁ। ସେହିପରି ପ୍ରତି ୩ବର୍ଷରେ ଥରେ ରତ୍ନଭଣ୍ଡାର ଯାଞ୍ଚ ହେବାର ନିୟମ ରହିଛି। ମାତ୍ର ଗତ ୩୭ ବର୍ଷ ହେବ ଭିତର ରତ୍ନଭଣ୍ଡାର ଖୋଲାଯାଇନାହିଁ। ୧୯୮୫ ମସିହାରେ ଶେଷଥର ପାଇଁ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ତେଣୁ ଭିତର ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ ଓ ମରାମତି ସହ ବାହାର ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ସାର୍ବଜନୀନ କରାଯିବାକୁ ବରାଳ ତାଙ୍କ ଚିଠିରେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଖୋଲି ଅଳଙ୍କାର ଯାଞ୍ଚ କରିବା ପାଇଁ ୨୦୧୮ରେ ଓଡ଼ିଶା ହାଇକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ଏନେଇ ରାଜ୍ୟ ସରକାରଙ୍କ ଅନୁମତି ମାଗିଥିଲା। ରାଜ୍ୟ ସରକାର ଅନୁମତି ଦେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ୧୭ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଥିଲା। ଉକ୍ତ ୧୭ଜଣିଆ ଦଳ ୨୦୧୮ ଏପ୍ରିଲ ୪ରେ ରତ୍ନଭଣ୍ଡାର ଯାଞ୍ଚ କରିବା ପାଇଁ ଯାଇଥିଲେ। ତେବେ କିଛି ସମୟ ରତ୍ନଭଣ୍ଡାର ଯାଞ୍ଚ କରି ପ୍ରସ୍ଥାନ କରିଥିଲେ। ପରେ ଏନେଇ ପ୍ରତିନିଧି ଦଳ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ଦେଇଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ଏହି ରିପୋର୍ଟକୁ ସାର୍ବଜନୀନ କରି ନ ଥିଲା। ଫଳରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ସୂଚନା ଅଧିକାର ଆଇନ ବଳରେ ରତ୍ନଭଣ୍ଡାର ଯାଞ୍ଚର ତଥ୍ୟ ଶ୍ରୀମନ୍ଦିର ପ୍ରଶାସନକୁ ମାଗିଥିଲେ। ୨୦୨୧ ସେପ୍ଟେମ୍ବରରେ ଶ୍ରୀମନ୍ଦିର ପ୍ରଶାସନ ବରାଳଙ୍କୁ ଯାଞ୍ଚ ରିପୋର୍ଟର ନକଲ ପ୍ରଦାନ କରିଥିଲା, ଯେଉଁଥିରେ ଉଲେଖ ଥିଲା ଯେ, ୧୭ଜଣିଆ ପ୍ରତିନିଧି ଦଳ ଶ୍ରୀମନ୍ଦିର ପରିସରକୁ ଯାଇ ପ୍ରଥମେ ବାହାର ରତ୍ନଭଣ୍ଡାର ଦେଖିଥିଲେ। ସେଥିରେ ଅଳନ୍ଧୁ ଲାଗିଥିଲା। ସେମାନେ ଅଳନ୍ଧୁ ସଫା କରିବା ପରେ କାନ୍ଥରେ ଫାଟ ସହ ଓଦାଳିଆ ଥିବା ଦେଖିବାକୁ ପାଇଥିଲେ। କାନ୍ଥରେ ହାତ ମାରିଲେ ଫମ୍ପା ଶବ୍ଦ ହୋଇଥିଲା। ଅପରପକ୍ଷରେ ଭିତର ରତ୍ନଭଣ୍ଡାରର ସ୍ଥିତି ବାହାର ରତ୍ନ ଭଣ୍ଡାରଠାରେ ଠିଆହୋଇ ଦେଖାଯାଉଥିବାରୁ ଭିତର ରତ୍ନଭଣ୍ଡାରକୁ ଯିବାପାଇଁ ଆବଶ୍ୟକ ମନେ କରି ନ ଥିଲେ। ଏକ ପାଇପ ସାହାଯ୍ୟରେ ଭିତର ରତ୍ନଭଣ୍ଡାରର ଦୈର୍ଘ୍ୟ ଓ ପ୍ରସ୍ଥ ମାପିଥିଲେ। ଟର୍ଚ୍ଚଲାଇଟ ମାଧ୍ୟମରେ ଦେଖିଥିଲେ କାନ୍ଥ ଓଦା ରହିଥିଲା ଓ କାନ୍ଥରେ ବଡ ବଡ ଫାଟ ଥିଲା। କାନ୍ଥରୁ ପଥର ଖସି ଚଟାଣରେ ପଡ଼ିଥିଲା। ଛାତରୁ ସିମେଣ୍ଟ ଖସି ରଡ୍ ଦିଶୁଥିଲା। ସ୍ଥିତି ଖରାପ ଥିବାରୁ ସେହିବର୍ଷ ରଥଯାତ୍ରା କିମ୍ବା ମୌସୁମୀ ବର୍ଷା ସମୟରେ ରତ୍ନଭଣ୍ଡାର ପୁନଃ ଯାଞ୍ଚ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧି ଦଳ ପ୍ରସ୍ତାବ ଦେଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ପରେ ରତ୍ନଭଣ୍ଡାର ଚାବି ହଜିଯାଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ହୋଇଥିଲା। ପରେ ସରକାର ତଦନ୍ତ କମିଶନ ବସାଇଥିଲେ। ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ବାବଦକୁ ସରକାର ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତଦନ୍ତ କମିଶନ ୨୦୧୮ ନଭେମ୍ବର ୨୯ରେ ୩୨୪ ପୃଷ୍ଠାର ତଦନ୍ତ ରିପୋର୍ଟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ତେବେ ଉକ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯାଇନାହିଁ। ଇତିମଧ୍ୟରେ ତଦନ୍ତକୁ ୪ବର୍ଷ ବିତିଯାଇଥିଲେ ମଧ୍ୟ ରିପୋର୍ଟ ସାର୍ବଜନୀନ ହୋଇପାରିନାହିଁ। ଏ ନେଇ ଅଗଣିତ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧୭ଜଣିଆ ପ୍ରତିନିଧି ଦଳର ଯାଞ୍ଚକୁ ୫ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ରତ୍ନଭଣ୍ଡାର ଯାଞ୍ଚ, ସଂରକ୍ଷଣ ଓ ମରାମତି ପାଇଁ ପଦକ୍ଷେପ ନିଆଯାଉନାହିଁ। ଏପରିକି ରତ୍ନଭଣ୍ଡାର ମରାମତି ପାଇଁ ୨୦୨୨ ଅଗଷ୍ଟ ୮ରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଥିଲେ ବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟିରେ ମଧ୍ୟ ଏହି ପ୍ରସଙ୍ଗ ଆଲୋଚନା କରାଯାଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବାରୁ ତୁରନ୍ତ ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ ଓ ମରାମତି କରାଯିବାକୁ ଦାବି ହେଉଛି।

### ବାଇକ୍ ଚାଳକଙ୍କୁ ୨୨ ହଜାର ଟଙ୍କା ଜରିମାନା

ଗୋପ,୩।୪(ଡି.ଏନ୍.ଏ.)

ଗୋପ-କୋଣାର୍କ ରାସ୍ତାର କୁଶୁପୁରଠାରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଗୋପ ପୋଲିସ ପକ୍ଷରୁ ମିଳିତ ଭାବରେ ସୋମବାର ମଧ୍ୟାହ୍ନରେ ଗାଡ଼ି ଯାଞ୍ଚ କରାଯାଇଥିଲା। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରବୀନ୍ଦ୍ର ପଟ୍ଟନାୟକ ଓ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଏହି ଯାଞ୍ଚ ପ୍ରକ୍ରିୟା ହୋଇଥିଲେ। ବିନା ହେଲମେଟ, ବିନା ଲାଇସେନ୍ସ ସହିତ ଅନ୍ୟାନ୍ୟ କାଗଜପତ୍ର ନ ଥିବା ବାଇକ ଉପରେ ଅଫ୍ଲାଇନ ଓ ଅନ୍ଲାଇନ ମାଧ୍ୟମରେ ଫାଇନ ମଧ୍ୟ ଆଦାୟ କରାଯାଇଥିଲା। ଯାଞ୍ଚରେ କୋଣାର୍କ ଥାନା ଅଞ୍ଚଳର ଜଣେ ଯୁବକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ତାଙ୍କୁ ଟେଷ୍ଟ ମେଶିନ ଦ୍ୱାରା ଟେଷ୍ଟ କରାଯାଇଥିଲା। ପରେ ଯୁବକ ଚଲାଉ ଥିବା ବାଇକ ନମ୍ବର ଓଆର୍ ୦୨,ଏଏକ୍ସ - ୭୫୨୧ର କାଗଜପତ୍ର ନ ଥିବା, ବିନା ହେଲ୍ମେଟରେ ଗାଡ଼ି ଚଲାଇବା ସହିତ ମଦପାନ କରିଥିବାରୁ ମୋଟ ଆକାରରେ ୨୨ ହଜାର ଟଙ୍କା ଫାଇନ କରାଯିବା ଜଣାପଡିଛି।



ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ମୁକ୍ତାକାଶ ମଞ୍ଚରେ ସୋମବାର ଆୟୋଜିତ ଚଇତାଳି ଉତ୍ସବର ତୃତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

### ନଦୀପଠାରେ ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଗୋପ,୩।୪(ଡି.ଏନ୍.ଏ.)

ନୟାହାଟ- ନାଗପୁର ରାସ୍ତାର ପଲ୍ଲିଛକ ନିକଟସ୍ଥ କାଦୁଆ ନଦୀକୂଳରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୫୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଜଣକ ଏବେ ଫେରାର ଥିବାବେଳେ ପୋଲିସ ଯୁବକଙ୍କ ଟେଲିଫୋନ ନମ୍ବର ପାଇ ତଦନ୍ତ ଚଳାଇଛି। ପ୍ରକାଶ ଯେ, କିଛିଦିନ ତଳେ କୋଣାର୍କ ଥାନା ଅଞ୍ଚଳର ଏହି ମହିଳା ଜଣଙ୍କ ନିମାପଡ଼ାରେ ଥିବା ଗୋଟିଏ ମନ୍ଦିରକୁ ମାନସିକ କରିବା ପାଇଁ ଆସିଥିଲେ। ସେଠାରେ ଜଣେ ଯୁବକଙ୍କ ତାଙ୍କର ପରିଚୟ ହୋଇଥିଲା। ପରେ ଟେଲିଫୋନ ମାଧ୍ୟମରେ ଉଭୟ କିଛିଦିନ କଥାବାର୍ତ୍ତା ହୋଇଥିଲେ। ତେବେ ରବିବାର ସନ୍ଧ୍ୟାରେ ମହିଳା ଜଣଙ୍କ ବାପା ଘରକୁ ଯିବା ପାଇଁ ଗୋପ -କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ବସିଥିଲେ। ଏହି ସମୟରେ ଉକ୍ତ ଯୁବକ ଜଣଙ୍କ ସେଠାରେ ପହଞ୍ଚି ତାଙ୍କୁ ଘରେ ଛାଡ଼ି ଦେବ ବୋଲି କହିଥିଲେ। ଏଥିରେ ମହିଳା ରାଜି ହୋଇଥିବା ବେଳେ ଯିବା ବାଟରେ କାଦୁଆ ନଦୀ କୂଳରେ ମହିଳାଙ୍କୁ ସେ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ବିଭିନ୍ନ ସ୍ଥାନରେ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚାମ୍ପିୟନ


ଚାମ୍ପିୟନ ଦଳର ଖେଳାଳିମାନେ ।

**ପୁରୀ ଅଫିସ, ୩।୪:**

**କେକେସି ରାୟ ମେମୋରିଆଲ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ମାର୍ଚ୍ଚ ୩୧ରୁ ଚାଲିଥିବା କୁମାର କୃଷ୍ଣଚନ୍ଦ୍ର (କେକେସି) ରାୟ ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଏପ୍ରିଲ ୨ରେ ଉଦ୍ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପୁରୀ ସହରର ୮ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଭାଗନେଇଥିଲେ। ସାମନ୍ତ ଚନ୍ଦ୍ରଶେଖର (ଏସ୍ସିଏସ୍) କଲେଜ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ସାମନ୍ତ ଚନ୍ଦ୍ରଶେଖର କଲେଜ ଚାମ୍ପିୟନ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଥିଲା। ଅତିଥି ଭାବେ ଏବିଭିପି ଓଡ଼ିଶା ପ୍ରାନ୍ତର ଉପସଭାପତି ଅଜିତ ଦଳେଇ, ସମ୍ପାଦକ ଅରିଜିତ ପଟ୍ଟନାୟକ, ସହସମ୍ପାଦକ ସ୍ୱାଗତ ଦାଶ, କୋଷାଧ୍ୟକ୍ଷ ସୌମେନ୍ଦ୍ର କୁମାର ଦାସ, ପ୍ରାନ୍ତ ସେବା ପ୍ରମୁଖ ଏବଂ ଡ. ରାକେଶ କୁମାର ମିଶ୍ର ଯୋଗଦେଇଥିଲେ। ଟୁର୍ନାମେଣ୍ଟକୁ ପ୍ରଦ୍ୟୋତ ସଂଯୋଜନା କରିଥିଲେ। ପୁରୀ ବିଭାଗ ସଂଯୋଜକ ତାରା ପ୍ରସାଦ ଦାଶ, ନଗର ସମ୍ପାଦକ ଶୁଭାଶିଷ ଷଡ଼ଙ୍ଗୀ, ଲିଟୁନ୍ ଦାସ, ଶିବାନନ୍ଦ ପାଢ଼ୀ, ବାସୁଦେବ ସେନାପତି, ବିସ୍ମୟ ରଞ୍ଜନ ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ସାହୁ ଉପସ୍ଥିତ ପରିଚାଳନା କରିଥିଲେ। ନୃସିଂହ ମିଠା ଦୋକାନ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# କଥକ ନୃତ୍ୟରେ ଦର୍ଶକ ବିଭୋର

ନିମାପଡ଼ା,୩।୪(ଡି.ଏନ୍.ଏ.)

**ଚଇତାଳି ଉତ୍ସବର ତୃତୀୟ ସନ୍ଧ୍ୟା**

ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ମୁକ୍ତାକାଶ ମଞ୍ଚରେ ଆୟୋଜିତ ବସନ୍ତ ପର୍ବ ଚଇତାଳି ଉତ୍ସବ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ସନ୍ଧ୍ୟାରେ ଅତିଥି ଭାବେ ବରିଷ୍ଠ ଭାଜପା ନେତା ସାମାଜିକ କର୍ମୀ ଦିଲୀପ ନାୟକ, ଯୁବନେତା ତଥା ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଅଶୋକ ଭୋଇ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ ଓ ତିଳୋତ୍ତମା ବାରିକ୍, ସମିତି ସଭ୍ୟ ରଞ୍ଜନ ସେଠୀ, ନିମାପଡ଼ା ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ, ନିମାପଡ଼ା ପ୍ରେସ କ୍ଲବ ସହସମ୍ପାଦକ ଅଶୋକ ବେହେରା, କାଉନ୍ସିଲର ଟିଙ୍କିନା ପଣ୍ଡା ପ୍ରମୁଖ ଯୋଗଦେଇ ଏହି ନିଆରା ଉତ୍ସବର ସଫଳ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବାଲୁକା ଶିଳ୍ପୀ ଶିକ୍ଷକ ଶ୍ରୀଚରଣ ରାଉତ, କ୍ରୀଡ଼ାବିତ୍ ଓ ସାମାଜିକ କର୍ମୀ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ଗୋପ ସୁରକ୍ଷା ମଞ୍ଚ ସଭାପତି ସାମାଜିକ କର୍ମୀ ସଚ୍ଚିଦାନନ୍ଦ ଗୋଛାୟତ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ୍ କ୍ଲବ ପକ୍ଷରୁ ସମସ୍ତ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସମାରୋହରେ କଲିକତାର ଗୁରୁ ସୌରଭ ରାୟ ଓ ଗ୍ରୁପ ପକ୍ଷରୁ ଚିତ୍ତାକର୍ଷକ କଥକ ନୃତ୍ୟ, ନୃତ୍ୟାଭିନୟ ବେଦସାର ଶିବସ୍ତୁତି, ତାଲ୍ତରଙ୍ଗ, ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଉପରେ ଆଧାରିତ ବାଲକୃଷ୍ଣ ମାଧୁରୀ, ବନ୍ଦୀ ପାଇଲିଆ ଝଙ୍କାର ଓ ପୁରୀ ରଘୁରାଜପୁର ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦର କଳାକାରଙ୍କ ପକ୍ଷରୁ ଆକର୍ଷଣୀୟ ଗୋଟିପୁଅ ନୃତ୍ୟ, ମା’ ଦୁର୍ଗାଙ୍କ ଉପରେ ଆଧାରିତ ସିଂହବାହିନୀ, ଭକ୍ତ ସାଲବେଗଙ୍କ ଉପରେ ଆଧାରିତ ଆହେ ନୀଳଶୈଳ, ଓଡ଼ିଶାର ପାରମ୍ପରିକ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଉପରେ ଆଧାରିତ ଦଶ ଅବତାର, ବନ୍ଧନୃତ୍ୟ ବେଶ ସଫଳତାର ସହ ପରିବେଷିତ ହୋଇଥିଲା। ହେଲେ କଲିକତାର କଥକ ନୃତ୍ୟ ପ୍ରଭୁ ଦେବଦେବ ମହାଦେବ ଶିବଙ୍କ ବିଭିନ୍ନ ରୂପର ପରିକଳ୍ପନା ଶିବସ୍ତୁତି ନୃତ୍ୟ, ନୃତ୍ୟାଭିନୟରେ ଦର୍ଶକ ବିଭୋର ହୋଇଥିଲେ। ଉତ୍ସବସ୍ଥଳରେ ମୀନାବଜାର, ପଲ୍ଲିଶ୍ରୀ ମେଳାରେ ଦର୍ଶକଙ୍କ ବେଶ ଭିଡ଼ ଜମିଥିଲା। ଉପସ୍ଥାପକ ଭାବେ ନିରଞ୍ଜନ ପଲତା ଓ ପ୍ରଜ୍ଞାପରମିତା ନାୟକ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।


ଚଇତାଳି ମହୋତ୍ସବରେ କୋଲକାତାର କଳାକାରମାନେ କଥକ ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀ ସାହିଯାତର ଚତୁର୍ଥ ଦିବସରେ ରବିବାର ବିଭିନ୍ନ ମେଢ଼ ।


ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଅଘୋରୀ ଦଳ ଯାଦୁକଳା ପ୍ରଦର୍ଶନ କରୁଛନ୍ତି।

# ୧୧ନଂ. ଜୋନ ଜିଲା ପରିଷଦର ବିଜେଡି ପ୍ରାର୍ଥୀ ଭାଗୀରଥି

ଗୋପ,୩।୪(ଡି.ଏନ୍.ଏ.)

- ମେ ୨ରେ ଉପନିର୍ବାଚନ
- ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ପରେ ପଦ ଖାଲିଥିଲା
- କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ପରେ ପ୍ରାର୍ଥୀ ହେଲେ

ପୁରୀ ଜିଲା ଅନ୍ତର୍ଗତ ଗୋପ -ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନର ଜିଲା ପରିଷଦର ବିଜେଡି ପ୍ରାର୍ଥୀ ଚୟନ କରାଯାଇଛି। ସୋମବାର ରାତି ୯ଟାରେ ଗୋପ ବ୍ଲକ ଅନ୍ତର୍ଗତ ମଦରଙ୍ଗ ନିକଟସ୍ଥ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ବିଜେଡିର ମିଶ୍ରଣ ପର୍ବରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜେଡି ପ୍ରାର୍ଥୀ ଭାବେ ଭାଗୀରଥି ସେନାପତିଙ୍କ ନାମ ଘୋଷଣା କରିଛନ୍ତି। ଭାଗୀରଥି ସେନାପତି ରବିବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ବେଳେ ସୋମବାର ବିଜେଡିରେ ନିଜ କର୍ମୀଙ୍କ ସହ ଯୋଗଦେଇଥିଲେ। ପ୍ରକାଶ ଯେ, ଏହି ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପରେ ମେ ୨ରେ ଉପନିର୍ବାଚନ ହେବ ବୋଲି ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା। ତାରିଖ ଘୋଷଣା ପରେ ବିଜେଡି, ଭାଜପାଓ କଂଗ୍ରେସ ଦଳ ମଧ୍ୟରେ ଏକ ପ୍ରକାର ପ୍ରାର୍ଥୀ ହେବା ପାଇଁ ଟଣାଓଟରା ଆରମ୍ଭ ହୋଇଥିଲା। କଂଗ୍ରେସର ସେତେଟା ଭଲ ସ୍ଥିତି ନ ଥିବାରୁ ବରିଷ୍ଠ କଂଗ୍ରେସ କର୍ମୀ ପ୍ରମୋଦ କୁମାର ରାୟ ଦଳରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇ ଦଳ ପକ୍ଷରୁ ଲଢ଼ିବାକୁ ସ୍ଥିର ହୋଇଥିଲା। ଏବେ ଭାଗୀରଥି ସେନାପତି ଗତ ଜିଲା ପରିଷଦ ନିର୍ବାଚନରେ କଂଗ୍ରେସରୁ ଲଢୁଥିବା ବେଳେ ଏବେ ଶତାଧିକ କର୍ମୀଙ୍କୁ ନେଇ ବିଜେଡିରେ ଯୋଗଦେଇଥିବା ବେଳେ ବିଜେଡି ଦଳରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିବେ। ଏପଟେ କଂଗ୍ରେସ ପ୍ରାର୍ଥୀ ନ ପାଇ ଜଣେ ଯୁବକଙ୍କୁ କେବଳ ସମ୍ମାନ ରକ୍ଷା କରିବା ପାଇଁ ପ୍ରାର୍ଥୀ ମନୋନୟନ କରିଛି। ସେ ଯାହାହେଉ ବିଜେଡି ଦଳର ତଥା ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଶେଷ ସମୟରେ ଗୋଟିଚାଳନା ଏବେ ଆଗଧାଡିର ଦୁଇ ଦଳକୁ ଚକମା ଦେବା ସହିତ ବିପୁଳ ଭୋଟ ବ୍ୟବଧାନରେ ବିଜେଡିର ଭାଗୀରଥି ବିଜୟୀ ହେବ ବୋଲି ଜଣାପଡିଛି। ସେପଟେ ଭାଜପା କିଛିଟା ଆଗରେ ଥିବା ସମୟରେ କଂଗ୍ରେସ କେବଳ ଦଳର ସମ୍ମାନ ରକ୍ଷା କରିବା ପ୍ରୟାସରେ ରହିଛି। ବିଜେଡି ମିଶ୍ରଣ ପର୍ବରେ ଗଣଶିକ୍ଷା ମନ୍ତ୍ରୀ ଦାଶ ଯୋଗ ଦେଇ ନବୀନ ପଟ୍ଟନାୟକ ବିକାଶର ଚିନ୍ତା ଧାରା ସହ ଗାଁରେ ବିକାଶର ଚିତ୍ରରେ ଭୋଟ ଆମ ପ୍ରାର୍ଥୀଙ୍କୁ ୯ଟି ପଞ୍ଚାୟତରେ ରହିଥିବା ୧୨୫ ଖଣ୍ଡ ୮୦ଭାଗ ମିଳିବ ବୋଲି ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ କୃଷ୍ଣଚନ୍ଦ୍ର ବେହେରା, କାର୍ତ୍ତିକ ଚନ୍ଦ୍ର ବେହେରା, ଗନ୍ଧର୍ବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଥିଲେ।

# ‘ବିଶ୍ୱ କଲ୍ୟାଣରେ ବିନିଯୋଗ ହେଉ ଇଲେକ୍ଟ୍ରୋହୋମିଓପ୍ୟାଥିକ’

**ପୁରୀ ଅଫିସ, ୩।୪:**

ରାଜ୍ୟ ଇଲେକ୍ଟ୍ରୋ ହୋମିଓପ୍ୟାଥିକ ଚିକିତ୍ସକ ସଂଘ ପକ୍ଷରୁ ଇଲେକ୍ଟ୍ରୋହୋମିଓ ପ୍ୟାଥିକ ଚିକିତ୍ସା ବିଜ୍ଞାନର ଉଦ୍ଭାବକ ଡା. କାଉଣ୍ଟ ସିଜର ମେଟ୍ଟୀଙ୍କ ୧୨୭ତମ ଶ୍ରାଦ୍ଧବାର୍ଷିକୀ ସୋମବାର ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳାକୁ ଲେପ୍ରା ସୋସାଇଟିର ମୁଖ୍ୟ ପରାମର୍ଶଦାତା ଡା. ଗଗନ ବିହାରୀ ଆଚାର୍ଯ୍ୟ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ବରାଳ ଯୋଗଦେଇଥିଲେ। ପୁରୀ ସଞ୍ଜିବନୀ ହସ୍ପିଟାଲର ଅଧ୍ୟକ୍ଷ ଡା. ଦେବେନ୍ଦ୍ରନାଥ ତରେଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇଲେକ୍ଟ୍ରୋହୋମିଓ ପ୍ୟାଥିକ ଚିକିତ୍ସା ବିଜ୍ଞାନର ଅଦ୍ଭୁତ ଆରୋଗ୍ୟଦାୟିନୀ ଶକ୍ତିକୁ ବିଶ୍ୱ କଲ୍ୟାଣରେ ବିନିଯୋଗ କରିବାକୁ ସବୁସ୍ତରରେ ଉଦ୍ୟମ କରାଯିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ଡା. ସରୋଜ କୁମାର ସାହୁ ସଭାପତିତ୍ୱ କରିଥିଲେ। ସଂଘର ବୈଷୟିକ କମିଟି ଚେୟାରମ୍ୟାନ ଡା. କମଳାକାନ୍ତ ନାୟକ, ଡା. ସରୋଜ କୁମାର ସାହୁ, ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଡା. ସୁନୀତା ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଇଲେକ୍ଟ୍ରୋହୋମିଓ ପ୍ୟାଥିକ ଚିକିତ୍ସା ବିଜ୍ଞାନକୁ ତୁରନ୍ତ ସରକାରୀ ମାନ୍ୟତା ଦେବା କ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଦାବିକୁ ଜୋରଦାର କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଡା. ପର୍ଶୁରାମ ଖଟୁଆ କହିଥିଲେ। ସଂଘ ସହସମ୍ପାଦକ ଡା. ରଶ୍ମିରଞ୍ଜନ ମହାରଥା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଡା. ଅଜୟ କୁମାର ପତି, ଡା. ମାନସ ରଞ୍ଜନ ବିଶ୍ୱାଳ, ଡା. ମାନସ ରଞ୍ଜନ ଜେନା, ଡା. ପ୍ରଭାତ ରଞ୍ଜନ ସାହୁ, ଡା. ସୁକାନ୍ତି ପରିଡା, ଡା. ମମତା ଦାସ, ଡା. ଗୀତାଞ୍ଜଳି ସାହୁ, ଡା. ମନୋଜ ମହାଲା, ଡା. ବିନୀତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ରାଜ୍ୟ ଇଲେକ୍ଟ୍ରୋହୋମିଓପ୍ୟାଥିକ ଚିକିତ୍ସକ ସଂଘର ବରିଷ୍ଠ କର୍ମକର୍ତ୍ତା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଏପ୍ରିଲ ୨୦୨୩



## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ଫୁଲନଖରା (ଡି.ଏନ୍.ଏ.): କଟକ ସଦର ଅନ୍ତର୍ଗତ ମହୁରା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜୁଆ ଆଡ୍ଡା ଚାଲୁ ଥିବା ବେଳେ ସଦର ଥାନା ପୋଲିସ ଚଢ଼ାଉ କରି ୫ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡପଟା ଗ୍ରାମର ପ୍ରଦ୍ୟୁମ୍ନ ପ୍ରଧାନ, ସେହି ଥାନାର ୱାଉଜଙ୍ଗ ଗ୍ରାମର ଅଜିତ ପ୍ରଧାନ, କଟକ ସଦର ଥାନା ବମ୍ଫିଲୋ ଗ୍ରାମର ଅଭିରାମ ଦାସ, ସଦର ଥାନା ସିସୋ ଗ୍ରାମର ଲାଲମୋହନ ଭୋଇ,କଟକ ବକ୍ସିବଜାର ଅଞ୍ଚଳର ଦିଲୀପ ସାଇମନ। ଜୁଆ ଖେଳୁଥିବା ସ୍ଥାନରୁ ଏମାନଙ୍କଠାରୁ ପୋଲିସ ନଗଦ ୯୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିବା ସହ ଜୁଆ ଖେଳରେ ବ୍ୟବହାର ହେଉଥିବା ସମସ୍ତ ସରଞ୍ଜାମ ଜବତ କରିଛି। ଏ ନେଇ ପୋଲିସ ମାମଲା ନଂ.୧୭୪/୨୩ ରୁଜୁ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଯାତ୍ରା ଦେଖିବାକୁ ଆସି ମହିଳା ନିଖୋଜ
#### ଥାନାରେ ଅଭିଯୋଗ କଲା ସ୍ୱାମୀ

ଖୁଣ୍ଟୁଣୀ, ୩।୪(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଦାମୋଦରପୁର ଗ୍ରାମକୁ ଯାତ୍ରା ଦେଖିବାକୁ ପଡ଼ୋଶୀଙ୍କ ସହିତ ଆସିଥିବା ଜଣେ ମହିଳା ଯାତ୍ରା ପଡିଆରୁ ନିଖୋଜ ଥିବା ତାଙ୍କ ସ୍ୱାମୀ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଗୁରୁଡ଼ିଝାଟିଆ ଥାନା ଡେରା ଗ୍ରାମର ରାଜକିଶୋର ଗୁନ୍ଦୁଆଙ୍କ ସ୍ତ୍ରୀ କୋଇଲି ଗୁନ୍ଦୁଆ (୨୭) ଗତ ୩୧ ତାରିଖ ରାତି ସାଢ଼େ ୧୦ଟାରେ ତାଙ୍କ ଦୁଇ ପଡ଼ୋଶୀ ଦମ୍ପତିଙ୍କ ସହିତ ତାଙ୍କର ଏକ ୩ ବର୍ଷର ପୁଅକୁ ନେଇ ରାଧା ଦାମୋଦରପୁରକୁ ଯାତ୍ରା ଦେଖିବାକୁ ଯାଇଥିଲେ। କୋଇଲି ସେଠାରୁ ତାଙ୍କ ମୋବାଇଲ ଫୋନ ପଡିଶା ଘର ଦମ୍ପତିଙ୍କୁ ଦେଇ ପରିସ୍ରା କରିବାକୁ କହି ବାହାରକୁ ଆସିଥିଲେ। ହେଲେ ସକାଳ ପର୍ଯ୍ୟନ୍ତ ସେ ନ ଫେରିବାରୁ ପଡୋଶୀ ଅପେକ୍ଷା କରି ଅଟୋରେ ତାଙ୍କ ପୁଅକୁ ନେଇ ନିଜ ଗ୍ରାମ ଡେରା ପଳାଇଥିଲେ। ଡେରି ହେବାରୁ ରାଜକିଶୋର ଦାଣ୍ଡକୁ ଆସି ଦେଖିଲେ ଯେ ତାଙ୍କ ପୁଅ କାନ୍ଦିକାନ୍ଦି ଆସୁଛି। ପଡିଶା ଘରେ ପଚାରିବାରୁ ସେ କୁଆଡେ ଗଲା ଆମେ ଜାଣିନୁ ବୋଲି କହି କଥାକୁ ଏଡାଇ ଦେଇଥିଲେ। ପ୍ରଥମେ ରାଜକିଶୋର ଗୁରୁଡ଼ିଝାଟିଆ ଥାନାରେ ଏତଲା ଦେଇଥିଲେ। ପରେ ସୋମବାର ପଡୋଶୀଙ୍କ ଉପରେ ସନ୍ଦେହ କରି ଖୁଣ୍ଟୁଣୀ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ମାମଲା କରା ଯାଇନଥିବା ଏଏସଆଇ ଅମ୍ବିକା ଦାସ କହିଛନ୍ତି ।

### ଛିନ୍ତାଇ ମାମଲା, ୨ ମହିଳାଙ୍କ ସମେତ ୪ ଗିରଫ

ମଙ୍ଗୁଳି-ଜଗତପୁର,୩।୪(ଡି.ଏନ୍.ଏ.)- ଜଗତପୁର ଅଞ୍ଚଳରେ ଦୀର୍ଘଦିନ ଧରି ବିଭିନ୍ନ ସୁନାଗହଣା ଛିନ୍ତାଇ କରୁଥିବା ଅଭିଯୋଗରେ ଜଗତପୁର ପୋଲିସ ଗୋଟିଏ ପରିବାରର ୨ ମହିଳାଙ୍କ ସମେତ ୪ଜଣ ସଦସ୍ୟଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ଗୋପାଳ ନଗରର ବଡ଼ଭାଇ ଦିଲୀପ ଦାସ, ତା'ର ସ୍ତ୍ରୀ ବର୍ଷା ଓ ସାନ ଭାଇ ପ୍ରଦୀପ ଦାସ, ତାର ସ୍ତ୍ରୀ ସବିତା ଦାସ। ପୋଲିସ ସୂଚନା ମୁତାବକ, ରାମନବମୀରେ ଜଗତପୁର ଇମାମନଗରର ଆଶିଷ କୁମାର ମହାରଣା, ସ୍ତ୍ରୀ ସୁଭଦ୍ରା ମହାରଣା ଓ ତାଙ୍କର ଦୁଇ ବର୍ଷର ଝିଅକୁ ନେଇ ରାମ ମନ୍ଦିରରେ ହେଉଥିବା ମେଲଣ ଦେଖିବାକୁ ଯାଇଥିଲେ। ମେଲାଣିରେ ଅତ୍ୟନ୍ତ ଭିଡ଼ର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ତାଙ୍କ ଆଡକୁ ମାଡିଆସି ଠେଲାପେଲା କରିବା ସହ ଝିଅର ବେକରୁ ସୁନା ପେଣ୍ଡି ଛିନ୍ତାଇ କରି ସେଠାରୁ ଚମ୍ପଟ ମାରିଥିଲେ। ହଠାତ ଝିଅଟି କାନ୍ଦିବାରୁ ବେକରୁ ସୁନା ପେଣ୍ଡି ନ ଥିବାର ଶୁଭଦ୍ରା ଦେଖି ସ୍ୱାମୀଙ୍କୁ କହିଥିଲେ। ଏ ନେଇ ଆଶିଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ସେଠାରେ ଲାଗିଥିବା ସିସିଟିଭି ଆଧାରରେ ତଦନ୍ତ କରି ଉକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ପଚରାଉଚରା ବେଳେ ବିଭିନ୍ନ ଏଭଳି ଚୋରି କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି,ଏମାନଙ୍କର ଜଣେ ମାଷ୍ଟରମାଇଣ୍ଡ ଅଛି। ସେ ଏମାନଙ୍କୁ ଏସବୁ କାର୍ଯ୍ୟ ନିୟୋଜିତ କରି ସୁନା ସବୁ ନେଇ ଏମାନଙ୍କୁ ପଇସା ଦିଏ। ସେ ଏବେ ଫେରାର ଥିବାବେଳେ ଚୋରି ସୁନା ମିଳିନାହିଁ।

# ଅଚଳାବସ୍ଥାରେ ୧୯୩୯ ସ୍କୁଲର ଶୌଚାଳୟ

**କଟକ ଜିଲାରେ ସରକାରୀ ବିଦ୍ୟାଳୟ ସ୍ଥିତି**
- ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର
- ପଦକ୍ଷେପ ନେଉନି ପ୍ରଶାସନ

କଟକ ଅଫିସ,୩।୪

ଯୋଜନା ପରେ ଯୋଜନା ହେଉଛି, ତଥାପି ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସଜଡ଼ା ହୋଇପାରୁନାହିଁ। 'ମୋ ସ୍କୁଲ' ପରି ଯୋଜନା ମାଧ୍ୟମରେ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବିକାଶରେ ସାମିଲ କରାଗଲା। ସରକାର ବି ଅର୍ଥ ଯୋଗାଇଲେ। ତା'ପରେ ବି ବିଶେଷ ସଫଳତା ମିଳିପାରୁନାହିଁ। ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। କେଉଁଠି ସ୍ୱଚ୍ଛ ପାନୀୟ ଜଳ ସୁବିଧା ହୋଇପାରିନି ତ ଆଉ କେଉଁଠାରେ ଛାତ୍ରୀଙ୍କ ଲାଗି ଶୌଚାଳୟ ଥାଇ ମଧ୍ୟ ଅଚାଳବସ୍ଥାରେ ପଡ଼ିଛି। ବର୍ଷକୁ ବର୍ଷ ସରକାରୀ ବିଦ୍ୟାଳୟଗୁଡ଼ିକର ସ୍ଥିତି ଖରାପ ହେଉଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ର ଘରୋଇ ବିଦ୍ୟାଳୟମୁହାଁ ହେଉଛନ୍ତି। କଟକ ଜିଲାର ୧୪ଟି ବ୍ଲକରେ ୧୨୨୮ ପ୍ରାଥମିକ, ୫୮୫ ଉଚ୍ଚ ପ୍ରାଥମିକ ଓ ୩୦୮ଟି ଉଚ୍ଚ ବିଦ୍ୟାଳୟ ରହିଛି। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି, ହେଲେ ସେଥିରୁ ଅନେକ ଅଚାଳବସ୍ଥାରେ। ସରକାରୀ ରିପୋର୍ଟ ଅନୁଯାୟୀ, ଜିଲାର ୨୧୧୬ ସରକାରୀ ବିଦ୍ୟାଳୟରେ ୨,୧୬୮ଟି ଶୌଚାଳୟ ନିର୍ମାଣ କରାଯାଇଛି। ସେଥିରୁ ମାତ୍ର ୨୨୯ଟି ବ୍ୟବହାର ଉପଯୋଗୀ ଅଛି। ବାକି ୧,୯୩୯ ଶୌଚାଳୟ ଅଚଳ ହୋଇପଡ଼ିଛି। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଅବ୍ୟବହୃତ ଶୌଚାଳୟ ଅବସ୍ଥା ଶୋଚନୀୟ ଥିବା ଜଣାପଡିଛି। ଶୌଚାଳୟଗୁଡ଼ିକରେ ମୁଖ୍ୟ ସମସ୍ୟା ପାଲଟିଛି ଜଳ ଯୋଗାଣ। ମିଳିଥିବା ତଥ୍ୟ ଅନୁଯାୟୀ, ସାଲେପୁର ବ୍ଲକରେ ସର୍ବାଧିକ ୨୧୩ଟି ବିଦ୍ୟାଳୟ ରହିଛି। ତନ୍ମଧ୍ୟରୁ କେବଳ ୧୮ଟି ବିଦ୍ୟାଳୟର ଶୌଚାଳୟରେ ଜଳ ଯୋଗାଣ ସୁବିଧା ରହିଛି। ଆଠଗଡ଼ ବ୍ଲକର ୧୭୪ ବିଦ୍ୟାଳୟ ମଧ୍ୟରୁ ୩୨ଟି ଶୌଚାଳୟରେ ଜଳ ଯୋଗାଣ ଉପଲବ୍ଧ ଥିବା ବେଳେ ବଡମ୍ବା ବ୍ଲକର ୧୪୧ଟି ସ୍କୁଲ ମଧ୍ୟରୁ ୩୩ଟିର ଶୌଚାଳୟରେ ଜଳ ସଂଯୋଗ ହୋଇଛି। ସେହିଭଳି, କଟକ ସଦର ବ୍ଲକର ୧୭୬ଟି ବିଦ୍ୟାଳୟ ମଧ୍ୟରୁ କେବଳ ୮ଟି ବିଦ୍ୟାଳୟର ଶୌଚାଳୟରେ ଜଳ ସୁବିଧା ଥିବାବେଳେ ଡମପଡ଼ା ବ୍ଲକର ୯୮ଟି ବିଦ୍ୟାଳୟର ଶୌଚାଳୟରେ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ବିଦ୍ୟାଳୟଗୁଡ଼ିକରେ ଶୌଚାଳୟ ବନ୍ଦ ହୋଇପଡ଼ିଥିବାରୁ ଛାତ୍ରୀଛାତ୍ର ବାହାରେ ଶୌଚ କରିବାକୁ ବାଧ୍ୟ ହେଉଛନ୍ତି।

ସୂଚନାଯୋଗ୍ୟ, ପ୍ରତ୍ୟେକ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ହେବ ବୋଲି ସରକାର ଘୋଷଣା କରିଥିଲେ। ନିୟମିତ ଭାବେ ଶୌଚାଳୟ ସଫା କରାଯିବ। ସରକାରୀ ବିଦ୍ୟାଳୟରେ ପରିମଳ ବ୍ୟବସ୍ଥା ଶୋଚନୀୟ ହୋଇପଡୁଥିବାରୁ ୨୦୧୮ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶୌଚାଳୟ ସଫାସୁତୁରା ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଦିନକୁ ୨ଥର ଶୌଚାଳୟ ସଫା କରାଯିବ। ଦୈନିକ ସଫେଇ ପାଇଁ ସାବୁନ୍ ବ୍ରସ୍ ଓ ଅନ୍ୟାନ୍ୟ ଜିନିଷ କିଣା ବାବଦରେ ୨୦ଟଙ୍କା ଦିଆଯିବ। ଗୋଟିଏ ବିଦ୍ୟାଳୟରେ ବର୍ଷକୁ ୧୬,୧୭୦ ଟଙ୍କା ଖର୍ଚ୍ଚ କରାଯିବ ବୋଲି କୁହାଯାଇଥିଲା। ତେବେ ସମ୍ପ୍ରତି ବିଦ୍ୟାଳୟଗୁଡ଼ିକର ସ୍ଥିତି ଦେଖି ଏହି ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା କଟକ ବୈଶାଖୀ ବାଣିଜ୍ୟ ମେଳାର ଏକ ଷ୍ଟଲରେ ଯୁବତୀମାନେ ଘରୋଇକରଣ ସାମଗ୍ରୀ ଦେଖୁଛନ୍ତି।

# ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ: ଜୟଦୀପଙ୍କୁ ସ୍ୱର୍ଣ୍ଣ ପଦକ

କଟକ ଅଫିସ, ୩।୪



କେନ୍ଦ୍ର ସରକାରଙ୍କ ଅନୁବନ୍ଧିତ ଗୁଜରାଟ କାଉସିଲ ଅନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଦ୍ୱାରା ୩୦ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ (ନ୍ୟାଶନାଲ ଚାଇଲ୍ଡ ସାଇନ୍ସ କଂଗ୍ରେସ) ଅହମଦାବାଦରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ, ଦୁବାଇ, ସଂଯୁକ୍ତ ଆରବ ଏମିରେଟ୍ସ, କତାର ଆଦି ବିଭିନ୍ନ ଦେଶରୁ ୮୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଭାରତର ୨୦ଟି ରାଜ୍ୟ ଓ ୯ଟି ୟୁନିଅନ ଟେରିଟୋରିର ଛାତ୍ରୀଛାତ୍ର ରହିଥିଲେ। ଏହି ଶିଶୁ ବିଜ୍ଞାନ କଂଗ୍ରେସରେ କଟକ ସଦର କନ୍ଦରପୁର ଉପକଣ୍ଠ ଦଣ୍ଡୁଆସିପଡ଼ା ବାସିନ୍ଦା ଜୀବନ ଜ୍ୟୋତି ଜେନା ଏବଂ ତପସା ଜେନାଙ୍କ ପୁତ୍ର ତଥା ଗୁରୁ ନାନକ ପବ୍ଲିକ ସ୍କୁଲ ନବମ ଶ୍ରେଣୀର ଛାତ୍ର ଜୟଦୀପ ଜେନା ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ଲାଭ କରିଛନ୍ତି। ଜୟଦୀପ ମତ୍ସ୍ୟ ବୁ ମାନୁରି ନାମକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ, ଯାହାକି ଏକ ଖତ। ଏହା ମାଛର ବର୍ଜ୍ୟବସ୍ତୁ, କ୍ରାବ୍ ଶେଲ୍, ଲୋବଷ୍ଟର ସ୍କିନ୍ ଇତ୍ୟାଦିରେ ପ୍ରସ୍ତୁତ ହୋଇଥିଲା। ଏହି ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଦୀପ୍ତା ଦାଶ ଗାଇଡ୍ କରିଥିଲେ। ବିଜ୍ଞାନ କଂଗ୍ରେସରେ ପ୍ରକଳ୍ପ ପ୍ରଦର୍ଶନ ପୂର୍ବରୁ ଜଗତପୁରସ୍ଥିତ ବାୟୋକେମିକାଲ ଲାବୋରୋଟୋରୀ, ସିଟି ଲ୍ୟାବ ଆଦି ବିଭିନ୍ନ ସ୍ଥାନରେ ପରୀକ୍ଷଣ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଏହି ପ୍ରକଳ୍ପଟି ପ୍ରଶଂସା ପାଇବା ସହ ଆଦୃତ ଲାଭ କରିଥିଲା।

# ସମାବେଶ ପଡ଼ିଆ ସଫା କଲେ ବିଧାୟକ

କଟକ ସଦର ୩।୪(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ବଳି ପୀଠ ନିକଟ ଏକ ନଦୀପଠାରୁ ସୋମବାର କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ବର୍ଜ୍ୟବସ୍ତୁ ସଫା କରୁଥିବା ଦେଖାଯାଇଥିଲା। କାରଣ ଏହି ସ୍ଥାନରେ ଶନିବାର ଓ ରବିବାର ଦୁଇ ଦିନ ଧରି ବିଜୁ ଯୁବ ଛାତ୍ର ଓ ମହିଳା ସମାବେଶର ଆୟୋଜନ କରାଯାଇଥିଲା। ଭୋଜନ ପରେ ପତ୍ର ପକାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମାତ୍ର କେତେକ ସ୍ଥାନରେ ପତ୍ର, ପ୍ଲାଷ୍ଟିକ ବୋତଲ, ଜରି ପଡ଼ିଥିବା ଦେଖି ବିଧାୟକ ବେହେରା ନିଜେ ସଫା କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ଏଥିରେ ତାଙ୍କୁ କିଛି ସ୍ୱେଚ୍ଛାସେବୀ ମଧ୍ୟ ସହାୟତା କରୁଥିବା ଦେଖା ଯାଇଥିଲା। ନଦୀପଠା ହୋଇଥିବାରୁ ବନ୍ୟାଜଳ ଦାରା ବର୍ଜ୍ୟବସ୍ତୁ ଭାସିଯାଇଥାନ୍ତା, ମାତ୍ର ପରିବେଶ ପ୍ରଦୂଷିତ ହେବାର ଆଶଙ୍କା କରି ବିଧାୟକ ଏତାଦୃଶ ପଦକ୍ଷେପ ନେଇଥିଲେ।



ବିଧାୟକ ଚନ୍ଦ୍ରସାରଥି ବେହେରା ଆବର୍ଜନା ଉଠାଉଛନ୍ତି।

# ଯୁବ ଆଇନଜୀବୀଙ୍କ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର



ଯୁବ ଆଇନଜୀବୀଙ୍କ ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

କଟକ ଅଫିସ,୩।୪

ବିଭିନ୍ନ ସମସ୍ୟା ନେଇ ଯୁବ ଆଇନଜୀବୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଏକ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ସୋମବାର ଆଇନଜୀବୀ ବିଦ୍ୟାଲୋକ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କାରିଛନ୍ତି। ଓଡ଼ିଶାରେ ଯୁବ ଆଇନଜୀବୀ ନାନାଦି ସମସ୍ୟା ଭୋଗ କରୁଛନ୍ତି, ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଜଣାଇଥିଲେ। ସମସ୍ୟା ଶୁଣି ଏହାର ଆଶୁ ସମାଧାନ ପାଇଁ ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାନୁଯାୟୀ, ୧୦ବର୍ଷରୁ କମ୍ ଅଭିଜ୍ଞତା ଥିବା ଯୁବ ଆଇନଜୀବୀମାନଙ୍କ ପାଇଁ କେରଳ, ଆନ୍ଧ୍ର ପ୍ରଦେଶ ଓ ଦିଲ୍ଲୀ ଭଳି ଅନେକ ରାଜ୍ୟରେ ଷ୍ଟାଇପେଣ୍ଡର ବ୍ୟବସ୍ଥା ଥିବା ବେଳେ ଓଡ଼ିଶାରେ ତାହା ନାହିଁ । ଗମନାଗମନ ପାଇଁ ପାସ୍ ପ୍ରଦାନ କରିବା, ମହିଳା ଆଇନଜୀବିଙ୍କ ପାଇଁ ବିଶ୍ରାମ କକ୍ଷ, ରାଜ୍ୟର ପ୍ରତ୍ୟେକ ବାର୍‌ରେ ଉନ୍ନତଧରଣର ଲାଇବ୍ରେରୀ ପ୍ରତିଷ୍ଠା, ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ଶିକ୍ଷାନୁଷ୍ଠାନଙ୍କରେ ଇଣ୍ଟର୍ନସିପ୍ ସୁବିଧା ପ୍ରଦାନ କରିବା, ଯୁବ ଆଇନଜୀବୀମାନଙ୍କ ପାଇଁ ବାସସ୍ଥାନ ଓ ବୀମା ସୁବିଧା ଆଦି ପ୍ରଦାନ କରିବା ସହ ବାର୍‌ରେ ପଞ୍ଜୀକରଣ ନିମନ୍ତେ ଦେୟକୁ କମ୍ କରିବା ଭଳି ଅନେକ ଗୁରୁତର ସମସ୍ୟାକୁ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଉକ୍ତ ପ୍ରତିନିଧି ମଣ୍ଡଳୀରେ ସୁମନ୍ତ ମଲ୍ଲିକ, ପ୍ରତିଷ୍ଠା ଚିନ୍ନାରା, ଗୌତମ ଲେଙ୍କା, ସଞ୍ଜିବ ଦାସ, ବ୍ରଜ ନନ୍ଦ, ସିଦ୍ଧାନ୍ତ ଜେନା, ସ୍ମାରକ ପ୍ରଧାନ, ମେଘ୍ନା ପୃଷ୍ଟି ଓ ସମ୍ପର୍ଣ୍ଣା ପଟ୍ଟନାୟକ ସାମିଲ ଥିଲେ ।

# ୧୨ରୁ ୭୪ତମ ବିଷୁବ ମିଳନ ଉତ୍ସବ

**କଥାକାର ବିଜୟ ନାୟକ ପାଇବେ ସମ୍ମାନଜନକ ବିଷୁବ ପୁରସ୍କାର**

କଟକ ଅଫିସ,୩।୪

ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଆସନ୍ତା ୧୨ତାରିଖରୁ ୭୪ତମ ବିଷୁବ ମିଳନ ଉତ୍ସବ ଆରମ୍ଭ ହେବ। ଏହି ଉତ୍ସବ ତିନିଦିନ ବ୍ୟାପୀ କଟକର ପ୍ରଜାତନ୍ତ୍ର ପରିସରରେ ଥିବା ବିଷୁବ ମଣ୍ଡପରେ ଚାଲିବ। ୧୪ ତାରିଖ ଉଦ୍‌ଯାପନ ଉତ୍ସବରେ କେତେଜଣ ବିଶିଷ୍ଟ ସ୍ରଷ୍ଟା ଓ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ବିଶିଷ୍ଟ କଥାକାର ବିଜୟ ନାୟକଙ୍କୁ ଚଳିତ ବର୍ଷର ସମ୍ମାନଜନକ ବିଷୁବ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ୧ ଲକ୍ଷ ଟଙ୍କା ଓ ତାମ୍ର ଫଳକ ଦିଆଯିବ। ସେହିପରି ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ପାଇଁ ପ୍ରଫେସର ଅରବିନ୍ଦ ପଟ୍ଟନାୟକ, କବିତା ପାଇଁ ସରୋଜିନୀ ଷଡ଼ଙ୍ଗୀ ଓ ଗଳ୍ପ ପାଇଁ କୃପାସାଗର ସାହୁଙ୍କୁ ଝଙ୍କାର ପୁରସ୍କାର ପ୍ରଦାନ କରାଯିବ। ସେହିପରି ଅନୁବାଦ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କିଶୋର ମହାନ୍ତି ପାଇବେ ଝଙ୍କାର ଅନୁବାଦ-ଭାରତୀ ପୁରସ୍କାର। ଏ ନେଇ ସମିତି ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ ପ୍ରଜାତନ୍ତ୍ର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ରେଲୱେ ସାଇଡିଂ, ଡମ୍ପିଂୟାର୍ଡକୁ ନେଇ ବିବାଦ

ମଙ୍ଗୁଳି-ଜଗତପୁର,୩।୪(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ବିଲତେରୁଆଁ ଗ୍ରାମରେ ଥିବା ରେଲୱେ ସାଇଡିଂ ଏବଂ ଡମ୍ପିଂୟାର୍ଡ ବିଷୟକୁ ନେଇ ବାଦବିବାଦ ଦେଖାଦେଇଛି। ଏ ନେଇ ଆଇନଜୀବୀ ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଯୁବକ ତାରିଣୀ ମନ୍ଦିର ପରିସରରେ ରବିବାର ଏକତ୍ରିତ ହୋଇ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରି ନିଜ ପକ୍ଷ ରଖିଥିଲେ। ଅଭିଯୋଗକ୍ରମେ ରେଲୱେ ସାଇଡିଂ ଏବଂ ଡମ୍ପିଂୟାର୍ଡରେ ପୂର୍ବରୁ କାର୍ଯ୍ୟରତ ୪ଟି ସଂଗଠନର କେତେଜଣ ବ୍ୟକ୍ତି ଏକଚ୍ଛତ୍ରବାଦ ଭାବେ କାର୍ଯ୍ୟକରି ଅନ୍ୟ ପରିବାରଙ୍କୁ ଉକ୍ତ ସଂଗଠନରେ ନିୟୋଜିତ କରିବାରେ ବଞ୍ଚିତ କରିଛନ୍ତି। ଗ୍ରାମରେ କୋଇଲା, ଜିପସମ, ଚାରକୋଲ, ବାଲି ଇତ୍ୟାଦି ଖଣିଜ ପଦାର୍ଥ ଲୋଡ ଅନଲୋଡ, ଟ୍ରାନ୍ସପୋର୍ଟ କରାଯାଉଛି। ତେଣୁ ବହୁମାତ୍ରାରେ ପରିବେଶ ପ୍ରଦୂଷଣ ହେଉଛି। ଏହି ସବୁ କାର୍ଯ୍ୟ ଏହି ୪ ସଂଗଠନ ଦ୍ୱାରା ହେଉଥିବା ବେଳେ ଗ୍ରାମର ପୂର୍ବରୁ ଯେତେ ଲୋକ ଉକ୍ତ କାର୍ଯ୍ୟରେ ନିୟୋଜିତ ଥିଲେ, ଏବେ ଆଉ ଅନ୍ୟ ଲୋକଙ୍କୁ ନିୟୋଜିତ କରୁନାହାନ୍ତି। ଫଳରେ ଗ୍ରାମରେ ଅନ୍ୟ ପରିବାରମାନେ ଏ ନେଇ ଉକ୍ତ ୪ସଂଗଠନକୁ ଜଣାଇଥିଲେ ମଧ୍ୟ ସେମାନେ କଥା ଶୁଣୁନାହାନ୍ତି। ଏପରିକି ଏକଚ୍ଛତ୍ରବାଦ ନୀତି ବିରୋଧରେ ଯିଏ ସ୍ୱର ଉତ୍ତୋଳନ କରୁଛନ୍ତି, ବିଭିନ୍ନ ଉପାୟରେ ସେମାନଙ୍କ ପାଟି ବନ୍ଦ କରିଦିଆଯାଉଛି। ତେଣୁ ଗ୍ରାମ ସାହିଭାଇ ପଞ୍ଚମଶ୍ରମିକ ସଂଗଠନର ସଦସ୍ୟମାନେ ଏହାର ପ୍ରତିବାଦ କରି ଜିଲାପାଳ, ଉପଜିଲାପାଳ, ତହସିଲଦାର ଏବଂ ପୋଲିସ ଅଧିକାରୀଙ୍କୁ ଅଭିଯୋଗ ପ୍ରଦାନ କରିଛନ୍ତି। ସାହିଭାଇ ପଞ୍ଚମଶ୍ରମିକ ସଂଗଠନର ଯୁବକମାନଙ୍କୁ କର୍ମ ନିଯୁକ୍ତି ଦିଆ ନ ଗଲେ ଆଗକୁ ବିଲତେରୁଆଁ ଗ୍ରାମର ସାହିଭାଇ ସଂଗଠନ ସଦସ୍ୟ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଏ ନେଇ ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି, ସେଭଳି ଅଭିଯୋଗ ଆସିନି, ମଙ୍ଗଳବାର ଟାଙ୍ଗୀ ଥାନା ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିବି। ଆବଶ୍ୟକ ପଡିଲେ ତଦନ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ସ୍ପଟକୁ ଯିବେ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ।

# ଅଚଳ ହେଲା ଜେଏମ୍ କେୟାର ହସ୍ପିଟାଲ ବ୍ୟାଙ୍କ ଆକାଉଣ୍ଟ

**ନର୍ସିଂହୋମ୍‌ରେ ବିଏସ୍‌କେୱାଇ ଠକେଇ ମାମଲା**

କଟକ ଅଫିସ,୩।୪

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଠକେଇ ମାମଲାରେ କମିଶନରେଟ୍ ପୋଲିସ ସମ୍ପୃକ୍ତ ନର୍ସିଂହୋମ୍‌ର ଆର୍ଥିକ କାରବାର ଉପରେ ରୋକ ଲଗାଇଛି। ନୟାସଡ଼କ ଗୋଶାଳା ରୋଡ୍‌ସ୍ଥିତ ଜେଏମ୍ କେୟାର ହସ୍‌ପିଟାଲର ପ୍ରାୟ ୮ ଲକ୍ଷ ଟଙ୍କା ଥିବା ଗୋଟିଏ ଆକାଉଣ୍ଟକୁ ପୋଲିସ ଅଚଳ କରିଛି। ଏଥିସହ ପାଗାସ୍ଥିତ ଶୋଭା ନର୍ସିଂହୋମ୍ ଓ ଜେଏମ୍ କେୟାର ହସ୍‌ପିଟାଲର ଅନ୍ୟ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଉପରେ ତୀକ୍ଷଣ ନଜର ରଖାଯାଇଛି। ଖୁବ୍‌ଶୀଘ୍ର ଅନ୍ୟ ଆକାଉଣ୍ଟଗୁଡ଼ିକୁ ଅଚଳ କରିବା ପାଇଁ ପୋଲିସ ପଦକ୍ଷେପ ନେବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

# ଶୃଙ୍ଖଳିତ ଚରିତ୍ର ଗଠନ ସହ ବିଦ୍ୟାର୍ଜନ ପାଇଁ ପରାମର୍ଶ

**ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ**

କଟକ ସଦର,୩।୪(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଫୁରୀସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟା ମନ୍ଦିରର ସଭାପତି ଉମାକାନ୍ତ ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ବିଦ୍ୟା ବିକାଶ ସମିତିର ସମ୍ପାଦକ ଯୋଗେନ୍ଦ୍ର ନାଥ ବସ୍ତିଆ, ମୁଖ୍ୟ ଅତିଥି ଭାବେ ଗୁରୁ ଶ୍ରୀସନ୍ଥ, ମୁଖ୍ୟ ବକ୍ତା ଭାବେ ବିଦ୍ୟା ବିକାଶ ସମିତିର ସଭାପତି ଡ.ରମେଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ପ୍ରଭାତ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳି, ବିଦ୍ୟା ବିକାଶ ସମିତିର ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସରପଞ୍ଚ ସୁଭାଶିନୀ ରାଉତ, ସାଇଜ୍ୟୋତି ଜ୍ଞାନ ମନ୍ଦିର ସମ୍ପାଦକ ମାନସ କର ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଜୟନ୍ତୀ ପତି ଅତିଥି ପରିଚୟ ଓ ଗୁରୁମା ବାଗଦେବୀ ସାହୁ ବିବରଣୀ ପାଠ କରିଥିଲେ। ପିଲାମାନେ ଶୃଙ୍ଖଳିତ ଚରିତ୍ର ଗଠନ ସହ ବିଦ୍ୟା ଅର୍ଜନ କରିବା ପାଇଁ ମୁଖ୍ୟ ଅତିଥି ସନ୍ଥ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀ ଅନ୍ୱେଷା ଜେନା ଓ ପ୍ରିୟାଂସୁ ସାହୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ନିରଞ୍ଜନ ପରିଡ଼ା, ଭିକାରୀ ବେହେରା, ଅଭୟ କୁମାର ମହାପାତ୍ର, ତ୍ରିଲୋଚନ ଭୂୟାଁ, ଦୁର୍ଗାପ୍ରସାଦ ପରିଡ଼ା ଯୋଗଦେଇଥିଲେ। ଗୁରୁମା ସୋନାଲି ପରିଡ଼ା, ସୁପ୍ରିୟା ବେଉରା, ମଧୁସ୍ମିତା ବେହେରା, ସୁନୀତା ରାଉତ, ନେହା ନାଜ, ମସରତ ନିଶା, ମଧୁସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୃତୀ ଛାତ୍ରୀ ଅନ୍ୱେଷା ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ୪ ଦାବି ନେଇ ଅବସରପ୍ରାପ୍ତ ଯବାନଙ୍କ ବିକ୍ଷୋଭ

କଟକ ଅଫିସ, ୩।୪

ଦେଶରେ ଗୋଟିଏ ର୍‌ୟାଙ୍କ ଗୋଟିଏ ପେନସନ (ଓଆର୍‌ଓପି) ଲାଗୁ କରିବା ଦାବି ନେଇ ରାଜ୍ୟର ସମସ୍ତ ଜିଲା ମୁଖ୍ୟାଳୟ ସମ୍ମୁଖରେ ଅବସରପ୍ରାପ୍ତ ଯବାନମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି କ୍ରମରେ ୪ ଦଫା ଦାବି ନେଇ କଳିଙ୍ଗ ଭୂତପୂର୍ବ ସୈନିକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରାରେ ଆସି କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଅବସରପ୍ରାପ୍ତ ଯବାନମାନେ ଓଆର୍‌ଓପି-୨ରେ ଥିବା ଅସଂଗତିକୁ ଦୂର କରିବା, ସୈନିକଙ୍କୁ ସମାନ ଏମ୍‌ଏସ୍‌ପି (ମିଲିଟାରୀ ସର୍ଭିସ ପେ), ସପ୍ତମ କେନ୍ଦ୍ରୀୟ ବେତନ କମିଶନରେ ଅସଂଗତି ଦୂର କରିବା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ସଂଘର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର କହିଛନ୍ତି, ୨୦୦୬ରେ ଷଷ୍ଠ ବେତନ କମିଶନ ଲାଗୁକରାଯାଇଥିଲା। ସେ ସମୟରେ ଜେସିଓ (ଜୁନିୟର କମିଶନଡ୍ ଅଫିସର୍ସ) ଏବଂ ଓଆର୍ (ଅଦର ର୍‌ୟାଙ୍କସ୍)ମାନଙ୍କୁ ଏମ୍‌ଏସ୍‌ପି କେବଳ ୨୦୦୦ ଟଙ୍କା ଦିଆଯାଇଥିଲା। କିନ୍ତୁ ଅଫିସରମାନଙ୍କୁ ୬୦୦୦ ଟଙ୍କା ଓ ଏମ୍‌ଏନ୍‌ଏସ୍ ଅଫିସରଙ୍କୁ ୪୨୦୦ ଟଙ୍କା ଦିଆଯାଇଥିଲା। ଏହାପରେ ଓଆର୍‌ଓପି-୨ ରିଭିଜନ ବେଳେ ମଧ୍ୟ ଜେସିଓ ଏବଂ ଓଆର୍‌ମାନଙ୍କର ଏମ୍‌ଏସ୍‌ପିରେ ଅସଂଗତି କରାଯାଇଛି। ଏହି ଅସଂଗତି ପ୍ରତିବାଦରେ ଗତ ଫେବୃୟାରୀ ୨୦ରୁ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ରାଲି କରାଯାଉଛି। ଯେହେତୁ ସେଠାକୁ ସମସ୍ତେ ଯାଇପାରିବେ ନାହିଁ ତେଣୁ ସୋମବାର ଦେଶର ୭୬୬ଟି ଜିଲାର ଜିଲାପାଳମାନଙ୍କୁ ଦାବିପତ୍ର ଦିଆଯାଇଛି। ଏଥିସହ ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ଆନ୍ଦୋଳନ ଜାରି ରହିବ ବୋଲି ମହାପାତ୍ର କହିଛନ୍ତି। ସଭାପତି ଦିଲୀପ ମହାପାତ୍ର, ବିଶିକେଶନ ପ୍ରଧାନ, ପ୍ରଭାତ ଶୁକ୍ଳା, ରାଇଚରଣ ମହାନ୍ତି, ଅଜୟ ଆଚାର୍ଯ୍ୟ ପ୍ରମୁଖ ଥିଲେ।




ସୋମବାର କଟକ ଜିଲାପାଳଙ୍କୁ ୪ଦଫା ସମ୍ବଳିତ ଦାବିପତ୍ର ଦେବାକୁ ଆସିଥିବା କଳିଙ୍ଗ ପୂର୍ବତନ ସୈନିକ ସଂଘର ସଦସ୍ୟମାନେ।

# ଭୁବନେଶ୍ୱରରେ ବାଣ ବିସ୍ଫୋରଣ, ଯୁବକ ମୃତ

## ଭିଏସ୍ଏସ୍ ନଗରରେ ଚାଲିଥିଲା ବେଆଇନ ବାଣ ଭିଡ଼ା

### ଘର ସିଲ୍ କଲା ପୋଲିସ



ମୃତ ଶିବାନନ୍ଦ ତଡା।



ବିସ୍ଫୋରଣରେ କ୍ଷତିଗ୍ରସ୍ତ ଘର ଭିତରର ଦୃଶ୍ୟ।

ଭୁବନେଶ୍ୱର,୩।୪ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ଜନବସତି ଭିତରେ ବେଆଇନ ଭାବେ ଚାଲିଥିଲା ବାଣ ତିଆରି। ହଠାତ୍ ବିସ୍ଫୋରଣ ହେବାରୁ ଏଥିରେ ଜଣଙ୍କର ମୃତ୍ୟୁ ହୋଇଛି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗର ଜିଏଲ୍ କଲୋନୀରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ଶିବାନନ୍ଦ ତଡା। ସେ ଏଠାରେ ରହି ବାଣ ତିଆରି କରିବା ସହ ବିକ୍ରି କରନ୍ତି। ତେବେ ବିସ୍ଫୋରଣ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହ ଘରକୁ ସିଲ୍ କରିଦେଇଛି। ଅନ୍ୟପଟେ ସାଇବର ଥାନା ନିକଟରେ ଏହି ବେଆଇନ କାରବାର ଚାଲିଥିଲେ ମଧ୍ୟ ପୋଲିସ ପାଖରେ ଖବର ନ ରହିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ଶିବାନନ୍ଦ ଦୀର୍ଘ ୩ ବର୍ଷ ହେଲା ଏଠାରେ ରହି ବାଣ ଭିଡିବା ସହ ବେପାର କରିଥାଆନ୍ତି। ତେଣୁ ବାହାଘର ପାଇଁ ବରାଦ ଥିବାରୁ ସୋମବାର ସନ୍ଧ୍ୟାରେ ଘର ବାରଣ୍ଡାରେ ବସି ବାଣ ଭିଡୁଥିଲେ। ଏହି ସମୟରେ ବାଣଟି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ, ଘରର ଆଜ୍‌ବେଷ୍ଟସ ଉଡ଼ିବା ସହିତ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାକୁ ଦୌଡ଼ି ଆସି ଶିବାନନ୍ଦଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଥିବା ଦେଖିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲାବେଳେ ଗୋଡ଼, ମୁହଁ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର ଆଘାତ ଲାଗିଥିଲା। ଗୋଡ଼ ସମେତ ଦେହର ବିଭିନ୍ନ ସ୍ଥାନରୁ ମାଂସ ଖଣ୍ଡ ବାହାରି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶିବାନନ୍ଦଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବାବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଏମ୍‌ସି ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣା ବିଷୟରେ ପଚାରି ବୁଝିଥିଲେ।

### ପୋଲିସକୁ ଦାୟୀ କଲେ ଲୋକେ

ଭିଏସ୍ଏସ୍‌ନଗରରେ ବିସ୍ଫୋରଣ ପରେ ରାଜଧାନୀରେ କିଭଳି ବେଆଇନ ବାଣ ତିଆରି ଚାଲାଛି ତାହା ସାମ୍ନାକୁ ଆସିଛି। ସାଇବର ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଏହା ଚାଲିଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଏହି ଘଟଣା ପାଇଁ ସେମାନେ ସିଧାସଳଖ ପୋଲିସକୁ ଦାୟୀ କରିଛନ୍ତି। ଦୀର୍ଘବର୍ଷ ହେଲା ଜଣେ ବ୍ୟକ୍ତି ବିନା ଲାଇସେନ୍ସରେ ବିପଦଜନକ ଭାବେ ବାଣ ପ୍ରସ୍ତୁତ କରୁଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏଥିପାଇଁ କିଛି ପୋଲିସ କର୍ମଚାରୀ ହାତଗୁଞ୍ଜା ନେଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଘଟଣା ପରେ ତତ୍ପରତା ଦେଖାଇଲେ କିଛି ଲାଭ ନାହିଁ ବୋଲି ସ୍ଥାନୀୟ ଲୋକେ କ୍ଷୋଭର ସହ କହିଛନ୍ତି। ସେହିପରି ଦୀପାବଳି କିମ୍ବା ପର୍ବପର୍ବାଣୀରେ ପୋଲିସ ଓ ଜିଲା ପ୍ରଶାସନ ଚଢାଉ କରି ବାହାବାଃ ନେଲେ ହେବନି, ବରଂ ଏହି ଚଢାଉ ପ୍ରକ୍ରିୟା ଜାରି ରଖିବାକୁ ଦାବି ହୋଇଛି।

### ଅଞ୍ଚଳରେ ଭୟର ବାତାବରଣ

ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପ୍ରଚଣ୍ଡ ଶବ୍ଦ ହେବା ସହ ଘରର ଆଜ୍‌ବେଷ୍ଟସ୍ ଛପରକୁ ନଷ୍ଟ କରିଦେଇଥିଲା। ଆଜବେଷ୍ଟଗୁଡିକ ଛିନ୍ନଛତ୍ର ହୋଇ ରାସ୍ତାରେ ଚାରିଆଡେ ପଡିବା ସହ ପଡୋଶୀଙ୍କ ଘରେ ମଧ୍ୟ ପଡିଥିଲା। ଶବ୍ଦ ଶୁଣି ପଡୋଶୀ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବା ପରେ ଆତଙ୍କିତ ହୋଇପଡିଥିଲେ। ଉକ୍ତ ଘରେ ଥିବା ଅନ୍ୟ ବିସ୍ଫୋରକ ସାମଗ୍ରୀ ରାତିରେ ବାହାର କରିବାକୁ ସ୍ଥାନୀୟ ଲୋକ କହିଥିଲେ।

### ଆଜି ଘଟଣାସ୍ଥଳକୁ ଯିବ ବମ୍ ସ୍କ୍ୱାଡ୍

ବିସ୍ଫୋରଣ ପରେ ଉକ୍ତ ଘରକୁ ପୋଲିସ ପକ୍ଷରୁ ସିଲ୍ କରିଦିଆଯାଇଛି। କ୍ରାଇମ ସ୍ପଟ୍‌ରେ ଯେଭଳି ସମସ୍ତ ପ୍ରମାଣ ସତେଜ ଥିବ ସେଥିପ୍ରତି ପୋଲିସ ଧ୍ୟାନ ଦେଇଛି। ମଙ୍ଗଳବାର ସେଠାକୁ ବମ୍ ଡିସ୍‌ପୋଜାଲ ଟିମ୍ ଯିବ। ଏଥିସହ ସାଇଣ୍ଟିଫିକ୍ ଟିମ୍ ସେଠାକୁ ଯାଇ ନମୁନା ସଂଗ୍ରହ କରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଅଳ୍ପକେ ବର୍ତ୍ତିଲେ ମୃତକଙ୍କ ମା’

ବିସ୍ଫୋରଣରେ ମୃତ ଶିବାନନ୍ଦ ବାଣ ଭିଡୁଥିବା ବେଳେ ତାଙ୍କ ମା’ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। କିଛି ସମୟ ପରେ ସେ କୌଣସି କାମରେ ରୋଷେଇ ଘରକୁ ଯାଉଥିବାବେଳେ ହଠାତ ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସେ ଚମକି ପଡ଼ିବା ସହ ତଳେ ପଡ଼ିଯାଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଝାସକେଶନ



@ ସମିତା



@ ସ୍ମୃତିରଞ୍ଜନ



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୦ତମ ଶ୍ରାଦ୍ଧୋତ୍ସବ, କଳିଙ୍ଗ ହସ୍ପିଟାଲ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ୮୨ତମ ବଳିଦାନ ଦିବସ, ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀଶିଳ୍ପ ବଜାର,ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ଚତୁଃ ଦିବସୀୟ ଦିବ୍ୟଜୀବନ ସଂଘ ସମ୍ମିଳନୀ, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଲୋକନୃତ୍ୟ ଲୋକସଙ୍ଗୀତ ମହୋତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା, ବେଣୁପୁର- ବାଲିକାନ୍ତିଆ ମା’ ପାଟୋଳୀଶ୍ୱରୀ ପୀଠ, ପୂର୍ବାହ୍ନ ୧୦ଟା ୩୦।
- ରାମଲୀଳା ନାଟକ ପରିବେଷଣ, ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୧ଟା ୩୦।
- ରାମଲୀଳାର ନାଟକ ଭରତ ମିଳନ, କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ, ରାତି ୧୧ଟା ୩୦।
- ରାମଲୀଳା ନାଟକ ସୀତା ବିବାହ, ଗୋଡଳବିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୧ଟା ୩୦।
- ବାର୍ଷିକ ମେଳଣ ଅବସରରେ ନାଟକ ପରିବେଷଣ, ପାଣ୍ଡରା ମେଳଣ ପଡ଼ିଆ, ରାତି ୧୧ଟା ୩୦।

କଟକ

- ୫୨ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟନ, ମାତୃଭବନ, ସନ୍ଧ୍ୟା ୬.୩୦।

# ସୀତା ଚୋରି କଲେ ମାୟା ରାବଣ

### ସାହିଯାତର ପଞ୍ଚମ ଦିବସ

ପୁରୀ ଅଫସ, ୩।୪

ଶ୍ରୀକ୍ଷେତ୍ରରେ ସମ୍ପ୍ରତି ପାରମ୍ପାରିକ ସମରକଳା ନୃତ୍ୟ ସାହିଯାତ ଚାଲିଛି। ସାହିଯାତର ପଞ୍ଚମ ଦିବସରେ ସୋମବାର ସୀତା ଚୋରି ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ମଠ ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତରେ କୁଣ୍ଢେଇବେଣ୍ଟ ସାହି ଆଖଡ଼ା ପକ୍ଷରୁ ସୀତା ଚୋରି ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। କୁଣ୍ଢେଇବେଣ୍ଟ ସାହି ପଥର ଆଖଡ଼ାର ଜଣେ ବ୍ୟକ୍ତି ମାୟା ରାବଣ ଚରିତ୍ରରେ ପଟୁଆରରେ ସାହି ଏବଂ ବାଦି ସାହି ପରିକ୍ରମା କରି ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ସୀତା ଚୋରି ନୀତି ସମ୍ପନ୍ନ ହୋଇଥିଲା। ସେହିପରି କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ୨୨ ମେଳରୁ ଯାତ ବାହାରି ସାଥି ସାହି ବା ବାଦି ସାହିକୁ ଯାଇଥିଲା। ସାହିର ବିଭିନ୍ନ ଜାଗା ଯଥା ସୁନ୍ଦରା ଯାଗା, ବିଶୁନି ଯାଗା, ମରୀଚିକୋଟ ଯାଗା, ମଲ୍ଲୀଗଡ଼ ଯାଗା, ଅଲିକୋଟ ଯାଗା, ଗଣେଶଗୁରୁଜ ଯାଗା, ବ୍ରହ୍ମା ଯାଗା, ମାଜଣା ଯାଗା, ମାଳି ଯାଗା, ଇନ୍ଦ୍ରଦ୍ୟୁମ୍ନ ଯାଗା, କଣ୍ଡରାକୋଟ, ଖାକିକୋଟ, ମକରଧ୍ୱଜକୋଟ, ବଳଭଦ୍ରବଲ୍ଲଭ, ନୃସିଂହଗଡ଼ ବା ନୃସିଂହବଲ୍ଲଭ ଯାଗା, ବଡ଼ଯାଗା, ଗୋପୀନାଥ ବଲ୍ଲଭ ଯାଗା, ଦିବ୍ୟସିଂହକୋଟ, ବେଲଦଳ ଯାଗା, କୁମୁଟିପାଟଣା ଯାଗା, ଜାଇଗଡ ଯାଗା, ଜୁଇଗଡ଼ ଯାଗା ପ୍ରଭୃତି ପକ୍ଷରୁ ନାଗା, ମେଢ଼, ପାଇକ ଆଖଡ଼ା, ମାଲଖମ୍ବ ପିରାମିଡ୍, ବନାଟି, ଖଣ୍ଡା ଆଦି ସମରକଳା ପ୍ରଦର୍ଶନ କରାଯାଇଥିଲା। ସେହିପରି ସକାଳେ ମାୟା ରାବଣ ସହ ବିଭିନ୍ନ ନାଗା ମେଢ ବାହାରି ସାହି ପରିକ୍ରମା କରିଥିଲେ।



ସୀତାଚୋରୀ ନୀତି ପାଇଁ ଜଗନ୍ନାଥ ବଲ୍ଲଭ ପରିସରକୁ କୁଣ୍ଢେଇବେଣ୍ଟ ସାହିର ମାୟାରାବଣ ଯାଉଛନ୍ତି।

# ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଘେରିଲେ ଅଭିଭାବକ

## ପାରଦର୍ଶୀ ପୋର୍ଟାଲରେ ଅନିୟମିତତା ପ୍ରସଙ୍ଗ

### ଆଲୋଚନା ପରେ ଆନ୍ଦୋଳନରୁ ଓହରିଲେ

ଭୁବନେଶ୍ୱର,୩।୪(ବ୍ୟୁରୋ)

ଶିକ୍ଷାଧିକାର ଆଇନ ଅଧୀନରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କୁ ବେସରକାରୀ ସ୍କୁଲରେ ୨୫% ଆସନରେ ନାମ ଲେଖାଇବା ପାଇଁ ପାରଦର୍ଶୀ ପୋର୍ଟାଲ ଖୋଲିଥିଲେ ମଧ୍ୟ ଏଥିରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ଶିକ୍ଷା ଅଧିକାର ଅଭିଭାବକ ସଂଘ ଓ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଏଭଳି ଅଭିଯୋଗ ଅଣାଯାଇ ରବିବାରଠାରୁ ଆନ୍ଦୋଳନ ଚାଲିଥିବାବେଳେ ସୋମବାର ନ’ଟାଲାସ୍ଥିତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଘେରାଉ କରାଯାଇଥିଲା। ଖାଲି ଥିବା ସ୍କୁଲରେ ପୁନଃ ଲଟେରି କରି ପିଲାଙ୍କୁ ସୁଯୋଗ ଦେବା ସହ ଅର୍ଥ ମାଗୁଥିବା ସ୍କୁଲକୁ ତାଗିଦା କରିବା, ବହି, ଖାତା, ଡ୍ରେସ୍, ଜୋତା ଯୋଗାଇ ଦିଆଯାଉ ବୋଲି ଦାବି କରାଯାଇଛି। ପରେ ଶିକ୍ଷା ସଚିବଙ୍କ ପ୍ରତିନିଧି ଭାବେ ଅଶ୍ୱିନୀ ମିଶ୍ର, ଅତିରିକ୍ତ ସଚିବ ଓ ଅତିରିକ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, କଳ୍ପନା ସାହୁ, ପ୍ରସନ୍ନ ବିଷୋୟୀ, ସତ୍ୟଜିତ ଦାଶଙ୍କ ସହ ଆଲୋଚନା କରିଥିଲେ। ଦୁଇଦିନ ମଧ୍ୟରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

# ଚଢ଼ାଉବେଳେ ଖଣି ବିଭାଗ ସ୍କ୍ୱାଡ୍ ଟିମ୍‌କୁ ଆକ୍ରମଣ

- ଗାଡ଼ି କାଚ ଭାଙ୍ଗିଲେ, ୨ କର୍ମଚାରୀ ଆହତ
- ୫ ମିନିଟ୍ରକ ସହିତ ୨୦ ଟନ କୋଇଲା ଜବତ

ଖୁଣ୍ଟୁଣୀ,୩।୪(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କୃଷ୍ଣଶ୍ୟାମପୁର (ନୂଆସାହି) ଗ୍ରାମ ସନ୍ନିକଟ ରିଜର୍ଭ ଜଙ୍ଗଲ ପାର୍ଶ୍ୱରେ ବେଆଇନ ଚୋରା କୋଇଲା ଡିପୋ ଉପରେ ସୋମବାର ସନ୍ଧ୍ୟାରେ ଖଣି ବିଭାଗର ସ୍କ୍ୱାଡ ଓ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ମାଫିଆମାନେ ସ୍କ୍ୱାଡ ଟିମ୍ ଉପରେ ଟେକାପଥର ପକାଇ ଆକ୍ରମଣ କରିଛନ୍ତି। ଫଳରେ ଗାଡ଼ିର କାଚ ଭାଙ୍ଗିଯାଇଥିବା ବେଳେ ୨ଜଣ କର୍ମଚାରୀ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଖଣି ଅଧିକାରୀ ବେହେରା ଖୁଣ୍ଟୁଣୀ ଥାନାରେ ଏକ ଏତଲା ଦେବାରେ ଥାନା ପକ୍ଷରୁ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ତଦନ୍ତ ଆରମ୍ଭ କରଛନ୍ତି। ସୂଚନା ଅନୁଯାୟୀ, ନୂଆସାହି) ଗ୍ରାମ ସନ୍ନିକଟ ରିଜର୍ଭ ଜଙ୍ଗଲ ପାର୍ଶ୍ୱରେ ବେଆଇନ ଚୋରା କୋଇଲା ଡିପୋ ହେଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ଖଣି ବିଭାଗର ସ୍କ୍ୱାଡ ଟିମ୍ ସ୍ଥାନୀୟ ପୋଲିସକୁ ନେଇ ସୋମବାର ଚଢ଼ାଉ କରିଥିଲେ। ସେଠାରେ କୋଇଲା ଲୋଡ ହୋଇଥିବା ୮ଖଣ୍ଡ ମିନିଟ୍ରକ ମଧ୍ୟରୁ ୫ଟି ମିନିଟ୍ରକକୁ ଖଣି ବିଭାଗ କୋଇଲା ସହ ଜବତ କରିଥିବା ବେଳେ ଅନ୍ୟ ୩ଟି ମିନିଟ୍ରକ ସ୍କ୍ୱାଡ ଆସିବା ଦେଖି ଖସି ପଳାଇଯାଇଛନ୍ତି। ଚଢ଼ାଉ ବେଳେ ଅନ୍ୟ ଏକ ସ୍ଥାନରେ ପ୍ରାୟ ୭ ଟନ କୋଇଲାକୁ ମଧ୍ୟ ସ୍କ୍ୱାଡ ଜବତ କରି ସମୁଦାୟ ୨୦ ଟନ କୋଇଲା ଜବତ କରାଯାଇଥବା ଅତିରିକ୍ତ ଖଣି ଅଧିକାରୀ ରଞ୍ଜିତ ବେହେରା କହିଛନ୍ତି। ସେଠାରୁ ୨୦୦ ଶହ ମିଟର ଦୂରରେ ପ୍ରାୟ ୫୦ ଟନ କୋଇଲା ଗଚ୍ଛିତ ଥିବା ଜାଣି ପୋଲିସ ଓ ଖଣି ବିଭାଗ ସେଠାକୁ ଯାଉଥିବା ଦେଖି ଜଣେ କୋଇଲା ମାଫିଆଙ୍କ ଇଶାରାରେ କେତେକ ଯୁବକ ଖଣି ବିଭାଗର ଏକ ବୋଲେରୋ ନଂ. ଓଡି ୦୫ ବିଏଚ୍ ୬୮୩୬ ଉପରକୁ ଟେକା ମାରି କାଚକୁ ଭଙ୍ଗାରୁଜା କରିଥିଲେ। ଫଳରେ ବାଧ୍ୟ ହୋଇ ସେଠାରୁ ସ୍କ୍ୱାଡ ଟିମ୍ ଫେରି ଆସିଥିଲେ। ଏଥିରେ ଦୁଇଜଣ ଷ୍ଟାଫ ଆହତ ହୋଇଛନ୍ତି। ଜବତ କୋଇଲା ଗାଡ଼ିକୁ ଖଣି ବିଭାଗ ଜଗତପୁରସ୍ଥିତ ଖଣି କାର୍ଯ୍ୟାଳୟକୁ ନେଇଯାଇଛନ୍ତି।




ଆକ୍ରମଣରେ କାର୍ କାଚ ଭାଙ୍ଗିଯାଇଛି।



ପାରଦର୍ଶୀ ପୋର୍ଟାଲରେ ତ୍ରୁଟିର ସଂଶୋଧନ ସହ ୫ ଦଫା ଦାବି ନେଇ ଓଡ଼ିଶା ଶିକ୍ଷା ଅଧିକାର ଅଭିଭାବକ ସଂଘ ଏବଂ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱରର ନ’ଟାଲାସ୍ଥିତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ବିଦ୍ୟାଭବନ ମୁକ୍ତମଞ୍ଚରେ ଆୟୋଜିତ ଲୁପ୍ତପ୍ରାୟ ଲୋକକଳାର ୧୩୦ତମ ସନ୍ଧ୍ୟାରେ ଢେଙ୍କାନାଳର କଳାକାରମାନେ ଗୀତାଭିନୟ ‘ଭକ୍ତ କୃଷ୍ଣ ଦାସ’ ପରିବେଷଣ କରୁଛନ୍ତି।



କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ସୁରଟରେ ପହଞ୍ଚିବା ପରେ ସମର୍ଥକମାନେ ସ୍ୱାଗତ କରୁଛନ୍ତି।

# ଶାହା ବାଉଳା ହେଲେଣି: ଜେଡିୟୁ

**ପାଟନା,୩।୪**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିହାର ଗସ୍ତ ପରେ ଏବେ ରାଜ୍ୟ ରାଜନୀତି ସରଗରମ। ଶାହା ଜେଡିୟୁ ଉପରେ ଯେଉଁ ଅଭିଯୋଗ ଆଣିଥିଲେ ଏବେ ଏହାର ପାଲଟା ଜବାବ ଦେଇଛି ଜେଡିୟୁ। ବିହାର ଅର୍ଥମନ୍ତ୍ରୀ ବିଜୟ ଚୌଧୁରୀ ସୋମବାର ଖବରଦାତା ସମ୍ମିଳନୀ ଜରିଆରେ ଶାହାଙ୍କୁ ଟାର୍ଗେଟ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଜେଡିୟୁ ସହ ମେଣ୍ଟ କରିବା ପାଇଁ ଅମିତ ଶାହାଙ୍କ ପାଖକୁ କିଏ କ'ଣ ଆବେଦନ ପତ୍ର ନେଇ ଯାଇଥିଲେ। ଜେଡିୟୁ ସହ ମେଣ୍ଟ ହେବ ନାହିଁ, ଜେଡିୟୁ ପାଇଁ ଦ୍ୱାର ବନ୍ଦ। ଶାହା ଏଭଳି ବାରମ୍ବାର କହିବା ଦ୍ୱାରା ସ୍ପଷ୍ଟ ହେଉଛି ଯେ, ବିହାରରେ ନୀତୀଶ କୁମାରଙ୍କ ବିନା କିଛି ଫର୍ମୁଲା କାମ ଦେବ ନାହିଁ। ବିହାରରେ ଦଙ୍ଗା କରିବାକୁ ଚେଷ୍ଟା କରାଯାଇଥିଲା ହେଲେ ଏହାକୁ ରୋକି ଦିଆଗଲା। ମନ୍ତ୍ରୀ ବିଜୟ କହିଛନ୍ତି, ବିହାରକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଆସିଥିଲେ। ଯଦି ମାନବିକତା ଥାଆନ୍ତା ତେବେ ଶାନ୍ତି ପାଇଁ ଅପିଲ କରିଥାଆନ୍ତେ। ଥରୁଟିଏ ବି ସେ ଏହା କହି ନାହାନ୍ତି। ବିହାରରେ ଦଙ୍ଗା ହୋଇପାରିଲା ନାହିଁ, କାରଣ ବିହାର ସରକାରଙ୍କ ଜିରୋ ଟଲରାନ୍ସ ନୀତି ରହିଛି। ବିହାର ନୀତୀଶ ମଡେଲରେ ଚାଲୁଛି। ଏଠାରେ ଭାଇଚାରା ରହିଛି। ଅମିତ ଶାହା ଭୁଲ ଭାଷା ପ୍ରୟୋଗ କରି କହିଛନ୍ତି, ଓଲଟା ଲଟକାଇ ଦେବେ, ସିଧା କରିଦେବେ। ଯାହା ଜଣାପଡୁଛି ଶାହା ବାଉଳା ହେଲେଣି। ୨୦୨୪ ଲୋକ ସଭା ନିର୍ବାଚନକୁ ନେଇ ସେ ବିବ୍ରତ ହୋଇ ପଡ଼ିଲେଣି ବୋଲି ମନ୍ତ୍ରୀ ବିଜୟ କହିଛନ୍ତି।

# ବିଜେଡି ନେତା ଆନ୍ଧ୍ର ଭାଷା କହୁଛନ୍ତି: ଭାଜପା

**ଭୁବନେଶ୍ୱର,୩।୪(ବ୍ୟୁରୋ)**

**କୋଟିଆ ରାଜନୀତି**

**କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ସହ ଆଲୋଚନା କରି ସମାଧାନ କରନ୍ତୁ: ବିଜେଡି**

କୋଟିଆ ବିବାଦ ଦୀର୍ଘଦିନ ଧରି ଚାଲିଆସିଛି। ଏହି ମାମଲା ଏବେ ସୁପ୍ରିମ୍‌କୋର୍ଟରେ ରହିଛି। ବାରମ୍ବାର ଏ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୋଟିଆ ଗସ୍ତକୁ ନେଇ ରାଜନୀତି ସରଗରମ ହୋଇଛି। ଭାଜପା ଏ ପ୍ରସଙ୍ଗରୁ ଫାଇଦା ଉଠାଇବାକୁ ପୂରା ଦମ୍ ଲଗାଇଥିବା ବେଳେ ବିଜେଡି ମଧ୍ୟ ଏଥିପାଇଁ କେନ୍ଦ୍ର ଉପରକୁ ବଲ୍ ଫିଙ୍ଗିଛି।

କୋଟିଆ ଗସ୍ତରୁ ଫେରିବା ପରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ମିଳିତ ଭାବେ ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେମାନେ କହିଛନ୍ତି, କୋଟିଆ ଗ୍ରାମପୁଞ୍ଜର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଚିନ୍ତା ନାହିଁ। ଓଡ଼ିଶାବାସୀଙ୍କ ସ୍ୱାର୍ଥରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଥିବା କଥାକୁ ସମର୍ଥନ ପରିବର୍ତ୍ତେ ବିଜେଡି ନେତା ଆନ୍ଧ୍ର ସରକାରଙ୍କ ଭାଷା କହୁଛନ୍ତି, ଯାହା ଦୁର୍ଭାଗ୍ୟଜନକ ଏବଂ ଓଡ଼ିଶା ବିରୋଧୀ ମାନସିକତାର ପ୍ରତିଫଳନ। କୋଟିଆରେ ସରକାରଙ୍କ କିଛି ଯୋଜନା ପହଞ୍ଚିନାହିଁ। ଭୁବନେଶ୍ୱରରେ ବସି ନେତା ଓ ବାବୁମାନେ କୋଟିଆରେ ରାସ୍ତାଘାଟ ଠିକ୍ ଅଛି ଏବଂ ନିର୍ମାଣ କାର୍ଯ୍ୟରେ ୧୫୦ କୋଟି ଟଙ୍କା ବିନିଯୋଗ ହୋଇଛି କହିବା ହାସ୍ୟାସ୍ପଦ। ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ କୋଟିଆବାସୀଙ୍କୁ କଷ୍ଟ ଦେଉଛି। ଧର୍ମେନ୍ଦ୍ର କୋଟିଆ ମାଟିରୁ ଦଳମତ ନିର୍ବିଶେଷରେ ଆନ୍ଧ୍ରର ଅନୁପ୍ରବେଶ ବିରୋଧରେ ଏକଜୁଟ୍ ହେବାକୁ ଯେଉଁ ଆହ୍ୱାନ ଦେଇଥିଲେ ତାହାକୁ ବିଜେଡି ସ୍ୱାଗତ କରିବା ବଦଳରେ ବିରୋଧ କରିବା ରାଜନୈତିକ ଅସହିଷ୍ଣୁତାର ପରିଚୟ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ୨୦୧୮ ଏପ୍ରିଲ ୯ରେ କୋଟିଆ ଗସ୍ତ ସମୟରେ ଲୋକମାନଙ୍କର ସମସ୍ୟା ଶୁଣିବା ପରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଚିଠି ଦେବା ସହ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରି କୋଟିଆ ସମସ୍ୟା ଉପରେ ଆଲୋଚନା କରିଥିଲେ। ୨୦୨୦ ଓ ୨୦୨୧ରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏହି ପ୍ରସଙ୍ଗରେ ହସ୍ତକ୍ଷେପ ଲୋଡ଼ିଥିଲେ। ପରବର୍ତ୍ତୀ ସମୟରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ୨୨ ସେପ୍ଟେମ୍ବର ୨୦୨୧ରେ ମଧ୍ୟ କୋଟିଆ ଗ୍ରାମପୁଞ୍ଜ ବିବାଦର ସମାଧାନ ପାଇଁ ଚିଠି ମାଧ୍ୟମରେ ୪ଟି ପ୍ରସ୍ତାବ ଦେଇଥିଲେ। ୩୧ ଅକ୍ଟୋବର ୨୦୨୨ରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବାର ପତ୍ର ମାଧ୍ୟମରେ ସୀମା ବିବାଦର ସମାଧାନ ପାଇଁ ଗଠିତ ଆନ୍ତଃ ରାଜ୍ୟ କମିଟିର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିବା ପାଇଁ ଅନୁରୋଧ କରିଥିଲେ। ୨୦୨୧ ନଭେମ୍ବର ୮ରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍ ହୋଇଥିଲା। ଏକ ଯୁଗ୍ମ ଉଚ୍ଚସ୍ତରୀୟ କମିଟି କୋଟିଆ ପଞ୍ଚାୟତରେ ଥିବା ୨୧ଟି ଗ୍ରାମପୁଞ୍ଜର ବିବାଦକୁ ସମାଧାନ କରିବ ବୋଲି ମତପ୍ରକାଶ କରିଥିଲେ। ଏହି ସାକ୍ଷାତ୍‌ର ପାଖାପାଖି ଦେଢ଼ବର୍ଷ ପରେ ବିବାଦ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଆନ୍ଧ୍ର ଓଡ଼ିଶା ସୀମାନ୍ତକୁ ଅନୁପ୍ରବେଶ କରିବା ଏକ ସଙ୍ଗିନ ପ୍ରସଙ୍ଗ ବୋଲି ବିଧାୟକମାନେ କହିଛନ୍ତି।

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, କୋଟିଆ ଆଜିର ଇସ୍ୟୁ ନୁହେଁ। କୋଟିଆ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଯଦି କୋଟିଆ ଯାଇଛନ୍ତି ତେବେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ଏହାର ସମାଧାନ କରାନ୍ତୁ। ଯେଉଁ ରାସ୍ତାରେ କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ି ଯାଉଛି ସେହି ରାସ୍ତା ମୁଖ୍ୟମନ୍ତ୍ରୀଙ୍କ କୋଟିଆ ପ୍ୟାକେଜରେ ନିର୍ମାଣ କରାଯାଇଛି ବୋଲି ପ୍ରମିଳା କହିଛନ୍ତି।

# ୩ ବିଧାୟକଙ୍କ ପୁତ୍ରଙ୍କୁ ନେଇ ଚର୍ଚ୍ଚା

**ବ୍ରହ୍ମପୁର ଅଫିସ,୩।୪**

**ଗଞ୍ଜାମ ଜିଲ୍ଲା ବିଜେଡି ରାଜନୀତି**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠୁ ଶାସକ ଓ ବିରୋଧୀ ଦଳ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଚାଲିଛି। ଦଳର ପ୍ରତିଷ୍ଠା ଦିବସ ଏବଂ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଦିବସରେ ବିଜେଡି ପକ୍ଷରୁ ଗଞ୍ଜାମ ଜିଲାର ୧୩ ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟ ରାଜନୀତି ଆରମ୍ଭ ହୋଇଛି। ମୁଖ୍ୟ ବିରୋଧୀ ଦଳ ଭାଜପାର ମଣ୍ଡଳ ଓ ବୁଥ୍‌ସ୍ତରୀୟ ସଶକ୍ତୀକରଣ ଅଭିଯାନକୁ ଜୋରଦାର କରାଯାଇଛି। ତେବେ ସର୍ବପୁରାତନ ଦଳ କଂଗ୍ରେସ ପଛରେ ପଡ଼ିଛି। ଅପରପକ୍ଷରେ ବିଜେଡିର କେତେକ ଜନପ୍ରତିନିଧି ଆଗାମୀ ନିର୍ବାଚନ ମଇଦାନକୁ ନ ଓହ୍ଲାଇ ସେମାନେ ପୁଅଙ୍କୁ ରାଜନୀତି ପାଇଁ ବାଟ ଛାଡ଼ିଦେବାର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ୧୯୯୦ରୁ ୨୦୧୯ ମଧ୍ୟରେ ହୋଇଥିବା ୭ ନିର୍ବାଚନରେ ୨ ଥର ଜନତା ଦଳରୁ ଏବଂ ୫ ଥର ବିଜେଡିରୁ ବିଧାନସଭାକୁ ଲଗାତର ନିର୍ବାଚିତ ହୋଇଥିଲେ। ଏକାଧିକ ଥର ମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ଶେଷରେ ସାମ୍ବିଧାନିକ ପଦ ବାଚସ୍ପତି ହୋଇଥିଲେ। ଅସୁସ୍ଥତା ଯୋଗୁ ଗତ ବର୍ଷ ଜୁଲାଇରେ ଇସ୍ତଫା ଦେଇଥିଲେ। ସେ ଦୀର୍ଘଦିନରୁ ନିର୍ବାଚନମଣ୍ଡଳୀକୁ ଆସୁନାହାନ୍ତି। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ପୁତ୍ର ବିପ୍ଳବ ପାତ୍ର ବିଧାନସଭା କ୍ଷେତ୍ରରେ ବୁଲୁଛନ୍ତି। ତେଣୁ ସୂର୍ଯ୍ୟଙ୍କ ପୁତ୍ର ଉତ୍ତରାଧିକାରୀ ହେବାର ଅନୁଗତ କର୍ମୀ ଚର୍ଚ୍ଚା କରୁଛନ୍ତି।

ଦିଗପହଣ୍ଡି ବିଜେଡି ରାଜନୀତି କ୍ରମଶଃ ରୋଚକ ହେବାରେ ଲାଗିଛି। ବିପ୍ଳବଙ୍କୁ ଚ୍ୟାଲେଞ୍ଜ କରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ପ୍ରଧାନ ମଧ୍ୟ ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ କର୍ମୀଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଉଭୟ ବିପ୍ଳବ ଓ ବିପିନ ଆଗାମୀ ନିର୍ବାଚନରେ ବିଜେଡି ଟିକେଟ ପାଇବା ନିମନ୍ତେ କସରତ ଚଳାଇଛନ୍ତି। ବ୍ରହ୍ମପୁରର ଜଣେ ବରିଷ୍ଠ ନେତା ମଧ୍ୟ ଦିଗପହଣ୍ଡି କ୍ଷେତ୍ର ପାଇଁ ସଜବାଜ ହେଉଛନ୍ତି। ସେ ନିର୍ବାଚନମଣ୍ଡଳୀର ପ୍ରମୁଖ କର୍ମୀଙ୍କ ସହ ଯୋଗସୂତ୍ର ସ୍ଥାପନ ସହ ବେଳେବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି।

ସେହିପରି ଚିକିଟି ବିଧାନସଭା ଆସନରୁ ୧୯୯୦ ନିର୍ବାଚନରେ ଥରେ ଜନତା ଦଳରୁ ଏବଂ ୨୦୦୦ରୁ ୨୦୧୯ ମଧ୍ୟରେ ଲଗାତର ୫ ଥର ବିଜେଡିରୁ ବିଧାୟିକା ହୋଇଥିବା ଉଷା ଦେବୀ ଏବେ ନଗର ଉନ୍ନୟନ ମନ୍ତ୍ରୀ ଅଛନ୍ତି। ପୂର୍ବରୁ ମଧ୍ୟ ସେ ଦୁଇଥର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ଉଷା ଦେବୀ ମଧ୍ୟ ଆଗାମୀ ନିର୍ବାଚନ ନ ଲଢ଼ିବା ସମ୍ପର୍କରେ ଅନେକେ ଚର୍ଚ୍ଚା ହେଉଛି। ତାଙ୍କ ପୁତ୍ର ଚିନ୍ମୟାନନ୍ଦ ସ୍ୱରୂପ ଦେବ ଦୀର୍ଘଦିନରୁ ରାଜନୀତି କରୁଛନ୍ତି। ସ୍ୱରୂପ ମୁଖ୍ୟତଃ ପାତ୍ରପୁର ବ୍ଲକରେ ଅଧିକ ସମୟ ଦେଉଛନ୍ତି। ସେହି ବ୍ଲକ ଭାଜପା ଦଖଲକୁ ଯାଇଥିବାରୁ ଏହାକୁ ହାତେଇବାକୁ ପ୍ରୟାସ କରୁଛନ୍ତି। ଉଷା ପୁତ୍ରଙ୍କୁ ପ୍ରୋଜେକ୍ଟ କରୁଥିବା ଚର୍ଚ୍ଚା ହେଉଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ପୁତ୍ର ନଚିକେତା ସ୍ୱାଇଁ ମଧ୍ୟ ଆଗାମୀ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ରାଜନୀତି ମହଲରେ ମତ ପ୍ରକାଶ ପାଇଛି। ସେ ଏବେ ଯୁବ ବିଜେଡି ସଙ୍ଗଠନରେ ସକ୍ରିୟ ଅଛନ୍ତି ଏବଂ ଜୋନ୍ ସଭାପତି ଦାୟିତ୍ୱ ତୁଲାଉଛନ୍ତି। ଉପରୋକ୍ତ ୩ ନିର୍ବାଚନମଣ୍ଡଳୀରେ ବିଧାୟିକା ଓ ବିଧାୟକଙ୍କ ପୁତ୍ରମାନେ ରାଜନୀତିରେ ଅଧିକ ସକ୍ରିୟ ହୋଇଛନ୍ତି। ତେବେ ବିଜେଡି ମୁଖିଆ କ'ଣ ନିଷ୍ପତ୍ତି ନେବେ ସେନେଇ ଦଳର କର୍ମୀ ଅପେକ୍ଷା କରିଛନ୍ତି।

**ରାଜ୍ୟ ଖବର**

## ସୀମାନ୍ତରେ ୧୯ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୩।୪(ଡି.ଏନ୍.ଏ.):** ମାଓବାଦୀଙ୍କ ଗଡ଼ ରୂପେ ପରିଚିତ ଛତିଶଗଡରେ ମାଓବାଦୀଙ୍କୁ ଶକ୍ତ ଝଟକା ଲାଗିଛି। ସୋମବାର ସିଆରପିଏଫ୍‌ର ଦାନ୍ତେୱାଡା ଡେପୁଟି ରେଞ୍ଜର କମଲାଲୋଚନ କଶ୍ୟପ ଓ ପୋଲିସ୍ ସୁପରିଟେଣ୍ଡେଣ୍ଟ ଅଞ୍ଜାନେୟ୍ ଭର୍ସନିଙ୍କ ନିକଟରେ ୧୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୪ ଜଣ ମହିଳା ମାଓବାଦୀ ରହିଛନ୍ତି। ଫଳରେ ମାଓବାଦୀଙ୍କୁ ଶକ୍ତ ଝଟକା ଲାଗିଥିବା କୁହାଯାଉଛି। ଏହି ମାଓବାଦୀମାନଙ୍କୁ ୧୦ହଜାର ଲେଖାଏ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏମାନେ ଅନେକ ବଡ଼ ବଡ଼ ହିଂସାକାଣ୍ଡରେ ଜଡିତ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଛତିଶଗଡ଼ର ବିଜାପୁର ଜିଲା ସିଲଗର ଜଙ୍ଗଲରେ ପୋଲିସ କୋମ୍ବିଂ ଅପରେଶନ କରୁଥିବା ବେଳେ ଏକ ଆଇଇଡି ବୋମା ଜବତ କରିଛି। ପୋଲିସକୁ ଟାର୍ଗେଟ୍ କରି ମାଓବାଦୀମାନେ ଜଙ୍ଗଲରେ ଏହି ବୋମା ଲୁଚାଇ ରଖିଥିଲେ। ପରେ ଏହାକୁ ଯବାନମାନେ ନିଷ୍କ୍ରିୟ କରି ଦେଇଛନ୍ତି।

# ଦଣ୍ଡନାଚ ରେକର୍ଡ ଡାନ୍ସବେଳେ ଗୋଷ୍ଠୀସଂଘର୍ଷ: ୧୦ ଆହତ

- ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ବଢୁଛି
- ପୋଲିସର ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି

**ଭଞ୍ଜନଗର,୩।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ନୂଆଁ ମହୁଲିଆରେ ରବିବାର ବିଳମ୍ବିତ ରାତିରେ ଦଣ୍ଡନାଚରେ ରେକର୍ଡ ଡାନ୍ସ ଚାଲିଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଗୋଲାପଡ଼ାର ପିକୁନ ପଣ୍ଡା। ତାଙ୍କୁ ଭଞ୍ଜନଗର ମେଡିକାଲ ପରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି।

ପ୍ରକାଶ ଯେ, ରାତିରେ ଘୁ .ନୂଆଗାଁର ଦଣ୍ଡନାଚ ଗୋଲାପଡ଼ା ପଞ୍ଚାୟତର ନୂଆଁ ମହୁଲିଆଠାରେ ହେଉଥିଲା। ଦଣ୍ଡନାଚରେ ରେକର୍ଡ ଡାନ୍ସ ଚାଲିଥିଲା। ଏହି ସମୟରେ କୌଣସି କାରଣକୁ ନେଇ ଦୁଇଗୋଷ୍ଠୀ ମଞ୍ଚ ଉପରେ ଠେଙ୍ଗାରେ ପିଟାପିଟି ହୋଇଥିଲେ। ଗୋଷ୍ଠୀ ସଂଘର୍ଷରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଶତାଧିକ ଲୋକ ଭୟଭୀତ ହୋଇପଡ଼ିଥିଲେ। ସୋମବାର ଗଣ୍ଡଗୋଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଭଞ୍ଜନଗର ଥାନା ଅଧିକାରୀ ଧୀରେଶ ଦାସଙ୍କ ମତାମତ ନେବା ପାଇଁ ଉଦ୍ୟମ କରାଯାଇଥିଲା, କିନ୍ତୁ ସେ ଫୋନ ନ ଉଠାଇବାରୁ ମତାମତ ନିଆଯାଇପାରିନାହିଁ।

ଏହାପୂର୍ବରୁ ଭଞ୍ଜନଗର ଥାନା ଦୁରୁମୁରେ ଗତ ୩୦ ତାରିଖରେ ଏକ ଦଣ୍ଡନାଚରେ ରେକର୍ଡ ଡାନ୍ସ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଥାନାରେ ସେ ସମୟରେ କୌଣସି ଅଭିଯୋଗ ହୋଇ ନ ଥିଲା। ଅପରପକ୍ଷେ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ନ ହେବାପାଇଁ ଆମ ପୋଲିସ ସମିତି ପକ୍ଷରୁ ଦଣ୍ଡନାଚ କମିଟି କର୍ମକର୍ତ୍ତାମାନଙ୍କୁ ଡାକି ସଚେତନତା କରାଯାଇଥିଲା। କିନ୍ତୁ ଅଧିକାଂଶ କମିଟି ପୋଲିସର ନିର୍ଦ୍ଦେଶକୁ ନ ମାନିବାରୁ ରେକର୍ଡ ଡାନ୍ସରେ ଅଶ୍ଳୀଳ ନୃତ୍ୟ ପରିବେଷଣ ହେଉଛି। ଯୁବଗୋଷ୍ଠୀ ଉକ୍ତ ନୃତ୍ୟକୁ ଦେଖିବା ପାଇଁ ପେଲାଠେଲା ହେବାରୁ ତାହା ସଂଘର୍ଷର ରୂପ ନେଉଛି।



ଦୁଇଗୋଷ୍ଠୀ ମଧ୍ୟରେ ଷ୍ଟେଜ୍‌ରେ ସଂଘର୍ଷ ଚାଲିଛି।

# ପରିଧାନ ସମ୍ପର୍କରେ ଜାଣିନି ପୌରପାଳିକା

**ନବକୃଷ୍ଣ ଚୌଧୁରୀଙ୍କ ଶାର୍ଟ, ପ୍ୟାଣ୍ଟ, ବୁଟ୍ ପିନ୍ଧା ପ୍ରତିମୂର୍ତ୍ତି ନିର୍ମାଣ ଘଟଣା**

**ଅନୁଗୋଳ ଅଫିସ, ୩।୪**

ଅନୁଗୋଳ କୋର୍ଟ ସମ୍ମୁଖ ଗୋପବନ୍ଧୁ ଉଦ୍ୟାନରେ ବିଶିଷ୍ଟ ଗାନ୍ଧିବାଦୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶାର୍ଟ, ପ୍ୟାଣ୍ଟ ଓ ବୁଟ୍ ପିନ୍ଧା ନବନିର୍ମିତ ପ୍ରତିମୂର୍ତ୍ତି ତ୍ରୁଟିପୂର୍ଣ୍ଣ ବୋଲି ଅନୁଗୋଳ ପୌର କର୍ତ୍ତୃପକ୍ଷ ସୋମବାର ସ୍ୱୀକାର କରିଛନ୍ତି। ଏପରି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରିବା ସହ ତ୍ରୁଟିରେ ସୁଧାର ଅଣାଯିବ ବୋଲି ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ସ୍ପଷ୍ଟୀକରଣରେ ପ୍ରକାଶ କରିଛନ୍ତି। ତେବେ ବରପୁତ୍ରମାନଙ୍କ ସଂଗ୍ରହ କରାଯାଇଥିବା ଆବକ୍ଷ ପ୍ରତିଛବିରେ ସେମାନଙ୍କ ସମ୍ପୂର୍ଣ୍ଣ ପୋଷାକ ସମ୍ପର୍କରେ ସୂଚନା ନ ଥିବା ବିଷୟ ସ୍ପଷ୍ଟୀକରଣରେ ଉଲ୍ଲେଖ କରାଯିବା ଉକ୍ତ ବିବାଦକୁ ଅଧିକ ତେଜାଇଛି। ବରପୁତ୍ରମାନଙ୍କ ପୋଷାକ ସମ୍ପର୍କରେ ପୌରପାଳିକା ଅଜ୍ଞ ବୋଲି କୁହାଯିବାକୁ ନେଇ ଜିଲାର ବୁଦ୍ଧିଜୀବୀ ଚକିତ ହୋଇଥିବା ବେଳେ ଏପରି ସ୍ପଷ୍ଟୀକରଣକୁ ସାଧାରଣରେ ନାପସନ୍ଦ କରାଯାଇଛି।

ପ୍ରକାଶ ଯେ, ଓଡ଼ିଶା ଦିବସ ଓ ଅନୁଗୋଳ ଜିଲା ପ୍ରତିଷ୍ଠାର ୩୦ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବାକୁ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନେକ ଯୋଜନା ହୋଇଥିଲା। ସେଥିମଧ୍ୟରୁ ସହରରେ ଥିବା ଗୋପବନ୍ଧୁ ପାର୍କରେ ୧୧ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। କିନ୍ତୁ ଧୋତି ଓ କୁର୍ତ୍ତା ପରିବର୍ତ୍ତେ ଶାର୍ଟ, ପ୍ୟାଣ୍ଟ, ବୁଟ୍ ପିନ୍ଧା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ନବକୃଷ୍ଣଙ୍କ ଝିଅ ଗାନ୍ଧିବାଦୀ ତଥା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ସହ ଜିଲାର ଅନେକ ବୁଦ୍ଧିଜୀବୀ, ସଚେତନ ନାଗରିକ ପୌରପାଳିକାର ଏପରି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ସାଧାରଣରେ କଡ଼ା ସମାଲୋଚିତ ପୌର କର୍ତ୍ତୃପକ୍ଷ ଏହା ଉପରେ ତୁରନ୍ତ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଏକ ମହତ ଉଦ୍ଦେଶ୍ୟ ରଖି ଜିଲାର ବରପୁତ୍ରମାନଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଗୋପବନ୍ଧୁ ଉଦ୍ୟାନରେ ସ୍ଥାପନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ବରପୁତ୍ରମାନଙ୍କ ଆବକ୍ଷ ପ୍ରତିଛବି ସଂଗ୍ରହ କରାଯାଇଥିଲା, ଯେଉଁଥିରେ ସେମାନଙ୍କ ସମ୍ପୂର୍ଣ୍ଣ ପରିଧାନର ସୂଚନା ନ ଥିଲା। ଜିଲାର ଅନେକ ବୁଦ୍ଧିଜୀବୀଙ୍କ ପରାମର୍ଶ ନିଆଯାଇଥିଲେ ମଧ୍ୟ ଏ ବିଷୟରେ ସ୍ପଷ୍ଟ ସୂଚନା ମିଳିପାରି ନ ଥିଲା। ଫଳରେ କେତେଜଣ ବରପୁତ୍ରଙ୍କ ପରିଧାନ ଧୋତି, କୁର୍ତ୍ତା ବଦଳରେ ଭୁଲବଶତଃ ପ୍ୟାଣ୍ଟ ଓ କୋଟ୍ କରାଯାଇଥିଲା। ପରେ ଏ ବିଷୟରେ ସୂଚନା ମିଳିବାରୁ ପୌର ପରିଷଦ ତରଫରୁ ତ୍ରୁଟି ସଂଶୋଧନ କରାଯିବା କାର୍ଯ୍ୟ ଆରମ୍ଭ ହୋଇଛି।

ଏ ସମ୍ପର୍କରେ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି କହିଛନ୍ତି, ଓଡ଼ିଶା ଦିବସ ପୂର୍ବଦିନ ବାପିଙ୍କୁ କୋଟ୍ ଓ ବୁଟ୍ ପିନ୍ଧାଯାଇଥିବା ଫଟୋ ଦେଖିବା ପରେ ଚକିତ ହୋଇଯାଇଥିଲି। ପୌରପରିଷଦ ବରପୁତ୍ରଙ୍କୁ ଏପରି ଅବମାନନା କରିବା ଅପେକ୍ଷା ପ୍ରତିମୂର୍ତ୍ତି ପ୍ରତିଷ୍ଠା ନ କରିଥିଲେ ଭଲ ହୋଇଥାନ୍ତା। ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ କହିଛନ୍ତି, ଜଣେ ମହାନ୍ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତିକୁ ପ୍ରଶାସନ ବିକୃତ ରୂପ ଦେବା ଦୁର୍ଭାଗ୍ୟର କଥା। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ଶାଖା ସଭାପତି ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ କହିଛନ୍ତି, ପୌରପରିଷଦ ତୁରନ୍ତ ତ୍ରୁଟି ସଂଶୋଧନ କରି ସ୍ୱାଧୀନତା ସଂଗ୍ରାମୀଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରୁ। ଅନୁଗୋଳ ପୌର ପରିଷଦ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ନିର୍ମାଣ ହୋଇଥିବା ୧୧ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରାଯାଇନାହିଁ। ତ୍ରୁଟି ଜଣାପଡ଼ିଥିବାରୁ ୭ ଦିନ ମଧ୍ୟରେ ସଂଶୋଧନ କରାଯିବ।




ନବକୃଷ୍ଣ ଚୌଧୁରୀଙ୍କ ଶାର୍ଟ, ପ୍ୟାଣ୍ଟ, ବୁଟ୍ ପିନ୍ଧା ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ମାଥିଲି,୩।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ ଜଣେ ମହିଳାଙ୍କୁ ପଥରରେ ଛେଚି ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମାଥିଲି ବ୍ଲକ ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତ ତେଲକବେଟା ଗାଁର ନରସିଂହ ପୂଜାରୀ।

ପ୍ରକାଶ ଯେ,୨୦୧୭ ଜୁନ ୨୧ ତାରିଖରେ ତେଲକବେଟା ଗାଁର ନରସିଂହ ଓ ତାଙ୍କ ସ୍ତ୍ରୀ କୁସୁମା ପୂଜାରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହିଦିନ ରାତି ପ୍ରାୟ ୯ଟାରେ କୁସୁମାଙ୍କ ଭାଇ ମାଥିଲି ଥାନା ଅନ୍ତର୍ଗତ ସାରଦାପୁଟ ଗ୍ରାମର ଗଙ୍ଗାଧର ପୂଜାରୀଙ୍କ ନିକଟକୁ ଭଉଣୀଙ୍କୁ ମାରି ଦିଆଯାଇଥିବା ସମ୍ପର୍କରେ ଖବର ଆସିଥିଲା। ତେଲକବେଟା ଓ ପ୍ରଧାନୀଗୁଡା ଜଙ୍ଗଲ ମଧ୍ୟରେ କୁସୁମାଙ୍କ ମୁଣ୍ଡରେ ପଥର ଛେଚି ତାଙ୍କ ସ୍ୱାମୀ ହତ୍ୟା କରିଥିବା ନେଇ ତେଲକବେଟା ଗାଁର ୨ଜଣଙ୍କ ଠାରୁ ଶୁଣି ଗଙ୍ଗାଧର ପରଦିନ ଘଟଣାସ୍ଥଳକୁ ଯିବାରେ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ସେ ମାଥିଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ନରସିଂହଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେବେଠୁ ଏହି ମାମଲା ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାରଧୀନ ଥିଲା। ୨୮ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ କୋର୍ଟରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମହେନ୍ଦ୍ର କୁମାର ନାଗ ପରିଚାଳନା କରୁଥିଲେ।

# ନଦୀରେ ଗର୍ଭବତୀଙ୍କୁ ବୋହିଲେ ମହିଳା

**ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ**

**ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.)/ ଟିକିରି(ଡି.ଏନ୍.ଏ.)୩।୪**

ରାୟଗଡା ଜିଲାରେ ଜନନୀ ଯନ୍ତ୍ରଣା ଥମୁନାହିଁ। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସି ପାରିଲାନି। ତେଣୁ ଜଣେ ଗର୍ଭବତୀଙ୍କୁ ମହିଳାମାନେ ନଦୀରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଛନ୍ତି। ସୋମବାର କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

କାହ୍ନୁଗୁଡାର ସୁରନ୍ଦର ମାଝୀଙ୍କ ସ୍ତ୍ରୀ ଆରତିଙ୍କ ପ୍ରସବ ବେଦନା ହୋଇଥିଲା। ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପରିବାର ଲୋକେ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ପକ୍କା ରାସ୍ତା ନ ଥିବାରୁ କାହ୍ନୁଗୁଡ଼ାରେ ପହଞ୍ଚି ପାରି ନ ଥିଲା। ତେଣୁ ବାଧ୍ୟ ହୋଇ ପରିବାର ଲୋକଙ୍କ ସହାୟତାରେ ଗ୍ରାମର ୩ ଜଣ ମହିଳା ଆରତିଙ୍କୁ ହାତରେ ବୋହି ନଦୀ ପାର କରାଇ ଆରପଟେ ଥିବା ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ସେଠାରୁ ତୁରନ୍ତ ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଆରତିଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।



ମହିଳାମାନେ ଗର୍ଭବତୀଙ୍କୁ ବୋହି ନେଇ ନଦୀ ପାର୍ କରୁଛନ୍ତି।

**କଂଗ୍ରେସ, ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟ ସଦସ୍ୟତା ରଦ୍ଦକୁ ବିରୋଧ କରି ସୋମବାର ତାମିଲନାଡୁର ନାଗେରକୋଏଲସ୍ଥିତ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଯୁବଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ବିକ୍ଷୋଭକୁ ନେଇ ଦୁଇ ଦଳର କର୍ମୀଙ୍କ ମଧ୍ୟରେ କଥା କଟାକଟିକୁ ନେଇ ଦୁଇ ଗୋଷ୍ଠୀ ପରସ୍ପରକୁ ଠେକା ପିଙ୍ଗିଥିଲେ।



## ସଂକ୍ଷେପରେ

### ଆଜି ନାଟୋରେ ସାମିଲ ହେବ ଫିନ୍‌ଲାଣ୍ଡ

ବ୍ରସେଲ୍ସ, ୩।୪: ସାମରିକ ମେଣ୍ଟ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ର ୩୧ତମ ସଦସ୍ୟ ଭାବେ ଫିନ୍‌ଲାଣ୍ଡ ମଙ୍ଗଳବାର ସାମିଲ ହେବାକୁ ଯାଉଛି। ଏନେଇ ନାଟୋ ମହାସଚିବ ଜେନ୍ସ ଷ୍ଟୋଲଟେନ୍‌ବର୍ଗ ସୂଚନା ଦେଇଛନ୍ତି। ଶେଷ ରାଷ୍ଟ୍ର ଭାବେ ତୁର୍କୀ ଫିନ୍‌ଲାଣ୍ଡର ସଦସ୍ୟତାକୁ ମଞ୍ଜୁରୀ ଦେଇଛି। ମଙ୍ଗଳବାର ବ୍ରସେଲ୍ସରେ ନାଟୋ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଆମେରିକା ପରରାଷ୍ଟ୍ର ସଚିବ ଅଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଏହି ଅନୁଷ୍ଠାନିକ ରିପୋର୍ଟ ପ୍ରଦାନ କରାଯିବ।

### ଶିଖ୍ ଭାଜପା ନେତାଙ୍କୁ ଅମ୍ରିତ୍‌ପାଲଙ୍କ ହତ୍ୟା ଧମକ

ନୂଆଦିଲ୍ଲୀ, ୩।୪: ଦିଲ୍ଲୀର ଶିଖ୍ ଭାଜପା ନେତା ଇମ୍ପ୍ରିତ୍ ସିଂ ବାକ୍ସିଙ୍କୁ ଖଲିସ୍ତାନୀଙ୍କଠାରୁ ହତ୍ୟା ଧମକ ମିଳିଥିବା ସୋମବାର ସେ ଅଭିଯୋଗ କରିଛନ୍ତି। କେହି ଜଣେ ନିଜକୁ ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂ ବୋଲି ଦାବିକରି ଏଭଳି ଧମକ ଦେଇଛନ୍ତି। ଖଲିସ୍ତାନ ବିରୋଧୀ କାର୍ଯ୍ୟରୁ ଦୂରେଇ ନ ରହିଲେ ହତ୍ୟା କରିବାକୁ ଧମକ ଦିଆଯାଇଛି। ବାକ୍ସି ଲଜପତ ନଗର ଥାନାରେ ଏତଲା ଦାଏର କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ପରେ ଖଣ୍ଡ ଖଣ୍ଡ କଲେ ଯୁବକ

ଉଦୟପୁର, ୩।୪: ୮ ବର୍ଷର ବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର ପରେ ଶରୀରକୁ ଖଣ୍ଡ ଖଣ୍ଡ କରିବା ଅଭିଯୋଗରେ ପୋଲିସ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ରାଜସ୍ଥାନର ଉଦୟପୁର ଜିଲା ମାଭ୍‌ଲି ଥାନା ଅଞ୍ଚଳରେ ଏହି ବର୍ବର କାଣ୍ଡ ଘଟିଛି। ମାର୍ଚ୍ଚ ୨୯ରେ ନାବାଳିକା ନିଖୋଜ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୁକ୍ତ କମଲେଶ ରାଜପୁତଙ୍କ ଘର ନିକଟରେ ରକ୍ତ ଦାଗ ଦେଖି ଖୋଜାଖୋଜି ପରେ ମୃତଦେହର କଟା ଅଂଶ ମିଳିଥିଲା। କମଲେଶ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଛି। ପରେ ସେ ନାବାଳିକାଙ୍କୁ ଏକାଧିକ ଖଣ୍ଡ କରି ଅଖାରେ ରଖି ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲା।

# ଷ୍ଟାଲିନ୍‌ଙ୍କ ସାମାଜିକ ନ୍ୟାୟ ସମ୍ମିଳନୀରେ ବିରୋଧୀ ଏକାଠି

ଚେନ୍ନାଇ, ୩।୪


ଏମ୍.କେ. ଷ୍ଟାଲିନ

ଆସନ୍ତାବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ଅଣ୍ଟା ଭିଡ଼ିଛନ୍ତି। ସୋମବାର ସେ ଡାକିଥିବା ସାମାଜିକ ନ୍ୟାୟ ବୈଠକରେ ଅଧିକାଂଶ ବିରୋଧୀ ଦଳ ନେତା ଏକାଠି ହୋଇଥିଲେ। ବୈଠକ ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ। ସାମାଜିକ ନ୍ୟାୟ ଆନ୍ଦୋଳନକୁ ଆଗେଇନେବା ଲାଗି ଏହା ଏକ ପ୍ରୟାସ ବୋଲି ଡିଏମ୍‌କେ ନେତା କହିଛନ୍ତି। ତେବେ ଏହାକୁ ଏକ ରାଜନୈତିକ ମଞ୍ଚ କହିବାରେ କୁଣ୍ଠା ନାହିଁ ବୋଲି ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ' ବ୍ରିଏନ୍ କହିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଏହି ମଞ୍ଚରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ୨/୩ଟି ଦଳ ଭାଜପା ବିରୋଧରେ ଲଢ଼ିବାକୁ ଚାହୁଁନାହାନ୍ତି। ତେବେ ଦୂରେଇ ରହିବା ସମୟ ନୁହେଁ। ବିଜେଡି ଏବଂ ୱାଇଏସ୍ଆର୍ କଂଗ୍ରେସ ପାର୍ଟିକୁ ବିରୋଧୀ ଦଳଗୁଡ଼ିକ ସହ ଏକାଠି ହେବାକୁ ପଡ଼ିବ ବୋଲି ଟିଏମ୍‌ସି ନେତା କହିଛନ୍ତି।

ସାମାଜିକ ନ୍ୟାୟ ଉପରେ ଭର୍ଚୁଆଲି ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ହେମନ୍ତ ସୋରେନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା, ଅଖିଳେଶ ଯାଦବ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଟିଏମ୍‌ସି ନେତା ଡେରେକ୍ ଓ' ବ୍ରିଏନ, ବାମଦଳ ନେତା ସୀତାରାମ ୟେଚୁରୀ ଏବଂ ଡି. ରାଜା ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି, କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି ଏବଂ ଶରଦ ପାୱାରଙ୍କ ଏନ୍‌ସିପି ମଧ୍ୟ ଏହି ମଞ୍ଚରେ ସାମିଲ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହେବା ପରେ ବିରୋଧୀଙ୍କୁ ଏକାଠି କରିବା ଲାଗି ଏହା ପ୍ରଥମ ପ୍ରୟାସ।

# ଭାରତରେ ଭୁଟାନ ରାଜା ୱାଙ୍ଗଚୁକ୍


ନୂଆଦିଲ୍ଲୀରେ ଭୁଟାନ ରାଜା ଜିଗ୍‌ମେ ଖେସର ନାମଗେଲ ୱାଙ୍ଗଚୁକ୍‌ଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସ୍ୱାଗତ କରୁଛନ୍ତି।

ନୂଆଦିଲ୍ଲୀ, ୩।୪

ଭୁଟାନ ରାଜା ଜିଗ୍‌ମେ ଖେସର ନାମଗେଲ ୱାଙ୍ଗଚୁକ୍ ୨ ଦିନିଆ ଭାରତ ଗସ୍ତରେ ଆସି ସୋମବାର ଦିଲ୍ଲୀରେ ପହଞ୍ଚିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୱାଙ୍ଗଚୁକ୍‌ଙ୍କୁ ସ୍ୱାଗତ କରିଛନ୍ତି। ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କୁ ୱାଙ୍ଗଚୁକ୍ ଭେଟିବାର କାର୍ଯ୍ୟକ୍ରମ ରହିଛି। ପ୍ରତିରକ୍ଷା ଓ ସୁରକ୍ଷା ଦୃଷ୍ଟିରୁ ଭାରତ ଓ ଭୁଟାନ ସମ୍ପର୍କ ଅତି ଗୁରୁତ୍ୱପୂର୍ଣ୍ଣ। ସେହିପରି ହାଇଡ୍ରୋପ୍ରୋଜେକ୍ଟ ସାଙ୍ଗକୁ ଭାରତ ଭୁଟାନର ମୁଖ୍ୟ ବାଣିଜ୍ୟିକ ସହଯୋଗୀ। ୨୦୧୭ରେ ଭୁଟାନ ସଂଲଗ୍ନ ଅଞ୍ଚଳ ଡୋକ୍‌ଲାମ ତ୍ରିକୋଣୀୟ କ୍ଷେତ୍ରରେ ଚାଇନା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଭାରତ ଏହାକୁ ବିରୋଧ କରିବାରୁ ଦୁଇ ଦେଶର ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା।

# ୨୦୩୦ ସୁଦ୍ଧା ଅମର ହୋଇପାରେ ମଣିଷ

ୱାଶିଂଟନ୍, ୩।୪


ରେ' କୁର୍ଜୱେଲ

ଦୁନିଆରେ ଜନ୍ମ ଓ ମୃତ୍ୟୁ ଏକମାତ୍ର ସତ ବୋଲି କୁହାଯାଏ, ଯାହାର ଜନ୍ମ ଅଛି ତାହାର ମୃତ୍ୟୁ ସୁନିଶ୍ଚିତ। ବିଜ୍ଞାନ ତଥା ଚିକିତ୍ସା କ୍ଷେତ୍ରରେ ଉନ୍ନତି ଯୋଗୁ ବର୍ତ୍ତମାନ ସମୟରେ ବହୁ ଦୁଃସାଧ୍ୟ ରୋଗକୁ ଭଲ କରାଯାଇ ପାରୁଛି। ଫଳରେ ମଣିଷ ନିଜର ମୃତ୍ୟୁ କାଳକୁ କିଛି ସମୟ ପାଇଁ ଟାଳି ଦେଉଛି। ତେବେ ମଣିଷକୁ ଅମର କରି ରଖିବାରେ ଅଦ୍ୟାବଧି କୌଣସି ବୈଜ୍ଞାନିକ ପଦ୍ଧତି ବିକାଶଲାଭ କରି ନାହିଁ। କିନ୍ତୁ ମଣିଷ ଖୁବ୍‌ଶୀଘ୍ର ଏହାକୁ ସତ ପ୍ରମାଣିତ କରିବାକୁ ଯାଉଛି। ୨୦୩୦ ବେଳକୁ ମଣିଷ ଅମର ହୋଇଯିବ ବୋଲି ଗୁଗଲ କମ୍ପାନୀର ପୂର୍ବତନ ଇଞ୍ଜିନିୟର୍ ରେ' କୁର୍ଜୱେଲ ଦାବି କରିଛନ୍ତି।

କୁର୍ଜୱେଲ୍‌ଙ୍କ ପୁସ୍ତକ 'ଦ ସିଙ୍ଗୁଲାରିଟି ଇଜ୍ ନିୟର୍' ଅନୁସାରେ ଭବିଷ୍ୟକତରେ ମଣିଷ ନିଜେ ନଜର ଭାଗ୍ୟ ନିର୍ଦ୍ଧାରଣ କରିବ। ମଣିଷ ଅମର ହେବା ଲାଗି ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ଆଗାମୀ ୭ ବର୍ଷ ମଧ୍ୟରେ ପୂରା ହେବାକୁ ଯାଉଛି। ଏହା କେବଳ ନାନୋରୋବଟ୍ସ ମାଧ୍ୟମରେ ସମ୍ଭବପର ହେବ ବୋଲି କୁର୍ଜୱେଲ୍ ତାଙ୍କ ପୁସ୍ତକ ଜରିଆରେ କହିଛନ୍ତି। ଅନ୍ୟପକ୍ଷେ ଅମରତ୍ୱ ଲାଭ କରିବା ସକାଶେ ବିଜ୍ଞାନାଗାରରେ ବୈଜ୍ଞାନିକମାନଙ୍କ ପକ୍ଷରୁ ଅନେକ ପ୍ରକାର ଗବେଷଣା କରାଯାଉଥିଲେ ହେଁ କୌଣସିଥିରେ ଅଦ୍ୟାବଧି ସଫଳତା ମିଳିପାରି ନାହିଁ।

୨୦୦୫ରେ କୁର୍ଜୱେଲଙ୍କ ପୁସ୍ତକ 'ଦ ସିଙ୍ଗୁଲାର ଇଜ୍ ନିୟର' ଉନ୍ମୋଚିତ ହୋଇଥିଲା। ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଖବର ଅନୁସାରେ କିଛିଦିନ ପୂର୍ବେ ଟେକ୍ ବ୍ଲଗର୍ ଆଡାଜିଓ ଏ ନେଇ ଏକ ଭିଡିଓ ପ୍ରସ୍ତୁତ କରିଛନ୍ତି। ଜେନେଟିକ୍ସ, ରୋବୋଟିକ୍ସ, ନାନୋ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କୁ ପ୍ରୟୋଗ କରି ମଣିଷକୁ ଅମର କରାଯିବ। ୨୦୨୯ବେଳକୁ ଉନ୍ନତମାନର ଏଆଇ ବୈଜ୍ଞାନିକମାନେ ବିକାଶ କରିବେ ବୋଲି କୁର୍ଜୱେଲ୍ ୨୦୧୭ରେ କହିଥିଲେ। 'ଦ ସିଙ୍ଗୁଲାରିଟି ଇଜ୍ ନିୟର୍' ଅନୁସାରେ ଟେକ୍ନୋଲୋଜିରେ ଦ୍ରୁତ ପରିବର୍ତ୍ତନର ପ୍ରଭାବ ମଣିଷ ଜୀବନ ଉପରେ ପଡ଼ିବ। ଏହାଦ୍ୱାରା ମଣିଷ ନିଜେ ହିଁ ନିଜର ଭାଗ୍ୟ ନିର୍ମାତା ସାଜିବ। ଫଳରେ ମଣିଷ ଯେତିକି ବର୍ଷ ଜିଇବାକୁ ଚାହିଁବ ସେତିକି ସମୟ ଜୀବିତ ରହିପାରିବ। ଏ ନେଇ କରାଯାଇଥିବା ୧୪୭ ପୂର୍ବାନୁମାନ ଭିତରୁ ୮୬% ଆଗାମୀ ଦିନରେ ସତ ହେବାକୁ ଯାଉଥିବା କୁର୍ଜୱେଲ ୨୦୧୦ରେ କହିଥିଲେ।

୭୫ ବର୍ଷୀୟ କମ୍ପ୍ୟୁଟର ସାଇଣ୍ଟିଷ୍ଟ କୁର୍ଜୱେଲ ୧୯୯୯ରେ ଟେକ୍ନୋଲୋଜି କ୍ଷେତ୍ରରେ ନ୍ୟାଶନାଲ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। କୁର୍ଜୱେଲ୍ ପ୍ରଥମ କରି ସିସିଡି ଫ୍ଲାଟ୍-ବେଡ୍ ସ୍କାନର ବିକାଶ କରିଥିଲେ। ୨୦୧୨ରେ ସେ ଗୁଗଲର ଡିରେକ୍ଟର ଅଫ୍ ଇଞ୍ଜିନିୟରିଂ ଦାୟିତ୍ୱ ଗ୍ରହଣ କରିଥିଲେ। ଆମେରିକାର ୩ ରାଷ୍ଟ୍ରପତିଙ୍କ ଦ୍ୱାରା ୧୩ ଡକ୍ଟରେଟ୍ ପୁରସ୍କାରରେ କୁର୍ଜୱେଲ୍ ସମ୍ମାନିତ ହୋଇଛନ୍ତି।

## ଗୀତ ବଜାଇବାରୁ ମହିଳାଙ୍କ ରେଡିଓ ଷ୍ଟେଶନ୍ ବନ୍ଦ

**ତାଲିବାନୀ କଟକଣା**

କାବୁଲ, ୩।୪

ଆଫଗାନିସ୍ତାନରେ ମହିଳାଙ୍କ ଦ୍ୱାରା ପରିଚାଳିତ ରେଡିଓ ଷ୍ଟେଶନ୍‌କୁ ତାଲିବାନ ଶାସକ ବନ୍ଦ କରିଦେଇଛନ୍ତି। ରମ୍‌ଜାନ୍‌ବେଳେ ଗୀତ ବଜାଇବାରୁ ରେଡିଓ ଷ୍ଟେଶନ୍ ଉପରେ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧୦ବର୍ଷ ପୂର୍ବେ ଏହି ରେଡିଓ ଷ୍ଟେଶନ୍ ଆରମ୍ଭ କରାଯାଇଥିଲା। ଷ୍ଟେଶନର ନାମ 'ସଦାଇ ବାନୋୱାନ' ଯାହାର ଅର୍ଥ ମହିଳାଙ୍କ ସ୍ୱର। ସେଠାରେ ମୋଟ ୮ ଜଣ କର୍ମଚାରୀଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣ ମହିଳା। ସରକାରଙ୍କ ନିୟମ ଉଲ୍ଲଂଘନ ଯୋଗୁ ଷ୍ଟେଶନ୍‌ଟିକୁ ବନ୍ଦ କରାଯାଇଛି। ତେବେ ରେଡିଓ ଷ୍ଟେଶନ୍ କର୍ତ୍ତୃପକ୍ଷ ନିଜ ଭୁଲ୍ ମାନି ଏଭଳି କାର୍ଯ୍ୟ ନ ଦୋହରାଇବା ଲାଗି ପ୍ରତିଶ୍ରୁତି ଦେଲେ କଟକଣା ହଟାଇଦିଆଯିବ ବୋଲି ସୂଚନା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ମୋଇଜୁଦ୍ଦିନ ଅହମଦି କହିଛନ୍ତି। ଅନ୍ୟପକ୍ଷେ ରମ୍‌ଜାନ୍ ସମୟରେ ରେଡିଓରେ କୌଣସି ଗୀତ ବଜାଯାଇ ନାହିଁ। ଷ୍ଟେଶନ୍ ବନ୍ଦ କରିବା ପାଇଁ ତାଲିବାନୀ ସରକାର ଷଡ଼ଯନ୍ତ୍ର କରିଥିବା ରେଡିଓ ଷ୍ଟେଶନ୍ ମୁଖ୍ୟ ନାଜିଆ ସୋରୋଶ ଅଭିଯୋଗ ଆଣିଛନ୍ତି।

## ୧୨୦ ଏସ୍‌ଟି ପ୍ରସ୍ତାବ ସମର୍ଥନରେ ରିପୋର୍ଟ ଆବଶ୍ୟକ: କେନ୍ଦ୍ର

ନୂଆଦିଲ୍ଲୀ, ୩।୪

ରାଜ୍ୟ ଅନୁସୂଚିତ ଜନଜାତି (ଏସ୍‌ଟି) ତାଲିକାରେ ସାମିଲ ଲାଗି ଓଡ଼ିଶା ସରକାର ଦେଇଥିବା ୧୬୯ଟି ପ୍ରସ୍ତାବକୁ ପ୍ରାରମ୍ଭିକ ଭାବେ ଅନୁଧ୍ୟାନ କରାଯାଇଛି। ୧୨୦ଟି ପ୍ରସ୍ତାବ ଉପରେ ଅଧିକ ସମର୍ଥନ ରିପୋର୍ଟ ଆବଶ୍ୟକ। ରାଜ୍ୟ ସରକାର ୧୨୦ଟି ପ୍ରସ୍ତାବ ଉପରେ ଆନୁଷଙ୍ଗିକ ତଥ୍ୟ/ସମର୍ଥନ ରିପୋର୍ଟ ଯୋଗାଇଦେବା ଆବଶ୍ୟକ ବୋଲି ବିଭାଗୀୟ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଲୋକ ସଭାରେ କହିଛନ୍ତି। ବରିଷ୍ଠ ବିଜେଡି ଏମ୍‌ପି ପିନାକୀ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଥିଲେ। ଏସ୍‌ଟି ତାଲିକାରେ ଉପରୋକ୍ତ ସମ୍ପ୍ରଦାୟଗୁଡ଼ିକୁ ସାମିଲ କରା ନ ଯିବାର କାରଣ କ'ଣ ବୋଲି ପିନାକୀ ପ୍ରଶ୍ନ କରିଥିଲେ। ରାଜ୍ୟ ଏସ୍‌ଟି ତାଲିକାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ଲାଗି ବିଜେଡି ଏମ୍‌ପିମାନେ ଦାବି ଉଠାଇଥିଲେ। ଉକ୍ତ ପ୍ରସ୍ତାବ ମଧ୍ୟରୁ କେତେକ ନୂଆ, ଆଉ କେତେକ ଉପ-ଜନଜାତି ଏବଂ ଅନ୍ୟ କେତେକରେ ଉଚ୍ଚାରଣଗତ ଭିନ୍ନତା ରହିଛି। ଏହି ସମ୍ପ୍ରଦାୟଗୁଡ଼ିକ ଅନୁସୂଚିତ ଜନଜାତିଙ୍କ ପାଇଁ ମିଳୁଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ବିଜେଡି ଏମ୍‌ପି କହିଥିଲେ।

**ଫୁରସତ୍**

# ବିଶ୍ୱର ସବୁଠୁ ସୁନ୍ଦର କୁକୁଡ଼ା

ଅମରାବତୀ

**ରାଜ୍ୟସ୍ତରୀୟ ସୁନ୍ଦର ପ୍ରତିଯୋଗିତାରେ ୪ର୍ଥ**



ସୁନ୍ଦର ପ୍ରତିଯୋଗିତା କେବଳ ମଣିଷ ଲାଗି ନୁହେଁ, ପଶୁପକ୍ଷୀମାନଙ୍କ ପାଇଁ ମଧ୍ୟ ଆୟୋଜିତ ହୋଇଥାଏ। ନିକଟରେ ଆୟୋଜିତ ରାଜ୍ୟସ୍ତରୀୟ ସୁନ୍ଦର ପ୍ରତିଯୋଗିତାରେ ଏକ କୁକୁଡ଼ା ୪ର୍ଥ ସ୍ଥାନ ହାସଲ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ମୁତାବକ, ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲାର ସୈୟଦ୍ ବାଶା ଏହି କୁକୁଡ଼ାର ମାଲିକ। ସୈୟଦ ତାଙ୍କ ବାପାଙ୍କ ସହ ମିଶି ଶୁଆଭଳି ଥଣ୍ଟ ଥିବା କୁକୁଡ଼ା ପାଳିଥିଲେ, ଯାହା ତାମିଲନାଡୁ ଏବଂ କେରଳରେ ଅଧିକାଂଶ ମିଳିଥାଏ। ଏହି ପ୍ରଜାତିର କୁକୁଡ଼ା ବହୁତ ସୁନ୍ଦର ହୋଇଥାନ୍ତି। କୌଣସି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାକୁ ହେଲେ ଏପରି କୁକୁଡ଼ାଙ୍କ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ। ସେମାନଙ୍କୁ ଜରୁରୀ ପୋଷକତତ୍ତ୍ୱ ଥିବା ଖାଦ୍ୟ ଦେବାକୁ ହୋଇଥାଏ। ପ୍ରତିଯୋଗିତାରେ କୁକୁଡ଼ାର ଆକାର, ପ୍ରକାର, ରଙ୍ଗ, ଡେଣାର ଯାଞ୍ଚ ପରେ ବିଜେତା ଘୋଷଣା କରାଯାଏ। ଗତ ୨୯ ଜାନୁୟାରୀରେ ରାଜ୍ୟର ଆନନ୍ଦପୁର ଜିଲାରେ ଆୟୋଜିତ ରାଜ୍ୟସ୍ତରୀୟ ସୁନ୍ଦର ପ୍ରତିଯୋଗିତାରେ ସୈୟଦ୍‌ଙ୍କ କୁକୁଡ଼ା ଥରକରେ ୪ର୍ଥ ସ୍ଥାନ ହାସଲ କରିଥିଲା। ତେବେ ସୈୟଦ୍ ମୋଟ ୫୦ କୁକୁଡ଼ା ପାଳୁଛନ୍ତି। ଆଗକୁ ତାମିଲନାଡୁରେ ଆୟୋଜିତ ହେବାକୁଥିବା ଏପରି ସୁନ୍ଦର ପ୍ରତିଯୋଗିତା ପାଇଁ ସେ ତାଙ୍କ କୁକୁଡ଼ାକୁ ପ୍ରସ୍ତୁତ କରୁଥିବା କହିଛନ୍ତି।

## ୭୫ ବର୍ଷ ପୁରୁଣା ବନାରସୀ ଶାଢ଼ିରେ ପ୍ରିୟଙ୍କା



ମୁମ୍ବାଇ: ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ନିକଟରେ ତାଙ୍କ ସ୍ୱାମୀ ନିକ୍ ଜୋନାସଙ୍କ ସହ 'ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର'ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଇଭେଣ୍ଟର ଦ୍ୱିତୀୟ ଦିନରେ ପ୍ରିୟଙ୍କା ଏକ ମର୍ଡନ ଟୁଇଟ୍ ସହ ଭିଣ୍ଟେଜ୍ ଶାଢ଼ି ପିନ୍ଧିଥିଲେ, ଯାହା ତାଙ୍କୁ ଏକ ଭିନ୍ନ ରୂପ ଦେଉଥିଲା। ପ୍ରିୟଙ୍କାଙ୍କ ଆଉଟଫିଟ୍‌କୁ ନେଇ ଚର୍ଚ୍ଚା ହେଉଛି। ତାଙ୍କର ଏହି ସୁନ୍ଦର ଆଉଟଫିଟ୍ ସିଲଭର ଥ୍ରେଡ୍‌ସରେ ପ୍ରସ୍ତୁତ ୭୫ ବର୍ଷ ପୁରୁଣା ବନାରସୀ ପଟୋଲା ଶାଢ଼ି ଏବଂ ଖଦି ସିଲ୍କ ଉପରେ ସୁନା ଇଲେକ୍ଟ୍ରୋପ୍ଲେଟିଂରେ ତିଆରି ହୋଇଥିଲା। ସେଥିରେ ୯ଟି ରଙ୍ଗ ପ୍ରତିଫଳିତ ହେଉଥିଲା। ଏକ ହସ୍ତତନ୍ତ ଆଉଟଫିଟ୍ ଅମ୍ବାନୀ ପରିବାର ଇଭେଣ୍ଟରେ ଡିଜାଇନର୍ ଅମିତ୍ ଅଗ୍ରୱାଲ ପ୍ରସ୍ତୁତ କରିଥିଲେ। ଏହି ଶାଢ଼ି ତିଆରି ପାଇଁ ଅମିତ୍‌ଙ୍କୁ ୬ ମାସ ସମୟ ଲାଗିଥିଲା। ବର୍ତ୍ତମାନ ପ୍ରିୟଙ୍କା ତାଙ୍କର ଏହି ଆଉଟଫିଟ୍‌ର ବିଶେଷତା ବିଷୟରେ ଫେସବୁକ୍‌ରେ ପୋଷ୍ଟ କରି ଜଣାଇଛନ୍ତି। ଏଥିସହିତ ସେ ଡିଜାଇନରଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

## ୧୦୦ ଫୁଟ୍ ଉପରେ ଟଏଲେଟ୍

ଲଣ୍ଡନ: ବର୍ତ୍ତମାନ ଲୋକେ ବହୁ ଆଡ୍‌ଭେଞ୍ଚରରେ ଯିବାକୁ ପସନ୍ଦ କରୁଛନ୍ତି। ଲଣ୍ଡନରେ ଏପରି ଏକ ଆଡ୍‌ଭେଞ୍ଚର ଦେଖିବାକୁ ମିଳୁଛି। ଲୋକମାନେ ଟଏଲେଟ୍ ଯିବା ସମୟରେ ମଧ୍ୟ ସେହି ଆଡ୍‌ଭେଞ୍ଚରର ମଜା ଉଠାଇପାରିବେ। ତେବେ ଏକ କାଠବାକ୍ସର ଟଏଲେଟ୍ ପ୍ରସ୍ତୁତ ହୋଇଛି। ତା' ମଧ୍ୟରେ ଜଣେ ବ୍ୟକ୍ତି ପଶିବା ପରେ କାଠବାକ୍ସକୁ ଏକ କ୍ରେନ୍ ସାହାଯ୍ୟରେ ମାଟିରୁ ୧୦୦ ଫୁଟ ଉପରକୁ ଉଠାଯିବ। ଏହା ଭିତରେ ଥିବା ସମୟରେ ଲଣ୍ଡନର ବାହାର ଦୁନିଆର ଦୃଶ୍ୟର ମଧ୍ୟ ଆନନ୍ଦ ନେଇହେବ। ଏହି ଆଡ୍‌ଭେଞ୍ଚରର ଆନନ୍ଦ ଉଠାଇଥିବା ଜଣେ ମହିଳା ତାଙ୍କ ଅନୁଭବ ବ୍ୟକ୍ତ କରିଛନ୍ତି। 'ଦି ଲୋ ୱିଥ୍ ଏ ଭ୍ୟୁ' ଟଏଲେଟ୍ ଭିତରକୁ ସେ ଯିବା ପରେ କ୍ରେନ୍ ସାହାଯ୍ୟରେ ସେହି ଟଏଲେଟ୍‌କୁ ୧୦୦ ଫୁଟ୍ ଉପରକୁ ଉଠାଯାଇଥିଲା। ପ୍ରଥମେ ସେହି କାଠବାକ୍ସ ହଲିବାକୁ ଲାଗିଥିଲା। ପରେ ସେ ତା' ଭିତରୁ ଲଣ୍ଡନ ଆକାଶ ଦୃଶ୍ୟର ମଜା ଉଠାଇଥିବା କହିଛନ୍ତି। ସେଥିରେ ତାଙ୍କୁ ଟିକେ ଡର ଲାଗିବା ସହ ତାହା ତାଙ୍କ ପାଇଁ ରୋମାଞ୍ଚକର ଥିବା କହିଛନ୍ତି।



## ମହଙ୍ଗା ପଡ଼ିଲା ରାସ୍ତା ମଝିରେ ଷ୍ଟଣ୍ଟ ଦେଖାଇବା

ମୁମ୍ବାଇ

ନିକଟରେ ମୁମ୍ବାଇ ସହରରେ ଏକ ବାଇକ୍ ଷ୍ଟଣ୍ଟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଷ୍ଟଣ୍ଟ ଦେଖାଉଥିବା ଯୁବକଙ୍କୁ ନିକଟରେ ପୋଲିସ ଗିରଫ କରିଥିବା ଜଣାପଡିଛି। ତାଙ୍କ ନାମ ଫୈୟାଜ୍ କାଦରୀ ବୋଲି ଜଣାପଡିଛି। ବାଇକ୍‌ରେ ଥିବା ଅନ୍ୟ ୨ ଜଣ ଝିଅଙ୍କୁ ପୋଲିସ ଖୋଜିବାରେ ଲାଗିଛି। ରିପୋର୍ଟ ମୁତାବକ, ଏହି ଘଟଣା ଶୁକ୍ରବାର ପୋଲିସ ଷ୍ଟେଶନ ଅଞ୍ଚଳରେ ହୋଇଥିବା ଜଣାପଡିଛି। ଯେଉଁଥିରେ କି ଯୁବକ ଜଣେ ଝିଅଙ୍କୁ ଆଗରେ ଏବଂ ଅନ୍ୟଜଣଙ୍କୁ ବାଇକ୍ ପଛରେ ବସାଇ ଜୋରର୍ ଗାଡ଼ି ଚଲାଇ ଷ୍ଟଣ୍ଟ ଦେଖାଉଥିଲେ। ଏହି ଭିଡିଓକୁ ଜଣେ ସାମାଜିକ କର୍ମୀ ତାଙ୍କ ଟୁଇଟରରେ ପୋଷ୍ଟ କରି ମୁମ୍ବାଇ ପୋଲିସକୁ ଟ୍ୟାଗ କରିଥିଲେ। ଯାହା ଫଳରେ ମୁମ୍ବାଇ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

## ଖେଳରେ ଖେଳରେ ୨.୪୭ ଲକ୍ଷ ଟଙ୍କାର ଖେଳନା ଅର୍ଡର



ୱାଶିଂଟନ୍

ବର୍ତ୍ତମାନ ଅନ୍‌ଲାଇନର ଯୁଗ। କୌଣସି ଜିନିଷ କିଣିବାକୁ ହେଲେ ବାହାରକୁ ନ ଯାଇ ସହଜରେ ଘରେ ବସି ଡର କରିଦେଲେ ତାହା ଘରେ ଆସି ପହଞ୍ଚିଯାଉଛି। ହେଲେ ଏହା ବେଳେବେଳେ ଘାତକ ସାବ୍ୟସ୍ତ ହେଉଛି। ନିକଟରେ ଆମେରିକାରେ ଜଣେ ୫ ବର୍ଷୀୟା ଝିଅ ଅନ୍‌ଲାଇନରୁ ଖେଳନା ଏବଂ ବୁଟ୍ ଅର୍ଡର କରିଦେଇଛନ୍ତି। ଯାହାର ମୂଲ୍ୟ ୨.୪୭ ଲକ୍ଷ ଟଙ୍କା ହେବ। ରିପୋର୍ଟ ମୁତାବକ, ମା' ଜେସିକା ନୁନେସ୍ କାର୍ ଡ୍ରାଇଭିଂ କରି ଘରକୁ ଆସୁଥିଲେ। ସେହି ସମରେ ଝିଅ ଲିଲା ବାରିସ୍କୋ ଜେସିକାଙ୍କ ଫୋନ୍‌ରେ ଖେଳୁଥିଲେ। ପରେ ଜେସିକା ଦେଖିବା ବେଳକୁ ଆମାଜନ୍‌ରୁ ୧୦ ଛୁଆଙ୍କ ଖେଳନା ବାଇକ୍, ଏକ ଜିପ୍, ୧୦ ବୁଟ୍‌ର ଅର୍ଡର ହୋଇଥିଲା। ସେ ତୁରନ୍ତ ବାଇକ୍‌ର ଅଧା ଅର୍ଡର ରଦ୍ଦ କରିଦେଇଥିଲେ। ହେଲେ ବାକି ଜିନିଷକୁ ରଦ୍ଦ କରିପାରି ନ ଥିଲେ। ଆଉ ସେ ସବୁ ଜିନିଷ ଫେରାଇବାର ମଧ୍ୟ ସୂଚନା ନ ଥିଲା। ତେବେ ଜିପ୍ ଏବଂ ବାଇକ୍‌ର ମୂଲ୍ୟ ୨ ଲକ୍ଷ ୬୧ ହଜାରରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ବୁଟ୍‌ର ମୂଲ୍ୟ ପାଖାପାଖି ୫୦ ହଜାର ଟଙ୍କା ଥିଲା। ସେ ତାଙ୍କ ଝିଅକୁ ପଚାରିବାରେ, ସେ ଏକ ବାଏ ନାଓରେ ମାରିଥିବା କହିଥିଲେ।

ଧରିତ୍ରୀ DHARITRI
Bhubaneswar,Tuesday, April 4/2023

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ଫଳରେ ସୋମବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୫ (୧୧୪.୯୨) ପଏଣ୍ଟ ବୃଦ୍ଧି ଘଟି ୫୯,୧୦୬ (୫୯,୧୦୬.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୮ (୩୮.୩୦) ପଏଣ୍ଟ ବଢ଼ି ୧୭,୩୯୮ (୧୭,୩୯୮.୦୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।



# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୬.୬୧ ଲକ୍ଷ କୋଟି

**ନୂଆଦିଲ୍ଲୀ,୩।୪**




ଚଳିତ ଆର୍ଥିକ ବର୍ଷ ( ୨୦୨୨-୨୩ ବର୍ଷ)ରେ ୧୬.୬୧ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରାଯାଇଛି , ଯାହାକି ୨୦୨୧-୨୨ ତୁଳନାରେ ପ୍ରାୟ ୧୮% (୧୭.୬୩%) ବୋଲି କୁହାଯାଉଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ବଜେଟ୍ ଆକଳନ ଠାରୁ ଅଧିକ ଅସ୍ଥାୟୀ (ପ୍ରୋଭିଜନାଲ) ପ୍ରତ୍ୟକ୍ଷ ଟିକସ ସଂଗ୍ରହ ହୋଇଛି। ବିଶେଷ କରି ୨୦୨୧-୨୨ ବର୍ଷରେ ୧୪.୧୨ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲା। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର କେନ୍ଦ୍ର ବଜେଟରେ ୧୪.୨୦ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରାଯିବା ନେଇ ଆକଳନ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେଥିରେ ସଂଶୋଧନ କରାଯାଇ ସଂଶୋଧିତ ଆକଳନ ଅନୁଯାୟୀ ୧୬.୫୦ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ଆଦାୟ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ବଜେଟ ଆକଳନଠାରୁ ୧୬.୯୭% ଅଧିକ ଏବଂ ସଂଶୋଧିତ ଆକଳନଠାରୁ ୦.୬୯ ପ୍ରତିଶତ ଅଧିକ ଅସ୍ଥାୟୀ ପ୍ରତ୍ୟକ୍ଷ ଟିକସ ସଂଗ୍ରହ (ରିଫଣ୍ଡଗୁଡ଼ିକର ଶୁଦ୍ଧ ବା ନିଟ୍ ଅଫ୍ ଦ ରିଫଣ୍ଡ) କରାଯାଇଛି। ରିଫଣ୍ଡ ପରିଶୋଧ କରିବା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସର ସକଳ ସଂଗ୍ରହ (ଅସ୍ଥାୟୀ) ପରିମାଣ ୧୯.୬୮ ଲକ୍ଷ କୋଟି ଟଙ୍କା ରହିଛି, ଯାହାକି ୨୦୨୧-୨୨ ଆର୍ଥିକ ବର୍ଷରେ ସଂଗୃହୀତ ଟିକସ ପରିମାଣ ୧୬.୩୬ ଲକ୍ଷ କୋଟି ଟଙ୍କା ଠାରୁ ୨୦.୩୩% ଅଧିକ ବୋଲି କୁହାଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସକଳ କର୍ପୋରେଟ ଟିକସ ସଂଗ୍ରହ (ଅସ୍ଥାୟୀ) ୧୦,୦୪,୧୧୮ କୋଟି ଟଙ୍କା ରହିଛି ଏବଂ ଏହା ପୂର୍ବ ଆର୍ଥିକ ବର୍ଷରେ ସଂଗୃହୀତ ସକଳ କର୍ପୋରେଟ୍ ଟିକସ ପରିମାଣ ୮,୫୮,୮୪୯ କୋଟି ଟଙ୍କା ଠାରୁ ୧୬.୯୧% ଅଧିକ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏସଟିଟି ସମେତ ସକଳ ବ୍ୟକ୍ତିଗତ ଆୟକର ଆଦାୟ (ଅସ୍ଥାୟୀ) ୯,୬୦,୭୬୪ କୋଟି ଟଙ୍କା ରହିଛି ଏବଂ ଏହା ପୂର୍ବବର୍ଷ ସଂଗୃହୀତ ବ୍ୟକ୍ତିଗତ ଆୟକର (ଏସଟିଟି ସମେତ) ପରିମାଣ ୭,୭୩,୩୮୯ ଠାରୁ ୨୪.୨୩% ଅଧିକ ରହିଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ୩,୦୭,୩୫୨ କୋଟି ଟଙ୍କାର ରିଫଣ୍ଡ ଜାରି କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଜାରି ହୋଇଥିବା ରିଫଣ୍ଡ ପରିମାଣ ୨,୨୩,୬୫୮ କୋଟି ଟଙ୍କା ଠାରୁ ୩୭.୪୨% ଅଧିକ ବୋଲି କୁହାଯାଉଛି।

## ଆଇଡିବିଆଇ ବ୍ୟାଙ୍କର 'ଇ-ବ୍ୟାଙ୍କ ଗ୍ୟାରେଣ୍ଟି'

**ନୂଆଦିଲ୍ଲୀ,୩।୪**

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ନିକଟରେ ଏକ ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କ ନ୍ୟାଶନାଲ ଇ-ଗଭର୍ନାନ୍ସ ସର୍ଭିସେସ୍ ଲିମିଟେଡ୍ (ଏନ୍‌ଇଏସ୍‌ଏଲ୍) ସହଭାଗିତାରେ 'ଇ-ବ୍ୟାଙ୍କ ଗ୍ୟାରେଣ୍ଟି' ସୁବିଧାର ଶୁଭାରମ୍ଭ କରାଯାଇଛି। ଏପରିକି ଏହା କାଗଜ-ଆଧାରିତ ବ୍ୟାଙ୍କ ଗ୍ୟାରେଣ୍ଟି ଜାରି କରିବା ପ୍ରକ୍ରିୟାକୁ ଇ-ଷ୍ଟାମ୍ପିଙ୍ଗ୍ ଓ ଇ-ସିଗ୍ନେଚର ସହିତ ସ୍ଥାନାନ୍ତର କରିଛି, ଏହା ସହିତ ବ୍ୟାଙ୍କ ତା'ର ଗ୍ରାହକଙ୍କୁ ଡିଜିଟାଲ ଓ ଉପଭୋକ୍ତା ଅନୁକୂଳ ସେବା ପ୍ରଦାନ କରିବା ପାଇଁ ଆଉ ଏକ ସଫଳତା ହାସଲ କରିଛି। ଏହି ନୂଆ ପଦକ୍ଷେପ ଅଧିକ ସ୍ୱଚ୍ଛତା ଆଣୁଛି ଏବଂ ଟର୍ନ ଆରାଉଣ୍ଡ ସମୟକୁ ମଧ୍ୟ ହ୍ରାସ କରୁଛି। ଇ-ବିଜିକୁ ଇ-ଷ୍ଟାମ୍ପିଙ୍ଗ ଓ ଇ-ସିଗେନ୍ଚର ସହ କାର୍ଯ୍ୟକାରୀ କରାଯାଇପାରିବ ଏବଂ କେବଳ କିଛି ମିନିଟ୍ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ତତ୍କାଳ ବିତରଣ କରାଯାଇପାରିବ।

## ରିଲାଏନ୍ସ ଡିଜିଟାଲରେ 'ଡିଜିଟାଲ୍ ଡିସ୍କାଉଣ୍ଟ୍ ଡେଜ୍'

**ମୁମ୍ବାଇ,୩।୪**




ରିଲାଏନ୍ସ ଗ୍ରୁପର ପ୍ରମୁଖ ବ୍ରାଣ୍ଡ୍ ରିଲାଏନ୍ସ ଡିଜିଟାଲ ପକ୍ଷରୁ 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶର ସର୍ବବୃହତ ଇଲେକ୍ଟ୍ରୋନିକ୍ସ ସେଲ୍‌ର ମଧ୍ୟ ଶୁଭାରମ୍ଭ ହୋଇଯାଇଛି। ବିଶେଷ କରି ପ୍ରତି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କ୍ରୟରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଓ ସୁବିଧା ରହିଛି। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଯେ କୌଣସି କାର୍ଡରେ କାରବାର କଲେ ଗ୍ରାହକଙ୍କୁ ଇନଷ୍ଟାଣ୍ଟ ୭.୫% ପର୍ଯ୍ୟନ୍ତ ରିହାତି ସହ ୧୦୦୦ଟଙ୍କା ମୂଲ୍ୟର ଡିସକାଉଣ୍ଟ କୁପନ ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ଦିଆଯାଉଛି। ଉଲ୍ଲେଖଯୋଗ୍ୟ ରିଲାଏନ୍ସ ଡିଜିଟାଲ କିମ୍ବା ମାଇଁ ଜିଓ ଷ୍ଟୋରରେ ଉକ୍ତ ଅଫର ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ। ଅପରପକ୍ଷରେ ଗ୍ରାହକମାନେ ନୂଆ ପ୍ରଯୁକ୍ତିରେ ନିର୍ମିତ ବ୍ୟାପକ ବର୍ଗର ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଅଫରର ଅବଧି ମଧ୍ୟରେ କିଣିବା ସହିତ ତୁରନ୍ତ ଡେଲିଭରି ଓ ଇନଷ୍ଟଲେଶନ୍ ସୁବିଧା ଆଦି ପାଇପାରିବେ। ବିଶେଷକରି ଟିଭି, ସ୍ମାର୍ଟଫୋନ, ଲାପଟପ୍, ରେଫ୍ରିଜରେଟର, ଅଡିଓ ଡିଭାଇସ, କ୍ଷୁଦ୍ର ଘରୋଇ ଉପକରଣ ଭଳି ଅନେକ ସାମଗ୍ରୀ ଉପରେ ଉପରୋକ୍ତ ସମସ୍ତ ସୁବିଧା ଉପଲବ୍ଧ।

# 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୩'



ଓଡିଏମ୍ ପବ୍ଲିକ ସ୍କୁଲ ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ ଅବସରରେ ଉପସ୍ଥିତ ଅତିଥିମାନେ ଅନୁଷ୍ଠାନର ତ୍ରୈମାସିକ ପତ୍ରିକା ଉତ୍କଳର ଗର୍ବ ଓ ଗୌରବର ଗାଥା ଉତ୍କଳ ପ୍ରତିଭା ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୩।୪**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ ସ୍କୁଲ ପକ୍ଷରୁ ଓଡିଶା ଦିବସ ପାଳିତ ହୋଇଯାଇଛି। ଏପରିକି ସ୍ଥାନୀୟ ପଟିଆସ୍ଥିତ ସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ କଳା,ସାହିତ୍ୟ,ଭାଷା,ବିଜ୍ଞାନ,ନୃତ୍ୟ ଓ ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କାଦମ୍ବିନୀର ପ୍ରତିଷ୍ଠାତା ଡ. ଇତି ସାମନ୍ତ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର,ଏଫ୍ଆର୍‌ଏସସି(ୟୁକେ)ର ବରିଷ୍ଠ ବୈଜ୍ଞାନିକ ବିକାଶ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ ସ୍ୱାଗତ ଅଭିଭାଷଣ ସହ ସମ୍ମାନ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ଏଭଳି ଏକ ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ପଦ୍ମଶ୍ରୀ ପଟ୍ଟନାୟକ ସାଧୁବାଦ ଜଣାଇଥିଲେ। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମ୍ମାନ ଜଣାଇ ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନିତ କରିବାରେ ଓଡିଏମ୍ ଗ୍ରୁପ ଯେଉଁ ପ୍ରୟାସ କରିଛି, ତାହା ଭବିଷ୍ୟତରେ ନିଶ୍ଚୟ ଯୁବପିଢ଼ିକୁ ବେଶ୍ ପ୍ରୋତ୍ସାହିତ କରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏପରିକି ନିମନ୍ତ୍ରଣ ରକ୍ଷାକରି ଅତିଥିମାନେ ତାଙ୍କ ଅମୂଲ୍ୟ ସମୟ ଦେଇ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବାରୁ ସେମାନଙ୍କୁ ମୀନକେତନ କୃତଜ୍ଞତା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ ସତ୍ୟେନ୍ଦୁ ଅତିଥିମାନଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୩'ରେ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷରେ ତ୍ରୈମାସିକ ପତ୍ରିକା ଉତ୍କଳର ଗର୍ବ ଓ ଗୌରବର ଗାଥା ଉତ୍କଳ ପ୍ରତିଭା ପତ୍ରିକାଟି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରିଶେଷରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ,ଅଭିଭାବକ,ଛାତ୍ରୀଛାତ୍ର ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର

**କଟକ,୩।୪**



ଦେଶର ପ୍ରମୁଖ ଖାଇବା ତେଲ ବ୍ରାଣ୍ଡ୍ ଫ୍ରିଡମର ଓଡ଼ିଶା ୟୁନିଟ ପକ୍ଷରୁ ଚଳିତବର୍ଷର ବୈଶାଖୀ ବାଣିଜ୍ୟ ମେଳାରେ ଆକର୍ଷଣୀୟ ଫ୍ରିଡମ୍ ମଣ୍ଡପ କରାଯାଇଛି। ଏପରିକି ପ୍ରତିଦିନ ସନ୍ଧ୍ୟାରେ ଶହ ଶହ ଲୋକଙ୍କର ବିଶାଳ ଜନସମାଗମ ହେଉଛି। ଏହି ପରିପ୍ରେକ୍ଷୀରେ ମେଳାର ଗ୍ରାହକଙ୍କୁ ଆକୃଷ୍ଟ କରାଇବା ସହ ବ୍ରାଣ୍ଡ୍‌ର ସମସ୍ତ ବର୍ଗର ତେଲ ଉପକରଣ ଉପରେ ବଜାର ଦର ଠାରୁ ସୁଲଭ ମୂଲ୍ୟରେ ବିଭିନ୍ନ ବର୍ଗର ତେଲ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ପ୍ରତି ୫ ଲିଟର ତେଲ ଜାର କ୍ରୟ ଉପରେ ଏକ ପ୍ଲାଷ୍ଟିକ ବାଲଟି ଗ୍ରାହକଙ୍କୁ ମାଗଣାରେ ଦିଆଯାଉଛି।

ଏ ସମ୍ପର୍କରେ ଫ୍ରିଡମର ଓଡ଼ିଶା ହେଡ୍ ଅମୀୟ କୁମାର ଧଳ କହିଛନ୍ତି, ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବୈଶାଖୀ ବାଣିଜ୍ୟ ମେଳାରେ ଆମେ ୨ଟି ଆକର୍ଷଣୀୟ ଷ୍ଟଲ ନମ୍ବର ୩୩ ଓ ୩୪ରେ ଖୋଲିଛୁ। ବିଶେଷକରି ମେଳାରେ ଫ୍ରିଡମ୍ ଖାଆନ୍ତୁ ଫ୍ରିଡମରେ ରୁହନ୍ତୁ ଏକ ଅଭିନବ ଘୋଷଣା ଗ୍ରାହକଙ୍କୁ ଷ୍ଟଲ ପ୍ରତି ଆକୃଷ୍ଟ କରିଛି ବୋଲି ଅମୀୟ ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅନ୍ୟତମ ସଦସ୍ୟ ପ୍ରମୋଦ କୁମାର ଖିଲାର, ଜୀବନେଶ୍ୱର୍ ବେହେରା, ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଷ୍ଟଲରେ ରହି ବ୍ୟବସାୟ କାର୍ଯ୍ୟକୁ ପରିଚାଳନା କରୁଛନ୍ତି।

## 'କ୍ଲିନ୍ ଟୁ ଗ୍ରୀନ୍ କ୍ୟାମ୍ପେନ୍'

**ନୂଆଦିଲ୍ଲୀ,୩।୪**

ବହୁରାଷ୍ଟ୍ରୀୟ ଲଜିଷ୍ଟିକ କମ୍ପାନୀ ଆରଏଲ୍‌ଜି ସିଷ୍ଟମ୍‌ସ ଇଣ୍ଡିଆ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'କ୍ଲିନ ଟୁ ଗ୍ରୀନ ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ଅଭିଯାନ ଅଧୀନରେ କମ୍ପାନୀ ବିଭିନ୍ନ ବର୍ଗର ଇ-ଆବର୍ଜନା ସଂଗ୍ରହ ଡ୍ରାଇଭ୍ ପ୍ରୋଗ୍ରାମ ଆରମ୍ଭ କରିଛି। ବିଶେଷକରି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଇଣ୍ଡିଆ ମନ୍ତ୍ରଣାଳୟ ଅଧୀନରେ ଉକ୍ତ ଅଭିଯାନ ଦେଶର ସମସ୍ତ ଶିକ୍ଷାନୁଷ୍ଠାନ, ନିଗମ, ବହୁଳ ଗ୍ରାହକ, ଖୁଚୁରା ବ୍ୟବସାୟୀ, ରେସିଡେଣ୍ଟ ୱେଲଫେୟାର ଆସୋସିଏଶନ୍, ଡିଲର ଏବଂ ପ୍ରଚାରକ କ୍ଷେତ୍ର ସହିତ ବିଭିନ୍ନ ଦର୍ଶକଙ୍କ ନିକଟରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇ-ଆବର୍ଜନା ଉତ୍ପାଦନକାରୀ ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ ଅଟେ। ସି୨ଜି ସହିତ ସୁରକ୍ଷିତ ଭାବରେ ଇ-ଆବର୍ଜନାକୁ ବିସର୍ଜନ କରିବାକୁ ଆଗ୍ରହୀ ଉପଭୋକ୍ତାମାନେ ୧୮୦୦ ୨୦୩ ୧୪୬୦ରେ ଆମକୁ ସୂଚନା ଦେଇପାରିବେ । ଏ ସମ୍ପର୍କରେ ଆରଏଲଜି ସିଷ୍ଟମ ଇଣ୍ଡିଆର ଏମଡି ରାଧିକା କାଲିଆ କହିଛନ୍ତି, ଆମେ ଇ-ବର୍ଜ୍ୟବସ୍ତୁ ପରିଚାଳନା ଭିତ୍ତିଭୂମି ପ୍ରତିଷ୍ଠା କରିବାର ଲକ୍ଷ୍ୟ ଦିଗରେ ନିରନ୍ତର କାର୍ଯ୍ୟ କରୁଛୁ। ଏପରିକି ଅତ୍ୟାଧୁନିକ ଇ-ଆବର୍ଜନା ସଚେତନତା କାର୍ଯ୍ୟକ୍ରମ ସହିତ ଆମେ ଉପଯୁକ୍ତ ଇ-ଆବର୍ଜନା ନିଷ୍କାସନ ଏବଂ ପୁନଃବ୍ୟବହାର ପ୍ରଣାଳୀ ଗ୍ରହଣ କରିବାର ଗୁରୁତ୍ୱ ବିଷୟରେ ବ୍ୟାପକ ସଚେତନତା ବିସ୍ତାରର ଗତିକୁ ତ୍ୱରାନ୍ୱିତ କରି ସମଗ୍ର ଦେଶକୁ ଆୟତ୍ତରେ ରଖିଛୁ।


**Government of Odisha "e" Procurement Notice**
**WORKS DEPARTMENT** No. B-6
Bid Identification No. C.C.E.K.C., Keonjhar No. 44/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 1472 Dt. 28.03.2023

1. Name of the Work :Improvement such as strengthening and widening of Nuagaon Bisra Road from 14/000 Km. to 21/000 Km. (Except from 16.300 Km. to 16.584 Km.) in the District of Sundargarh under State Plan for the year 2022-23.
2. Estimated Cost : Rs.603.75 lakhs
3. Class of Contractor : "A" Class & "Special" Class
4. Period of Completion : 11 (Eleven) Calendar Months
5. Date and time of availability of Bid document in the portal : From 11.30 hours of 05.04.2023 to 16.00 hours of 19.04.2023
6. Last date/time for receipt of bids in the portal : 16.00 hours of 19.04.2023
7. Date of Opening of Bid from Portal : 11.30 hours on 20.04.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "http://tendersodisha.gov.in".
Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0003/2324

**OFFICE OF THE EXECUTIVE ENGINEER**
**BHUBANESWAR (R&B) DIVISION NO. III, BHUBANESWAR**
bbsrrandb03@yahoo.com
60 Estg. No. 2336 Date: 31.03.2023
No. B-4 **Government of Odisha**
**"e" - Procurement Notice No. (88) of 2022-23**
Bid Identification No. CC (R&B) 03

| | | |
|---|---|---|
| 1 | Name of the Work | Building Works |
| 2 | Total no. of Works | 1 No. Work |
| 3 | Estimated Cost | 1) Rs.1,98,48,000.00 |
| 4 | Class of Contractor | A & B Class |
| 5 | Period of Completion | 5 (Five) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 1.00 P.M. Dt.05.04.2023 to 19.04.2023 5.30 P.M. |
| 8 | Last date & time for receipt of bids in the portal | 19.04.2023 upto 05.30 P.M. |
| 9 | Name & address of the Officer Inviting Bid | Er. Gayatri Patel, Executive Engineer, Bhubaneswar (R&B) Division No. III, Bhubaneswar |

Further details can be seen from the e-procurement portal https://tendersorissa.gov.in.
N.B.: Subsequent Corrigendum/Addendum if required shall be available in the website as indicated above.
Sd./- Executive Engineer
BBSR (R&B) Division No. III, BBSR
OIPR-34089/11/0002/2324

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO. I, BHUBANESWAR**
E-mail- eebbsr1@yahoo.co.in
**INVITATIONS FOR BIDS THROUGH e-Procurement**
**No.-2698 Date- 28/03/2022**
Bid Identification No- C.C. [R&B] - 01 e - Procurement Notice No. [120] of 2022-23
**No.B-3:** The Superintending Engineer, Bhubaneswar [R&B] Division No-I, Bhubaneswar on behalf of Governor of Odisha invites Percentage Rate Bids in Double Cover system (Online) for the works as detailed in table below.

| Sl. No. | Name of the Work | Approximate Estimated cost put to Tender (Rs.) | Class of Contractor | Cost of Bid Documents (Rs.) | Period of Completion in Calendar months | EMD (Rs.) |
|---|---|---|---|---|---|---|
| 1 | Construction of office Building for Additional Juvenile Justice Board And Additional Child Welfare Committee, Khurda at Bhubaneswar, For the year of 2022-23 | Rs.99,56,819.00 | 'B' | Rs.10,000.00 (To be paid Online) | 06 (Six) Calendar Months | Rs.9,9568.00 |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersorissa.gov.in. Bid documents will be available in above Website from 12.00 Hours of 03/04/2023 to 17.00 Hours of 11/04/2023. Bids of the above work shall be opened at 12.00 hours on 12/04/2023. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement website **www.tendersorissa.gov.in.**
**N.B: Subsequent corrigendum/addendum if required shall be available inthe website as indicated above.**
OIPR-34076/11/0002/2324 Sd./- Superintending Engineer, Bhubaneswar (R&B) Division No.I, BBSR

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION, BALANGIR**
Email: eepwd.bgr@rediffmail.com
eepwd.bgr@gmail.com, Ph. No.: 06652-232374
No.B-10 **e-Procurement Notice**
Bid Identification No: BGR R&B/38/2022-23
No. 1411 Dtd.30.03.2023

1. The **Executive Engineer, Balangir (R&B) Division, Balangir** on behalf of Governor of Odisha invites percentage rate Composite bid in Double Cover System in ONLINE MODE for the construction of works detailed in the table below from A Class Contractors registered with the State Governments and Contractors of equivalent grade/ Class registered with Central Government/MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of work : Building Work
3. No. of tender : Building work : 01 No.
4. Tender Cost : Rs.10,000/-
5. Class of Contractor : "A" Class (Registered with CDMS)
6. Date & time of sale & receipt of Bids : From Dt.06.04.2023, 11.00 A.M. to Dt.20.04.2023 upto 05.00 P.M.
7. Date of Opening Bid : Dt.21.04.2023 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in.** All future corrigendums will be available on ONLINE MODE only.

Sd./- Executive Engineer
Balangir (R&B) Division
OIPR-34028/11/0002/2324

**DIRECTORATE OF MINES & GEOLOGY**
**STEEL AND MINES DEPARTMENT**
**GOVT. OF ODISHA, BHUBANESWAR**
Heads of Department Building, Unit - V, PIN - 751001
Tel. No.: 0674-231537, Fax No.: 0674-2391684
Email ID: dirmines_odisha@rediffmail.com
No. INV-I, MGXXXV(a)-02/23-4846DoMG Dt.31.03.2023
**NOTICE**
No. G-01: This is to notify that the tender published in the Tender Call Notice in the daily Newspaper "Dharitri" and "The Times of India" on 16.02.2023 for inviting bid for "Bandhabhuin Graphite Block" is hereby cancelled as per provision made under Rule-29 of Appendix - IX, OPWD Code Vol.-II.
Sd./- Director of Mines & Geology, Odisha
OIPR-30028/11/0001/2324

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**TENDER CALL NOTICE**
**No.HFW-OE-EST3V-0005-2019 7639 H, Dated 31.03.2023**
**No.E-06:** Sealed Tenders by registered post are invited from interesting Travel Agencies/ Tour Operators or private individuals having valid GST registration for providing 16 (sixteen) nos. of BS-IV / BS-VI AC Petrol driven (i) Zest/Tigor/Swift Dzire/ Xcent/ Etios/Amaze and (ii) Ciaz/Honda City vehicles which shall confirm to the following Terms & conditions (Annexure-I) for official use in Health & F.W. Department on monthly rent basis. The hiring of vehicles and agreement there on will be governed by Finance Department O.M. No-30464/F Dated 06.09.2019.

1. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Under Control Certificate, valid Contract Carriage Permit, proof of up to date tax payment etc., which are mandatory for plying of the vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving light transport passenger vehicle.
3. The Driver should be well behaved, gentle and obedient in nature and official in appearance and demeanour.
4. A sum of Rs.5,000/- shall be deposited by the intending bidders in shape of Account Payee Bank Draft drawn in favour of the "D.D.O.-cum-Deputy Secretary, Health & Family Welfare Department, Bhubaneswar" and the draft should be submitted along with the Tender papers as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge must be quoted separately in the general bid information (excluding fuel cost, lubricants & GST).
6. The vehicle must achieve a fuel efficiency of 17 (Seventeen) Kms per liter for Zest/Tigor/Swift Dzire/ Xcent/ Etios/Amaze and 12 (Twelve) Kms. Per liter for Ciaz/Honda City.
7. The details of the make and year of manufacture of the vehicle, Registration No., Mileage (K.Ms, covered per liter) and name of the driver with Driving License No. and period of validity should be specifically provided in the general bid information to be furnished with the Tender (Annexure - II).
8. The Tender completed in all respect should reach the undersigned on or before 12.04.2023 by 3.00 P.M. and shall be opened on the same day at 4.00 P.M. in presence of the bidders or their authorized representatives.
9. The application form of tender containing General Bid Information & Terms and conditions for hiring of Vehicles etc. will be available with Office Establishment Section of Health & Family Welfare Department on all working days on payment of Rs.100/- from 11.00 A.M.to 5.00 P.M. or can be downloaded from Health & Family Welfare Department Website https://health.odisha.gov.in/ or https;//tendersodisha.gov.in/ . In case the application form is downloaded from Govt. website, the applicant shall furnish a Demand Draft for an amount of Rs.100/- (Rupees one hundred) only towards cost of application along with the application in favour of the "D.D.O.-cum-Deputy Secretary, Health & Family Welfare Department, Bhubaneswar".

The authority reserves the right to cancel any or all of the tenders without assigning any reason thereof.
OIPR-10001/11/0002/2324 Sd./- Deputy Secretary to Government

**BHUBANESWAR MUNICIPAL CORPORATION**
Phone No.: 0674-2431253, e-mail: info@bmc.gov.in
No. 15023 Date: 31.03.2023
[illegible] - 97/2022-23
**SHORT QUOTATION CALL NOTICE**
No. C-06: Sealed quotations are hereby invited from interested local reputed firms/agencies involved in branding/painting works/Art designing/Wall painting for submission of price offer in the given format enclosed as Annexure - 1 for branding of 100 Nos. door to door garbage collection push carts stored at Bhubaneswar Municipal Corporation Office, Vivekananda Marg, near Kalpana Square. The sample photograph of branding is enclosed for reference (Annexure - 2). The local firms/agencies are requested to submit their price offer along with necessary documents such as photo copies of their GST registration certificate, PAN No. on or before 07.04.2023 at 5.00 P.M. All the photocopies need to be properly signed with seal. The quotations will be opened on the same day at 5.00 P.M. in presence of the Internal Tender Committee. The rates should be inclusive of all taxes. The quotations received incomplete or after the scheduled date and time shall be rejected. The quotationers/ bidders or their authorized representatives may remain present at the time of opening of the sealed quotations. The authority reserves the right to reject any or all quotations without assigning any reason thereof. The quotation is available in BMC Notice Board and website **https://www.bmc.gov.in** for view or download of information.
For any queries, please contact D.C. (Sanitation), BMC.
By Order of Commissioner, BMC
Sd./- Dy. Commissioner (Sanitation)
Bhubaneswar Municipal Corporation
OIPR-13002/11/0002/2324

See Career Appointment on every Wednesday & Saturday

**Govt. of Odisha**
**OFFICE OF THE PANCHAYAT SAMITI**
**NARSINGHPUR, CUTTACK**
E-mail:- ori-Narsinghpur@nic.in
**'e'-Procurement Notice No.02 (NRB-02)/2022-23**
**No.i-03:** 1. Name of Work : Construction of Day care Sub-Centre Cum Health & Wellness Centre at Paikabarbati. 2. Construction of Day Care Sub-Centre Cum Health & Wellness Centre at Kakudia. 3. Construction of Day Care Sub-Centre Cum Health & Wellness Centre at Jodum. 4. Construction of Day Care Sub-Centre Cum Health & Wellness Centre at Bahali. 5. Construction of Day Care Sub-Centre Cum Health & Wellness Centre at Ghantapada. 6. Construction of Day Care Sub-Centre Cum Health & Wellness Centre at Badabhuin. 7. Construction of Day Care Sub-Centre Cum Health & Wellness Centre at Manapur. 8. Construction of Day Care Sub-Centre Cum Health & Wellness Centre at Saradhapur. 9. Construction of Day Care Sub-Centre Cum Health & Wellness Centre at Ranasinghpur.
2. Total No. of Works : 09 (Nine) Nos. of works
3. Tender Cost : Rs.2847547.00 for Each Work.
4. Period of Completion : 08 (Eight) Calendar Months
5. Other details as follows
(i) Procurement Officer : Block Development Officer Narsinghpur, Cuttack
ii. Availability of Tender online for Bidding : 05.04.2023 from 10.00 A.M. to 19.04.2023 upto 3.00 P.M. (Selling) 05.04.2023 from 10.00 A.M. to 19.04.2023 upto 5.00 PM (Submission)
iii) Date, Time & Venue of opening of Bid through Online : Dtd.21.04.2023, 11.30 A.M. in the Office of the Panchayat Samiti Narsinghpur.
iv) Date of Transparent Lottery to be Conducted (if required) : On 24.04.2023 at 11.30 A.M. in the Office Chamber of Block Development Officer, Narsinghpur, Cuttack (Bidders shall furnish their present e-mail id, address and Telephone No. for further correspondence)

Further details can be seen from the Govt. website www.tendersodisha.gov.in.
OIPR-19046/11/0001/2324 Sd./- Block Development Officer, Narsinghpur, Cuttack

# ପୁଣି ସତର୍କତାର ବେଳ

**ପୁଣି ଡରାଇଲାଣି କରୋନା। ଦୈନିକ ସଂକ୍ରମଣ ବୃଦ୍ଧି ପାଉଥିବା ଖବର ଏବେ ଚିନ୍ତାରେ ପକାଇଛି ଗୃହିଣୀଙ୍କୁ। ପରିବାରର ସମସ୍ତଙ୍କୁ ସୁରକ୍ଷାବଳୟ ଭିତରେ ରଖିବା ଲାଗି ଯଥାସମ୍ଭବ ଘରୋଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି...**



କରୋନାର ଭୟାବହତାକୁ ଅଙ୍ଗେ ନିଭାଇଛନ୍ତି ସମସ୍ତେ। ତେଣୁ ପୁଣି ଥରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବା ଖବର ଏବେ ଚିନ୍ତାରେ ପକାଇ ଦେଇଛି। କରୋନା ସଂକ୍ରମଣ, ଲକ୍‌ଡାଉନ୍‌ର କଟକଣା ଏଯାଏଁ ମନରୁ ଲିଭି ନ ଥିବାବେଳେ ପୁଣି ଥରେ ଏସବୁକୁ ସାମ୍ନା କରିବାକୁ ପଡ଼ିବ, ଏକଥା ଭାବି ପ୍ରତିକାର ପାଇଁ ଗୃହିଣୀମାନେ ଆରମ୍ଭ କରିଦେଇଛନ୍ତି ବିଭିନ୍ନ ପ୍ରକାର ଘରୋଇ ଉପଚାର। ପୂର୍ବଭଳି ପୁଣି ଥରେ ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା କିମ୍ବା ଥଣ୍ଡା, କାଶ ପ୍ରତି ସଚେତନ ରହିବା ଆଦି ସବୁ ପ୍ରକାର ସଚେତନତା


ଅରୁନ୍ଧତୀ


ଶୁଭସ୍ମିତା


ସଂଯୁକ୍ତା


ସୁଭଦ୍ରା

ଆରମ୍ଭ କରିଛନ୍ତି। ଏସବୁ ଭିତରେ ପିଲାଙ୍କ ସ୍କୁଲ ଖୋଲି ଥିବାରୁ ସେମାନଙ୍କ ପାଇଁ ଟିକେ ଅଧିକ ସତର୍କ ହେବାକୁ ପଡୁଛି।

**ପିଲାଙ୍କ ପ୍ରତି ଅଧିକ ସଚେତନ:** ଏବେ ପୁଣି ଥରେ ସବୁ ଅଭ୍ୟାସ ଆରମ୍ଭ କରି ଦେଇଛି। ପିଲାଙ୍କୁ ସ୍କୁଲ ଗାଡ଼ିରେ ସମସ୍ତଙ୍କ ସହ ଛାଡ଼ିବା ବଦଳରେ ନିଜେ ଗାଡ଼ିରେ ନେଇ ଛାଡ଼ିବାକୁ ଯାଉଛି। ବାହାରର କୌଣସି ଖାଦ୍ୟ ପିଲାଙ୍କୁ ଦେଉନି ଏବଂ ସବୁ ପ୍ରକାର ଖାଦ୍ୟ ମୁଁ ନିଜେ ପ୍ରସ୍ତୁତ କରି ସେମାନଙ୍କୁ ଦେଉଛି। ପିଲାଙ୍କର ତଥା ଘର ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ସବୁବେଳେ କାମ କରୁଛି। ଭଲ ପରିବେଶରେ ସଚେତନ ରହିଲେ ପିଲାଙ୍କୁ କିମ୍ବା ଆମ ପରିବାରରେ କାହାକୁ ବି କରୋନା ହେବ ନାହିଁ ବୋଲି ମୋର ବିଶ୍ୱାସ ରହିଛି।

*–ସଂଯୁକ୍ତା ଦାସ, ଗୃହିଣୀ, ନୟାପଲ୍ଲୀ, ଭୁବନେଶ୍ୱର*

**ସବୁଦିନ କାଢ଼ା କରୁଛି:** କରୋନା ବଢୁଥିବା ଖବର ଶୁଣିବା ପରେ ଏବେ ଘରେ ସମସ୍ତଙ୍କୁ ସତର୍କ କରାଇ ଦେଇଛି। ପିଲାଙ୍କୁ ସ୍କୁଲ ପଠାଇବା ପୂର୍ବରୁ ହ୍ୟାଣ୍ଡ ୱାଶ୍ ଆଉ ସାନିଟାଇଜର ତ ସାଙ୍ଗରେ ଦେଉଛି। ତା' ଛଡ଼ା ସବୁବେଳେ ତାଙ୍କୁ ପୁଷ୍ଟିକର ଖାଦ୍ୟ ଟିଫିନ୍‌ରେ ଦେଉଛି। ପୂର୍ବଥର କରୋନା ସମୟରେ ଯେମିତି ସବୁଦିନ କାଢ଼ା ପିଇବାକୁ ଦେଉଥିଲି ଏବେ ସେମିତି ସ୍କୁଲରୁ ଫେରିବା ପରେ ପିଲାଙ୍କୁ କାଢ଼ା ଦେଉଛି। ତା' ଛଡ଼ା ଥଣ୍ଡା ହେବା ଭଳି ଲକ୍ଷଣ ଦେଖାଦେବା ମାତ୍ରେ ସଙ୍ଗେ ସଙ୍ଗେ ଔଷଧ ଦେଇଦେଉଛି। କରୋନା ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ପିଲାମାନେ ବି ନିଜେ ସଚେତନ ହୋଇ ସବୁ ପ୍ରକାର କଟକଣା ମାନି ଚଳୁଛନ୍ତି।

*–ଶୁଭସ୍ମିତା ପୁରୀ, ଗୃହିଣୀ, ଖାନନଗର, ନୂଆସାହି, କଟକ*

**ଚିନ୍ତା ଲାଗୁଛି:** ପୁଣି ଥରେ କରୋନା ବଢ଼ିବାରୁ ମୋର ଚିନ୍ତା ବଢ଼ିଯାଇଛି। କାରଣ ଗତଥର ମୋ ଶାଶୁଙ୍କ ଦେହ ବହୁତ ଖରାପ ହୋଇଯାଇଥିଲା। ପିଲାମାନେ ତ ବଡ଼ ହୋଇଗଲେଣି ତେଣୁ ସେମାନେ ନିଜେ ପ୍ରାୟତଃ ସଚେତନ ହେବା ସହ ମତେ ସହଯୋଗ କରୁଛନ୍ତି। ହେଲେ କରୋନା ପାଇଁ ଗତଥର ମୁଁ ଯେମିତି କଲବଲ ହେଇଛି, କାଳେ ଶାଶୁଙ୍କ ଦେହ ପୁଣି ଖରାପ ହୋଇଯିବ ସେଥିପାଇଁ ଡର ଲାଗୁଛି। ଏହି ଦୃଷ୍ଟିରୁ ମତେ ଅଧିକ ସଚେତନ ହେବାକୁ ପଡୁଛି। ଘରେ ଯେମିତି କାହାକୁ ଥଣ୍ଡା କି ଜ୍ୱର ନ ହେବ ସେଥିପାଇଁ ଇମ୍ୟୁନିଟି ବଢ଼ାଇବାକୁ ସକାଳୁ ତୁଳସୀପତ୍ର କାଢ଼ା ଦେବା ଆରମ୍ଭ କରିଛି।

*–ଅରୁନ୍ଧତୀ ମଲ୍ଲିକ, ଗୃହିଣୀ, ଚୂଡ଼ାମଣି, ବାସୁଦେବପୁର, ଭଦ୍ରକ*

**କରୋନାକୁ ନିଶ୍ଚିତ ଜିତିବୁ:** କରୋନା ନାଁ ଶୁଣିଲେ ଏବେ ବି ଡର ଲାଗୁଛି। ଯେମିତି କୋଉ ଗୋଟେ ଭୟଙ୍କର ବିପଦ ମାଡ଼ି ଆସୁଛି। ସେଥିପାଇଁ ତ ମୁଁ ଏବେଠୁ ସଚେତନ ହୋଇଯାଇଛି। ପୁଣି ଥରେ ସମସ୍ତେ କାଢ଼ା ପିଉଛୁ। ଘରେ କାହାକୁ ବି ଥଣ୍ଡା ହେବା ମାତ୍ରେ ସଙ୍ଗେ ସଙ୍ଗେ ଔଷଧ ଖାଇବାକୁ ଦେଉଛି, ତା' ସହିତ ଷ୍ଟିମ୍ ବି ନେଉଛୁ। ବାହାରୁ ଆସିଲେ ଡ୍ରେସ୍ ବଦଳାଇବା, ଗୋଡ଼ହାତ ଭଲଭାବେ ଧୋଇବା ଏସବୁ ତ ସବୁବେଳେ କରୁଛି। ତେଣୁ ମୋ ପରିବାର କରୋନାଠୁ ନିଶ୍ଚିତଭାବେ ଦୂରେଇ ରହିପାରିବେ ବୋଲି ଦୃଢ଼ବିଶ୍ୱାସ ରହିଛି।

*–ସୁଭଦ୍ରା ଦାସ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ଷ୍ଟ୍ରିଟ୍, ପୋଲସରା, ଗଞ୍ଜାମ*





## ସମସ୍ତେ ସତର୍କ ହୁଅନ୍ତୁ



କରୋନା ପାଇଁ ସମସ୍ତେ ପୂର୍ବଭଳି ସତର୍କ ରୁହନ୍ତୁ। କାହିଁକିନା ଏଥର ବି ସଂକ୍ରମଣ ବଢିବାରେ ଲାଗିଲାଣି। ଯଦି ସତର୍କ ନ ହେବା ତ ଏହା ପୁଣି ଥରେ ଭୟଙ୍କର ରୂପ ନେଇପାରେ। ତେଣୁ ସମସ୍ତେ ମାସ୍କ ଲଗାନ୍ତୁ ଏବଂ ହ୍ୟାଣ୍ଡୱାଶ୍, ସାନିଟାଇଜର ବ୍ୟବହାର କରନ୍ତୁ। ପରିଷ୍କାର ପରିଚ୍ଛନ୍ନ ରହିବା ସହ ସମସ୍ତେ ନିଜ ଇମ୍ୟୁନିଟି ବଢାଇବା ପାଇଁ ଚେଷ୍ଟା କରନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ରୋଗର ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଚିକିତ୍ସା କରନ୍ତୁ। ଯେହେତୁ ସମସ୍ତେ କରୋନାର ଭୟଙ୍କର ରୂପକୁ ଥରେ ଦେଖି ସାରିଛନ୍ତି ତେଣୁ କୌଣସି ପରିସ୍ଥିତିରେ ବି ଅବହେଳା କରିବା ଠିକ୍ ନୁହେଁ। ଏବେ ତ କରୋନା ସହିତ ଏଚ୩ଏନ୨ ଭାରିଆଣ୍ଟର ସଂକ୍ରମଣ ବଢୁଛି। ଡାକ୍ତରଖାନାକୁ ଏବେ ଅଧିକ ସଂଖ୍ୟାରେ ସଂକ୍ରମିତ ରୋଗୀ ଆସୁଛନ୍ତି। ତେଣୁ ରୋଗ ହେବା ପୂର୍ବରୁ ନିରାକରଣ କରିବା ହିଁ ବୁଦ୍ଧିମାନର କାମ।

*– ଡକ୍ଟର ସୁଶ୍ରୀ ସଙ୍ଗୀତା ପାତ୍ର*
ଆସିଷ୍ଟାଣ୍ଟ ପ୍ରଫେସର ସ୍ତ୍ରୀ ରୋଗ,
ଶ୍ରୀ ହସ୍ପିଟାଲ୍, ଭୁବନେଶ୍ୱର

# ପିଲାଙ୍କୁ ପଢ଼ାନ୍ତୁ ଗ୍ରୁପ୍‌ରେ

**ଏକାଠି ଗ୍ରୁପ୍ ହୋଇ ବସି ପାଠ ପଢ଼ିବା ପିଲାଙ୍କ ପାଇଁ ବହୁତ ଭଲ। ସେମାନଙ୍କ ମଧ୍ୟରେ ଏକ ସକାରାତ୍ମକ ଭାବନା ବୃଦ୍ଧି ପାଇଥାଏ। ଏକୁଟିଆ ପଢ଼ିବା ବଦଳରେ ସାଙ୍ଗମାନଙ୍କ ସହ ଏବଂ ଘରେ ଭାଇଭଉଣୀଙ୍କ ସହ ପାଠ ପଢ଼ିବା ପିଲାଙ୍କ ପାଇଁ ବହୁତ ଭଲ।**

➤ପିଲାମାନେ ଯଦି ଏକାଠି ପଢ଼ନ୍ତି ତେବେ ସେମାନେ ନିଜ ଟାର୍ଗେଟରେ ଅଧିକ ଫୋକସ୍ କରିପାରନ୍ତି। କାରଣ ସେମାନଙ୍କ ଉପରେ ଆପେ ଆପେ ଏକ ମାନସିକତା ସୃଷ୍ଟି ହୁଏ କି ଅନ୍ୟମାନଙ୍କ ତୁଳନାରେ ସେମାନେ ଯେପରି ସବୁଥିରେ ଭଲ କରିପାରିବେ। ବିଶେଷକରି ସ୍କୁଲ ପିଲାଙ୍କ କ୍ଷେତ୍ରରେ ଏହି ଭାବନା ରହିଥାଏ ତେଣୁ ସେମାନଙ୍କୁ ଗ୍ରୁପ୍‌ରେ ପଢ଼ାଇବା ପାଇଁ ସୁଯୋଗ ଦେବା ଦରକାର।

➤ଏକାଠି ପଢ଼ିଲେ ପିଲାଙ୍କ ମଧ୍ୟରେ ଏକ ମଜାଦାୟକ ପରିବେଶ ସୃଷ୍ଟି ହୁଏ। ମଝିରେ ମଝିରେ ସେମାନେ ପରସ୍ପର ସହିତ ଖୁସିମଜା କରି କଥା ହୋଇ ମନକୁ ଫ୍ରେଶ୍ କରିଥାନ୍ତି। ଏହା ସହିତ ଯେଉଁମାନେ ପାଠ ନ ପଢ଼ି ଅନ୍ୟ କିଛି କାମ କରୁଥାନ୍ତି ସେମାନଙ୍କୁ ବି ଜଗିବାକୁ ପଡ଼େନି। ସେମାନେ ପରସ୍ପର ପ୍ରତି ଏ କ୍ଷେତ୍ରରେ ଦୃଷ୍ଟି ରଖିଥାନ୍ତି।

➤ବେଳେବେଳେ ଭୟ କିମ୍ବା ଅନ୍ୟ କେଉଁ କାରଣରୁ ପିଲାମାନେ କ୍ଲାସ୍‌ରେ ନିଜର ସନ୍ଦେହ ସମ୍ପର୍କରେ ପଚାରିପାରି ନ ଥାନ୍ତି। କିନ୍ତୁ ଏକାଠି ପଢ଼ିବା ସମୟରେ ପରସ୍ପରକୁ ବେଶ୍ ସହଜରେ ପଚାରି ବୁଝିପାରନ୍ତି। ତେଣୁ ସେମାନଙ୍କର ଜ୍ଞାନ ବୃଦ୍ଧି ହୋଇଥାଏ।

➤ଏକାଠି ପଢ଼ିବା ସମୟରେ ବି ନିଜକୁ ବୋରିଂ ଲାଗୁଥିବା ବିଷୟ ଅନ୍ୟମାନଙ୍କ ସହାୟତାରେ ମଜା ଲାଗିପାରେ।

➤ଏକା ପଢୁଥିବା ସମୟରେ କୌଣସି ସମସ୍ୟା ଆସିଲେ ସହାୟତା ପାଇଁ ପିଲାମାନେ ଶିକ୍ଷକ କିମ୍ବା ଅଭିଭାବକଙ୍କ ସହାୟତା ନେଇଥାନ୍ତି। ଯଦି ପାଖରେ କେହି ନ ଥାନ୍ତି ତେବେ ସେହି ପ୍ରଶ୍ନକୁ ଛାଡ଼ି ଅନ୍ୟ ବିଷୟ ପଢିବାକୁ ହୋଇଥାଏ। ମାତ୍ର ଏକାଠି ପଢ଼ିବା ସମୟରେ ପ୍ରତି ପ୍ରଶ୍ନର ଉତ୍ତର କାହା ପାଖରେ ତ ନିଶ୍ଚୟ ରହିଥାଏ।



# ସୋଫା କିଣିବା ପୂର୍ବରୁ...

**ଘରର ଇଣ୍ଟେରିୟର ଲୁକ୍ ପାଇଁ ବିଭିନ୍ନ ଡିଜାଇନ୍‌ର ସୋଫା ମିଳୁଛି। ତେବେ ଆପଣଙ୍କ ଘରର ଡିଜାଇନ ଓ ସାଇଜ ଅନୁସାରେ କେଉଁଭଳି ସୋଫା କିଣିବାକୁ ହେବ ସେ ସମ୍ପର୍କରେ କିଛି ଧାରଣା ରହିବା ଜରୁରୀ...**

➤ସୋଫା କିଣିବା ପୂର୍ବରୁ ଘରର ସ୍ଥାନ ପ୍ରତି ଧ୍ୟାନଦେବା ଜରୁରୀ। ଯଦି ଘରର ସାଇଜ ଅନୁସାରେ ସୋଫା ମ୍ୟାଚ୍ ନ କରେ ତେବେ ଘର ଛୋଟ ଲାଗିବ।

➤ଘରେ ଇଣ୍ଟେରିୟର ଡେକୋର ପାଇଁ ଆପଣ ଲଗାଇଥିବା ପରଦା ଓ ଅନ୍ୟ ସାଜସଜ୍ଜା ସାମଗ୍ରୀକୁ ମ୍ୟାଚ କରିବା ଭଳି ସୋଫା କିଣନ୍ତୁ। ଏହା ଘରର ଲୁକ୍ ବଢ଼ାଇବ।

➤ସୁନ୍ଦରତା ସହିତ ଆରାମକୁ ମଧ୍ୟ ଧ୍ୟାନଦେବାକୁ ହେବ। କାରଣ ଅଧିକ ସମୟ ବସିବା ପାଇଁ ଆରାମ ଅନୁଭବ ହେଉଥିବା ଭଳି ସୋଫା ନିଜ ଘର ପାଇଁ ବାଛନ୍ତୁ। ଏହା ସହିତ କୁସନର କ୍ୱାଲିଟି ପ୍ରତି ମଧ୍ୟ ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ।

➤ଧ୍ୟାନଦିଅନ୍ତୁ ଯେ ଘର ପାଇଁ ଯେଉଁ ସୋଫା କିଣାହୁଏ ତାହାକୁ ବର୍ଷ ବର୍ଷ ବ୍ୟବହାର କରାଯାଏ। ତେଣୁ ସୋଫାର କ୍ୱାଲିଟି ଓ ତିଆରି କରାଯାଇଥିବା ମ୍ୟାଟେରିଆଲ ପ୍ରତି ଧ୍ୟାନ ଦିଅନ୍ତୁ। ଭଲ କ୍ୱାଲିଟିର ସୋଫାକୁ ବର୍ଷ ବର୍ଷ ଧରି ବ୍ୟବହାର କରିହୁଏ।

➤ସୋଫାର ରକ୍ଷଣାବେକ୍ଷଣ ମଧ୍ୟ ବହୁତ ଜରୁରୀ। ତେଣୁ ଏଭଳି ସୋଫା କିଣନ୍ତୁ ଯାହାକୁ ଆପଣ ନିୟମିତ ବ୍ୟବଧାନରେ ସଫା କରିପାରିବେ। ଯଦି ସଫା କରିବା ନ ଜାଣି ସୋଫାକୁ ଘରକୁ ନେଇ ଆସିବେ ତେବେ ତାହା ଖରାପ ଦିଶିବ। ତେଣୁ କିଣିବା ସମୟରେ ଏନେଇ ପଚାରି ବୁଝନ୍ତୁ।

➤ସବୁଠୁ ବଡ଼ କଥା ହେଉଛି ଆପଣ କେତେ ବଜେଟରେ ସୋଫା କିଣିବାକୁ ଚାହୁଁଛନ୍ତି ସେକଥା ଚିନ୍ତା କରନ୍ତୁ। ସେହି ଅନୁସାରେ ହିଁ କ୍ୱାଲିଟି ଆଉ କମ୍ଫର୍ଟ ଆଦି ସବୁ ଦିଗକୁ ଦେଖି ସୋଫା କିଣନ୍ତୁ।



ସୌନ୍ଦର୍ଯ୍ୟ

# ଘରେ କରନ୍ତୁ ହେୟାର ସ୍ପା

**କେଶ ପାଇଁ ସ୍ପା ଅବଶ୍ୟ ଅନ୍ୟତମ ବ୍ୟୟବହୁଳ ଚିକିତ୍ସା। କିନ୍ତୁ ନିୟମିତ ବ୍ୟବଧାନରେ ସ୍ପା କରିବା ଫଳରେ କେଶର ଅନେକ ପ୍ରକାର ସମସ୍ୟା ଦୂର ହୋଇଥାଏ। ତେଣୁ ବିୟୁଟି ପାର୍ଲରରେ ବ୍ୟୟବହୁଳ ହେୟାର ସ୍ପା କରିବା ବଦଳରେ ଘରେ କିପରି କରିପାରିବେ ଜାଣି ରଖନ୍ତୁ...**



❖ପ୍ରକୃତରେ ହେୟାର ସ୍ପା ଟ୍ରିଟ୍‌ମେଣ୍ଟରେ କେଶକୁ ମସାଜ, ଶାମ୍ପୁ, ହେୟାର ମାସ୍କ, ବାମ୍ପ ଓ କଣ୍ଡିସନିଂ ଆଦି ଦିଆଯାଇଥାଏ। କେଶର ପ୍ରକାର ଅନୁସାରେ ହେୟାର ମାସ୍କ ଓ କ୍ରିମ୍ ଦିଆଯାଏ।

❖ପ୍ରଥମେ କେଶ ଅନୁସାରେ ଶାମ୍ପୁର ଚୟନକରି କେଶକୁ ସଫା କରନ୍ତୁ। ଏହାପରେ କେଶକୁ ହାଲ୍‌କା ଶୁଖାଇ କ୍ରିମ୍ ଲଗାନ୍ତୁ।

❖ଘରେ ନାଚୁରାଲ୍ କ୍ରିମ୍ ତିଆରି କରି ହେୟାର ସ୍ପା କରିବା ପାଇଁ ଅଧା କପ୍ କ୍ଷୀର, ୧ କପ୍ ଆଲୋଭେରା ଜେଲ୍, ୨ ଚାମଚ ନଡ଼ିଆତେଲ, ୨ ଚାମଚ ମହୁ ଓ ୧ଟି ଅଣ୍ଡା ନିଅନ୍ତୁ। ଏସବୁ ସାମଗ୍ରୀକୁ ମିଶାଇ କେଶରେ ଲଗାନ୍ତୁ। କେଶ ଶୁଖିବା ପାଇଁ ଅତି କମ୍‌ରେ ୪୦ ମିନିଟ୍ ପର୍ଯ୍ୟନ୍ତ କେଶ ମୂଳରେ ଏହାକୁ ଭଲଭାବେ ମସାଜ କରନ୍ତୁ।

❖କ୍ରିମ୍ ଲଗାଇବା ପରେ କେଶକୁ ଷ୍ଟିମ୍ ଦିଅନ୍ତୁ। ଗରମପାଣି ନେଇ ସେଥିରେ ଟାୱେଲ ବୁଡ଼ାଇ କେଶରେ ଷ୍ଟିମ୍ ଦିଅନ୍ତୁ। କିଛି ସମୟ ଷ୍ଟିମ୍ ଦେବା ପରେ କେଶ ଧୀରେ ଧୀରେ ଖୋଲା ଖୋଲା ହୋଇଯାଏ।

❖ଏବେ କେଶରେ କଣ୍ଡିସନର ଲଗାଇ କେଶ ଧୋଇ ଦିଅନ୍ତୁ।

❖ହେୟାର ସ୍ପା ନିମନ୍ତେ ଘରେ ବିଭିନ୍ନ ଉପାୟରେ କ୍ରିମ୍ ପ୍ରସ୍ତୁତ କରିପାରିବେ। ତେଣୁ ହେୟାର ମାସ୍କ ପ୍ରସ୍ତୁତି ନେଇ ବିଭିନ୍ନ ଘରୋଇ ପ୍ରଣାଳୀ ସମ୍ପର୍କରେ ଜାଣିରଖନ୍ତୁ। ନିୟମିତ ବ୍ୟବଧାନରେ ଘରେ ପ୍ରସ୍ତୁତ କ୍ରିମ୍ ଲଗାଇ ହେୟାର ସ୍ପା କରନ୍ତୁ। ଫଳରେ କେଶ ଝଡ଼ିବା, ରୂପି ଆଦି ବିଭିନ୍ନ ସମସ୍ୟା ଧୀରେ ଧୀରେ ଦୂରହୋଇଯିବ।



ଖାଦ୍ୟରୁଚି

# କଞ୍ଚା ଆମ୍ବ ପଣା

**ଆବଶ୍ୟକ ସାମଗ୍ରୀ–** କଞ୍ଚା ଆମ୍ବ– ୪ଟି, ଭଜା ଜିରା ଗୁଣ୍ଡ– ୨ ଚାମଚ, ଗୁଡ଼ କିମ୍ବା ଚିନି ସ୍ୱାଦ ଅନୁସାରେ, ପୁଦିନାପତ୍ର– ୧ ବଡ଼ ଚାମଚ, କଳା ଲୁଣ– ୩ ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଛୋଟ ଚାମଚ, ବରଫ ଖଣ୍ଡ– ୫ଟି, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ କଞ୍ଚା ଆମ୍ବକୁ ଭଲଭାବେ ଗୋଟା ଧୋଇ ପ୍ରେସର କୁକରରେ ୨–୩ଟି ସିଟି ଦେଇ ଭଲଭାବେ ସିଝାଇ ଦିଅନ୍ତୁ। ସିଝା ଆମ୍ବର ଚୋପା ଛଡ଼ାଇ ରସ ବାହାରକରି ରଖନ୍ତୁ। ଏହାକୁ ଭଲଭାବେ ଗୋଳାଇଦିଅନ୍ତୁ। ଏଥିରେ ଭଜା ଜିରାଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଚିନି କିମ୍ବା ଗୁଡ଼ ମିଶାନ୍ତୁ। ଏହାପରେ କଳାଲୁଣ ପକାନ୍ତୁ। ଏସବୁ ମିଶାଇବା ପରେ ଏହାକୁ ଗ୍ରାଇଣ୍ଡିଂ କରି କାଢ଼ି ନିଅନ୍ତୁ। ଆବଶ୍ୟକ ଅନୁସାରେ ପାଣି ମିଶାଇ ସେଥିରେ ବରଫଖଣ୍ଡ ପକାଇ ଦିଅନ୍ତୁ। ଏବେ ଏହି ଆମ୍ବପଣାକୁ ଥଣ୍ଡା ଥଣ୍ଡା ପିଇବାକୁ ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୪/୨୦୨୩ Bhubaneswar, Tuesday, April 4/ 2023

# ଚେନ୍ନାଇ ସୁପରକିଙ୍ଗ୍ସର ପ୍ରଥମ ବିଜୟ


ଦ୍ରୁତ ଅର୍ଦ୍ଧଶତକ ଅବସରରେ ଋତୁରାଜ ଗାଏକ୍ୱାଡ୍।

**ଚେନ୍ନାଇ, ୩।୪**

ସ୍ଥାନୀୟ ଏମଏ ଚିଦାମ୍ବରମ୍ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ୧୨ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଋତୁରାଜ ଗାଏକ୍ୱାଡଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଚେନ୍ନାଇ ୨୦ ଓଭରରେ ୨୧୭ ରନ କରିଥିଲା। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୨୦୫ ରନରେ ସୀମିତ ରହିଥିଲା। ଚଳିତ ସିଜନରେ ୨ ମ୍ୟାଚରୁ ଚେନ୍ନାଇର ଏହା ପ୍ରଥମ ବିଜୟ ହୋଇଥିବାବେଳେ ଲକ୍ଷ୍ନୌ ଦଳର ପ୍ରଥମ ପରାଜୟ। ଲକ୍ଷ୍ନୌ ପକ୍ଷରୁ କେବଳ କାଏଲ ମେୟର୍ସ (୫୩ ରନ, ୨୨ ବଲ, ୮ ଚୌକା, ୨ ଛକା) ଅର୍ଦ୍ଧଶତକ ହାସଲ କରିଥିଲେ। ଲୋୟର ଅର୍ଡରରେ ନିକୋଲସ ପୁରନ (୩୨ ରନ, ୧୮ ବଲ, ୨ ଚୌକା, ୩ ଛକା)ଙ୍କ ସମେତ ପ୍ରାୟ ସମସ୍ତ ବ୍ୟାଟର ବିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରିଥିଲେ ହେଁ ଦଳ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା। ଚେନ୍ନାଇ ବୋଲରଙ୍କ ମଧ୍ୟରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମୋଇନ୍ ଅଲୀ ସର୍ବାଧିକ ୪ଟି, ଅମ୍ବାତି ରାୟୁଡୁଙ୍କ ସ୍ଥାନରେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ଖେଳାଳି ତୁଷାର ଦେଶପାଣ୍ଡେ ୨ଟି ଏବଂ ମାର୍କ ଉଡ୍ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଋତୁରାଜ ଗାଏକ୍ୱାଡ ଓ ଡେଭନ କନୱେ ବିସ୍ଫୋରକ ବ୍ୟାଟିଂ କରି ଶତକୀୟ ଭାଗୀଦାରି ଗଢ଼ିବା ସହ ଚେନ୍ନାଇର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୫୬ ବଲ୍‌ରୁ ୧୧୦ ରନ କରି ବିପକ୍ଷ ବୋଲରଙ୍କୁ ନାକେଦମ୍ କରିଥିଲେ। ୧୦ମ ଓଭରର ପ୍ରଥମ ବଲ୍‌ରେ ଗାଏକ୍ୱାଡ୍‌ଙ୍କୁ ଆଉଟ କରି ଲକ୍ଷ୍ନୌ ଦଳକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ରବି ବିଷ୍ଣୋଇ। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଋତୁରାଜ ୩ ଚୌକା ଓ ୪ ଛକା ସହାୟତାରେ ୫୭ ରନ କରିଥିଲେ। ତାଙ୍କ ଆଉଟରେ କନୱେ ଏକାଗ୍ରତା ହରାଇଥିଲେ। ସେ ୪୭ ରନ କରିଥିବାବେଳେ ବିଷ୍ଣୋଇଙ୍କ ଦ୍ୱିତୀୟ ଶିକାର ବନିଥିଲେ। ୨୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା କନ୍‌ୱେ ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୨ ଛକା ମାରିଥିଲେ। ମଧ୍ୟଭାଗରେ ଶିବମ୍ ଦୁବେ, ମୋଇନ୍ ଅଲୀ ବଡ଼ ସ୍କୋର କରିପାରି ନ ଥିଲେ ମଧ୍ୟ ଦ୍ରୁତ ହାରରେ ରନ୍ ସଂଗ୍ରହ କରିଥିଲେ। ଦୁବେ ୧୬ ବଲ୍‌ରୁ ୨୭ ଓ ଅଲୀ ୧୩ ବଲ୍‌ରୁ ୧୯ ରନ ସ୍କୋର କରିଥିଲେ। ବେନ୍ ଷ୍ଟୋକ୍ସ ୮ ଓ ରବୀନ୍ଦ୍ର ଜାଡେଜା ୩ ରନ୍‌କରି ଆଉଟ ହୋଇ ଯାଇଥିଲେ ହେଁ ଅମ୍ବାତି ରାୟୁଡୁ ୨୭ (୧୪ବଲ, ୨ ଚୌକା, ୨ ଛକା) ରନରେ ଅପରାଜିତ ରହି ଚେନ୍ନାଇ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ରିଜ୍‌କୁ ଆସିବାମାତ୍ରେ ଲଗାତର ୨ଟି ବଲ୍‌ରେ ଛକା ମାରିଥିଲେ। ତେବେ ସେ ତୃତୀୟ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଏଠାରେ ୧୨ ରନ ସଂଗ୍ରହ କରି ଧୋନୀ ଆଇପିଏଲ୍‌ରେ ୫୦୦୦ ରନ ପୂରଣ କରିଥିଲେ। ୨୦ତମ ଓଭର ଆରମ୍ଭ ହେବା ପୂର୍ବରୁ ଲକ୍ଷ୍ନୌ ଦଳ ଆଭେଶ ଖାଁଙ୍କ ସ୍ଥାନରେ ଆୟୁଷ ବଦୋନୀଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଖେଳାଇଥିଲା। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ରବି ବିଷ୍ଣୋଇ ଓ ମାର୍କ ଉଡ୍ ୩ଟି ଲେଖାଏ ଏବଂ ଆଭେଶ ଖାଁ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୨୧୭/୭ (ଋତୁରାଜ ଗାଏକ୍ୱାଡ୍-୫୭, ଡେଭନ କନ୍‌ୱେ-୪୭, ରବି ବିଷ୍ଣୋଇ-୩/୨୮, ମାର୍କ ଉଡ୍-୩/୪୯, ଆଭେଶ୍ ଖାଁ-୧/୩୯)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୦୫/୭ (କାଏଲ ମେୟର୍ସ-୫୩, ନିକୋଲସ ପୁରନ-୩୨, ମୋଇନ ଅଲୀ-୪/୨୬, ତୁଷାର ଦେଶପାଣ୍ଡେ-୨/୪୫, ମିଚେଲ ସାଣ୍ଟନର-୧/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ୍)
**ଦିଲ୍ଲୀ ବନାମ ଗୁଜରାଟ**
ସ୍ଥାନ:ଦିଲ୍ଲୀ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆରସିବି ପେସ୍ ବୋଲର ଟପ୍‌ଲେ ଆଘାତପ୍ରାପ୍ତ

**ବେଙ୍ଗାଲୁରୁ, ୩।୪ (ପି.ଟି.)**



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପେସ୍ ବୋଲର ରିସି ଟପ୍‌ଲେ ଆଘାତପଆପ୍ତ ହୋଇଛନ୍ତି। ଦଳକୁ ଏହା ଆଉ ଏକ ଧକ୍କା। ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କର ଡାହାଣ କାନ୍ଧରେ ଆଘାତ ଲାଗିଛି। ସ୍କାନ ଫଳାଫଳ ମିଳିବା ପରେ ଯାଇ ଇଂଲଣ୍ଡ ଖେଳାଳିଙ୍କ ଏହା କେତେ ଗୁରୁତର ତାହା ସ୍ପଷ୍ଟ ହେବ ବୋଲି ଆରସିବି ମୁଖ୍ୟ କୋଚ୍ ମାଇକ୍ ହେସନ କହିଛନ୍ତି। ଆରସିବି ଏହି ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ ୮ ଉଇକେଟରେ ବିଜୟ ଲାଭ କରି ଭଲ ଆରମ୍ଭ କରିଛି। ଟପ୍‌ଲେ ବର୍ତ୍ତମାନ ଦଳର ଆଘାତପ୍ରାପ୍ତ ଖେଳାଳି ତାଲିକାରେ ସମିଲ ହୋଇଛନ୍ତି। ଦଳ ପାଇଁ ଏହା ଚିନ୍ତାର କାରଣ ହୋଇଛି। ପୂର୍ବରୁ ଡାହାଣ ହାତୀ ବ୍ୟାଟର ରଜତ ପଟିଦାର ଓ ଫାଷ୍ଟ ବୋଲର ଜୋଶ ହାଜେଲଉଡ୍ ଆଘାତପ୍ରାପ୍ତ ହୋଇସାରିଛନ୍ତି। ପଟିଦାରଙ୍କ ଗୋଇଠିରେ ଆଗତା ଲାଗିଛି। ସେ ଅତିକମ୍‌ରେ ଆଇପିଏଲ୍‌ର ପ୍ରଥମାର୍ଦ୍ଧ ଖେଳିପାରିବେ ନାହିଁ। ଅନ୍ୟପକ୍ଷରେ ହାଜେଲଉଡ୍ ପ୍ରଥମ ୭ଟି ମ୍ୟାଚ ଖେଳି ନ ପାରନ୍ତି।

# ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ୩-୧ ଗୋଲରେ ବିଜୟୀ


ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଓ ସାଇ ବାଲ୍ ଟିମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍(ଫେଜ୍-୨)ରେ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଦଳ ୩-୧ ଗୋଲରେ ସାଇ (ଭାରତୀୟ କ୍ରୀଡ଼ା ପ୍ରାଧିକରଣ)ବାଲ୍ ଟିମ୍‌କୁ ପରାସ୍ତ କରିଛି। ମ୍ୟାଚ୍‌ର ୨ୟ ମିନିଟ୍‌ରେ ମମିତା ଓରାମ୍‌ଙ୍କ ଗୋଲ ବଳରେ ଓଡ଼ିଶା ଅଗ୍ରଣୀ ହୋଇଥିଲେ ହେଁ ସାଇର ରିତୁ ଦେବୀ ଲୈଶ୍ରମ ୩ୟ ମିନିଟ୍‌ରେ ଗୋଲ ପରିଶୋଧ କରିଦେବାରୁ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା। ତେବେ ୧୭ତମ ମିନିଟ୍‌ରେ ମୁନ୍‌ମୁନି ଦାସ ଓ ୩୩ତମ ମିନିଟ୍‌ରେ କମଳା ସିଂ ଗୋଲ ଦେଇ ଓଡ଼ିଶା ଦଳକୁ ବିଜୟୀ କରାଇଥିଲେ। ଅନ୍ୟ ୩ଟି ମ୍ୟାଚ୍‌ରେ ଏଚ୍‌ଆଇଏମ୍ ହକି ଏକାଡେମୀ ୮-୦ ଗୋଲରେ ସାଲ୍ୟୁଟ୍ ହକି ଏକାଡେମୀକୁ, ଅମୃତସରର ଖାଲ୍‌ସା ହକି ଏକାଡେମୀ ୯-୦ରେ ଭାଇ ଭେଲୋ ହକି ଏକାଡେମୀକୁ ଏବଂ ପ୍ରୀତମ୍ ସିୱାଚ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ ୩-୦ ଗୋଲରେ ସାଇ ଶକ୍ତି ଟିମ୍‌କୁ ପରାସ୍ତ କରିଛି।

# ମୌରିସିଓଙ୍କ ଚୁକ୍ତି ମିଆଦ ବଢ଼ାଇଲା ଓଏଫ୍‌ସି


ଡିଏଗୋ ମୌରିସିଓ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ବ୍ରାଜିଲିଆନ ଫୁଟ୍‌ବଲର ଡିଏଗୋ ମୌରିସିଓଙ୍କ ଚୁକ୍ତି ମିଆଦ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛି। ମୌରିସିଓ ଗତ ସିଜନରେ ୧୨ଟି ଗୋଲ ସ୍କୋର ସହ ୪ ଗୋଲ ଦେବାରେ ସହାୟତା କରି ହିରୋ ଗୋଲ୍ଡେନ ବୁଟ୍ ହାସଲ କରିଥିଲେ। ୨୦୨୦-୨୧ ସିଜନରେ ଓଡ଼ିଶା ଏଫ୍‌ସି ସହ ଯୋଗଦେଇଥିବା ମୌରିସିଓ ଏବେ ଟପ୍ ସ୍କୋରର ହୋଇ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ୩୧ ବର୍ଷୀୟ ଏହି ଖେଳାଳିଙ୍କର ଅନେକ ପ୍ରଶଂସକ ହୋଇଯାଇଛନ୍ତି। ତାଙ୍କ ପ୍ରଦର୍ଶନ ବଳରେ ଓଡ଼ିଶା ଏଫ୍‌ସି ଗତ ସଂସ୍କରଣରେ ପ୍ରଥମଥର ପାଇଁ ଟପ୍-୬ ମଧ୍ୟରେ ରହି ପ୍ଲେ-ଅଫ୍ ଖେଳିଥିଲା। ଚୁକ୍ତି ମିଆଦ ବୃଦ୍ଧି ସମ୍ପର୍କରେ ମତ ଦେବାକୁ ଯାଇ ମୌରିସିଓ କହିଛନ୍ତି, "ମୁଁ ଓଡ଼ିଶା ଲୋକ ଓ ଏହି ସହରକୁ ଭଲପାଏ। ଲୋକମାନେ ମଧ୍ୟ ମୋତେ ଅନେକ ଭଲପାଇବା ଦେଇଛନ୍ତି। ମୁଁ ଏହି କ୍ଲବ ସହ ରହିବାକୁ ନିଷ୍ପତ୍ତି ନେଇଥିବାରୁ ମୋ ପରିବାରବର୍ଗ ବହୁତ ଖୁସି। ମୋ ଯାତ୍ରା ଏପର୍ଯ୍ୟନ୍ତ ବହୁତ ଭଲ ରହିଆସିଛି ଏବଂ ଆଗାମୀ ଦିନରେ ଏହାକୁ ଆଗକୁ ବଢ଼ାଇବା ଉପରେ ଫୋକସ କରୁଛି।" ପ୍ରକାଶଯୋଗ୍ୟ, ଏହି ବ୍ରାଜିଲିଆନ ଖେଳାଳି ଓଏଫ୍‌ସି ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି। ତାଙ୍କୁ ନେଇ ଆଗାମୀ ସିଜନରେ ମଧ୍ୟ ଦଳ ସଫଳତା ପାଇବା ନେଇ ଆଶା ରଖିଛି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୧ | ୧ | ୦ | ୨ | +୩.୬୦୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧ | ୧ | ୦ | ୨ | +୧.୯୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୫୦ |
| ଗୁଜରାଟ ଟାଇଟନ୍ସ | ୧ | ୧ | ୦ | ୨ | +୦.୫୧୪ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୪୩୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୧ | ୧ | ୨ | +୦.୦୩୬ |
| କୋଲକାତା ନାଇଟ ରାଇଡର୍ସ | ୧ | ୦ | ୧ | ୦ | -୦.୪୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧ | ୦ | ୧ | ୦ | -୧.୯୮୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧ | ୦ | ୧ | ୦ | -୨.୫୦୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧ | ୦ | ୧ | ୦ | -୩.୬୦୦ |

# ଦିଲ୍ଲୀ ପାଇଁ ସହଜ ହୋଇ ନ ପାରେ ଟାଇଟନ୍ସ

**ନୂଆଦିଲ୍ଲୀ, ୩।୪ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଙ୍ଗଳବାର ଖେଳାଯିବାକୁଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ସହଜ ହୋଇ ନ ପାରେ। ଗୁଜରାଟ ଜାଏଣ୍ଟ୍ସ ଦଳର କେନ୍ ୱିଲିୟମସନ ଆଣ୍ଠୁରେ ଆଘାତପ୍ରାପ୍ତ ହୋଇ ଟୁର୍ନାମେଣ୍ଟରୁ ସମ୍ପୂର୍ଣ୍ଣ ବାହାର ହୋଇସାରିଥିଲେ ମଧ୍ୟ ଗତଥରର ଚାମ୍ପିୟନ ଦଳର ସମସ୍ତ ବିଭାଗରେ ଅନ୍ୟ ବହୁ ଭଲ ଖେଳାଳି ରହିଛନ୍ତି। ସିଜନର ପ୍ରଥମ ଆୱେ ମ୍ୟାଚରେ ଦଳ ମଙ୍ଗଳବାର ଫେଭରାଇଟ୍ ଭାବେ ପଡ଼ିଆକୁ ଓହ୍ଲାଇବ। ପ୍ରତିପକ୍ଷ ଦଳର ତୁଳନାରେ ଏହାରର ପେସ୍ ବାହିନୀ ବେଶ୍ ଉନ୍ନତ। ଅନ୍ୟପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଠାରୁ ୫୦ ରନରେ ହାରିଯାଇଥିବା ଆୟୋଜକ ଦଳ ଆଗାମୀ ମ୍ୟାଚ ପାଇଁ ଏହାର ରଣନୀତି ବଦଳାଇପାରେ। ଅନରିଚ ନୋର୍ଜେଙ୍କ ଅନୁପସ୍ଥିତିରେ ପେସ୍ ବାହିନୀରେ ରହିଥିବା ଭାରତୀୟ ବୋଲରମାନେ ସେତେଟା ପ୍ରଭାବୀ ମନେ ହୋଇ ନ ଥିଲେ। ଏହା ଦଳ ପାଇଁ ଏହା ଏକ ଚିନ୍ତାର କାରଣ। ଚେତନ ସାକାରିୟା ଓ ମୁକେଶ କୁମାର ଶୃଙ୍ଖଳିତ ବୋଲର। ହେଲେ ସେମାନଙ୍କ ବୋଲିଂରେ ବେଗ ଓ ବିବିଧତାର ଅଭାବ ରହିଛି। ପେସ୍ ବୋଲିଂକୁ ଭଲରୂପେ ଖେଳିପାରୁଥିବା ପ୍ରତିପକ୍ଷ ଦଳର ଭଲ ଫର୍ମରେ ରହିଥିବା ଶୁବମନ ଗିଲ୍ ଅବା ହାର୍ଦ୍ଦିକ ପାଣ୍ଡ୍ୟା ଉଭୟେ ଧମାକା ସୃଷ୍ଟି କରିପାରନ୍ତି। ଖଲିଲ ଅହମ୍ମଦ ପ୍ରଥମ ଗେମ୍‌ରେ ଭଲ ଖେଳିଥିଲେ। ମାତ୍ର ବର୍ଷ ବର୍ଷ ଧରି ତାଙ୍କ ଫିଲ୍ଡିଂ ଏକ ସମସ୍ୟା ଯୋଇ ରହିଆସିଛି। ଫିଲ୍ଡିଂ ସେସନରେ ସେ ସେ ଯେତିକି ସଂଖ୍ୟାରେ କ୍ୟାଚ ଧରିଛନ୍ତି, ସେ ତୁଳନାରେ ଅଧିକ ହାତଛଡ଼ା କରିଛନ୍ତି। କାଇଲ ମେୟର୍ସଙ୍କୁ ବାଦ୍ ଦେବା ଦ୍ୱାରା ଦିଲ୍ଲୀ ପାଇଁ ଓପନିଂ ମ୍ୟାଚ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳରେ ଅନ୍ୟ ଜଣେ ବିଶିଷ୍ଟ ପେସ୍ ବୋଲର ଇଶାନ୍ତ ଶର୍ମା ରହିଛନ୍ତି। ତାଙ୍କୁ ଦଳ ବେସ୍ ପ୍ରାଇସ୍‌ରେ କ୍ରୟ କରିଛନ୍ତି। କେବଳ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ଦଳରେ ନିଆଯାଇଛି। ତାଙ୍କୁ 'ଇମ୍ପାକ୍ଟ ଖେଳାଳି' ଭାବେ ଦଳରେ ନିଆଯାଇ ପାରେ। ତେବେ ଭଲ ଖବର ହେଲା ଦକ୍ଷିଣ ଆଫ୍ରିକାର ଉଭୟ ନୋର୍ଜେ ଓ ଲୁନ୍‌ଗି ଏନ୍‌ଗିଡ଼ି ଏଠାରେ ପହଞ୍ଚି ଯାଇଛନ୍ତି। ମଙ୍ଗଳବାର ସିଲେକ୍ସନ ପାଇଁ ସେ ଉପଲବ୍ଧ ହେବେ। ଦିଲ୍ଲୀ ମୁଖ୍ୟ କୋଚ୍ ଖେଳାଳି କମ୍ବିନେଶନରେ କିଛିଟା ପରିବର୍ତ୍ତନ କରିପାରନ୍ତି। ସେ ସେକାରିୟାଙ୍କୁ ବାଦ୍ ଦେଇ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ମୁସ୍ତାଫିଜୁର ରହମନଙ୍କୁ ବୋଲିଂ ୟୁନିଟ୍‌ରେ ସାମିଲ କରିପାରନ୍ତି।

# ଦର୍ଶକଙ୍କ ଅନୁପ୍ରବେଶ ଘଟଣାର ତଦନ୍ତ ଆରମ୍ଭ

**ମେଲବୋର୍ନ, ୩।୪ (ଏପି)**

**ଅଷ୍ଟ୍ରେଲିଆନ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି**

ଅଷ୍ଟ୍ରେଲିଆନ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଶେଷରେ କିଛି ଦେଖଣାହାରି ସୁରକ୍ଷା ବ୍ୟବସ୍ଥାକୁ ଅତିକ୍ରମ କରି ଟ୍ରାକ୍ ଆଡ଼କୁ ଚାଲିଯାଇଥିଲେ। ଏହା କିପରି ଘଟିଲା ଅଷ୍ଟ୍ରେଲିଆ ଗ୍ରାଁ ପ୍ରି ଆୟୋଜକଙ୍କ ତରଫରୁ ତାହାର ତଦନ୍ତ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରି ଦେଖିବା ଲାଗି ୪ ଦିନରେ ରେକର୍ଡ ୪୪୪, ୬୩୧ ଦର୍ଶକ ଆସିଥିଲେ। ତନ୍ମଧ୍ୟରେ କେବଳ ରବିବାର ଉପସ୍ଥିତ ଦର୍ଶକଙ୍କ ସଂଖ୍ୟା ୧୩୧,୧୨୪ ରହିଥିଲା। ଫର୍ମୁଲା ୱାନ୍‌ପ୍ରେମୀମାନେ ସୁରକ୍ଷା ବାଡ଼ ଡେଇଁ ଟ୍ରାକ୍‌ଆଡ଼କୁ ମୁହାଁଇଥିଲେ। ରେସ୍ ପ୍ରମୋଟରମାନଙ୍କୁ ରବିବାର ରାତିରେ ଷ୍ଟିୱାର୍ଡମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଯଥେଷ୍ଟ ସୁରକ୍ଷା ଏବଂ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ସେମାନେ ସ୍ୱୀକାର କରିଥିଲେ। ଅଷ୍ଟ୍ରେଲିଆ ଗ୍ରାଁ ପ୍ରି କର୍ପୋରେଶନ ତରଫରୁ ଘଟଣାର ସମୀକ୍ଷା କରାଯାଉଛି। ଏଥିରେ ଭିକ୍ଟୋରିଆ ପ୍ରଦେଶ ପୋଲିସ ମଧ୍ୟ ରହିଛି। ଜୁନ୍ ୩୦ ସୁଦ୍ଧା ମୋଟର ସ୍ପୋର୍ଟ୍ସର ବିଶ୍ୱ ଗଭର୍ନିଂ ବଡି ଏଫ୍‌ଆଇଏ(ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ) ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଣ୍ଡ୍ରୁ ୱାଲ୍‌କଟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କି ପ୍ରକାର ଦଣ୍ଡବିଧାନ କରାଯିବ ତାହା ସ୍ଥିର କରିବା ଲାଗି ପୁନଃ ତଦନ୍ତ ପାଇଁ ଏଫ୍‌ଆଇଏ ୱାର୍ଲ୍ଡ ମୋଟର ସ୍ପୋର୍ଟ୍ସ କାଉନ୍‌ସିଲକୁ କୁହାଯାଇଛି।


ଅଷ୍ଟ୍ରେଲିଆନ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଅବସରରେ ଉପସ୍ଥିତ ଦର୍ଶକ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ